# ଆକାଶୀ ଫୁଲ

ବସନ୍ତ ଶତପଥୀ



Digitized by srujanika@gmail.com

# ଆକାଶୀ ଫୁଲ

ବସନ୍ତ ଶତପଥୀ

ଓଡ଼ିଶା ବୁକ୍ ଷ୍ଟୋର୍

Digitized by srujanika@gmail.com

# ଆକାଶୀ ଫୁଲ

ଲେଖକ :
**ବସନ୍ତ ଶତପଥୀ**
ସହଦେବ ଖୁଣ୍ଟା, ବାଲେଶ୍ୱର

ପ୍ରକାଶକ :
**ଗୋବିନ୍ଦଚରଣ ପାତ୍ର**
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ—୧୯୮୩

ମୁଦ୍ରଣ :
**ମା' ସନ୍ତୋଷୀ ପ୍ରେସ**
କାଜିବଜାର, କଟକ-୧

ମୂଲ୍ୟ : ଚଉଦ ଟଙ୍କା

ଶୋଭନ--ସତର ଟଙ୍କା।

**AKASHEE PHULA**

Story Collection by
**Basanta Satapathy**

Published by
**Sri Gobind Ch. Patra**
**ORISSA BOOK STORE**
Binodbehari, Cuttack-753002

1st Edition : 1983

Printed at :
**MAA' Santoshi Press**
Cuttack-753001

Price :
**Rs. 17-00**

*Digitized by srujanika@gmail.com*

ତିନି ଝିଅ

ବୀଣା, ସୌଭାଗ୍ୟ ଓ ସୁଧା ହାତରେ
ଆକାଶୀ ଫୁଲ, ଶ୍ୱେତପଦ୍ମ
କାଠଚମ୍ପାଷ୍ଟ

Digitized by srujanika@gmail.com

## ✻ ସୂଚୀ ✻


| | |
|---|---|
| ଏଣୁ କପୋତ ଗୁରୁ ମୋର | ୧ |
| ମକର : ଘୁଷୁର ସାମ୍ବର | ୯ |
| ଆକାଶୀ ଫୁଲ | ୧୬ |
| ଶ୍ୱେତ ପଦ୍ମ | ୨୭ |
| କି ଜାତ ପଦାର୍ଥ ? | ୩୪ |
| ବାସନ୍ତୀ | ୪୩ |
| ରଜା : ଘୁଷୁର ସାମ୍ବର | ୫୩ |
| ଧରନ୍ତୀ | ୬୪ |
| ଅଥ ମର୍କଟ ଉପାଖ୍ୟାନ | ୭୪ |
| ଭି. ଆଇ. ପି. | ୮୩ |
| ସଦ୍‌ଗତି | ୯୧ |
| ଏକ ନ୍ଦଲ୍ ସ୍କୃଡ : ଗୋଟିଏ କାଠ ଚମ୍ପାର | ୯୮ |
| ଲୁଆ | ୧୦୭ |
| କଥାକାରଙ୍କ ସହ ଏକ ସାକ୍ଷାତ୍କାର | ୧୧୮ |


—✻—

Digitized by srujanika@gmail.com

# ଏଣୁ କପୋତ ଗୁରୁ ମୋର

ଏମିତ କାମଦାମ କିଛି ନଥିବ, ଶୋଇବସି ଦିନ କଟୁ ନଥିବ, ହଠାତ୍ ଦିନେ ଏମିତ କାମ ପଡ଼ିଯିବ, ଗୋଟାକ ପରେ ଗୋଟେ ଏତେ ସଂଖ୍ୟାରେ ଆସିଯିବ ଯେ ଖରା ହେଉ, ବରଷା ହେଉ, ଶୀତ ହେଉ, ମଣିଷ ଟିକିଏ ନିଃଶ୍ୱାସ ମାରିବାକୁ ଫୁରୁସତ ପାଇବ ନାହିଁ । ଦୀର୍ଘସୂତ୍ରୀ ବିନଶ୍ୟତି ।' ଆଜିକାଲି କଣ କାମ ଜମେଇ ରଖିଛି ସବୁ କାମ ଗୋଟାଏ ଶନିବାରକୁ । ଫେରେ କେଉଁ କାମର କାହା ସହିତ ସମ୍ପର୍କ ନାହିଁ । ଅଟାପେଷା ସହିତ ଦାଢ଼ିକଟା ଚୁଲକଟାର କି ସମ୍ପର୍କ ? ଜାମାପଟା ଇସ୍ତ୍ରି ସହିତ ବକ୍ତୃତାର ବା କଣ ସମ୍ପର୍କ ? ପୁଣି ସବୁ କାମ ଗୋଟାଏ ଜାଗାରେ ହୋଇଥା'ନ୍ତା ! ଗୋଟାଏ ନୂଆବଜାରରେ ତ ଅଉ ଗୋଟାଏ ମୋତିଗଞ୍ଜରେ; ଗୋଟାଏ କଚେରି ବଜାରରେ ତ ଚତୁର୍ଥଟା ସିନେମା ଛକରେ ।

ସବୁ ସୁରୁଖୁରରେ ହୋଇପାରନ୍ତା ଫିଲଟିଙ୍କିଏ ଯଦି ବାପା ମାଆ ସାଙ୍ଗରେ ସାଙ୍ଗ ଦିଅନ୍ତେ, ଜନସାଧାରଣ ଯଦି ସରକାର ସହିତ ସହଯୋଗ କରନ୍ତେ । ଆଠ ଦଶ ବର୍ଷର ଝିଅଟା ପାଖ ଅଟାକଲକୁ ଯାଇ ଅଟା ପେଷେଇ ଆଣି ପାରନ୍ତାନି ? ଦିହରେ ବଲନାହିଁ ନା ହିସାବ କିତାବ ଆସେନି ? କଲେଜ ପଢ଼ୁଆ ପୁଅଟା ଧୋବାଘରକୁ ଯାଇ ଲୁଗାପଟା ଦି'ଖଣ୍ଡ କେବେ କମିତ ଇସ୍ତ୍ରି କରାଇ ଆଣି ପାରନ୍ତାନି ? ବେଶ୍ ପାରନ୍ତେ । କରିବେନି । ମାନସମ୍ମାନରେ ଆଞ୍ଚ ଆସିବ, ସାଙ୍ଗସାଥୀ କ'ଣ କହିବେ ? ଝିଅଟେ ଅଟାଥଳି ବହୁଛି; ପୁଅଟେ ଲୁଗାଥଳି ଧୋବାଘରକୁ ନଉଛି । ଛିଃ ଛିଃ !

ମୁଁ ସବୁ କାମ କରି ପାରନ୍ତି । ସଞ୍ଜବେଳକୁ ବକ୍ତୃତା ଦେବାର ଅଛି । ଖରାରେ ଧାଁ ଦଉଡ଼ କଲେ ଗଳା ବସିଯିବ । ପୁଣି କିଛି 'ଲିଟରେଚର' ନ ପଢ଼ି ଗୋଟାଏ ନୂଆ ବିଷୟରେ କିଛି କହିହେବ ? ମୋର ପୁଣି ଗୁଡ଼ାଏ ଦୁର୍ବଳତା ଅଛି, ଗୁଡ଼ାଏ ନୋଟ ନିଏ, ହେଲେ ବକ୍ତୃତା ଶେଷରେ ଦେଖେ ଯେ ଯାହା କହିବା

Digitized by srujanika@gmail.com

କଥା ନକହି ଆଜେବାଜେ କହୁଛୁ । ଡକ୍ଟର ବେଦବ୍ୟାସ ଏ ଦିଗରେ ଆଦର୍ଶ । ଘଣ୍ଟା ଘଣ୍ଟା ଧରି ଅନର୍ଗଳ ନାଚକୁଦ ଗାଇକାନ୍ଦି ଘୁରିଫେରି ବକ୍ତୃତା 'ପଏଣ୍ଟ ବାଇ ପଏଣ୍ଟ' ଦେଇ ଉଚ୍ଛ୍ୱସିତ କରତାଳି ଆଦାୟ କରନ୍ତି । ମୁଁ ତୁଳନାରେ ବକ୍ତୃତା-କାଣ୍ଡ ନୁହେଁ, କଥା କହିଲି ପରି ଲୁହେ । ତାଙ୍କର ସର୍ତ୍ତ ହେଲା ସେ ବକ୍ତୃତା ଗୋଟିକ ପାଞ୍ଚଶ ନେବେ, ଅଗ୍ରିମ ବଡ଼ ବଡ଼ ମାଛଖଣ୍ଡି ବକ୍ତୃତା ପୂର୍ବରୁ ଓ ପରେ ଖାଇବେ, ସର୍ବୋପରି ସେ ଯେ ନିଶ୍ଚୟ ଆସିବେ ତାର ଗେରେଣ୍ଟି ନାହିଁ, ତେଣୁ ଅଗ୍ରିମ ଟଙ୍କା ଫେରାଇବାର ପ୍ରଶ୍ନ ନାହିଁ । ଗଳାର କଥା, ପାଣିପାଗରେ ବସି ଯାଇପାରେ ଯଦିଓ ସେ ପ୍ରତିଦିନ ଶହେ ଗ୍ରାମ ବଚ ଘେଦାଇ ତଣ୍ଟିକି ଠିକ୍ ରଖିଥା'ନ୍ତି । ମୁଁ ଟିକିଏ ସାତ୍ତ୍ୱିକ ପ୍ରକୃତିର; ମନ୍ତ୍ରୀ, କଲେକ୍ଟର, ଇନ୍‌ସପେକ୍ଟର୍ ଆସିଲେ ମୁଁ ଯିବନି; ଲୋକେ ତାଙ୍କ କଥା ଶୁଣିବେ, ମୋତେ ଚାହିଁବେନି । ମୁଁ ଘଡରେ ରହିବନି, ଖାଇବନି, ପଇସା ନେବନି । ମୋତେ ସେଥିପାଇଁ କେହି ଡାକନ୍ତି ନାହିଁ । ଫ୍ରେଣ୍ଡ ଲାଇନ୍ ଯୋଡ଼ା ନ ମିଳିଲେ ମୋତେ ଡକରା ମିଳେ ।

ଆଜିର ସଭାରେ ମୁଁ ମୁଖ୍ୟ ବକ୍ତା, କୁଞ୍ଜବାବୁ ମୁଖ୍ୟ ଅତିଥି । ଯଦି ମନ୍ତ୍ରୀ ମହୋଦୟ ଡକ୍ଟର ବେଦବ୍ୟାସଙ୍କୁ ଧରି ଆସିଯାନ୍ତି ତେବେ ଆପେ ଆପେ ଆମେ ଦୁହେଁ ଗୌଣ ବକ୍ତା ଗୌଣ ଅତିଥି ସ୍ତରକୁ ଖସିଆସିବା । ଏପରି ଅନିଶ୍ଚିତତା ଓ ଆଶଙ୍କା ଭିତରେ କାମଦାମ କରୁଁ କରୁଁ ଯେ ମୁଁ 'ଲିଟ୍‌ରେଚର'-ପଢ଼ି ନିଜକୁ ମୁକ୍ତାପାଇଁ ସର୍ଜ୍ଜିତ କରିବ, ସନ୍ଦେହ ହେଉଥାଏ । ଯେବେ ସଭାପତି, ମୁଖ୍ୟ ଅତିଥି ହୋଇଥା'ନ୍ତି ତେବେ କିଛି ନଜାଣି ନକହି ମଧ୍ୟ ପାର୍କର କଲମରେ ସୁନ୍ଦର ଦସ୍ତଖତରେ ସାର୍ଟିଫିକେଟ ଗୁଡ଼ାକୁ ମଣ୍ଡନ କରିଥା'ନ୍ତି—କାମ ଛୁ ।

ବରତ୍ନଭଙ୍ଗ ସ୍ୱରରେ ଚିତ୍କାରକଲି 'ଦିଅ ଦିଅ ଗହମ ଥଳିଟା ଦିଅ, ସହଳ ସହଳ ଖରା ଜୋର ନ ହେଉଣୁ ପେଣ୍ଡାଇ ଆଣେ । ଡେରି ହେଲେ ଲାଇନ ଦେବାକୁ ହେବ । କାଲି ଫେରେ ରବିବାର, କଲବନ୍ଦ ।'

ପାଞ୍ଚଡ଼ଜା ଦଶକଲେ ଗହମ ଥଳି ଧରି ଖୀର ଦର୍ପରେ ବାହାରିପଡିଲି । ଝଣ୍ଟେ ଦୂରରୁ ମୋତେ ଦେଖିଦେଲା ମାତ୍ରେ ପ୍ରଭୁଦୟାଳ ଡାକିଲା, ଆଇୟେ, ଆଇୟେ ବାବୁଜୀ !' ହାତରୁ ଥଳିଟା ନେଇ ଓଜନ ଡାଲାରେ ବସାଇ ଓଜନ କରିବାକୁ ଆରମ୍ଭ କଲା । କେଇଟା ସେକେଣ୍ଡରେ ଫଳ ଘୋଷଣା କଲା ନଅ କିଲୋ ଆଠଶହ ଏବଂ ତକ୍‌ତପୋଷରେ ଅନ୍ଧାରିଆ ଜାଗାରେ ବସିଥିବା ଝିଅଟା ଆଡ଼କୁ ଚାହିଁ କହିଲା-ଲିଖଲେ । ମୁଁ ପ୍ରଭୁଦୟାଳ ପାଖରୁ ଆଖି ଫେରାଇ ନେଇ ଚାହିଁଲି ଝିଅଟା ଆଡ଼କୁ । ଆଠ ନଅ ବର୍ଷର ସ୍ୱାସ୍ଥ୍ୟବତୀ ଝିଅଟି, ଫ୍ରକଟିଏ ପିନ୍ଧିଛି, ଆଗରେ

Digitized by srujanika@gmail.com

ପ୍ରାଇମେରୀ ସ୍କୁଲର ଗ୍ରେଟ ଡେସ୍କରେ ଭଙ୍ଗା ସିଲେଟଟାଏ ଓ ସୂତାରେ ସନ୍ଧିତ ଝୁଲୁଥିବା ସ୍ଲେଟ ପେନସିଲ । ପ୍ରାୟ ବାର ତେର ବର୍ଷର ଗୋଲଗାଲକଳାକଥା ଝିଅର ଜଙ୍ଘ ପରି ତା'ର ଜଙ୍ଘ ଧୂଇଟା । ସାଙ୍ଗେ ସାଙ୍ଗେ ପିତୃ ଆଙ୍କି ପାଇ ହିସାବ କରି ବସିଲ 'ଜଣେ ବାର ପଇସା ହେଲେ ନଅ ଜଣେ ଅ.ଠଶହର ଦାମ କେତେ ? ମୁଁ ଆଶ୍ଚର୍ଯ୍ୟ ହେଲି ଝିଅଟାର ଅଙ୍କକଷା ବ୍ରେନ୍ ଦେଖି । କମ୍ପ୍ୟୁଟର ପରି ଦଣ୍ଡକୁ କହିଦେଲି ବାପାଙ୍କୁ । ବାପା ଗର୍ବରେ ହୁଁ ମାରିଲେ ଏବଂ କହି ଚାଲିଲେ ମୋତେ ତଥା ଅନ୍ୟ ନବାଗତ ଦୁଇ ତିନିଜଣ ଗରାଖଙ୍କୁ ଲକ୍ଷ୍ୟକରି 'ଆମର ଏଠି ଠକାମି ନାହିଁ, ମିଶାମିଶି ନାହିଁ, ମଇଦା ପରି ଅଟା, ଫାଇନ୍ ସଫା ହେଉଛି, ନୂଆ କଳକବ୍ଜା ନକଉ ବସିଛି ।' ଦଣ୍ଡେ ରହି କହିଲେ 'ଏଠି ଆମର ହଳଦୀ ଗୁଣ୍ଡ ବି ମିଳୁଛି, ମଇଦା ମିଶା କଲକତା ପାକେଟ୍ ହଳଦୀଗୁଣ୍ଡ ନାହିଁ, ଖାଣ୍ଟି ସିଏର । ପାକେଟ୍ ଟଙ୍କାଏ ବି ଅଛି, ନବେ ବି ଅଛି, ଅଶୀ ବି ଅଛି, ମାଲ ଅନୁସାରେ ଦାମ ।' ମୋତେ ଦୁଇଟା ପାକେଟ ଦିଅ ଯେମିତି କହିଛି, ଝିଅଟା ଉଠି ଯାଇ ଦୁଇ ପାକେଟ ଆଣି ଡେକ୍ସ ଉପରେ ରଖି କହିଲା ଦୁଇ ଟଙ୍କା, ଅସଲଟା ଦେଇଛି ।

ମୁଁ ଦଣ୍ଡେ ସେ ଝିଅଆଡ଼କୁ ଚାହିଁଲି, ଆଖି ଚକମକ ଦିଶୁଛି । କେତେ-ବେଳେ ଓଜନ କଣ୍ଟା ଆଡ଼କୁ, କେତେବେଳେ କଲର ଫନେଲ ଆଡ଼କୁ, କେତେ-ବେଳେ ଗରାଖ ଆଡ଼କୁ । ଟିକିଏ ସମୟ ବା ଫୁରୁସତ ପାଇଲେ କିତାବଟାଏ ଆଣି ପଢ଼ୁଛି । କେବେବେଳେ ହସ୍ତାକ୍ଷର ଲେଖୁଛି । ଝିଅ ସ୍କୁଲରେ ପଢ଼ୁଛି ? ପ୍ରଶ୍ନଟି ଯେମିତି ପଚାରିଛି, ପ୍ରଭୁଦୟାଳ କହିଲେ 'ପଞ୍ଚମ ଶ୍ରେଣୀରେ ଅଛି, ସ୍କୁଲ ଯାଏ, ହେଲେ ସକାଳ ଆଠରୁ ସାଢ଼େ ନଅ, ଓପରଓଳି ଚାରିରୁ ଛଅ ଏଇଠି ଲେଖେ ପଢ଼େ; କଲକାମ ତଦାରଖ କରେ । ଝିଅ ଛୁଆ ଅଙ୍କ ଟିକେ ପଢ଼ି ପାରିଲେ ହିସାବ କିତାବ ଜାଣିଲେ ଓ ସେଇ ଢେର, ଡାକ୍ତର ହବ ନା ପ୍ରଫେସର ହବ ନା ଓକିଲ ହବ ?' କୁଳର ବେଉସା ଛାଡ଼ିଲେ···'

ବକ୍ତୃତାଟାଏ ମୋତେ ଦେଇ ଥାଆନ୍ତା । ଝିଅଟାକୁ ନୋଟଟାଏ ବଢ଼ାଇ ଦେଲି, ହିସାବ ଯାଞ୍ଚକଲି ନାହିଁ । ଦେଖିଲି ଝିଅଟା ମୋତେ ଗୋଟିଏ ପଇସି, ଗୋଟିଏ ଦୁଇ ପଇସି ଓ ଗୋଟିଏ ତିନି ପଇସି ସହିତ କେତେ ଖୁଚୁରା ଫେରାଇଛି । ପ୍ରଭୁଦୟାଳର ବିଜ୍ଞାପନ କାର୍ଯ୍ୟକ୍ରମରେ ଯେତେ ଆଶ୍ଚର୍ଯ୍ୟ ନହେଲି ଝିଅଟାର ଆତ୍ମନିର୍ଭରରେ ତା'ଠାରୁ ବେଶି ମୁଗ୍ଧଚକିତ ହେଲି ।

ଅଳି ଧରି ଫେରୁଥାଏଁ, ଭାବୁଥାଏ ସେଇ ମୋର ବୟସ୍କା ଝିଅର ଗୁଣଗ୍ରାମ ଓ ଉପଯୋଗିତା ବିଷୟରେ । କୁଣ୍ଠାଖଣ୍ଡେ ଦାଣ୍ଡି ନାହିଁ । ଗଟ୍ ଘୋଡ଼ା ପରି ଡେଉଁଛି, ପିଜୁଳି ଗଛରେ ଚଢ଼ୁଛି । ପୋଷାକପତ୍ର, ଚୁଡ଼ି, ନଖପାଲିସ ସାଙ୍ଗକୁ

Digitized by srujanika@gmail.com

ଏବେ ଏବେ ଝନସାଡ ହାଟ ଲାଗିଛି ତିନିଶ ଟଙ୍କାର ଗ୍ରେଟ ଲବଙ୍ଗୀ ଫୁଲ କାନରେ ପିନ୍ଧିବ । କାଲେ ପାଞ୍ଚ ପଇସା ହେଲେ ଦଶ କଲେଜକୁ କେତେ ?' ଉତ୍ତର ଶୁଣେ ପଚାରେ ।'

ଭାଗ୍ୟ ଭଲ । ତାହାର ଆଡ଼କୁ ଚାହିଁ ଦେଖିଲି ପଞ୍ଚୁର ସେଲୁନ ଖୋଲା ଏବଂ ଗରାଖ ପ୍ରାୟ ନାହାନ୍ତି । ଘରକୁ ଯାଇ ପୁଣି ଫେରିବା କାହିଁକି ଏଇଠି କେତେ ମିନିଟ ବସିଗଲେ କାମ ସରେ । ପଛ ଚୁଲି, କାନ ମୂଳ କେଶ ବହୁତ ବଢ଼ିଛି । ବରଂ କରୁଆ ଧରି ବସୁ, ବସୁଆ ପରି ସମ୍ଭ୍ରମପୂର୍ବକ ପିନ୍ଧନାହିଁ । ପଶିଗଲି, ଯେଉଁଠି ଚୁଲି ନ ପଡ଼ିବ ସେମିତି ସ୍ଥାନ ଦେଖି ଅଟା ଥଳି ରଖିଦେଲି ଏବଂ ଏକ ନମ୍ବର ଘୂର୍ଣ୍ଣାୟମାନ ଚେୟାରଟାରେ ବସିଗଲି; କିନ୍ତୁ ଦୁର୍ଭାଗ୍ୟ, ପଞ୍ଚୁ ନାହିଁ । ସେଇ ମୋର ବାରିକ, ପରିବାରର ବାରିକ ଗତ ପଚିଶ ବର୍ଷ ଧରି । ସେତେବେଳେ ସେ ବେଉସା ଆରମ୍ଭ କରିଥିଲା ଛକ ଘଣ୍ଟାରେ ଭୂଇଁରେ ବସି ଜର୍ମାନୀର ହ୍ୱାଲେବାଉଣ୍ଡ କ୍ଷୁରରେ । କିନ୍ତୁ 'ଉଦ୍ୟୋଗିନଂ ପୁରୁଷସିଂହ ମୁପୈତି ଲକ୍ଷ୍ମୀମ୍' । ଆଜି ତା'ର ଦୈନିକ ଆୟ ଶହେ ଟଙ୍କା । ଦୋକାନରେ ତିନିଟା ସେକ୍ସନ, ଚୁଲିକଟା ଓ ଚୁଲିକମା, ଚୁଲି ରଙ୍ଗକରା ଓ ଡ୍ରେସିଂ, ଘର୍ଷଣ ମର୍ଦ୍ଦନ ଓ ଘିଷାଘିଷି । ସେ କୁଆଡ଼େ ଯାଇଛି ଆଉ ଏକ ବଜାରକୁ ଦ୍ୱିତୀୟ ସେଲୁନର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ । ଏଠି ସିମିତି ରେଡ଼ିଓ ରହିଛି, ସେଠି ଟେଲିଭିଜନ ରଖିବ ଗରାଖଙ୍କ ପାଇଁ ।

ମୁଁ ଖୋଦ ପଞ୍ଚୁ ପାଖରେ କାଟେ; ସେ ଟୋକା ବାରିକ ପରି ପତଳା ଦରି ପରିଛପଣି ଖାପି ରହେନି; ବରାବର ମୋଟା ବହଳ କାଟେ । ଅପ୍ରସ୍ତୁତ ହୋଇ ଅଗତ୍ୟା ନାତିଆର ଚେୟାରଗ୍ରସ୍ତ ହେଲି । ସେମାନଙ୍କୁ କେବେ ଦେଖି ନଥିଲି । ନାତିଆ, ଭୂତିଆ ଏବେ ଏବେ ଯୋଗ ଦେଇଛନ୍ତି ବାପାଙ୍କ ଟ୍ରେନିଂ କ୍ଲାସରେ ବି.ଏ ଓ ଆଇ. ଏ ପରୀକ୍ଷା ପରେ । ତିନିଭାଇ ଓ ପଞ୍ଚୁ ।

ନାତିଆକୁ ପଚାରିଲି—ଏଇଟା ତୁମର କେଉଁ ଇୟର ?

"ସିକ୍ସଥ ଇୟର, ଇଂଲିସ ! ଫ୍ରିଂଲ ବି ପାସ କରିଗଲିଣି ।" ଚେୟାରଟା ଏମିତି ଜୋରରେ ବୁଲାଇ ଦେଲା ମୋ ମୁଣ୍ଡ ବି ବୁଲିଗଲା । ମୁଁ ଭାବିଲି ଦେଶର ସର୍ବଶ୍ରେଷ୍ଠ ପାଠୁଆ ବାରିକ ପିଲାଟି ମୋର ପ୍ରସାଧନ କ୍ରିୟାରେ ବର୍ତ୍ତମାନ ରତ । ଧୀରେ ଧୀରେ ସେ କଚ୍ କଚ୍ କରି କଇଁଚି ଚଲାଉଥାଏ ଏବଂ ଇଂରାଜୀ ଓ ଓଡ଼ିଆ ସାହିତ୍ୟରୁ ନାନା କଥା, ନାନା ପ୍ରଶ୍ନର ଅବତାରଣା କରୁଥାଏ । ଥରେ ପଚାରି-ଦେଲା, 'ସାର୍ ଆମ ଓଡ଼ିଶାର କେଉଁ କବିଟି ଏସ ଇଲିୟଟଙ୍କ ସମକକ୍ଷ ହେବେ : ରମାକାନ୍ତ ନା ସୀତାକାନ୍ତ ?' ମୁଁ କହିଲି, ହେବେନାତ କେହି ହେବେନି; ହେବେ

Digitized by srujanika@gmail.com

ତ ଦୁହେଁ ହେବେ ।' ମୋ କଥାର ମର୍ମ ବୁଝିପାରି ସାମାନ୍ୟ ହସିଲି । ଆହୁରି କେତେ କେତେ ଜଟିଳ ପ୍ରଶ୍ନ ପଚାରିଲି ମୁଁ କ'ଣ ନା କ'ଣ ଉତ୍ତର ଦେଲି ମନେ ନାହିଁ । କାରଣ ବାରିକ ଦୋକାନରେ ସାହିତ୍ୟ ଆଲୋଚନା ସମାଲୋଚନା ହାସ୍ୟାସ୍ପଦ ଘଟଣା ବୋଲି ହୁଏତ ଶ୍ରୋତାମାନେ ଭାବିବେ । ଚୁଲିକୁ ବେଶ୍ ବାଗେଇ ସାଗେଇ ଚଂଚୁଚଂଚୁ କରି ଅଉ ଏକ ଭାଇକୁ ଡାକ ଦେଲ; ସେ ମୁହଁଟିକୁ କେଶ ବିମୁକ୍ତ କରିଦେଲି ଘୁହୁଁ ଘୁହୁଁ । ଯୋଡ଼ିଏ ଟଙ୍କା ଦେଇ ମୁଁ ଥଳି ଧରି ସେଲୁନରୁ ବାହାରି ଆସୁଛି, ଉଠିଆସି ମୋତେ ନମସ୍କାର ଜଣାଇଲେ । 'ବାପାଙ୍କୁ କହିଦବୁ, ସାର୍, ଆପଣ ଆସିଥିଲେ ବୋଲି ।

ସକାଳର ମୋର ଏହା ଦ୍ୱିତୀୟ ଆଶ୍ଚର୍ଯ୍ୟ । ଯାହାକୁ ଦିନେ କେବେ କେଉଁଠି ପଢ଼ାଇଥିଲି ସେ ଆଜି ଏମ୍. ଏ. ଏଲ୍. ଏଲ୍. ବି. ଛୁଇଁ ଥାଇ ଏତେ ଆଦର ଯତ୍ନରେ ମୋର ସେବା କଲା, ସେଥିରେ ମୁଁ ପ୍ରୀତବଦ୍ଧ ହେଲି ।

ଘରେ ପହଞ୍ଚି ଦାଣ୍ଡଘରେ ଅଟାଥଳି ଥୋଇ ଦେଇ ଭିତରକୁ ଯାଇ ଦେଖେଁ ତ ସିଗାରେଟ୍ ଧୂଆଁରେ ଘର ଭରପୁର, ଚାରିପଟେ ସିନେମା ଛବି, ମ୍ୟାଗାଜିନ୍, ଜେମ୍ସ ବଣ୍ଡ, ହେରାଲଡ୍ ରବିନସ୍‌ଙ୍କ ବହି ବିଛୁଡ଼ି ହୋଇ ପଡ଼ିଛନ୍ତି । ଗୃହିଣୀ କହିଲେ ଜାମାପଟା ଗୁଡ଼ାକ ଇସ୍ତ୍ରୀ ହୋଇ ପାରିନାହିଁ, ଯାହାକୁ କହିଲି ନେଇ ଗଲେନି । ତ ପରେ ଯାହା କହିଲେ ତାହା 'ସ୍ମରଂ ନ ବାଧତେ' ପଂକ୍ତି ମନେ ପକାଇଦେଲି । ଦୁଇଥର ଆଇ. ଏ. ଏସ. ଫେଲ ପୁଅ ଯିବ କ୍ରିକେଟ୍ ଖେଳ ଦେଖିବାକୁ, ଓ. ଏ. ଏସ. ଫେଲ ପୁଅ ଯିବ ମହିଳା ଫୁଟବଲ ଦେଖିବାକୁ, ନାଁକୀ ଜଣକ ଯେ କି ଆଇ. ପି. ଏସ ପାଇଁ ଚେଷ୍ଟା କରିବ ଭାବୁଛି, ଯିବ ମହିଳା କୁସ୍ତି ଦେଖିବାକୁ । ଝିଅ ଆଉ ସ୍ତ୍ରୀ ଯିବେ ନଉ ପ୍ରିଣ୍ଟ 'ବବି' ଦେଖିବାକୁ ।

ଗାଧୋଇବା, ଭାତ ଖାଇବା କଥା ମନରୁ ପାସୋରି ନିଜେ ନିଜେ ଜାମାପଟା ପ୍ଲାଷ୍ଟିକ ଥଳି ଗୋଟାକରେ ପୁରାଇ ଖରାରେ ବାହାରି ପଡ଼ିଲି ଧୋବା ଘରକୁ । ମନେ ମନେ ନିଜକୁ ଧିକ୍କାର କରୁଥାଏ କାହିଁକି ଦୁଇବ୍ଧର ପେଜ ଖଣ୍ଡିଏ ସ୍ଥାନୀୟ ଦୈନିକରେ ସେହ୍ନା ସେହ୍ନା ଅନାମଧନ୍ୟଙ୍କ ସହିତ ମୋ ନିଜ ନାମ ଟିକକ ଯୋଡ଼ିବାକୁ ଏତେ କୃଚ୍ଛ୍ର ସାଧନ କରୁଛି ।

ଖଣ୍ଡେଦୂର ଯାଇଛି, ଦେଖିଲି ଆଗେ ଲୁଗା ପଟା ଇଂରାଜୀ କାଗଜରେ ସାଇତି କାଖତଳେ ଯାକି ଆରପଟ ମୋ ଆଡ଼କୁ ଆସୁଛି ଲମ୍ବା ଚୌଡ଼ା କଳା ଟୋକାଟା ଖାକି ପେଣ୍ଟ ପିନ୍ଧି । ମୋତେ ଦେଖିଦେଲି ମାତ୍ରେ ପୋଲାଟା ଉପରେ

Digitized by srujanika@gmail.com

ଲୁଗା ଆବକ ରଖିଦେଇ ଗୋଡ଼ରୁ ଧୂଳି ନେଲା ଏବଂ କୃତ୍ୟକୃତ୍ୟ ହୋଇ ଛିଡ଼ା ହେଲା ଯିମିତି ବହୁ ଦିନର ଆଶା ତାର ଚରିତାର୍ଥ ହୋଇଛି ମୋତେ ଦର୍ଶନ କରି ।

"ଚିହ୍ନି ପାରୁନ ବାପା !" ଶିକ୍ଷକ ସୁଲଭ ଗଳାରେ କହିଲି ।

"ସାର୍ ମୁଁ କଲେଜରେ ଆପଣଙ୍କ ଛାତ୍ର ଥିଲି ।"

"ଏବେ ?"

"ବି.ଏ. ପାସ କରି ଏଠାରୁ ଦୁଇମାଇଲ ଦୂର ଗୋଟାଏ ପ୍ରାଇମେରି ସ୍କୁଲରେ ଟିଚର ଅଛି ।"

"ଏ ପେଣ୍ଟ ଶାର୍ଟ ତୁମର ?"

"ନା ସାର୍, ସାର୍ ମାନଙ୍କର; ରାଧାଶ୍ୟାମ ସାର୍, ପଣ୍ଡା ସାର୍, ମନୋରଞ୍ଜନ ସାର୍ । କଲେଜରେ ପଢୁଥିଲାବେଳେ ତାଙ୍କ ଲୁଗା କାଚୁଥିଲି । ଷ୍କୁକରି କରି ବି ସେ କାମ କରୁଛି । ଆପଣ ମୋତେ କହି ନ ଥିଲେ; ଯାହା ହେଲେ ବି ପୈତୃକ ବେଉସା କୌଳିକ ଧର୍ମ ଛାଡ଼ିବ ନାହିଁ ।"

ବେଳ କେତେବେଳେ ପାଉଛ ? ସ୍କୁଲକାମ କେତେବେଳେ କରୁଛ ?"

"ସାର୍, ଏବେ ବାହା ହୋଇଛି, ମାଆ ଆଉ ଓ୍ୱାଇଫ୍. ମୁଁ ସ୍କୁଲରେ ଥିଲାବେଳେ ଲୁଗା କାଚନ୍ତି ତୁଠକୁ ନେଇ । ମୁଁ ସ୍କୁଲରୁ ଫେରି ଇସ୍ତ୍ରି କରେ, ସାର୍‌ମାନଙ୍କ ଘରେ ଦେଇ ଆସେ, ପୁଣି ମଇଳା ନେଇ ଆସେ ।"

"ଆଜି କଣ ସ୍କୁଲ ନାହିଁ ?"

"ଆଜି ଶନିବାର ସକାଳିଆ ସ୍କୁଲ ।" ମୋ ହାତର ଥଳିକୁ ଅନାଇ ଦେଇ ପୁଣି କହିଲା, ଏ ସବୁ ଲୁଗା କଣ ଇସ୍ତ୍ରି ହବ ? ମୋତେ ଦିଅନ୍ତୁ ସାର୍, ମୁଁ ଚାରିଟା ବେଳକୁ ଆପଣଙ୍କ ଘରେ ପହଞ୍ଚାଇ ଦେବି । ଆପଣ ଏ ମୁଣ୍ଡଫଟା ଖରାରେ..."

କହିବା ବାହୁଲ୍ୟ, ସେ ଥଳି ମୋ ହାତରୁ ନେଲା ଏବଂ ଯଥା ସମୟରେ ଇସ୍ତ୍ରି ଲୁଗାସବୁ ମୋ ଘରେ ପହଞ୍ଚାଇ ଦେଇ ନ୍ୟାଯ୍ୟ ପ୍ରାପ୍ୟ ନେଲା । 'ଆପଣଙ୍କ ଦୟା ଥାଉ' କହି ପୁଣି ନମସ୍କାର ହୋଇ ଫେରିଲା ବେଳକୁ ।

ମୁଁ ଗୋଟାଏ ସକାଳରେ ତୃତୀୟ ବାର ପାଇଁ ଆଚମ୍ବିତ ହେଲି ଏବଂ ଭାବିବାକୁ ଲାଗିଲି 'କିମାଶ୍ଚର୍ଯ୍ୟମତଃପରମ୍ ?"

ଦିନଯାକ ଏଣେତେଣେ ଧନ୍ଦି ହୋଇ କିଛି ପଢ଼ାପଢ଼ି କରି ପାରିଲିନି । ଶୋଇ ପଡ଼ିଲି । ଆଜିର ବକ୍ତବ୍ୟ "ଫର୍ମାଲ୍ ଏଜୁକେଶନ ଓ ଧନ୍ଦାମୂଳକ ଶିକ୍ଷା ।"

Digitized by srujanika@gmail.com

ଏ ବିଷୟ ସମ୍ବନ୍ଧରେ କିଏ ବା କଣ ଜାଣେ, ମୁଁ କିଛି ନ ଜାଣିଲେ ବି କିଛି ଯାଏ ଆସେନା । ମନେ ରଞ୍ଜନ କାର୍ଯ୍ୟକ୍ରମ ଅଛି । ଏଇ ପରି ନିଜକୁ ଆଶ୍ୱସ୍ତ କରି ପ୍ରସ୍ତୁତ ହୋଇ ବାହାରିପଡ଼ିଲି ମୁଖ୍ୟ ଅତିଥି କୃଷ୍ଣବାବୁଙ୍କ ବାସଭବନକୁ । ତାଙ୍କୁ ସେଠାରୁ ଉଠାଇ ଶକ୍‌ସାରେ ବିଲବଣ ପାରି ହୋଇ ଅଧଘଣ୍ଟାକରେ ସଭାସ୍ଥଳରେ ନିମିତ ପହଞ୍ଚିବ ସାଢ଼େ ଛଅ ନ ହେଲେ ସାତବେଳକୁ । ଗୋଟିଏ ଗୁଳସ୍ଥଡ଼ା ଘର ଆଗରେ ଠିଆ ହୋଇ ଖବର ନେଲି, ମୁଖ୍ୟଅତିଥିଙ୍କ ବିଷୟରେ । ତାଙ୍କ ସ୍ତ୍ରୀ କହିଲେ, 'ଦୋକାନକୁ ଯାଇଛନ୍ତି ।' "ଦୋକାନ ! କୃଷ୍ଣବାବୁଙ୍କ ଫେର୍ ଦୋକାନ !" ପୁଣି ଆଶ୍ଚର୍ଯ୍ୟ ହେଲି ! ହଁ, ହଁ, ସିନେମା ବଜାରର ବଡ଼ ହୋଟେଲର ତଳ କାନ୍ଥ କଣର ଗୁମୁଟିଟା ।"

କୃଷ୍ଣବାବୁଙ୍କୁ ଜାଣେ ସେ ଜଣେ ସୁପ୍ରତିଷ୍ଠିତ ଆଧୁନିକ କବି; ତାଙ୍କର ପାଞ୍ଚ ଛଅ ଖଣ୍ଡ କବିତା ସଂକଳନ ବାହାରି ସାରିଲାଣି । ଏବେ ଯେଉଁଟା ବାହାରିଛି ତାକୁ ପଢ଼ିଛି, ଆନନ୍ଦ ଓ ଆଗ୍ରହରେ । କାରଣ, କବିତାଗୁଡ଼ିକ ଆଉ କିଛି ନ ହେଲେ ବି ବୋଧ, ଋଚିପୂର୍ଣ୍ଣ ଓ ନିଷ୍ଠାର ପରିଚୟ ବହନ କରେ । ଅଯଥା ଯନ୍ତ୍ରଣା, କ୍ରନ୍ଦନ, ମୃତ୍ୟୁଚେତନା ନାହିଁ, ବଞ୍ଚିବାର ଆଗ୍ରହ ଓ ଆନନ୍ଦ କବିତାରେ ଅଛି, ଆଶା ଉତ୍ସାହ ଉଦ୍ଦୀପନା ଅଛି; କିନ୍ତୁ କବିଙ୍କ ବ୍ୟକ୍ତିଗତ ଜୀବନ ସହିତ ମୋର ସେତେ ସମ୍ପର୍କ ନାହିଁ କାରଣ ସେ ଏବେ ଏବେ ଏ ସହରକୁ ଆସିଛନ୍ତି ।

ମୋତେ ଦେଖି ସେ ସହଳ ସହଳ ଦୋକାନ ବନ୍ଦ କରିବା ଆରମ୍ଭ କରିଦେଲେ । ଏଇ ଅବସରରେ ମୁଁ ଦେଖିନେଲି ଯେ ସେଇଟି ଗୋଟିଏ ପାନ ଦୋକାନ । କେତେଗୁଡ଼ିଏ ଡ୍ରିଙ୍କ୍‌ସ ବୋତଲ, କିଛି ବହି ଓ ଅନେକ ପତ୍ରପତ୍ରିକା ମଧ୍ୟ ଅଛି । ପାଆଁଶ ହଜାରେ ଟଙ୍କା ଦାମ ଊଣା ବେଶି ହେଲେ ହେବ ଦୋକାନଟାର ।

ଦୁହେଁ ଧାନକିଆରି ଭିତର ଗୋଡ଼ି ସଡ଼କ ଦେଇ ଯାଉ ଯାଉ (ଦୁଇ ସାହିତ୍ୟିକଙ୍କ ମଧ୍ୟରେ ଆତ୍ମୀୟତା ଘନିଷ୍ଠତା ଜମିବା ପାଇଁ ଦରମା ବୟସ, ଜାତିର ଅପେକ୍ଷା ନଥାଏ) ସେ ନିଃସଙ୍କୋଚରେ ତାଙ୍କ ବାଇଓ ଡାଟା କହିଗଲେ । ବୟସ ତିରିଶି, ପିତୃମାତୃହୀନ, ଜମିଜାଇଗା ନାହିଁ, ସହର ତଳର କୁଡ଼ିଆ ବ୍ୟତୀତ ତାଙ୍କର ସମ୍ପଦ ନାହିଁ । ସ୍ତ୍ରୀ ଗୃହ କର୍ମ ନିପୁଣା, ତିନୋଟି ସନ୍ତାନର ମାତା । ନିଜେ ସେ କୋଅପରେଟିଭ୍ କ୍ଲର୍କ । ଗୁଜରାଣ ମେଣ୍ଟାଇବା ପାଇଁ ଦୋକାନ ଖଣ୍ଡିକ । ସକାଳେ ଦୁଇଘଣ୍ଟା ଓ ସନ୍ଧ୍ୟାରେ ତିନି ଘଣ୍ଟା ସେଠି ବସନ୍ତି । ତାଛଡ଼ା କବିତା ଲେଖିବାର ତାଙ୍କର ସ୍ପୃହା ଅଛି । ସେ ମୋଟେ ନିଜକୁ ହୀନ ଭାବନ୍ତି ନାହିଁ ।

Digitized by srujanika@gmail.com

ଶେଷରେ କହିଲେ ଆଧୁନିକ କବିତା ପାଇଁ ଦୋକାନଟି ଉପଯୁକ୍ତ ସ୍ଥାନ; ସିନେମା ଛକ ଦେଇ ଆଧୁନିକ ଦୁନିଆଁ ଯାଆସ କରେ, ଯେତେବେଳେ ଗରାଖ ନଥିବେ ସେମାନଙ୍କୁ ଦେଖିଦେଲେ ଇନ୍‌ସ୍ପେରେସନ ଆସିଯିବ ଏବଂ ସ୍ପନ୍‌ଟେନିଅସ ପଂକ୍ତି ବାହାରି ପଡ଼ିବ, ବ୍ୟଙ୍ଗ ଶ୍ଳେଷ ଜରିଆରେ ସଫେଦ ତାଡି ଉପରେ ଅନୁରୂପ ଉତ୍ତାପ ରହିବ କବିତାର ପଂକ୍ତିମାନଙ୍କରେ ।

ଏଥର ଆଶ୍ଚର୍ଯ୍ୟ ନୁହେଁ ପ୍ରାପ୍ତ ଅଭିଭୂତ ହେଲି ତାଙ୍କ କଥା ଶୁଣି । “ଆପଣ ବୟସରେ କମ୍ ହେଲେ ବି ଆପଣ ମୋର ଗୁରୁ, ଗୁରୁଣାଂ ଗୁରୁ” କହି ମୁଁ ତାଙ୍କୁ ନମସ୍କାର କଲି ଭାଗବତକାରଙ୍କ ‘ଏଣୁ କପୋତ ଗୁରୁ ମୋର’ ମନେ ପକାଇ ।

ବକ୍ତବ୍ୟରେ ଦିନଯାକର ଯେଉଁ ସ୍ୱଚ୍ଛୋକ୍ତି ଅଭିଜ୍ଞତା ତାକୁଛ ନ ଫେଣାଇ ସିଧାସିଧି ଲଙ୍ଗଳା ଭାଷାରେ କହିଗଲି; ଅନେକ କରତାଳି ପାଇଲି କିନ୍ତୁ ଫର୍ମାଲ ବା ଧର୍ମମୂଳକ ଶିକ୍ଷା ନିର୍ଦ୍ଦେଶକ କିନ୍ତୁ ତାଙ୍କର ସଭାପତିଙ୍କ ଭାଷଣ ପ୍ରସଙ୍ଗରେ କହିଲେ “ବକ୍ତୃତାଟି ଶ୍ରୁତିପ୍ରିୟ ହେଲା ମାତ୍ର କିଛି ବୁଝାଗଲା ନାହିଁ, ଓଡ଼ିଆର ବେଦବ୍ୟାସ ଆସିଥିଲେ ବିଷୟଟିକୁ ଅଭିନୟ ଜରିଆରେ ବେଶ୍ ବୋଧଗମ୍ୟ କରାଇ ପାରିଥାନ୍ତେ ।

●

Digitized by srujanika@gmail.com

# ମକର-ଘୁଷୁରି ସାହିର

ଶଳା, ତୋର ବାପାକୁ କେବେ ଏମିତି ପଚାଉଡ଼ୁ ତାକୁ ପଚାରିଥିଲୁ କବେ ? ରହ ଶଳା ଯଦି ମୋର କୁକୁଡ଼ା ଆଜି ହାରିଛି ନା, ତୋର ବେକଟାକୁ ଏଇଠି ଠାକୁରାଣୀଶାଳରେ ଜବେ କରିଦେବି, ଏଇତ ଘୁଷୁରି ସାହିର କଥା ।

ଲୋକଟା ଖୁବ୍ ଚିଡ଼ିଗଲା । ମୋଟା ମସିଆ ହାତବୁଣା ଚଦର ଭିତରେ ଗଣ୍ଡାଟାକୁ ପୂରାଇ ସେ ଖେର ଖେର ଯିମିତି କେହି ନ ଦେଖନ୍ତି ଠିକଠିକଣା କରି ଯାଉଥିଲା କୁକୁଡ଼ା ପାଲାକୁ, ପୃଷ୍ଠପଟରୁ ହୋଇ ଥଣ୍ଡା ଭାକର ଭେଦକରି ଅନ୍ଧ-ବିଶ୍ୱାସ ଓ ଧର୍ମଭାବ ସବୁ କୁକୁଡାଟି ଭିତରେ ଜାବୁଡ଼ି ଧରି । ଆଠ ନଅ ବର୍ଷର ପିଲଟା ମକର ହାଓ୍ବାରେ ଖେଳ ହୋଇ ଥଟ୍ଟା ତାମସାରେ ପଚାରିଦେଲା "ଏ ! କୁଆଡ଼େ ଯାଉଛୁ ?"

କାଲି ମକର । ଏଇ ପର୍ବଟା ପାଇଁ ଘୁଷୁରିଆ ସାହିର ଲୋକଗୁଡ଼ାକ ସାରା ବର୍ଷଟା ବସିଥାନ୍ତି । ମକର ଆସୁଛି, ଆସିବ, ଆସିଗଲାରେ ସେମାନଙ୍କ ଚେତା ଚୈତନ୍ୟ ହଜିଯାଏ । ଏଇ ମକର ଦିନଟି ପାଇଁ ଘୁଷୁରି, ଏଇ ମକର ଦିନଟି ପାଇଁ ଗଣ୍ଡାଗୁଡ଼ାକ । ଗଣ୍ଡାଗୁଡ଼ାକର ଗୋଡ଼ ଖଳବଳ ହୁଏ, ରୁହାକୁ ରୁହା କେକରେକେ ଡାକଛାଡ଼ନ୍ତି । ମକର ଆସିଗଲା, ଅସ ମୃତ୍ୟୁ ଆସ । ଘୁଷୁରି ଗୁଡ଼ାକ ବି ଏଣେ ତେଣେ ବାଏ୍ବା ହୋଇ ଗୋଳିଆ ଥଣ୍ଡକୁ ପାଣିକାଦୁଅରେ ଭର୍ତ୍ତି କରନ୍ତି । କୁକୁଡ଼ା ଯିମିତି କୁହେ ମୋ ଗୋଡ଼ରେ କାତି ବାନ୍ଧ, ମୁଁ ଲଢ଼ିବି, ମରିବି, ମକର ଆସିଗଲା ଘୁଷୁରି ଗୁଡ଼ାକ ସିମିତି କୁହନ୍ତି ଆମ ଗୋଡ଼ହାତ ବାନ୍ଧି ଅଗଣାରେ ଫୋପାଡ଼ିଦିଅ; ସମସ୍ତେ ଆସି ଆମକୁ ଗୋଟା ସଜନା ବା ପାଲଧୁଆ ଡାଙ୍ଗରେ ଦନଘାତ ବାଡ଼ାଅ; ଆମେ ଫୁଲିବୁ, ଆମ ମାଂସ ନରମ ହେବ, ମିଠା ହେବ । ମକର ଆସିଗଲା ପରା; ଆମେ ମରିବୁ । ଘୁଷୁରି ଜୀବନ ଗଣ୍ଡାଜୀବନ ଧରି କି ଲାଭ ?

ଘୁଷୁରି ସାହିର ମଣିଷ, କି ପୁରୁଷ କି ସ୍ତ୍ରୀ ଉଭୟଙ୍କ ଜୀବନଦର୍ଶନ ଓ ଜୀବନ ପ୍ରଣାଳୀ ଏକା ପ୍ରକାରର । ମକର ଆସିଗଲା । ବାଏ୍ବା ହୁଅ, ପାଗଳା ହୁଅ, ନାଚ, ଗାଅ, ମଦପିଅ । ମୁକୁଳାଇ ଅଣ କେଉଁଠି ବନ୍ଧା ପଡ଼ିଛି ଧୁମୁସା, ମାଦଳ;

Digitized by srujanika@gmail.com

ପିଟ ଦିନ ଘଡ଼ି । ବେଲ୍‌ବାହନ ଟଙ୍କ, ନିକେଲ ଗଡ଼ୁଣାଗଣ୍ଠି ଟଙ୍କ, ରେଶମୀ କାଚ କଣ, ସୋନାଲି କାନଫୁଲ କଣ; ମୁଣ୍ଡର ଝୁମ୍ପା କଣ, ପାଉଡ଼ର ମାଖି କଳା ମୁହଁ ଧଳା କର । ମରଦ ଝିଅଲି କରମାନାଙ୍କରେ ମାତ, ଦିନେ ଦୁଇଦିନ । ଦରକାର ହେଲେ ଦିନ୍ତ ଟଙ୍କ । 'ମକର ଗଲେ ଠକର । ମକରପରେ ଆଉ ଜୀବନ କାହିଁ ? ଏ ଜୀବନରେ କି କାର୍ଯ୍ୟ ଯାହାର ଧ୍ୱଂସ ଅନିବାର୍ଯ୍ୟ !''

ମକରରେ ସବୁ 'ମ'କାର । ପୁରୁଷଙ୍କ ଲୋଡ଼ା ମଦ ମାଂସ ମାଇକିନିଆ ସ୍ତ୍ରୀଙ୍କ ଲୋଡ଼ା ମଦ ମରଦ ମନୋହାରୀ ଚିଜ, ବିଶେଷତଃ ରଙ୍ଗୀନ ଶାଢ଼ୀ । ମାଂସ ସବୁ ଆଡ଼କୁ ପାଏ; ତେଣୁ ମକର ଆଗଦିନ 'ବାଇଣ୍ଡି' ଦିନ ଘୃଣଆଡ଼େ ମାଂସ ମାଂସ ମାଂସ ଡାକ । ଖାସି ମାଂସ, ବୋଦା ମାଂସ, ଛେଳି ମାଂସ, ଘୁଷୁରି ମାଂସ, କୁକୁଡ଼ା ମାଂସ, ହଂସ ମାଂସ, ମୂଷା ମାଂସ, ନହେଲେ ମାଛ, ଗେଣ୍ଡା, କଙ୍କଡ଼ା, ବାଦୁଡ଼ି, ବଗ, ପେଚା ମାଂସ । ମଣିଷ ମାଂସକୁ କେତେବେଳେ···।

ଘୁଷୁରି ସାହିର ଅବସ୍ଥିତି ସହରର ତଳରେ ସହରର ମଫସଲର ସଙ୍ଗମ ସ୍ଥଳୀରେ । କଚେରିଆ, କଲେଜପିଲା, ହାଟୁଆ, ବାଟୁଆ, ରେଳଯାତ୍ରୀ ସମସ୍ତେ ଏଇ ବାଟ ଦେଇ ଯା ଆସ କରନ୍ତି । ମଣିଷ ଅପେକ୍ଷା ଘୁଷୁରିର ପ୍ରାଧାନ୍ୟ ବେଶି ବୋଲି ଲୋକେ ମଣିଷ ସାହି ନକହି ଘୁଷୁରିଆ ସାହି କହନ୍ତି । ମଣିଷ ଘୁଷୁରି ଉଭୟେ କଳା, ଉଭୟେ ଏକାପରି ଖାଆନ୍ତି, ଚଢ଼ନ୍ତି, ହସନ୍ତି । ଘୁଷୁରି ଓ ମଣିଷର ସମ୍ପର୍କ ବଡ଼ ବିଚିତ୍ର । ମଣିଷ ହଗେ, ଘୁଷୁରି ଖାଏ; ମଣିଷ ପୁଣି ସେଇ ଘୁଷୁରିକୁ ଖାଏ, ନିଜ ଗୁହ ତାକୁ କେଡ଼େ ମିଠା ଲାଗେ । ଘୁଷୁରି ଶରଧାରେ ତାର ଛୁଆକୁ ପ୍ରଚୁର ଦୁଧ ପିଆଏ, ଘୁଷୁରି ଛୁଆ ମାଆ ଦୁଧରେ ବଡ଼ ହୋଇ ମାଆକୁ ପୁଣି ଦୁଗ୍ଧ ଦାନ କ୍ଷମ କରେ । ଏଇ ଦେଖନ୍ତୁ ଗୋଟାଏ ଘୁଷୁରି ଆଠୋଟା ଲାଲ ଲାଲ ଛୁଆଙ୍କୁ ଛାତି ମେଲାଇ ଆଖି ବୁଜି ଖରାରେ ଦୁଧ ପିଆଉଛି ନିଃଶେଷ ହେଲା ପର୍ଯ୍ୟନ୍ତ । ତା ମୁହଁରୁ ପରିତୃପ୍ତିର ହସ । କୁକୁଡ଼ାଟା ଅଠରଟା କଳା କଳା ଛୁଆ ଧରି ବୁଲୁଛି, ଗର୍ବରେ ଫୁଲିଫୁଲି । ସ୍ତ୍ରୀଲୋକ ଗୁଡ଼ାକ ଏକାଠି ଖରାପିଠିଆ ବସି ଗଣ୍ଡା ଗଣ୍ଡା ଛୁଆଙ୍କୁ ଛାତି ଖୋଲି ବଡ଼ ବଡ଼ ଫିଡ଼ିଂ ବୋତଲରୁ ଦୁଧ ପିଆଉଛନ୍ତି । କିଏ ମାଆ, କିଏ କାହାର ଛୁଆ, କିଏ କୁକୁଡ଼ା, କିଏ ଘୁଷୁରି, କିଏ କୁକୁର, ବାଛି ହେବନି । ଗୃହପଟେ ମଣିଷଗୁହ ଏବଂ ତାର ଅପଭ୍ରଂଶ ଘୁଷୁରିଗୁହ । ମସ୍ତିଷ୍କ ଜ୍ୱର, ମଶାପଲ, ଛାରପୋକ, ମେଞ୍ଚା ମେଞ୍ଚା ଉକୁଣି । କି ଅଜବ ଦୁନିଆଁ ! ଯିଏ ଭାଇ ସିଏ ବାପ, ଯିଏ ମାଆ ସିଏ ଭଉଣୀ ଏଠି !

ଦିନବେଳେ ଘୁଷୁରିଆ ସାହି ଲଙ୍ଗଳା ଫୁଙ୍ଗୁଳା । ଶୁନଶାନ୍, ଠକସ୍ତ, ଯିମିତି ଗୋଟାଏ ବଡ଼ ସହରର ଦିନ ବେଳର ଲେନ୍ ଯେମିତି ହାତ କଟାଯାଏ ।

Digitized by srujanika@gmail.com

ଯେଉଁମାନେ ପୂର୍ଣ୍ଣ ଚାନ୍ଦର ସ୍ୱପ୍ନ ଦେଖନ୍ତି, ସେମାନଙ୍କୁ ସିନା ସେମିତି ଦିଶେ; କିନ୍ତୁ ଯେଉଁମାନେ ମକର ସଂକ୍ରାନ୍ତିର ଭୋଗ କରିବାକୁ ଚାହାନ୍ତି, ତାଙ୍କୁ ଅନ୍ୟ ରୂପ ଦିଶେ । ବିଶେଷତଃ ରାତିରେ ।

ସଞ୍ଜ ହେଲାମାତ୍ରେ ଦପ୍ କରି ବାର୍‌ଲାଇଟ୍ ଗୁଡ଼ାକ ଜଳି ଉଠିଲେ ଘୁଷୁରି ସାହି ଝଲି ଉଠେ । ଚନ୍ଦ୍ର ଆଲୁଅ ଚାରିପଟକୁ ଶୁଭ୍ର ସୁନ୍ଦର କରେ, ମାତ୍ର ବାର-ଲାଇଟ୍ ଘୁଷୁରିଆ ସାହିକୁ ସୋନାଗାଛି, ଚୌରଙ୍ଗୀ, କନଟପ୍ଲେସ୍ ବା ହଂକଂରେ ପରିଣତ କରିଦିଏ । ଘୁଷୁରି ଗୁଡ଼ାକ ପରୀ ହୋଇଯାଆନ୍ତି, ପ୍ରଜାପତି ପରି ଉଡ଼ି-ପାରନ୍ତି । ଆହୁରି ବିଚିତ୍ର ଯେ ସେମାନଙ୍କୁ ଧରିବା ପାଇଁ ସହରର ମଣିଷ ଗୁଡ଼ାକ ଘୁଷୁରି ବେଶ ନେଇ ସାହିଟାରେ କେଳିଲ ବୋକା ପରି ମାଂସ ଖୋଜି ବୁଲନ୍ତି । ଆଲୁଅ ଜଳିଲେ ପୋକ, ପୋକ ଆସିଲେ ବେଙ୍ଗ, ବେଙ୍ଗ ଆସିଲେ ସାପ । କେତେ ବେଳେ ବା ଭୟଙ୍କର ବିଷାକ୍ତ ସାପ ।

ଭିଖାକୁ ଏ ପ୍ରାକୃତିକ ନିୟମ ଜଣା । ସେ ଆରମ୍ଭ କରିଥିଲା ଜୀବନ ସିନେମା ଟିକେଟର କଳାବଜାରରେ; ଦିଅର ଥରେ ମାଡ଼ ଖାଇ ସେ ରାଜନୀତିରେ ଯୋଗ ଦେଲା । ଟାଉଟରରେ ବି ଫେଲ ମାରିଲା । ତାପରେ ସ୍ୱଭାବ ସହଜାତ ବୁଦ୍ଧି ବଳରେ ସେ ଛକ ଜାଗାଟି ପାଇ ଉଠା ଦୋକାନଟିଏ ପକାଇଲା, ପୋକ, ବେଙ୍ଗ, ସାପ, ମାଛ ସମସ୍ତଙ୍କୁ ଏକା ଜାଲରେ ଧରିବା ପାଇଁ । ଶୁଣାଯାଏ ସେ ଥରେ ଗୋଟାଏ ଅଜଗର ବି ଧରିଥିଲା ଏ ବୁଦ୍ଧିରେ ।

ଯେତେ ପ୍ରକାର ଥୋପ ଦରକାର ସବୁ ଭିଖା ବନଶୀରେ ଗୁନ୍ଥେ । ଦୋକା-ନରେ ଚାଉଳ, ଡାଲି, ଆଳୁ, ପିଆଜ, ପାନପରିବାଠାରୁ ଆରମ୍ଭ କରି ମହମବତୀ ଓ ନିରୋଧ ପର୍ଯ୍ୟନ୍ତ ରଖେ । ସାମନା ଖୁଣ୍ଟରେ ବାରଲାଇଟ୍ ଥିଲେ ବି ପେଟ୍ରୋମେକ୍ସ ଲାଇଟିଏ ଥୁଆ ହୋଇଥାଏ । ପ୍ରଥମେ ପୋକ, ତାପରେ ଅନ୍ୟମାନେ । ଠିକ୍ ଦୋକାନ ଆଗରେ ତାରି ଜଣେ ଏଜେଣ୍ଟ ଅଣ୍ଡା ଓ ଚପ୍‌କଟ୍ ଦୋକାନ କରିଛି । ଭିଖା ପାନ ଚାଙ୍ଗୁ ଥାଏ; କିନ୍ତୁ ଆଖି ତାର ଚାରିଆଡ଼େ ଘୂରୁଥାଏ ଲୁଗଲଚଙ୍କ ପରି । ଲୁଗ୍ଲସ ଖଟ୍ ଖଟ୍ କଲାବେଳେ ଆଖି ତାର ଚକ୍ ମକ୍ ହେଉଥାଏ ଯିମିତି କାହାକୁ ସେ ଅପେକ୍ଷା କରୁଥାଏ ପ୍ରତି ମୁହୂର୍ତ୍ତରେ; କାରଣ ବହୁତ ଅପ୍ରତ୍ୟାଶିତ ବ୍ୟକ୍ତି ତା ଦୋକାନକୁ ଆସନ୍ତି, ଅପ୍ରତ୍ୟାଶିତ ମୁହୂର୍ତ୍ତରେ ଏବଂ ଅପ୍ରତ୍ୟାଶିତ ଘଟଣା ବି ଅନେକ ଘଟେ ।

ଦୋକାନର ସାମନା କଣରେ ଖଣ୍ଡିଏ ଆସନ ପଡ଼ିଥାଏ । ଦିନବେଳେ ସେଠି ଭି. ଆଇ. ପି. ଚଉଖ ବସି ଗପସପ କରନ୍ତି; କିନ୍ତୁ ସଞ୍ଜ ହେଲେ ସେ ସ୍ଥାନଟି

Digitized by srujanika@gmail.com

ଗଜଭିଂ ହୁଏ ହିଅଙ୍କ ପାଇଁ । ପୂର୍ବକାଳରେ ଇଂଲଣ୍ଡ ଗଣ ଦେଶରେ ତର୍କମାନଙ୍କୁ ଫାଷ୍ଟ ଫୁଡ଼୍ ଭଲକାର ଭକ୍ତମାନେ ଅର୍ପଣ କଲାପରେ ଘୁଷୁରୁଆ ସାହର ସପୁର, ନେଲି, ନାଉ, ପଣସକଷି ଭିଖା ଦୋକାନକୁ ପ୍ରଥମ ଆସେ । ହୋଂସଷ୍ଟିଏ, କୁଳୁଡାଙ୍ଗାଏ, ଡମ୍ବକେବୃଷା, ଶିମ୍ବଜାଳଏ ମାଇବାଲଏ କାମକୁ ଯିବା ଆଗରୁ ଏଇଠି ରଖିଦଅନ୍ତି ବର୍ଷି ପାଇଁ, ଦେକାନୀ ଗରାଖ ଯୋଗାଡ଼ କରେ, ଭଲ ଦାମରେ ବିକେ, କମିଶନ ନଏ ସବୁଥିରୁ ।

ଦୋକାନ ପଛରେ ଝାଟିମାଟିର ଗୋଟିଏ ଗ୍ଲେଟ କୋଠରୀ । ଦୋକାନରେ ପ୍ରବେଶଦ୍ୱାର ଦେଇ ଖାଇ ଭିତରକୁ ମାଛି ପଶନ୍ତି । ଥରେ ଥରେ ପୋଲିସ୍ ସ୍ୱା ଭିତରକୁ ପଶିଯାଇ ବାହାର ଆସେ । ବାହାର ଲୋକେ ଖାଲି ଛକ ଛକ ଶବ୍ଦ ଶୁଣନ୍ତି, ବାସନା ପାଆନ୍ତି । ଏଠି କମେଡ଼ି ଟ୍ରେଜେଡ଼ି କଣ ଅଭିନୟ ହୁଏ ତାହା କଳନା କରିହେବନି ।

ଯେତେବେଳେ ଦିନଯାକ କାମଦାମ କରି ଘୁଷୁରି ଗୁହାଳ ଘରରେ ସାଇରେ ଶୋଇଯାନ୍ତି, ସେତିକବେଳେ ବଗୋଡ଼ିଆ ଘୁଷୁରିଙ୍କ ପାଳି ପଡ଼େ । ପଦାରେ ମେଞ୍ଚା ମେଞ୍ଚା ପ ଉଜ୍ଜ୍ୱଳରେ କଳାମୁହଁକୁ ଧଳା କରି ନାକକାନରେ ମୁଦଗୁଣା ଲଗାଇ ଅଲିଦାମିଆ ଚୁଟରେ ଦନ୍ଧ ଯୋଡ଼ାଇ କଲରେ ପାନ ଚାକି ଦସନ୍ତି ଘୁଷୁରି ହୁଆ ମାଆ ଭିଖା ଅଦୂରର ସାଇଡ଼ ସିଟ୍‌ରେ । କେତେବେଳେ ଭିଖା ସାଙ୍ଗରେ କଏ କଣ କଥାବାର୍ତ୍ତା ହୁଏ ଜାଣିହୁଏ ନାହିଁ । ଗୀତ କ୍ରମେ ବେଶି ହୁଏ, ସିନେମା ଫେରନ୍ତି ଲୋକ ଦୋକାନ ଦେଇ ଗ୍ଲାଲିଯାଆନ୍ତି । ହିଅଟି ! ଅଦୃଶ୍ୟ ହୁଏ, ପୁଣି ଆସେ ସ୍ୱସ୍ଥାନ ଦଖଲ କରେ; ନହେଲେ, ଆଉ ଜଣେ ତା ସ୍ଥାନ ଦଖଲ କରେ । ଦୋକାନ କେତେବେଳେ ବନ୍ଦ ହୁଏ କଏ ଜାଣେ ।

ଘର ପାହିଲେ ମକର । ଭୋରରୁ ପୁଣି ଉଠିବାକୁ ହବ । ଭିଖାର ଆଜି ମାସ୍ ଘର ମହୋତ୍ସବ, ଜାଗର ଜାଳି ଦସିବାକୁ ପ୍ରସ୍ତୁତ । ମକରର ଗରଜ ଗୁଲୁଗୁଣ ଯେଣ୍ଟାଇବାକୁ ସମସ୍ତେ ଆତୁର । କାହାର କେତେ କଣ ଅଭାବ କଏ କହିବ ? ମକର ଥରେ ଗଲେ ଫେରେ ଯାଇ ବରଷେ । ଆଜି ଓ କାଲିର ଭିଡ଼କୁ ସମ୍ଭାଳିବା ହେଲାଣି ଭିଖାର ଚିନ୍ତା, କାହାକୁ ହଁ କାହାକୁ ନା କହିବ ? ସବୁ ଗରାଖଙ୍କୁ ମନ ଲଗାଇ ରଖିଲେ ଯାଇ ସିନା ଦୋକାନ ଚଳିବ । ପୁଣି ଆସନ୍ତା ବର୍ଷକୁ ଏକ ସେବାଶ୍ରମ ଖୋଲି ତାର ବାର୍ଷିକ ସାଙ୍ଗ ସାଂସ୍କୃତିକ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣର କଳନା ସେ ରଖିଛି ।

ଘୁଷୁରିଆ ସାହି ଆନନ୍ଦ ମଉଛବରେ ଉବୁଟୁବୁ । ଆଜି ବାଉଁଶି; ଘର ପାହିଲେ ମକର । ମକର 'ଲୁମା' ଜଳିବ ପୋଖରୀରେ, ସମସ୍ତେ ମକର ବୁଡ଼

Digitized by srujanika@gmail.com

ମାରିବେ, ନୂଆ ଲୁଗା ପିନ୍ଧି ମକର ବୁଲିବେ, ମକର ମଣ୍ଡା ଖାଇବେ, ଫଟକା ଫୁଟିବ ମାଙ୍କଡ଼ ନାଚ ଆସିବ, କାଠି ନାଚ, ଧାଙ୍ଗଡ଼ା ଧାଙ୍ଗଡ଼ି ନାଚ କେତେ କଣ। ସନ୍ଧ୍ୟାବେଳଟା ପ୍ରତି ଘରେ କ୍ରେପ୍ ଗ୍ଲାସପେପରରେ କଟିଛି। କିଏ ଚେଞ୍ଜି ପିନ୍ଧି ଟପା ନାଚିଲା ଦେଖିଛି। ଝିଅ ପୁଅ ଛୋଟ ଛୋଟ ହଳଦିଆ ନାଲିଧଡ଼ିର ଧୋତି, ଶାଢ଼ୀ ଅଲଗାମିଆ ଜମା ଫ୍ରକ୍ ପିନ୍ଧି ପରୀକ୍ଷା କରି ସାରି ଅଶାନ୍ତ ଆଗ୍ରହରେ ଶୋଇଛନ୍ତି ଭୋର ସକାଳର ଅପେକ୍ଷାରେ। ମଝିରେ ମଝିରେ କିଏ ଗୋଟାଏ ଧୂମୁଷାମାଦଳ ଥରେ ଅଧେ ପିଟି ଦେଇ ସାହିଟାକୁ ମୁଖରିତ କରୁଛି।

କ୍ରମେ କ୍ରମେ ରାତି ବଢ଼ି ଚାଲିଛି। ଭିଖା ଦୋକାନ ଆଗର ଭିଡ଼ କମି ଯାଉଛି; ଖାଲି କେତେବେଳେ ଚୋରଙ୍କ ପରି ପୁଅଟାଏ ଯାଉଛି ଆସୁଛି; କେତେ-ବେଳେ ଦୁଇଟା ମାତାଲ ପ୍ରାୟ ଲଙ୍ଗଳା ହୋଇ ନାଚୁଛନ୍ତି।

ଏତେ ବଡ଼ ସାହିଟାର ଉଚ୍ଛୁଳା ମକରର କେବଳ ଗୋଟିଏ ଛୋଟ କୁଡ଼ିଆରେ ଆନନ୍ଦ ନାହିଁ। ଶାମ ଫେରି ଆସିଛି କୁଳୁଡ଼ା ପାଳାରୁ। ମନେ ମନେ ଭାବିଥିଲା 'ପାଡ଼ୁ'ଟାଏ ଆଣିବ; ଦୁଇଟାକୁ ବିକାକିଣି ଦେଲେ ଝିଅକୁ ସିମିଠ ପିମିଠ ଖଣ୍ଡେ ଶାଢ଼ୀ ଦେଇ ତାର ଲଜ୍ଜା ନିବାରଣ କରିବ, ସେ ଝିଅ ମକର ମାନିବ; କିନ୍ତୁ ପଛରୁ ବଦମାସ୍ ପିଲାଟା ଡାକି ଦେଲା।

ଝିଅ ବେଙ୍ଗ ସକସକ ହୋଇ କାନ୍ଦୁଛି ମୁହଁ ସଞ୍ଜରୁ ବାପା ଫେରିବା ବେଳୁଁ। ଚେମି, ପୁମି, ରୂପି, ଶୌଚ୍ଛ ସମସ୍ତଙ୍କ ଲୁଗା। ତାର ନାହିଁ। ନୂଆ ଲୁଗା ନାହିଁ ତ କି ମକର!

ବେଙ୍ଗ ମାଆ ନାଚାର। ଏତେ ବଡ଼ ଝିଅଟାକୁ ଦବ ଦବ କରି ଛମାସ ହେଲା ଶାଢ଼ୀ ଖଣ୍ଡେ ଦେଇପାରିନି। ଦୁଇବର୍ଷ ଆଗରୁ ମହାପାତ୍ରବାବୁଙ୍କ ବାବୁଆଣୀ ତାଙ୍କ ନଅବର୍ଷର ଝିଅର ଯେଉଁ ପୁରୁଣା ଫ୍ରକଟା ଦେଇଥିଲେ, ଚଉଦ ବର୍ଷର ଝିଅ ସେଇଟା ପିନ୍ଧି ଘଡ଼ୁପୁରୁ ସାହିରେ ନିଜ ସରମ ହଜାଇ ବୁଲିବ କିପରି? ମାଆର ବା ରୋଜଗାର କେତେ? ବାପା ତ ପ୍ରାୟ ଅଥର୍ବ, କୁଳୁଡ଼ା ଲଢ଼େଇରେ ଜୀବନ କଟିଲା। ଘରେ ବେଲବାସନ ଯାହା ଥିଲା, ତାକୁ ବିକି ଦୁଇ ସାନ ପୁଅଙ୍କ ପାଇଁ ପେଣ୍ଟପାର୍ଟ କରିଛି; କିନ୍ତୁ ବେଙ୍ଗର ମକର—ନ ହେଲେ ବି ଶାଢ଼ୀ ନିହାତି ଦରକାର। ଛିଣ୍ଡା ସ୍କର୍ଟର ଗଣ୍ଠିରେ ପଶାଇ କେତେଦିନ ସାହିରେ ବୁଲିବ? ଘଡ଼ୁପୁରୁ ସାହିରେ କେତେ ଶୀଘ୍ର ଝିଅଗୁଡ଼ା ଫୁଲି ଫୁଲି ବଢ଼ିଯାନ୍ତି। ବେଙ୍ଗ ମାଆ କିସ୍ତି ନେଇ ସାରିଥିଲା ଝିଅ ପାଇଁ ଶାଢ଼ୀ ଆଣିବାକୁ। ହେଲେ କଣ କରିବାକୁ ହେବ। ସନ୍ଧ୍ୟାବେଳେ ଭିଖା ଦୋକାନ ଆଡ଼କୁ ଯାଇ କଣ କଥାବାର୍ତ୍ତା କରିଥିଲା ତା

Digitized by srujanika@gmail.com

ସାଙ୍ଗରେ । ଧାରଉଧାର ମଝିରେ ମଝିରେ ଆଣେ ତା ପାଖରୁ । ବେଙ୍ଗ ମାଆ ଆଗରୁ ବରବର ବର୍ଷ ବର୍ଷ ଧରି ଭଙ୍ଗା ଦୋକାନରେ ସନ୍ତବେଲଟା ବସୁଥିଲା । ସେଇଠି କେଉଁଟା ଦିନ ବସି ଥିଲେ ହୁଏତ ସାମାନ୍ୟ ଶାଢ଼ୀ ଖଣ୍ଡିକ ଅକ୍ଲେଶରେ ମିଳି ଯାଇଥାନ୍ତା; କିନ୍ତୁ ସେ ତା କରିପାରିଲା ନାହିଁ । ତାର ଦେହର ଅବସ୍ଥା ଆଦୌ ଭଲ ନାହିଁ । ଇନ୍‌ଜେକସନ ଚାଲିଛି. ତେଣୁ ସେ ଭିଖା ସାଙ୍ଗରେ ପରାମର୍ଶ କରି ଝିଅକୁ ବୁଝାଇବାରେ ଲାଗିଛି ।

ଦୁଇଘଣ୍ଟା ହେଲା ସେ ଝିଅକୁ କହୁଛି, ତୁ ଯାଆ ଭିଖା ଦୋକାନକୁ । ମୁଁ ତାକୁ କହୁଛି, ସେ ତୋ ପାଇଁ ଶାଢ଼ୀ ଖଣ୍ଡେ ରଖିଛି, ଗଲମାତ୍ରେ ତତେ ଦେଇ ଦେବ । ବେଙ୍ଗ କିନ୍ତୁ ସାପ ପାଖକୁ ଯିବନି । ଡରୁଛି କାନ୍ଦୁଛି । ଶାଢ଼ୀ କଥା ବା ସାଙ୍ଗମାନଙ୍କ ଶାଢ଼ୀ ମନେ ପଡ଼ିଲେ ବା ଦେଖିଲେ ସେ ଝାସ ଦେବ ଭାବୁଛି; କିନ୍ତୁ ସାହସ କୁଳାଉ ନାହିଁ । ତାକୁତ ଅଜଣା ନାହିଁ ଭିଖା ଦୋକାନର ମହିମା । ସପ୍ତୁରିଆ ସାହିରେ ଯୌବନ ସହଳ ଆସେ ।

ଆତ୍ମହତ୍ୟା କରିବ । ନିଶ୍ଚୟ ଆତ୍ମହତ୍ୟା କରିବ କହି କହି କେତେ ବର୍ଷ କଟିଯାଏ । ଆତ୍ମହତ୍ୟା ହୋଇପାରେ ନାହିଁ; କିନ୍ତୁ ଗୋଟାଏ ମୁହୂର୍ତ୍ତରେ ଆତ୍ମହତ୍ୟା କରିହୁଏ ବେକରେ ଫାଶଟାକୁ ଲଗାଇ ଦେଇ ଆଖି କାନ ନିଃଶ୍ୱାସ ବନ୍ଦ କରି ଡାଳରୁ ବା ବରଗାରୁ ଝୁଲି ପଡ଼ିଲେ । ଇନ୍‌ଜେକେସନ ନେଲେ ପ୍ରାଣ ଖୁଲିଯିବ ବୋଲି ଭୟ ହେଉଥାଏ; ମାତ୍ର ଡାକ୍ତର ଅଡ଼ିକୁ ନଗ୍ଧିହି ଗୋଟାଏ ମୁହୂର୍ତ୍ତି ଛୁଚି କାଳି ଦେଲେ ସବୁ ଆଶଙ୍କାଭୟ ନିରର୍ଥକ ଅହେତୁକ ବୋଲି ଜଣାଯାଏ । ଘଣ୍ଟା ପରେ କହିବାକୁ ଇଚ୍ଛା ହୁଏ ମୋତେ ମୋଟେ କଷ୍ଟ ହେଲାନି । ସିମିତ ହୁତ୍ ହୁତ୍ ଜଳୁଥିବା ଚିତାରେ ସତୀ ହେବାପାଇଁ କେଉଁଟା ମୁହୂର୍ତ୍ତର ସଂକଳ୍ପ ଲୋଡ଼ା ।

ବେଙ୍ଗର ସେ ମୁହୂର୍ତ୍ତ ଆସିଲା ଯେତେବେଳେ ତା'ର ସାଙ୍ଗ ସେଇ ଚେମି ସୁମି ଆଦି ତାଙ୍କର ଶାଢ଼ୀ ବିଷୟରେ, ସାଜି କରି କଥାବାର୍ତ୍ତା କରି କରି ଚାଲି ଗଲେ, 'ବେଙ୍ଗଲୋ, କଣ କରୁଛୁ ?' କହିଦେଇ ।

ବେଙ୍ଗ ଆଉ ସହିପାରିଲା ନାହିଁ, ଛୁଚି କାଳି ଦେଲା, ବେକରେ ଫାଶ ଦେବ ଇନ୍‌ଜେକ୍‌ସନ ନବ, ସତୀ ହେବ ଏବଂ ସାଙ୍ଗସାଥୀଙ୍କ ସହିତ ବଢ଼ିଆ କରି ମକର ମାନିବ—ତା ଜୀବନର ପ୍ରଥମ ମକର ସଫାନ୍ତ—ଜଗତ୍ତି ନେଇ କହିଲା "ମାଆ, ତୁ ମୋତେ ଛାଡ଼ିଦେଇ ଆସିବୁ, ଅଧା ବାଟରେ, ମୋତେ ଡର ମାଡ଼ୁଛି ।" କିନ୍ତୁ ସିମିତ ମାଆ ତା ନିଜ ଶାଢ଼ୀ ତାକୁ ପିନ୍ଧାଇ ଦେଇଛି ଓ ଚୁଲି କୁଣ୍ଡାଇ ଦେଇ

Digitized by srujanika@gmail.com

କଲାଟିକାଟିଏ ଲଗାଇ ଦେଇଛୁ ବେଙ୍ଗ କହିଲା "ନା ମାଆ ତୁ ଯାଆ, ଆଉ ଆସିବା ଦରକାର ନାହିଁ । ମୋତେ ଡର ଅଦୌ ମାଡ଼ୁନା । ଡର ମାଡ଼ିଲେ ଭଖାକୁ କହିବ ଅଧା ବାଟରେ ଛାଡ଼ି ଦେଇଯିବ ।"

ବେଙ୍ଗ ମାଆ କହିଲା "ତୋ ଆସିବାକୁ ମୁଁ ଚାହିଁଥିବ ।"

ସେ ଦିନ ଗଲା, ମାଆ ଝିଅ ଦିହିଙ୍କ ନିଦ ନାହିଁ । ସତରେ ଭଖାଟା କେଡ଼େ ଉପକାରୀ ମଣିଷ । ବିପଦ ଆପଦରେ, କେଡ଼େ ସାହାଯ୍ୟ ନକରେ । ଖାଲି କଣ ଶାଢ଼ୀ ? ଶାଢ଼ୀ ସାଙ୍ଗକୁ ବ୍ଲାଉଜ୍, ସାୟା, ଦର୍ପଣ, କାଚ, ମୁଦି, କାନଫୁଲ ଝିଅର ପୁରା ସାଜ ସରଞ୍ଜାମ ଦେଇଛି । ଏକାଥରକେ ବେଙ୍ଗ ଆଉ ବେଙ୍ଗ ନୁହେଁ ବେଙ୍ଗ ରାଣୀ ବନିଯାଇଛି ।

ଗାଧୋଇ ପାଧୋଇ ମକର ଡୁବ ମାରି ନୂଆ ଶାଢ଼ୀ ଗହଣାଗାଣ୍ଠି ଲଗାଇ ପାହନ୍ତର ମୁହଁରେ ବୋଲି ଯେତେବେଳେ ତେନ୍ତୁଳି ମୂଳର ଠାକୁରାଣୀଙ୍କ ଜୁହାର କରି ମାଆ ଆଗରେ ଠିଆ ହେଲା, ବେଙ୍ଗ ମାଆ ଦେଖିଲା ତା ଝିଅ କେତେ ଶୀଘ୍ର ଅବିକଳ ତାରି ପରି ଦିଶୁଛି । ଆଖି ନଳି ଯାଇଛି, ମୁହଁ ଲାଲ ଦିଶୁଛି । ବେଙ୍ଗ ମାଆ ଆଗରେ ଛିଡ଼ା ହୋଇ ଠିକ୍ କରି ପାରିଲାନି ତାକୁ କୁଣ୍ଢାଇବ ନା ଠୋ କରି ଛେପୁଡ଼ାଟାଏ ପକାଇବ ।

ଯଥା ସମୟରେ ଜାନ୍ତ୍ରକାସ୍ତ ମକର ଆସିଲା, ଚାଲିଗଲା । ଛାଡ଼ି ଦେଇଗଲା ଧୂଷୂରିଆ ସାହିରେ ଗୋଟିଏ ଶ୍ରେଷ୍ଠ ତାରକା ଯାହା ପ୍ରତିଦିନ ସଞ୍ଜରେ ଉଦୟ ହୋଇ ପଥହରାଙ୍କୁ ମୁକ୍ତିପଥ ଦେଖାଇବ ଆଗାମୀ ମକର ମାନଙ୍କରେ, ଯିମିତି ଦିନେ ପୂର୍ବର ପଣ୍ଡିତମାନଙ୍କୁ ତାରାଟିଏ ବେଥ୍ଲେହମର କୁଡ଼ିଆକୁ ବାଟ ଦେଖାଇଥିଲା ।

●

Digitized by srujanika@gmail.com

# ଆକାଶୀ ଫୁଲ

"ରହ, ରହ !" କହି ଯିମିତି ମୁଁ ସାଇକେଲରୁ ହଠାତ୍ ଓହ୍ଲାଇ ପଡ଼ିଛି ସିମିତି ଷ୍ଟେଡେନ୍ ଜୋରରେ ବ୍ରେକ୍ ଦେଇ ଛିଡ଼ା ହୋଇଗଲା, ଗୋଟାଏ ଲମ୍ବା ଗୋଡ଼କୁ ପିଚୁ ରାସ୍ତାରେ, ଅନ୍ୟଟାକୁ ପୋଲ ଉପରେ ରଖି । କଟମଟ ମୋ ଆଡ଼କୁ ଚାହିଁ ବିରକ୍ତି ସ୍ୱରରେ ଚିତ୍କାର କଲା କଣ ମ ଏମିତି ପ୍ରତି ଦଶ ହାତରେ ଛିଡ଼ା ହୋଇ ଯାଉଛୁ, ପ୍ରତି ପନ୍ଦର କୋଡ଼ିଏ ହାତରେ 'ଦେଖ୍ ଦେଖ୍' 'ରହ ରହ' ହେଉଛୁ ! ଏଠି ଫେର୍ ଦେଖିବାର କଣ ଅଛି ?

'କଣ ଦେଖିବାର ଅଛି ! ତୋତେ ଭଗବାନ ଆଖି ଦିଇଟା ଦେଇନାହାନ୍ତି କିରେ ? ଅନ୍ଧକୁ ଯାହା ଦିଶନ୍ତା, ତତେ କେମିତି ଦିଶୁନି !' କହି ମୋ ଆଖି ଦିଟାକୁ ସୂଚନାତ୍ମକ ଭଙ୍ଗୀରେ କଳା ପିଚୁ ରାସ୍ତାଟା ଉପରେ ଧୀରେ ଧୀରେ ବୁଲାଇ ଆଣିଲି ଯିମିତି ମୋ ଆଖିର ଭଙ୍ଗୀ ଓ ଗତି ଅନୁସରଣ କରି ସେ ଦେଖି ପାରିବ ମୁଁ ଯାହା ତାକୁ ଦେଖାଇବାକୁ ଚାହୁଁଛି ।'

ପାଲିସ୍ କରା କଳା ଯୋତା ପରି ଚକ୍ ଚକ୍ ରାସ୍ତା ଉପରେ ଗୁଡ଼ାଏ ଫୁଲ ବିଛୁଇ ହୋଇ ପଡ଼ିଛି; ଶିଶୁକାଠର ପଲଙ୍କ ଉପରେ ଶୁଭ୍ର ଆସ୍ତରଣ ପରି । ଶେଷ ଶରତର ସକାଳୁଆ ସୂର୍ଯ୍ୟ ଏଇ ଦିଣ୍ଡେ ହେଲା ଉଠିଛି, କାକର ଟୋପା ଗୁଡ଼ାକ ଘାସ ଅଗରେ ନାକର ଗୁଣା ପରି ଝୁଲୁଛି । ହେଲେ ଗଛତଳର ଏଇ ଫୁଲଗୁଡ଼ାକ ଉପରେ ପଡ଼ିନି । ତାଜା, ଅମଳିନ, ବୈପରିତ୍ୟରେ ଶୁଭ୍ରତର । ମହକରେ ଝଟେ ଭଲକା ଭରପୂର, ନାକ ପ୍ରାୟ ବନ୍ଦ ହୋଇଯାଉଛି । ସାଧାରଣତ ବିଶେଷତଃ ସକାଳର ଘଣ୍ଟାଟିଏ ସେମାନେ ସ୍ୱର୍ଗରୁ ତଳକୁ ଆସୁଛନ୍ତି, ଭଗବାନଙ୍କ ଆଶୀର୍ବାଦ ପରି ତଳର ଘନ କାଳିମାମୟ ଦୁନିଆକୁ । ପ୍ରକୃତିରାଣୀ ଯିମିତି ନିଜକୁ ନିଃଶେଷ କରିଦେଇ ଆଶ୍ରୟ ଖୋଜୁଛି । ଲମ୍ବା ଲମ୍ବା ଡେମ୍ପ ଅଗରେ ସୁଦୂରର ଟିକି ତାରା ପରି ପାଞ୍ଚପାଖୁଡ଼ିଆ ଫୁଲଟି ଲାଗି ରହିଛି, ସାନ୍ତାଳ ଯୁବତୀର ଟେଣ୍ଡଫଳ ପରି ଜୁଡ଼ାରେ ରୂପାକାଠିର ଝୁମ୍ପୁଣିଆ ଝୁମ୍ପା ପରି ।

Digitized by srujanika@gmail.com

'ଦେଖିଲୁ ? କଣ ଦେଖାଇବାକୁ ଯାଉଁଥିଲୁ; ଗୁଣ୍ଡା ଗୋଟେ···'

ଉତ୍ତର ଦେଇ ଶୁଭେନ୍ଦୁ କହିଲା, 'ଏଠି କଣ ଦେଖିବାର ଅଛି ? ତୋର ଆଜି ପଢ଼ାପଢ଼ି, ବଜାର ସଉଦା, କାମଦାମ କିଛି ନାହିଁ କିରେ ? ତୋର ମଥା ବିଗିଡ଼ି ଗଲାଣି । କବିତା ଫବିତା ଲେଖିଲେ ପଢ଼ିଲେ ଏମିତି ପାଗଳାମି ବାହାରେ । ଯେଉଁଠି ସେଇଠି ଖାଲି 'ରହ ରହ' 'ଦେଖ୍, ଦେଖ୍ 'ଶୁଣ ଶୁଣ' । ମୋର 'ମୁଡ୍' ଖରାପକୁ ତୋର 'ଜୋକ୍' ଲାଗୁଛି ।'

ପ୍ରକୃତରେ ଶୁଭେନ୍ଦୁର 'ମୁଡ୍' ଭୀଷଣ ଖରାପ ଆଜି ସକାଳେ । ଭୋର୍ ସକାଳେ ଆସି ମୋ ଘରେ ସାଇକେଲ୍‌ରେ ହାଜର ରାତିସାରାକ ଅନିଦ୍ରାର ଲକ୍ଷଣ ନେଇ । ଆଖିଯୋଡ଼ାକ ଫୁଲା ଫୁଲା, ଜ୍ୟୋତିହୀନ । ଚୂଳଗୁଡ଼ାକ ଅସଂଯତ । ଯିମିତି କିଏ ସେଗୁଡ଼ାକୁ ଜାବୁଡ଼ି ଧରି ସାନ ପିଲାକୁ ବାଡ଼େଇଲା ପରି ତାକୁ ଝିଙ୍କୁକ ଟାଙ୍କେ ଛେଚିଛି ।

ମୁଁ ତାକୁ ଦେଖିଲା ମାତ୍ରେ ଜାଣିପାରିଲି ପୁଣି କିଛି ଗଡ଼ବଡ଼ ହୋଇ ଯାଇଛି ଶୁଭ୍ରା ସାଙ୍ଗରେ; ଦାମ୍ପତ୍ୟ କଳହର ବହ୍ୱାଡ଼ମ୍ବର ରୂପ ।

ହ ସେଦିନ ଆଗେ ତାଙ୍କ ଘରକୁ ଯାଇଥିଲି ସଙ୍ଖୋଳିବା ପାଇଁ ।

ଏବେ ଏବେ ଯାଜପୁରରୁ ବଦଳି ହୋଇ ଫକୀରମୋହନକୁ ଆସିଛନ୍ତି । ଦୁହିଁଙ୍କ ଚେହେରାରେ ଆଦୌ ପରିବର୍ତ୍ତନ ନାହିଁ । ବରଂ ଅଧିକ ସୁନ୍ଦର ଦିଶୁଛନ୍ତି । ଛୁଆ ପିଲା ହୋଇନି, ହେବାର ଲକ୍ଷଣ ବି ନାହିଁ । ଦୁଇଟା ପ୍ରାଣୀ, ଭଉ, ଜ, ସି ସ୍କେଲ୍, ଦୁହିଁଙ୍କ ବାପଙ୍କ ସମ୍ପତ୍ତି କଥା ଛାଡ଼ । ଏଠି ଭଲ ଘରଟିଏ ପାଇଛନ୍ତି । ସବୁ ତ ଠିକ୍ ଅଛି, ଏମିତି ଖିଚିରି ମିଚିରି ହେଉଛନ୍ତି କାହିଁକି ? ସେଦିନ ବେଶୀ ସମୟ ତାଙ୍କ ଘରେ ନ ରହି ଚାଲି ଆସିଲି । ଜୀବନଯାପନ ବ୍ୟଗଅଡ଼େ ଲୁଚି ହୋଇ ପଡ଼ିଥିଲା ।

ଏ ହ'ଟାକୁ ଏକାଠି କରିବାରେ ମୋର କର୍ତ୍ତୃତ୍ୱ ଥିଲା, କର୍ତ୍ତୃତ୍ୱ କାହିଁକି, ସ୍ୱାର୍ଥତ୍ୟାଗ ମଧ୍ୟ । ମୁଁ ନିଜେ ଶୁଭ୍ରାକୁ ମୋର କରି ପାରିଥାନ୍ତି । ସେ ମୋତେ ନେବାରେ ଆପତ୍ତି ହୁଏତ କରି ନଥାନ୍ତା । ଛଅ ବର୍ଷ ଧରି ଏକା ସାଙ୍ଗରେ ପଢ଼ିଛୁଁ ମୋର ତାର ବି: ଏ: ରେ ଏକା ଏକା ସବ୍‌ଜେକ୍ଟ । ଏମ୍:ଏ:ରେ ତାର ସଂସ୍କୃତ, ମୋର ଇଂରାଜୀ । ଆମେ ଦୁହେଁ ବ୍ରାଇଟ ଷ୍ଟାର ସନେଟ୍, ଲୁଷ୍ଟ ଘଇଡ୍ ଟୁରେଡାର, ଲୁସି କବିତାଗୁଚ୍ଛ, ଯିମିତି ଉପଭୋଗ କରିଛୁଁ, ସିମିତି ଅଭିଜ୍ଞାନ ଶକୁନ୍ତଳମ୍‌ର ବଛା ବଛା ଶ୍ଳୋକ, କୁମାର ସମ୍ଭବର 'ଚଞ୍ଚଳବାଳା' ମେଘଦୂତର 'ଜ୍ଞାତସ୍ୱାଦୁ' ପଂକ୍ତି କେତେ ପଢ଼ିଛୁଁ । ସୁର୍ ଧରି ଗାଇଛୁଁ । କିନ୍ତୁ ଭଲପାଇବାକୁ

Digitized by srujanika@gmail.com

ଆମେ ପ୍ରେମ ସ୍ତରକୁ ନେଇ ପାରି ନାହୁଁ, ବର୍ଷ ବର୍ଷ ଧରି କଲେଜ ପଢ଼ିଆରେ ପାଞ୍ଚ୍ ଟାରୁ ଛଅଟା ଏକାଠି ବସୁଥିଲେ ମଧ୍ୟ ଚନ୍ଦ୍ରିକା ବିଧୌତ ରଜନୀରେ । କିନ୍ତୁ ଆମର ଅସମାନତା ଅନେକ । ମୁଁ ଆଇନାରେ ନିଜ ମୁହଁ ଦେଖିଛି । ଚୂଳ ଠିଆ ଠିଆ, ଓଷ୍ଠ କରଡ଼ା, ଅଖି ଚଳକିଆ, ଦାନ୍ତ ବାହାରିଆ, ଗାଲ ଠୋକିଆ । ଦେହର ରଙ୍ଗ କଳା । ଶୁଭ୍ରା ପରି ସୁନ୍ଦରୀ ସହିତ ଯୋଡ଼ି ହୋଇ ମୁଁ ଥିଏଟ୍ରେ ବା ଇଦ ଅମିନ୍ ପାର୍ଟ କରିବାକୁ ବାହାରିଲି ନାହିଁ । ନିଜକୁ ଫେରାଇ ଆଣିଲି ।

ମଝିରେ ମଝିରେ ମୁଁ ଶୁଭେନ୍ଦୁକୁ ନେଇ ଶୁଭ୍ରା ପାଖକୁ ଯାଏଁ । ଶୁଭେନ୍ଦୁ ମୋ କ୍ଲାସମେଟ୍, ରୁମ୍ ମେଟ୍, ମଶାରୀ ଧୋବା ଘରକୁ ଯାଇଥିଲେ ବେଡ୍‌ମେଟ୍ ମଧ୍ୟ । ହେଲେ ତା ର ସବଜେକ୍ଟ ଆମଠୁ ଏକାବେଳକେ ଅଲଗା । ବି. ଏ. ରେ ହିଷ୍ଟ୍ରି ଇକନମିକ୍ସ ଅନର୍ସ; ଏମ୍. ଏ. ରେ ଇକନମିକ୍ସ । ଖାଲି ଡିମାଣ୍ଡ ସପ୍ଲାଇ ଡିମିନିସିଂ ରିଟର୍ଣ୍ଣ, ପ୍ରାଇସ୍ ଇନ୍‌ଡେକ୍ସ, ଇନ୍‌ଫ୍ଲେସନ, ଡିଭେଲ୍ୟୁଏସନ, ଗୋଲ୍ଡ ଷ୍ଟାଣ୍ଡାର୍ଡ, ଆଉ ଫିକ୍ସଡ଼ ଡିପୋଜିଟ୍ । ଆମ ବିଷୟଗୁଡ଼ାକର ପୁରାପୁରି ଓଲଟା; ବିରୋଧୀ ମଧ୍ୟ ।

ହେଲେ ଚେହେରାରେ ଶୁଭେନ୍ଦୁ ରାଜପୁତ୍ର, ଶୁଭ୍ରା ରାଜକନ୍ୟା । ମୁଁ ବିଦୂଷକ । ସେମାନଙ୍କ ବିସ୍ତୃତ ରୂପବର୍ଣ୍ଣନା ନକରି ଖାଲି ଏତିକି କହିଲେ ଯଥେଷ୍ଟ ହେବ ଯେ ଯେକୌଣସି ସିଗାରେଟ୍ କମ୍ପାନୀ ବା ଲୁଗା ବ୍ୟବସାୟୀ ଦୁହିଁଙ୍କ ଛବି ଛାପି 'ମେଡ୍ ଫର ଇଚ୍ ଅଦର୍' ତଳେ ଲେଖିଦେଇ ପାରନ୍ତି । ଯଦିଓ ବିଜ୍ଞାପନ ଶେଷରେ ଇନ୍‌ଜୁରିଅସ୍ ଶବ୍ଦଟା ଥିବ ।

ଭାଗ୍ୟବାନ୍ ଭାଗ୍ୟବତୀ ଦୁହେଁ । ଦୁହେଁ ଯାକ ଫାଷ୍ଟ କ୍ଲାସ । ଦୁହେଁ ଏକାବେଳକେ ଏଡ଼ହକ୍ ନିଯୁକ୍ତି ପାଇଲେ ଏବଂ ଦୁହେଁଯାକ ପି. ଏସ୍. ସି. ରେ ସଫଳ ହୋଇ ଏକା ସ୍ଥାନରେ ଯାଜପୁରରେ ଅବସ୍ଥାପିତ ହେଲେ । ମୁଁ ଫକୀର-ମୋହନରେ ଫୁଲ୍, କ୍ଲାଉନ୍ ପାର୍ଟ କରିବାରେ ଲାଗିଲି ।

ହେଲେ ମୋର ଭୟ ହେଉଥିଲା ଦୁହେଁ ସର୍ବତୋଭାବେ ସମାନ ହେବେ କି ନାହିଁ । ଜ୍ୟାମିତି କ୍ଷେତ୍ରରେ ସିନା ବାହୁ ବାହୁ ସହିତ ସମାନ ନହେଲେ, କୋଣ କୋଣ ସହିତ ସମାନ ହେଲେ ତ୍ରିଭୁଜଦ୍ୱୟ ସମାନ ହୁଅନ୍ତି । କିନ୍ତୁ ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ରେଖା କୋଣ କର୍ଣ୍ଣ ପରସ୍ପର ସମାନ ହେଲେ ମଧ୍ୟ ଯଦି ରୁଚି ଅମେଳ ହୁଏ ତେବେ ଦୁହେଁ ସମାନ୍ତରାଳ ରେଖା ପରି ଦିଗ୍‌ବଳୟରେ ଏକ ଦିଶୁଥିଲେ ବି ସେମାନଙ୍କ ପାର୍ଥକ୍ୟ ଓ ବ୍ୟବଧାନ ନିକଟରେ ବଢ଼ିବାର ଲାଗିଥିବ ।

Digitized by srujanika@gmail.com

ଆଜି ଘଣ୍ଟାଏ ଆଗରୁ ମାତ୍ର ଅନ୍ଧାର ଭେଦ କରି ତିମିର ବିହ୍ୱଳିତ ଓ ବିଚଳିତ ଅବସ୍ଥାରେ ଶୁଭେନ୍ଦୁ ଆସି ମୋ 'ବେଚେଲର୍ସ ଡେନ୍'ରେ ପହଞ୍ଚିଲା ମୁଁ କ୍ଷଣକେ ବୁଝିଗଲି କିଛି ଜଟିଳ ସମସ୍ୟାର ସମାଧାନ ସେ ଖୋଜିବ, ତା'ର ଆବାଲ୍ୟ ବନ୍ଧୁ ପାଖରୁ । ମାଇକାକର ପଡ଼ିଥିଲେ ବି ତା ଦେହରୁ ଝାଳ ବହୁଥାଏ । ମୁଁ ଧୂଳି କମ୍ ଫୁ କରିବା ପାଇଁ ସିମିଗ ପ୍ରସ୍ତୁତ ଆରମ୍ଭ କରିଛି ସେ ଆସବାବପତ୍ରବିହୀନ ମୋର ତଥାକଥିତ ବେଡ଼୍ ରୁମ୍‌ରେ ବସିଯାଇ ଆରମ୍ଭ କଲି ତା କାହାଣୀ । ମୁଁ ଟେବୁଲ ପଙ୍ଖାଟା ତା ଆଡ଼କୁ ମୁହାଁଇ ଛାଡ଼ିଦେଲି ।

ହଠାତ୍ ଆରମ୍ଭ କଲା ମୋ ହାତ ଧରି, ମୁଁ ଆତ୍ମହତ୍ୟା କରିବାକୁ ଯାଉଛି, ତତେ କହିଦେଇ ଗଲି, ନହେଲେ ଦେଖି ଦଉଡ଼ି ।" କହି ପକେଟରୁ ପ୍ଲାଷ୍ଟିକ ଦଉଡ଼ି ଦ ଗୁଣ ହାତ ବାହାର କଲା ।

"ଦଣ୍ଡେ ରହ । ଗ୍ଲୁକୋଜ ଖାଆ । ଦଉଡ଼ି ଦେଇ ମରିବୁ ତ ? ବେଶ୍, ସାଇକେଲ୍‌ରେ ଦୁହେଁ ଯିବା । ମୁଁ ଭଲ ଗଛ ଗୋଟାଏ ଦେଖାଇ ଦେବି, ତୋ ଘରକେ ଯାହାର ଡାଳ ଭାଙ୍ଗିବ ନାହିଁ । ପାଗଳ ନା କଣ !"

ଫଣୀ ଟିକେ କହିଲା, "ତୋତେ ଥଟ୍ଟା ଲାଗୁଛି । ଜୀବନମରଣ ସମସ୍ୟା । ବଙ୍କ ପାଗଳୀ ଗୋଟାକ ସାଙ୍ଗରେ ବାନ୍ଧି ଦେଇ......କହୁଛି କରସିମା ଦେହରେ ଡାଳି ହୋଇ ପୋଡ଼ି ମରିବ ।"

'ତୁ ଘରେ କାରସିନ କାହିଁକି ରଖିଛୁ ଯେ...'

ସେ ଧଡ଼ପଡ଼ ହୋଇ ଉଠି ବସିଲା । କହିଲା 'ମୁଁ ଯାଉଛି' ।

ହାକମାତ ଗଳାରେ କହିଲି 'ବସ୍ ବସ୍ ! ଏତେ ଶୀଘ୍ର ମର୍ ନା ।' ଢେର ଢେର ବେଳଗାର ହେବ । ଅର୍ଡ଼ିଂ ଓ୍ୱାଇଫ୍ । ନର୍ଟରେ ମର୍ଟରେ ଟିକେ ସମ୍ଭାଳି ଯାଆ । ଶ୍ୱଶୁରର ଟଙ୍କାକୁ ଆଖି ରଖିବାବେଳେ ତା ମୁହଁକୁ ଚାହିଁ ଦେଉଥିଲୁ । ଆତ୍ମହତ୍ୟା କଥା ଭୁଲିଯିବୁ । ସାମାନ୍ୟ ଟିକେ ଏଡ଼ଜାଷ୍ଟ୍ କରିପାରିବୁ ନାହିଁ ?"

'ଢେର କଲିଣି । ଆଜି ବଡ଼ଭୋରର ସକାଳ କଥା ଶୁଣ୍ । ସେଦିନ ତ ଯାଇଥିଲୁ, ଆମ ଘରର ଅବସ୍ଥା ଦେଖିଥିବୁ । ଜିନିଷପତ୍ର ଚାରିଆଡ଼େ ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ତା ସାଙ୍ଗକୁ ଗୋଟାଏ କଙ୍କାଳ । ମୁଁ ମନା କଲି ଏଗୁଡ଼ାକୁ ଆଣିବାକୁ । ଗଛ ଲଏ ନା ସିଜ୍, ଫୋଟନ୍, ଅର୍କିଡ଼୍, ଫର୍ଣ୍ଣ, ବୋଗେନଭିଲା, ଆହୁରି କେତେ କଣ । କେତେ କେତେ ନୂଆ ଗଛପତ୍ରର ପାର୍ସଲ ମଧ୍ୟ ଆସୁଛି । ଘରର ବ୍ୟବହାରିକର କେହି ନାହିଁ । ଗଛ ଟବ୍ ସବୁ ଛାତ ଉପରକୁ

Digitized by srujanika@gmail.com

ଯିବ । ସେ ନିଜେ ପାଣି ଦେବ । ଶକୁନ୍ତଳା ଲୁଆଡ଼େ ନିଜେ ଘଟସ୍ତନରେ ପାଣି ଦେଉଥିଲେ । ଟ୍ରକରେ ସ୍ୱରଟା ଟିକ୍ ଖୁଜିଗଲା । ପ୍ରତିଦିନ ସକାଳେ କହୁଛୁ କୃଷ୍ଣ ଆଣ । ମୋର ଯେତେ ବନ୍ଧୁପକ୍ଷ ସବୁ କିଏ କେଉଁଠି ଧୂଳିମଳି ଭିତରେ ପଡ଼ିଛନ୍ତି ତାର ଠିକଣା ନାହିଁ । ଫୁଲ୍ ଟିକ୍ ତାଙ୍କର, ବନ୍ଧୁପକ୍ଷ ମୋର; ଏମିତି ସମ୍ପତ୍ତି ଭାଗ ଭାଗ ହୋଇଛୁ ଆମର । ଯେକ୍ସ ଲାଇଫ୍ ଆଫ୍ଟର ପେଥେଟିକ୍ । ଥଣ୍ଡାଳିଆ ସକାଳରେ ଲୁଦର ଘୋଡ଼ାଘାଡ଼ି ହୋଇ ସ୍ୱାମୀ ପାଖରେ ଦଣ୍ଡେ ଶୁଅ । ନା, ସେ ଗଛରେ ପାଣି ଢାଳିବେ ସ୍ତୁତିକୁ ଯାଇ, ସ୍ନାନ କରିବେ; ପ୍ରଣୟବଲ୍ଲରୀ, ଶେଫାଳି ପ୍ରତି ପଢ଼ିବେ, ନହେଲେ ଗୁଣୁଗୁଣୁ ସିନେମା ଗୀତ । ଜୀବନଟା ମାଟି ହୋଇଗଲା ତୋର ଯୋଗୁଁ । ଆତ୍ମହତ୍ୟା ମୋତେ ମୁକ୍ତି ଦବ । ମୁଁ ଯାଉଛୁ ।'

ଯିବାକୁ ଉଦ୍ୟତ ହୁଅନ୍ତେ ମୁଁ ତାକୁ ଜାବୁଡ଼ି ଧରି ମୋ ଖଟ ଉପରେ ବସାଇଦେଲି ଏବଂ ଗ୍ଲ'ରେ ସାମାନ୍ୟ କଫିଗୁଣ୍ଡ ପକାଇ ପିଇବାକୁ ଦେଲି । କହିଲି "ଶରତ୍ ସକାଳଟା ଆଜି ଖୁବ୍ ବଢ଼ିଆ ହୋଇଛି, ଚାଲ ସାଇକେଲରେ ଟିକେ ବୁଲି ଆସିବା ।"

ବୁଦ୍ଧଦେବ ବ୍ୟାଧି, ଜରା ଓ ମୃତ୍ୟୁର ଦୃଶ୍ୟମାନ ଦେଖି ଗୋପାକୁ ଛାଡ଼ି ସଂସାରବୈରାଗୀ ହୋଇ ନିର୍ବାଣ ସନ୍ଧାନରେ ବାହାରିଥିଲେ । ମୋର ଅଭିପ୍ରାୟ ଆମର ବୁଦ୍ଧୁଦେବଙ୍କୁ ଯୋଡ଼ାଏ ଘଟଣା ସିମିତି ଦୃଶ୍ୟ ଦେଖାଇ କାମନା ଓ ମୋହଗ୍ରସ୍ତ କରି ପରମାସୁନ୍ଦରୀ ବାନ୍ଧବୀ ଗୋପା (ଶୁଭ୍ରା) ଆଡ଼କୁ ଆକୃଷ୍ଟ କରିବ ଯିମିତି ସେ ଆଉ ଶରୀର ବିନାଶ କରିବ ନାହିଁ ।

ତାଲ ପକାଇ ପଛକୁ ବୁଲିଛି ଦେଖିଲି ସୂର୍ଯ୍ୟଦେବ ଦିଗମ୍ବଳ ଭେଦ କରି ଆମ ଆଡ଼କୁ ଅନାଉଛନ୍ତି । ହଠାତ୍ ମୋ ମୁହଁରୁ ବାହାରି ପଡ଼ିଲା ସରସ୍ୱତୀ ନଦୀ ତୀରର ପ୍ରାଚୀନ ଆର୍ଯ୍ୟଋଷିର ଆବାହନୀ ସଙ୍ଗୀତ 'ଜବାକୁସୁମ ସଂକାଶମ୍' ...ପ୍ରଣତୋଽସ୍ମି ଦିବାକରମ୍ ।'

"ଷ୍ଟୁପେଣ୍ଡ୍! ଦେଖ୍ ଦେଖ୍ ।" ସିମିତି ବନ୍ଦୁଛୁ ସେ କହିଲା କ'ଣ ଦେଖିବାର ଅଛି, ନିତିପ୍ରତି ଉଦୟ-ଅସ୍ତ ହେଉଛନ୍ତି, ଏମିତି ମୁରୁମୁରୁ କରି ଗୁହାଏ ହେଉଛୁ ? ପାଗଳା ନା କଣ ? ନାହିଁ ଆତ୍ମହତ୍ୟା କରିବାର ଗଛ ? ଶୁଭ୍ରା ଏତେବେଳକୁ......"

ଦେଖିଲି, ତାର ଗୋଡ଼ ପାଖରେ ଥିବା ରଜନୀଗନ୍ଧାର କେନ୍ଦୁଟା ଗୋଛା, ହାତ ପାଖର ଶ୍ରେଷ୍ଠ ବୃଦାର ଗୁଡ଼ାଏ ଶୁଭ୍ର ଟଗର, ମୁଣ୍ଡକୁ ଲଗିଥିବା ନେହ୍ଲା ପେହ୍ଲା ମଧୁମାଳତୀ ପ୍ରତି ସେ ଭ୍ରୂକ୍ଷେପ ମଧ୍ୟ କଲାନାହିଁ । ଅର୍ଥାତ୍ ପ୍ରକୃତିରାଣୀର ପ୍ରଥମ

Digitized by srujanika@gmail.com

ଦୃଶ୍ୟଟି ତା ମନରେ କୌଣସି ଆକର୍ଷଣ ବା ପ୍ରତିକ୍ରିୟା ସୃଷ୍ଟି କଲନାହିଁ । ମନେ ମନେ ଭାବିଲି 'ଏଇଟା ଗୋଟାଏ କାଠ ନହେଲେ ପଶୁ' । କହିଲି, "ଶୁଭ୍ରା କଥା କାହିଁକି ଭାବୁଛୁ ଆଉ ? ସେତ ଗଲେଣି, ଭୁଲି ଯାଇଛୁ ?"

ସାଇକେଲ ଚଢ଼ି ଦୁହେଁ ଅଗେଇଲୁଁ । ବାଁପାଖରେ କାଦମ୍ବ ଦେବଦାରୁ ଧାଡ଼ି, ତାହାଣରେ ବିଗନ୍‌ଭିଲ୍ଲିଆ ଝାଉଁବଣ । ଗ୍ରହଁ । ଗ୍ରହଁ । !" କହି କହିଲି ଶୁଭ୍ରା ରେଭେନ୍‌ସା କଲେଜ ପଢ଼ୁଆରେ ବସି ଗାଉଥିଲା ଶ୍ଳୋକଟାଏ ଯାହାର ଅର୍ଥ ଏଇ ଯେଉଁ ଦେବଦାରୁ ଦେଖୁଛ ତାହା ବୃଷଭଧ୍ବଜ ପୁଅ ପରି ପାଳିଛନ୍ତି; ମୁଁ ତାକୁ ଯୋଗଦେଇ କହିଥିଲି, କୀଟସ୍ ଏମିତି ଗଛଗୁଡ଼ାକୁ ସବୁଜ ପୋଷାକ ପିନ୍ଧିଥିବା ସିନେଟର୍ ବୋଲି କହିଛନ୍ତି ।"

ଶୁଭେନ୍ଦୁ ତାଚ୍ଛଲ୍ୟଭରା ଅଧା ହସଟିଏ ଦେଇ କହିଲା "ସବୁ ପାଗଳଙ୍କ ଦଳ, ସମସ୍ତ ଚନ୍ଦ୍ରା ଏକାପରି, ସମାଜରେ ତାଙ୍କ ସ୍ଥାନ ନାହିଁ । କାମଦାମ କିଛି ନଥିଲେ ଲୋକ ଏମିତି ହୁଅନ୍ତି ।"

ଏଥର ଆମ ଦୁଇପାଖରେ ପଡ଼ିଲା ଲମ୍ବ‌ଧାନ କ୍ଷେତ । କ୍ଷୀର ଖାଇ ଧାନକେଣ୍ଡା ସବୁ ଦାଆ ପରି ତଳକୁ ନଇଁଛନ୍ତି, ଗୋଟିଏ ଗୋଟିଏ ପତ୍ର ଉପରକୁ ବର୍ଛାପରି ଛିଡ଼ା ହୋଇଛନ୍ତି । ସେଗୁଡ଼ାକ ବର୍ଗାକାରରେ ସଜ୍ଜିତ ସିମିତି । ଶିଶିର ବିନ୍ଦୁସବୁ ନୂଆ ସୂର୍ଯ୍ୟାଲୋକରେ କାନଗୁଡ଼ାକରେ ମୁକ୍ତା ପରି ଜଳୁଛି, ନାକର ଗୁଣାପରି ।

ଆଗରୁ ମୁଁ କଣ କହିବ ଜାଣିପାରି ଶୁଭେନ୍ଦୁ ତାଚ୍ଛଲ୍ୟଭରା କଣ୍ଠରେ କହିଲା "ଏଠି ବି କଣ ଅଟକିବା ? ଧାନକ୍ଷେତ ବିଷୟରେ କେଉଁ କବି କଣ କହିଛନ୍ତି ଶୁଣା ଏଥର ।" "ଭାବୁଛୁ ଏ ବର୍ଷ ଏ ରୋଗ ଗଛରୁ କେତେ ଇଲ୍‌ଡ଼୍ ହେବ ?

ମୁଁ ମନେ ମନେ ଖୁସୀ ହେଲି ଯେ ଶୁଭେନ୍ଦୁର କିଛି କିଛି ଅଗ୍ରଗତି ହେବାର ଲକ୍ଷଣ ଦେଖାଯାଉଛି । ଅନ୍ତତଃ ସେ ଜାଣି ପାରୁଛି କେଉଁଠି କଣ ଦେଖିବା ଦୃଶ୍ୟ ରହିଛି ଏବଂ ମୋର କେଉଁଠି କବିତାର ସ୍ଵର ଫୁଟିବା ଉଚିତ ।

ଆଉ ଖଣ୍ଡେ ଦୂର ପରେ ସେଇଠି ପହଞ୍ଚିଲୁ ଯେଉଁଠି ପିତ ବସ୍ତ୍ରରେ ଧଳା ଫୁଲଗୁଡ଼ିକ ବୁଣି ହୋଇ ପଡ଼ିଥିଲା । ସେ ଯେମିତି ଫୁଲଗୁଡ଼ାକ ଉପରେ ସାଇକେଲ ଚଲାଇଛି ମୁଁ ତାକୁ ଅଟକାଇ ଦେଇ ରହ ରହ କହିଲି । ମୋର ଆଖିର ଇଙ୍ଗିତ ବୁଝି ନ ପାରି ତଳର ଘଷି ଘଷି ପ୍ରସ୍ଫୁଟିତ ଫୁଲଗୁଡ଼ାକ ଦେଖି ନ ଦେଖିଲା ପରି ହେବାରୁ ମୁଁ ତା ପାଖକୁ ଉଢ଼ିଯାଇ କାନ୍ଧରେ ହାତ ରଖି କହିଲି 'ଉପରକୁ ଚାହଁ ।' ଦୁହେଁ ଚାହିଁଲୁ । ଦୁଇ ପାଖରେ ଯୋଡ଼ାଏ ପାଠିଏ ସବୁଆ ହାତର

Digitized by srujanika@gmail.com

ବାଉଁଶ ଝାଡ଼କୁ ଅତିକ୍ରମ କରି ଲମ୍ବା ଗଛଟା ଉପରକୁ ଉଠିଛି ଆଲୋକର ସନ୍ଧାନରେ । ଦୀର୍ଘ ବୃଷ୍ଟିମାସ ଧରି ବର୍ଷାର ଆର୍ଦ୍ରତା, ସବୁଜିମା ପତ୍ରରେ ସଂଗ୍ରହ କରି ଅଦୂରର କାଶତଣ୍ଡୀ ଫୁଲର ଶୁଭ୍ରତାକୁ ସ୍ପର୍ଦ୍ଧିତ କରିଛି ଅପର୍ଯ୍ୟାପ୍ତ ଶ୍ୱେତ ପୁଷ୍ପରାଶିରେ । ଖଣ୍ଡେ ଦୂରରୁ ଧଳାମେଘ ପରି ଦିଶୁଛି । ନୀଳମେଘର ପୃଷ୍ଠପଟରେ ଝୁଡ଼ି ଝୁଡ଼ି ଫୁଲ, କଢ଼ର ପେନ୍ଥାସବୁ ଗଛର ପ୍ରତ୍ୟେକଟି ଡାଳକୁ ତଳକୁ ଓହଳାଇ ଦେଇଛନ୍ତି ଯିମିତି ଆଉ ଗୋଟାଏ ଫୁଲର ଭାର ସମ୍ଭାଳି ପାରିବେ ନାହିଁ । ଭାବ-ରାଶିରେ ପରିପୂର୍ଣ୍ଣ କବି କଳ୍ପନାର ସଫଳ ପରିପ୍ରକାଶ କରି ଯେପରି ଗର୍ବିତ ହୋଇ ଦଣ୍ଡାୟମାନ ।

ଆପାତତଃ ଆତ୍ମହତ୍ୟାର ଝୁଙ୍କି ଭୁଲିଯାଇ ଅସ୍ପଷ୍ଟ ସ୍ୱରରେ ଶୁଭେନ୍ଦୁ କହିଲା 'ଶେଫାଳି ।'

ମୁଁ ବିରକ୍ତ ହୋଇ କହିଲି "ଡେଫୋଡ଼ିଲ" ହୋଇଥିବ । "କଲେଜ ଜୀବନରୁ ତ ତୁ ଯୋଡ଼ାଏ ଫୁଲକୁ ଚିହ୍ନି ପଢ଼ାବନ୍ଦ କରିଥାରେ 'ଶେଫାଳି' ନହେଲେ 'ଡେଫୋଡ଼ିଲ ।' ଆଉ ଫୁଲ ନାହିଁ ?" ମୋର ଆଖି ନିବଦ୍ଧ ଥାଏ ଧୀରେ ଧୀରେ ସକାଳ ପବନରେ ଉପରେ ଦୋହଲୁଥିବା ଫୁଲଝୁଙ୍କା ଓ ଝୁଙ୍କୁଡ଼ା ଉପରେ । ବହୁଳିଆ ମହକ ଭିତରେ ମୁଁ ବୁଡ଼ିରହିଥାଏ, ବର୍ଣ୍ଣାଢ୍ୟ ଶୋଭା ଓ ଚମତ୍କାର ମହକରେ ମନ୍ତ୍ରମୁଗ୍ଧ ପରି ।

"ଶେଫାଳି ନୁହେଁ ? ଏଗୁଡ଼ାକ ତେବେ ବଣୁଆଁ ଫୁଲ ।"

"ବଣୁଆଁ ସତ; ନହେଲେ ହାର ନାଆଁ ସୀତାହାର କାହିଁକି ହୁଅନ୍ତା ? ସୀତାହାର ଫୁଲ ତୁ ଚିହ୍ନିନୁ ? ତୁ ପ୍ରକୃତରେ ବଣୁଆଁ ।"

"ହାର ନାଆଁ ଇମିତି କାହିଁକି ? ସୀତା କଣ ହାର କରିଥିଲେ ଏ ଫୁଲକୁ ।"

"ସୀତା କାହିଁକି କରନ୍ତେ । ରାମ ଲକ୍ଷ୍ମଣ ହାର କରି ସୀତାଙ୍କୁ ପଞ୍ଚବଟୀ ବଣରେ ଦେଉଥିଲେ ।"

ନଇଁପଡ଼ି ମୁଁ ଅନ୍ୱେଷଣରେ ଗୋଛାଏ ଫୁଲ ସଂଗ୍ରହ କରୁଥାଏଁ ଏବଂ କହୁଥାଏ 'ଦିହଙ୍କ କାମ କଣ ଥିଲା ଯେ ମଣିବା ପଢ଼ାଇବା କାମ ତ ନଥିଲା— ଦିଟା ଗୋଟେ ହରିଣ ବା ରାକ୍ଷସ ଜମିପକେ ମାରି ଦେଇ ଗୁଡ଼ାଏ ଫୁଲ ଆଣି ପ୍ରତିଯୋଗୀତା କରି ବଛାଇ ଠାକୁରାଣୀଙ୍କ ଜୁଡ଼ାରେ, ବେକରେ, ବାହୁରେ, ହାତରେ, କଟିରେ ବେଣୀ କରି ହାର ସବୁ ପିନ୍ଧାଇ ଦେଉଥିଲେ । ଜଙ୍ଗଲର ଦୁଃଖକଷ୍ଟ ଭୁଲାଇ ଦେଉଥିଲେ ମହାମାନ୍ୟଙ୍କର ଏତିକି ବୁଦ୍ଧି ପାଉନ୍ତୁ ?'

Digitized by srujanika@gmail.com

'ଏଗୁଡ଼ାକ ଜଙ୍ଗଲି ଫୁଲ, ମୁଁ କଣ ଭୁଲ କହିଲି ?'

'ତୁଟା କହୁଛି ପ୍ରୋଜାଇକ୍ । ମୁଁ କହିଲି ସୀତାହାର, କେତେ ପଏଟିକ, ରୋମାଣ୍ଟିକ୍ ନାଆଁ; ତୁ କହୁଛୁ ଜଙ୍ଗଲି ଫୁଲ ।'

ଅପ୍ରତ୍ୟାଶିତ ଭାବରେ ନିଜକୁ ସଂଶୋଧନ କରି ଶୁଭେନ୍ଦୁ କହିଲା 'ବେଶ୍, ଜଙ୍ଗଲି ଫୁଲ ନ ହେଲା ନାହିଁ; ଆକାଶୀ ଫୁଲ ଅକାଶରେ ଥାଏ ।'

ମୁଁ ତେରିପଡ଼ି କହିଲି, ''ବାଃ ବାଃ ଶୁଭେନ୍ଦୁ ! Congratulations ! ଆରେ ତୋର ପଏଟ୍ରି ଅଛି । ଶୁଭ୍ରାର ସମ୍ପର୍କ ସୂତ୍ରକୁ ଜାଗ୍ରତ କରିଛୁ, ଅଭିବୃଦ୍ଧି ବି କରିପାରେ କାଳକ୍ରମେ । ହେଲେ ଆତ୍ମହତ୍ୟା କଥା ଭୁଲିଯା ।

ଏତିକି କହି ଲମ୍ବା ଡ଼ୁବଘାସ କେଉଁଏ ଉପାଡ଼ି ଆଣି ଫୁଲଗୋଛିକ ଯୋଡ଼ିଇ ଶୁଭେନ୍ଦୁର ଛାତି ପକେଟରେ ଗୁଞ୍ଜି ଦେବାକୁ ଯାଉଛି ସେ ଘୁଞ୍ଚିଯାଇ ଚିତ୍କାର କଲା, ''ଏଗୁଡ଼ାକ ମୁଁ କଣ କରିବି ? ଏଇ ଫୁଲ, ଫୁଲ ଚଢ଼ି, ଫୁଲକୁଣ୍ଡ ଲାଗି ଏତେ କଥା ହେଲାଣି । ଫେର୍ ଫୁଲ ! ମୁଁ କଣ କରିବି ଏ ଫୁଲକୁ ନେଇ ?''

''କଣ କରିବୁ ? ଶୁଭ୍ରାକୁ ଦବୁ । ତୋର ସାଂଗାକୁ ଦବୁ; କହିବୁ ଏଥ ସୀତାହାର ଫୁଲ, ଆକାଶୀ ଫୁଲ । ସୀତା ଠାକୁରାଣୀଙ୍କ ଫୁଲ ।''

ମୁଁ ଯିମିତି ଏ କଥା କହୁଛି ତୋ କଥାକୁ ସମର୍ଥନ କରି ଉପରୁ ଏକା ବେଳକେ ତିନି ଚାରିଟା ଫୁଲ ପବନରେ ଘୂରି ଘୂରି ତା ମୁଣ୍ଡରେ ହାତରେ ପଡ଼ିଲା । ମୋତେ ଖୁବ୍ ଖୁସି ଲାଗିଲା ତାର ଗତିପ୍ରକୃତି ଦେଖି । କହିଲି 'ତୁ ସବୁ ଦଉଡ଼ ଦେଇ ମରିବୁ ବୋଲି ଆସିଛୁ । ଗଛ ଖୋଜୁଥିଲୁ, ଦେଖ ସେଠାରୁ ଭଲ ଗଛ ଆଉ ମିଳିବ କେଉଠୁ ? ଯା ଚଢ଼ିଯା । ଝୁଲୁଥିବୁ ଦଉଡ଼ିରେ ଡାଳଫୁଲ ଭିତରେ; ତୋତେ କେହି ଦେଖିପାରିବେ ନାହିଁ, ଶାଗୁଣା ନ ଝୁଡ଼ିଲା ପର୍ଯ୍ୟନ୍ତ । ଧର ଏ ଫୁଲ ଗୋଛିକ, ଧର୍ କହୁଛି, କହି ତା ଛାତି ପକେଟରେ ଯିମିତି ଗୁଞ୍ଜି ଦେଇଛି ସେମିତି ସେ ତଳକୁ ଫୋପାଡ଼ି ଦେଲା ।

ମୁଁ ତା ସାଇଡ୍ ପକେଟରେ ହାତ ମାରି ପ୍ଲାଷ୍ଟିକ ଦଉଡ଼ିଟା କାଢ଼ି ଆଣିଲି ଏବଂ ଯୋଡ଼ା ଫିଟାଇ ଗଛମୂଳକୁ ଫୋପାଡ଼ିଲି । ଉମା ଚିମା ଆଖି କରି କପଟ କ୍ରୋଧରେ କହିଗଲା 'ତୁ ମରିବୁ ? ମରି ଜାଣୁ ? କାଓ୍ୱାର୍ଡ଼, ଅଲଜୁକ, ଟଙ୍କାଥିଲା ଛାଡ଼ି ପାରିବୁ ? ମୁଁ ମରୁଛି ଦେଖ, ତୋ ଭଳି ସାଙ୍ଗକୁ ପାଇ ମୋତେ ଜୀବନ ହାରିବାକୁ ପଡ଼ିବ । ତୁ ଜାଣୁ ମୁଁ ଶୁଭ୍ରାକୁ ଦେଖି ପରି ଭଲ ପାଏଁ, ଜୀବନସାକ ଫୁଲଚନ୍ଦନ ଦେଇ ପୂଜା କରିବି ବୋଲି ପ୍ରତିଜ୍ଞା କରିଛି । ତୁଟା ଗୋଟାଏ

Digitized by srujanika@gmail.com

ଅପଦାର୍ଥ, ନିହାତି ପାର୍ଥିବ, ଅରସିକ, ତୋର ଅଛି ନା ସୌନ୍ଦର୍ଯ୍ୟ ଜ୍ଞାନ, ନା' ଅଛି ସୌନ୍ଦର୍ଯ୍ୟ ପିପାସା । ଅଧଘଣ୍ଟାଏ ହେଲା ତୋତେ ପାଠ ପଢ଼େଇ ପଢ଼େଇ ଥକିଗଲିଣି, ତୁ ଏମିତି ଅଦ୍ରବ୍ୟ ଯେ ମୋର ସବୁ ଚିନ୍ତା ବିଫଳ ହେଲାଣି । ମୋର ବିଶ୍ୱାସ ଯଥାର୍ଥ୍ୟ ନାହିଁ । ଶୁଭ୍ରା ଚୋରି ନେଇ ମାନସିକ ଯନ୍ତ୍ରଣା ଭୋଗୁଥିବ । ନିର୍ଯ୍ୟାତନା ସହୁଥିବ, ମୁଁ ଶୁଣୁଥିବି, ବହୁଥିବି । ବରଂ ସୀତାହାର ଫୁଲପେଣ୍ଡା ଭିତରେ ଝୁଲିରହି କୋଇଲିର ଶେଷ କୁହୁ ଶୁଣି ଶୁଣି ପଟପଟ୍ ଝରିଯିବ ତେବେ—ହେଇ ଦେଖ ଦଉଡ଼ି ।

ହତଭମ୍ବ ହୋଇ ଶୁଭେନ୍ଦୁ କହିଲା, "ହେଲା ବାବା ! ଦେ ଫୁଲଗୋଛି, ତାକୁ ଦେବି, ତୁ ଦେଇଛୁ କହି ।"

"ମୋ ଗୁଣ ପନା, ତୁ ମୋ ନାଆଁ ଧରିବୁ ନାହିଁ; ଟମ୍ ଥମ୍ବ୍ ଭଲପିଲା ପରି ଶୁଭ୍ରା ହାତକୁ ବଢ଼ାଇ ଦବୁ, ପାଶବୁ ଯଦି ଅଳ୍ପ ହସି । କହିବୁ ନିଅ ଏ ସୀତା ହାର ଫୁଲ, ଆକଶୀ ଫୁଲ ।" ଏତିକ କହି ଦଉଡ଼ିଟା ପୋଲ ତଳକୁ ଫିଙ୍ଗି-ଦବାର ଅଭିନୟ କରି ନିଜ ପକେଟରେ ପୁରାଇ ଦେଲି ।

ଯନ୍ତ୍ରଚାଳିତ ପରି ସେ ମୋ ହାତରୁ ଫୁଲତୋଡ଼ା ନେଲା । ସାଇକେଲ ଧରି କହିଲା 'ଆ ଯିବା ଆମ ଘରକୁ ।' ମୁଁ କିନ୍ତୁ ଗଲି ନାହିଁ । ଘରକୁ ଫେରିଲି ଉଲ୍ଲାସ ମନରେ ନିଜକୁ କହି କହି 'ମେଡ୍ ଫର୍ ଇଚ୍ ଅଦାର' ନା 'ଅନ୍‌ମେଡ୍ ଫର୍ ଇଚ୍ ଅଦାର' !

କାର୍ଯ୍ୟାନ୍ତରରେ କେତେଦିନ ବମ୍ବେ ଚାଲିଗଲି । ପନ୍ଦର ଦିନ ପରେ ଫେରି ଆସି ବନ୍ଧୁଙ୍କ ଖବର ବୁଝିବା ପାଇଁ ଭୋର ସକାଳେ ଯାଇଥାଏଁ ସେଇ ଜାଗାରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲି । କଚ୍ଛା ଭିଡ଼ି ସାର୍ଟକୁ ତଳେ ରଖିଦେଇ ଶୁଭେନ୍ଦୁ ସୀତାହାର ଗଛକୁ ଚଢ଼ୁଛି । ମୋର 'ରହ ରହ ଚିତ୍କାର ଶୁଣି ଦାନ୍ତ ନିକୁଡ଼ି ଓହ୍ଲାଇ ଆସିଲା ।

'କରେ ଫେର୍ ଆତ୍ମହତ୍ୟା' ?

ନାଇଁ ଭାଇ !" କହି ହସି ହସି ସେ ଓହ୍ଲାଇ ଆସିଲା । ପାଖକୁ ଆସି କହିଲା 'ସେ ଦୁର୍ଦ୍ଦିନ ଆଉ ନାହିଁ । ତୋତେ ଏତେ କମିଆ ଆସେ । ଶୁଣି ଗାଉଡ଼ି ପଣ ଏ ଆକାଶୀ ଫୁଲର କାମ । ଆମ ବନ୍ଧୁଙ୍କି ବଞ୍ଚାଇ ଦେଲୁ ।"

"ବନ୍ଧୁଙ୍କି ନୁହେଁ, ତୋତେ । ଶୁଭ୍ରାକୁ ବଞ୍ଚାଇବାର କାହାରି ଦରକାର ନାହିଁ, ସେ ନିଜେ ବଞ୍ଚି ଜାଣେ । କିଣ କଥା କହ । ଏତେ ଶୀଘ୍ର ଜୀବନ ପ୍ରତି ବୈରାଗ୍ୟ ଛାଡ଼ିଲୁ କିମିତି ? ଏବେ କିମିତି ଅଛ ?"

Digitized by srujanika@gmail.com

"ଯାହା ଦେଖୁଛ, ଆଉ କମିତ ? ନଗି ଧରି କଣ୍ଟା ଭଡ଼ା ଗଛ ଉପରକୁ ଚଢ଼ୁଛି ଯାହା ପିଲାଦିନେ କରି ନ ଥିଲି । ମୁଁ ଏବେ ପଞ୍ଚବଟୀରେ ରାମ ସାଜିଛି । ପ୍ରତିଦିନ ସକାଳେ ଗୁଣ୍ଡୁଏ ଆକାଶୀଫୁଲ ନେଉଛି, ସୀତାଙ୍କ ବେଣୀବନ୍ଧନ ହେଉଛି । ଏବେ ଫୁଲସବୁ ସରି ଆସିଲଣି, ଗୋଟାଏ ଦୁଇଟା ରହୁଛି, ତେଣୁ ଗଛରେ ଚଢ଼ି ମୋତେ ଡାଳ ସବୁ ହଲାଇ ଫୁଲ ସଂଗ୍ରହ କରିବାକୁ ପଡ଼ୁଛି । ପ୍ରତିଟି ଫୁଲ ମୋ ପକ୍ଷରେ ନୋଟ୍ ପରି ମୂଲ୍ୟବାନ । ଲୋକବାକ ଚଳପ୍ରଚଳ ପୂର୍ବରୁ ଆସି ମୁଁ ଏ କାମ ସାରି ସୂର୍ଯ୍ୟୋଦୟ ବେଳକୁ ଘରକୁ ଫେରୁଛି । ଆକାଶୀ ଫୁଲ ନ ନେଲେ ଶୁଭ୍ରା କପସିନା କୋଳ ହସିବ ଯେ ।"

ଘରେ ପହଞ୍ଚି ମୋତେ ବୋଧହୁଏ ସିଧା ନେଇଗଲା ଛାତ ଉପରକୁ । ବଗିଚାଟା କି ସୁନ୍ଦର ! ଶୁଭେନ୍ଦୁ ମୋତେ ପ୍ରତ୍ୟେକ କୁଣ୍ଡର ଗଛଲତା ସହିତ ଠିକ୍ ପରିଚୟ କରାଇଦେଲା ଯିମିତି ସେ ତାର ବନ୍ଧୁ ବାନ୍ଧବୀ ସହିତ ମୋତେ ଆତ୍ମୀୟତା ଜଣାଇବାକୁ କହୁଛି । କହିବ କିମିତି କୁଣ୍ଡଗୁଡ଼ାକ ଧୁନ୍ଦେ ଭାଗ ଭାଗ କରି ପ୍ରତିଯୋଗିତାରେ ବଢ଼ାଉଛନ୍ତି ।

ତଳକୁ ଯାଉଁ ଯାଉଁ ଦେଖିଲି, ଘରଗୁଡ଼ାକ ସଫାସୁତୁରା, ଚକ୍ ଚକ୍ କରୁଛି ପ୍ରତ୍ୟେକଟି ଜିନିଷ । ତାର ପଢ଼ା ଘରକୁ ପଶିଯାଇ ଆହୁରି ଅଦ୍ଭୁତ କଥା ଦେଖିଲି । ଶୁଭ୍ରା ପିଣ୍ଡି ମାଡ଼ି ବସି ଛିଣ୍ଡା ପୁସ୍ତକସବୁ ଅଠା ଦେଇ ଯୋଡ଼ୁଛି ଓ ପରିଷ୍କାର କାଗଜରେ ବହି ଗୁଡ଼ାକ ପୋଛୁଛି ଶୁଭେନ୍ଦୁର ଆଲମାରିରେ ସାଇତୁଛି ।

ଫୁଲ ଗୁଣ୍ଡୁଡ଼ା ରଖିଦେଇ ଶୁଭେନ୍ଦୁ ଆସିଲା । ଦଣ୍ଡେ ପରେ ଲୁଗା ବଦଳାଇ ଚା କେଟ୍ଲି ଧରି ଶୁଭ୍ରା ହସି ହସି ପଶି ଆସିଲା । ପଚାରିଲା, "ଆପଣ ଚିହ୍ନି ପାରୁଛ ! ଏ ପୁଅ ବଦଳି ଗଲେଣି ।' ଫୁଲଟିଏ ହାତମୁଠାରୁ ବାହାର କରି ପଚାରିଲା 'ଏ କି ଫୁଲ କହିପାରିବ ?'

ମୁଁ ଟିକିଏ ହସି କହିଲି 'ଶେଫାଳି ନହେଲେ ଡେଫୋଡ଼ିଲ ନ ହେଲେ ବଣୁଆ ଫୁଲ ।

ଶୁଭେନ୍ଦୁ ମୋ କଥା ଉପରେ ପଡ଼ି କହିଲା 'ନାଁ ମ ! ଏଡ଼େ ସୁନ୍ଦର ଫୁଲର ନାଆଁ ବଣୁଆ ଫୁଲ କିମିତି ହବ ? ବୋଟାନିକ୍ ନାଆଁଟା ! ସୀତାହାର ।

ମୁଁ ତା କଥା ଉପରେ ପଡ଼ି କହିଲି 'ମତେ ଜଣେ ପନ୍ଦର ଷୋଳ ଦିନ ତଳେ କହିଥିଲା 'ସୀତାହାର' ନୁହେଁ 'ଆକାଶୀ ଫୁଲ ।'

ଶୁଭ୍ରା ପଚାରିଲା, 'ଏହାର ଗଛ ଅଛି ନା ଲତା ?'

Digitized by srujanika@gmail.com

କହିଲ 'ସ୍ୱାର ଏତେ ବଡ଼ ଗଛ ଯେ ଦୁଇଜଣ ମଝିଡ଼ାଳରୁ ଲମ୍ବେ ଲମ୍ବେ ଝୁଲିପଡ଼ି ଆତ୍ମହତ୍ୟା କରିପାରିବେ ଗୋଡ଼ ଭୂଇଁ ଛୁଇଁବ ନାହିଁ ।"

'ଠିକ ସ୍ୱରହାତ ପ୍ଲାଷ୍ଟିକ ଦଉଡ଼ି ଲୋଡ଼ା ।" ଦଣ୍ଡେ ପରେ କହିଲ ଏବଂ ପକେଟରୁ ଶୁଭେନ୍ଦୁ ପକେଟର ଦଉଡ଼ିକ ବାହାର କଲ । ଶୁଭ୍ରାକୁ କହିଲ "କିରାସିନି ଅଛି ? ବୋତଲଟା ଆଣ ତ; ମୋ ଗୋଡ଼ରେ ବାତ ପଡ଼ିଛି ।"

ଶୁଭ୍ରା କଥାର ଉଦ୍ଦେଶ୍ୟ ଓ ମର୍ମ କିଛି ନ ବୁଝି କିରାସିନି ବୋତଲ ଟିମିଠ ଆଣିଛୁ ମୁଁ ପ୍ଲାଷ୍ଟିକ୍ ଦଉଡ଼ିଟାକୁ ଭଲକରି ତେଲରେ ଭିଜାଇ ଦିଆସିଲି ବାହାର କଲି ।

ତାପରେ ଝର୍, ଦପ୍, ହୁତ୍ ହୁତ୍ । ଆତ୍ମହତ୍ୟାର ଯୋଡ଼ାଏ ଆମ୍ଭ ଯୋଡ଼ାଯୋଡ଼ି ହୋଇ ପ୍ରେତଲୋକକୁ ଏକାବେଳକେ ପ୍ରସ୍ଥାନ କଲେ ଆମ ଠନଙ୍କ ବିକଟ ଅଟ୍ଟହାସ୍ୟ ଭେଦକରି ।

Digitized by srujanika@gmail.com

# ଶ୍ୱେତ ପଦ୍ମ

"ଫୁଲ୍ ନା କଣ ନେଉଛ ?"

ଲୋକଟା କିଛି ଜବାବ ଦେଲା ନାହିଁ; ପଟାପଟ୍ ଚାଲିଲା ପିଚୁ ରାସ୍ତାରେ ଖାଲି ପାଦରେ, କାହିଁ ନ ଅଟକି । କାନେ ଶୁଣି ପାରିଲା ନାହିଁ ଖୁବ ଜୋର ପଦକ୍ଷେପରେ ତା ନିକଟତର ହେଲି ଏବଂ ପୁଣି ପଚାରିଲି, ଅପେକ୍ଷାକୃତ ଜୋରରେ, "ପଦ୍ମଫୁଲ୍ ନା କଣ ?"

"ହୁଁ" ଶବ୍ଦଟାଏ ଏଥର ତା ତଣ୍ଟିରୁ ବାହାରିଲା । ଗଳା ବସି ଯାଇଥିଲା ବୋଧହୁଏ, ଶୁଖିଯାଇଥିଲା ହୁଏତ । ପରିଶ୍ରମ କରି ଅନିଚ୍ଛାରେ ହୁଁ ଟାକୁ ବାହାର କରିବାକୁ ପଡ଼ିଲା ଯିମିତି ଅାଈମା ପାଖରୁ ଗପ ଶୁଣୁଥିବା ପିଲା ଅନ୍ୟମନସ୍କ ହୋଇ "ଶୁଣୁଛୁ ନା ଶୋଇ ପଡ଼ିଲୁ ?" ପ୍ରଶ୍ନର 'ହିଁ' ଉତ୍ତର ଦିଏ ଗଳାରେ ଜମିଥିବା ବାଷ୍ପ ଓ ନାଳକୁ ସଫାକରି ।

ଆଜି କୁମାର ପୂର୍ଣ୍ଣିମା । ନାଆଁକୁ ମାତ୍ର, କୁମାରଙ୍କ ପୂଜା କାହିଁ ନାହିଁ । ସର୍ବତ୍ର ଲକ୍ଷ୍ମୀ ପୂଜା । ଯେଉଁଠି ଯେଉଁଠି ଦିନ ପାଞ୍ଚ ଦିନ ତଳେ ଦୁର୍ଗା ମେଢ଼ ଥିଲା, ତାହା ଆଜି ଲକ୍ଷ୍ମୀ ମେଢ଼ରେ ପରିଣତ ହୋଇଛି । ମଣ୍ଡପରେ ଲକ୍ଷ୍ମୀ ଏକୁଟିଆ, ପାଦତଳେ ପେଚା । ମୟୂର ଉପରେ ଦେବସେନାପତିର ସୁନ୍ଦର ତମ ତରୁଣ ମୂର୍ତ୍ତି ଅପେକ୍ଷା କୁତ୍ସିତ ପେଚା ଉପରେ ସର୍ବ ସମ୍ପଦ ଅଧିଶ୍ୱରୀ ଲକ୍ଷ୍ମୀମୂର୍ତ୍ତି ସମଧିକ ଆକର୍ଷଣୀୟ ଉଦ୍‌ଯୋଗୀମାନଙ୍କ ପକ୍ଷରେ ।

ଏଇମାତ୍ର ସନ୍ଧ୍ୟା ହୋଇଛି । ପୂବେଇ ଜହ୍ନର ଫିକା ଡଗର ଦିଶିଲାଣି; କିନ୍ତୁ କାଜୁରି ଦେବଦାରୁ ଗଛର ଓ ଡାଳିଫଳର ବେଙ୍କ କୋଠାର ଛାଇରେ ମାତ୍ର ଅନ୍ଧାରଟା ଲାଗି ଲାଗି ରହୁଛି । ଚନ୍ଦ୍ରଙ୍କ ବି ଇଚ୍ଛା ଆଗ୍ରହ ନାହିଁ ଏ ବଜାର ଦୁନିଆଁର ଉଦ୍ୟାନଗୁଡ଼ିକୁ ଶୁଭ୍ର ସୁନ୍ଦର କରିବାକୁ; କାରଣ ଲୋକଗୁଡ଼ାକ ସମାନତା ବୁଝିବାକୁ ନାହିଁ । ତାଙ୍କ ମୁହଁ ଦେଖିପାଇଁ ବିଷାଦକାଳିମାଗ୍ରସ୍ତ, ଗତ ମଧ୍ୟ ଅତି ମନ୍ଥର ।

Digitized by srujanika@gmail.com

ଦେଖିଲି, ବେଙ୍କ ସାମନା ମେଢ଼ ଏପାକେ ଖାଲି । ମୂର୍ତ୍ତି ପଦ୍ମସ୍ଥ ନାହାନ୍ତି । ମନ୍ଦିରଗତ ନ ହେଲେ ବନରେ ଅନ୍ଧ ଘରରେ ଚକ୍ଷୁମାନ ଚଢ଼େଇ ପିଠିରେ ବସି ନିଃଶବ୍ଦରେ ବାଡ଼ି ଦୁଆର ଦେଇ ରେସ୍ତରାଁପରି ଗମ୍ଭିର ଘରେ ପଶିବାକୁ କ'ଣ ସୁବିଧା ହେବ ? ଧରା ପଡ଼ିଯିବେ ତ ! ଅଧିକାଟେଲିମିଟର ଲମ୍ବ ଘଣ୍ଟାର ଦୁଇ କଡ଼ରେ ରଙ୍ଗବେରଙ୍ଗ ବିଦ୍ୟୁତାଲୋକ ମାଳା ଝୁଲାଯାଇ ଦପ୍ ଦାପ୍ ପଶାଖା ନିଶାଖା ଖେଳୁଛି, ମାଇକ୍ .ମଧ୍ୟ ଟେଷ୍ଟିଂ (ମାଇକ୍ ଟେଷ୍ଟିଂ, ଓ୍ୱାନ୍ ଟୁ ଥ୍ରି, ଥ୍ରି ଟୁ ଓ୍ୱାନ) ଏଇମାତ୍ର ଶେଷ କରି କଣ୍ଠଶିଳ୍ପୀର ଉଦ୍‌ବୋଧନ ସଙ୍ଗୀତ ଆରମ୍ଭ କରିଛି "ମେ ଖୋଲି ବରଷନ ତୁମ୍ ସଭର ବରଷ କା "

ମୋ ସାମନା ଲୋକଟା ଓ ମୁଁ ଉଭୟେ ଏସ୍ଥାନ ପାର ହୋଇ ଗଲୁଣି, ତାର ବା ମୋର ଆଗ୍ରହ ବା ଆନନ୍ଦ ନାହିଁ ଏ ସବୁଥିରେ । ସେ ତା କଥା ଭାବି ଭାବି ଡାହାଣ ବାଁ ନ ଚାହିଁ ଚାଲିଛି । ମୁଁ ତାକୁ ଅନୁସରଣ କରୁଛି ଏବଂ ପ୍ରଶ୍ନଟି ପଚାରି ଦେଇ ଆଖି ରଖିଛି ତା କାନ୍ଧରୁ ବାଉଁଶ ବାଡ଼ିର ଅଗରୁ ଝୁଲୁଥିବା ପେଣ୍ଡାଏ ପଦ୍ମକଢ଼ି ଓ କେବଳ ଗୋଟାଏ ପ୍ରସ୍ଫୁଟିତ ଶ୍ୱେତ ପଦ୍ମ ଉପରେ ଯାହା ମାଛି ଅନ୍ଧାର ଭେଦକରି ପାଉଛି ଶୁକ୍ରତାରେ ।

ଆଗରୁ ମୁଁ ବହୁବାର କହିଛି ମୋତେ ପଦ୍ମଫୁଲ ଭଲ ଲାଗେ, ପଦ୍ମଫୁଲ ଜାତୀୟ ଫୁଲ ହେଉ ନ ହେଉ ମୋ ଜୀବନର ଫୁଲ । ଲୋକେ କହନ୍ତି ଯେ ପଦ୍ମଫୁଲ ଭଲପାଏ ସେ ଲୁଆଡ଼େ ଚରିତ୍ରବନ୍ତ । ମୁଁ ଶୁଦ୍ଧାତ୍ମା, ପବିତ୍ରାତ୍ମା ନ ହେଲେ ବି ମାର୍ଜାରର ନୁହେଁ । ପଦ୍ମଫୁଲର ମହକରେ ମୁଁ ସ୍ୱର୍ଗର ମହକ ପାଏଁ; ତାର ପାଖୁଡ଼ା, କେଶର ବୀଜ ମୃଣାଳ ବୀଜକୋଷ ସବୁ ଚୋବାଇ ଗିଳିଲେ ଅମୃତ ଓ ସ୍ୱର୍ଗର ଖାଦ୍ୟ ଖାଇଲି ପରି ଲାଗେ । ପଦ୍ମଫୁଲ କଳାଲୋକର ଫୁଲ, କାବ୍ୟ ଜଗତର ଫୁଲ । ପଇସା ବାକ୍‌ସ ଉପରେ ଏ ଫୁଲ ରଖି ପୂଜା କରିବା ନୁହେଁ ।

"ସତ୍ୟ ଶିବ ସୁନ୍ଦର ପରମେଶ୍ୱର, ବନ୍ଧୁ ସଙ୍ଗଠନ ଲାଗି" ପଦ୍ମ ଫୁଲଟି ମୋର ଦୁଇ ଛନ୍ନ ହାତ ଦୂରରେ ବାଡ଼ି ଅଗରେ ଦୋହଲୁଛି ଏବଂ ମାଛିଁ ଅନ୍ଧାର ଓ ଯେ ଲୋକଟାର ଘନକୃଷ୍ଣ ପୃଷ୍ଠଦେଶକୁ ପଟ୍ଟ କରିଥିବାରୁ ଆହୁରି ଶୁଭ୍ରତର ଦିଶୁଛି ।

ପଚାରିଲି "ବିକିବୁ ?"

ପୁଣି ଗଳା ସଫା କରି ପୁଣି ଆଉ ଗୋଟାଏ 'ହୁଁ' ଛାଡ଼ିଲି ମୋ ଆଡ଼କୁ ନ ଚାହିଁ । ନ ଚାହିଁଛି ନ ବୁଝିଛି ଭଲ । କାରଣ ଲୋକଟା ପ୍ରାପ୍ତ ବୟସ୍କ । ଶାଗ ଖରିଦା ପାଇଁ ଅଭିପ୍ରେତ ଯୋଡ଼ାଏ ଷ୍ଟେଟ କଳା ଆଟିକା ପରି ତାର ଦୁଇ ପିଣ୍ଡ

Digitized by srujanika@gmail.com

ଭିତରେ ମଳିନ ଜନା ଖଣ୍ଡିକ ଅଦୃଶ୍ୟ ହୋଇଯାଇଛି, ସାମନାରେ ହୁଏତ ବୃକ୍ଷଖଣ୍ଡକର ଅବଶିଷ୍ଟାଂଶ ବନା ତା ନଳାଟାକୁ ଢାଙ୍କିଥିବ ।

ସିଏ ଯିମିତି 'ହଁ' କହୁଛି ମୁଁ ପଚାରିଲି 'କେତେ ନବୁ ?' ମୋର ସେ ଜାଣିବାର ଇଚ୍ଛା ଥିଲା ତାହା ନୁହେଁ, ଅମୂଲ୍ୟ ପଦାର୍ଥର ତା ହିସାବରେ କେତେ ଦର ହୋଇପାରେ ଜାଣିବା ପାଇଁ । ତା ଛଡ଼ା କାମଧନ୍ଦା ଚନ୍ଦ୍ରାଦିକ କିଛି ନ ଥିଲେ ଲୋକେ ଯେ କୌଣସି ବିଷୟରେ କଥାବାର୍ତ୍ତା କରି ଅଯାଚିତ ମନ୍ତବ୍ୟ ଦେବାର ଆନନ୍ଦ ପାଆନ୍ତି ବା ଅପରକୁ ବିରକ୍ତ ଉତ୍ତ୍ୟକ୍ତ କରନ୍ତି ଅଯଥା ବାକ୍‌ବିତଣ୍ଡା କରି, ଟୀକା ଟିପ୍‌ପଣୀ ଦେଇ ।

ସେ କି ଯେତିକି ମୋ ନେହେବା ଦେଖିଲା, ସେଥିରୁ ଜଣାଗଲା ଯେ ଏ ପଦ୍ମ ଫୁଲର ଗରାଖ ନୁହେଁ, ଖାଲି ଏମିତି ପଚାରୁଛି । ତଥାପି ମନ ମେ ପାପ ଆଶା ବାନ୍ଧି କହିଲି "ପନ୍ଦର ପଇସା ଫୁଲଟା, କଢ଼ ଗୋଟାକେ ଦଶ ପଇସା ।"

ତା ମନ ବଢ଼ିବା ପାଇଁ ଡାଏ ଗଲା ହନୁକରଣ କରି କହିଲି 'ଫୁଟା ଫୁଲଟା ଦଶ୍ ପଇସାରେ ଦବୁ ।"

ଉତ୍ତର ଦେଲା "କେଡ଼େ ପରିଶ୍ରମ ଯେ ବାବୁ ! ଦଶ୍‌ଟା ପଇସା କେତେ ? ଆଜ୍ କାଲ୍ କି ପଦ୍ମଫୁଲ ଫୁଟେ, କଢ଼ି ଫୁଲ ଯାହାକୁ ଯେତେ ମିଳା ।"

"ପରିଶ୍ରମର ଦାମ କିଏ ଦଉଛି ? ତୋର ଏ ଫୁଲଟା ତ ନକଲି । କଢ଼ିଟାକୁ ଅଙ୍ଗୁଳିରେ ମେଲାଇ ମେଲାଇ ଫୁଲ କରିଛୁ । ଆଚ୍ଛା, ନୂଆ ବଜାର ଦେଇ ତ ଆସିଲୁ, ବଜାରରେ କେତେ ଦର କରିଥିଲୁ ?"

"ସେଇ ଦଶ ପଇସା କଢ଼, ଫୁଲଟା ପନ୍ଦର ପଇସା ।"

"ଏତେ ଦର କିଏ ଦବ ଚୁରର ଫୁଲକୁ । ସେଥିପାଇଁ ତ କେହି କିଣିଲେ ନାହିଁ । ଫୁଲଟା ମତେ ଦେଇ ଦେ ଦଶ ପଇସାରେ । ନ ହେଲେ ଫୁଲ କଢ଼ ସବୁ ଧରି ବୁଲୁଥା ଗାଁଯାକ, ସକାଳୁ ସୂର୍ଯ୍ୟ ଉଦୟ ହେଲେ ତୋର ଏ ବାଣ୍ଡି ଅଗରେ କଢ଼ ସବୁ ଫୁଟି ଫୁଲ ହୋଇଯିବେ ଆପେ ଆପେ । ବିକିବୁ ଚଢ଼ା ଦାମରେ ।"

"ହଉ ନେ ତେବେ । ମଲ୍‌ଠେ କୁଟୁମ୍ବ ନାହିଁ ବାକି ।"

ସେ ଯେମିତି ଦଶ ପଇସାରେ ଶ୍ୱେତ ପଦ୍ମଟି ମୋତେ ଦେବାକୁ ରାଜି ହେଲା ମୁଁ ଭିନ୍ନ ସ୍ୱରରେ ପଦ ତୋଳା ଗାଇଲି ।

Digitized by srujanika@gmail.com

"ଏ ଫୁଲବାଲା ! ମୋର କଥା ଶୁଣ । ମୁଁ ଦଶଟା ପଇସାରେ ତର୍ ଏତେ ସୁନ୍ଦର ପଦ୍ମଫୁଲଟା ନେବ ନା ? ନେଇଥାନ୍ତ ଯଦି ଦଶ ପନ୍ଦର ଶବ୍ଦେ ହଜାରେ ଲକ୍ଷେ ଟଙ୍କା ତୋତେ ଦେଇ ପାରିଥାନ୍ତି । ମୋ କଥା ମାନିବୁ ତ କହିବ ।"

ସେଗରେ ଗର ଗର ହୋଇ କହିଲା, "ତୁମର ଯେତେ ସବୁ ବଜାଣଆ ଲୁକ ଏକା ରକମ୍ । ତୁମର କଥା ଲୁଟେ ବାଟେ, କାମ ଆଉ ଗୁଟେ ବାଟେ । ତର୍ କଥାରୁ ମୁଁ ଜାଣିଛୁ ତୁ ଫୁଲ ନବୁନ । ହଉ, କ କହୁଛୁ କହ' ।

କହିଲି, " ତୁ ଜବାବ୍ ଦେ ମୋତ ତହ ତୁଛି ମୋର କଥା ମାନିବୁ । ପନ୍ଦ୍ରଶ ପଇସା କମରେ ଏ ଫୁଲଟା କାହାକୁ ବିକିବୁନ । ଦଶଟା ପଇସା ତ ଲୋକ ଗଗିମାଗି ଘଟ ଭିଖାରୀ କୁକୁର ବଗଡ଼ି ଉପରକୁ ଫୋପାଡ଼ୁଛନ୍ତି । ପଦ୍ମଫୁଲ କ ବାଟଘାଟରେ ଫୁଟେ ନା ଘତରେ ଫୁଲ କଳରେ ତିଆର ହୁଏ ?"

ଏତକବେଳେ ସେଥିର ଗୋଟାଏ ବାର୍ ଲଇଟ୍ ତଳେ ଆମେ ପହଞ୍ଚିଲୁ । ସେ ମୋତେ ଭଲ କରି ଥରେ ଚାହିଁଲା, ମୋ ଚେହେରାରୁ ଚରିତ୍ର ଜାଣିବା ଉଦ୍ଦେଶ୍ୟରେ । ମୁଁ ବି ତାକୁ ତାଳୁରୁ ତଳପା ଦେଖିନେଲି । ଗ୍ରେଟିଆ ମୁହଁ, କୁଞ୍ଚକୁଞ୍ଚିଆ ବାଳ, ଗୋଲ ଗୋଲ ଆଖି ନିଶ୍ଚିହ୍ନ ବୋକା ହେବା ପର୍ଯ୍ୟନ୍ତ । ଦାରିଦ୍ର୍ୟର ସୀମାରେଖା ପାର ହୋଇବା ବି ତା ଜୀବନରେ ଅସମ୍ଭବ । ଫୁଲ ବିକି ପେଟ ପୋଷିବ ଏ ବୋକା, ଯେଉଁ ଦେଶରେ ଫୁଲ ଫୁଟିବା ଆଗରୁ ଗଛ ଲତା ଝାଉଁଳି ପଡ଼ନ୍ତି ।

ମୋ ମୁହଁରୁ ଅପ୍ରତ୍ୟାଶିତ ସହାନୁଭୂତିଶୀଳ ଉପଦେଶ ଶୁଣି ସେ ସାମାନ୍ୟ ଉତ୍ସାହିତ ହୋଇ କହିଲା "ପନ୍ଦ୍ରଶ ପଇସା ତର୍ ଏ ବଜାରରେ କିଏ ଦବ, ବାବୁ ? ପନ୍ଦର ପଇସା କହିଲି ତୁଲି ତ ସେ ବଜାରରେ ଝଗଡ଼ାଝାଟି ହୋଇଗଲା, ମାରପିଟ୍ ଆଉ ଟିକେ ହେଲେ ହେଇଥାନ୍ତା । ସେଗଟା ଅମରେଇ ନେଲି, ନ ହେଲେ······।"

"କିଏ ଦବ ପନ୍ଦ୍ରଶ ପଇସା କହୁଛୁ । ଯିଏ ତତେ କାଳପୂଜା ମକର ପୂନେଇ ବେଳକୁ ଦୁଇଟଙ୍କାର କନାକୁ ଗ୍ରଣ ଟଙ୍କାରେ ବିକିବ, ଯିଏ ଦୁଇ ଟଙ୍କା ଶିକ୍ ସାଉଡ଼ା ଜାଗାରେ ଟଙ୍କାଏ ଦଏ, ଯିଏ ବୋଝ ଟଙ୍କାଏ ଜାଗାରେ ପନ୍ଦ୍ରଶ ଦଏ, ଯିଏ ଅଟା ପେଷିଲେ ଅଧିକଲେ କମ୍ ଦଏ, କାଟିରଖେ ନୂଆ ପଇସାଟିଏ ବି ଛାଡ଼େ ନାହିଁ, ଯିଏ ତୋର ପେଟରୁ ଦାନାକନା କାଟି ତାର ପେଟ ବଢ଼ାଏ, ପାଟପତନ ପିନ୍ଧେ, ସେଇ ଲୋକ ଦବ । ଲକ୍ଷ୍ମୀପୂଜା କରିବ, ଟଙ୍କା ବଢ଼େଇବ, ରଖିବ, ଅଥଚ ପନ୍ଦ୍ରଶ ପଇସାରେ ଫୁଲଟାଏ କିଣି—ନିଜେ ତ ଆଣିବ ନାହିଁ—

Digitized by srujanika@gmail.com

ଠାକୁରାଣୀଙ୍କ ଦରକାରନାହିଁ ? କାଳୀଙ୍କୁ ଧଳା କରିବା ପାଇଁ ଧଳା ଫୁଲଟାଏ କି ମା ଲକ୍ଷ୍ମୀଙ୍କ ଦର ନାହିଁ ? ଅଲବତ୍ ଦର ।''

ସବୁ ଶୁଣି ଧୀର ଗଳାରେ କହିଲି "ବାବୁ ! ଆମର ମୂର୍ଖ ଲୋକ । ତମର ବଡ଼ ବଡ଼ କଥା ମୁଁ ବୁଝିବି ନାହିଁ । ତୁମର ବଜାରଥିଲା ଏତେ ଲୁଟ୍‌ଲୁଟ୍ ! ପାଞ୍ଚଟା ଦଶଟା ପଇସା ତ ଦେଉନ, ପାଟିକୁ ଯାହାତାହା ଆସିଲା କହିଯିବୁ, ମାରିବୁ ପିଟିବୁ । କହିବୁ ନ ନେ ଫୁଲ । କିଏ ଜୋର କରୁଛି ? ନମ୍ବା ନମ୍ବା ଫରଦରେ ପୂଜା କରୁଛ, ଉଠଉଛ, ଗଞ୍ଜେଇ ଖାଇ ମଦ ଖାଇପିଇ ପଇସା ଉଡ଼ାଉଛ, କହୁଛ କିନା ପୂଜା କରୁଛୁ ?"

ଲୋକଟା ନିଶ୍ଚୟ ବଜାରରେ କେଉଁଠି ଠୋକର ଖାଇଛି । ତାର କ୍ରୋଧ ଟିକିଏ ସମ୍ବରଣ କରାଇବା ପାଇଁ ତାକୁ ଆପଣାର କଲି ଏବଂ ଗୋଟିକୁ ଗୋଟି କଥା ପଚାରି ପୁଚ୍ଛି ତାକୁ ଶାନ୍ତ କଲି ।

ସେ କହିଲା, ଫୁଲର ଦାମ ପନ୍ଦର ପଇସା ସିମିତ କହୁଛି, ପୂଜା ମେଢ଼ ପାଖରେ ଥିବା ଦଳେ ଟୋକା ତାକୁ କୁଆଡ଼େ କହିଲେ "ପନ୍ଦର ପଇସା ! ତୋର ମଥା ଗରମ ନା ପେଟ ଗରମ ?' କଢ଼ ଗୋଟାକୁ ଦଶ ପଇସା କହିଲାରୁ କିଏ କହିଲା "ବେ ! ତୁ ଫୁଲର ଦାମ କି ବୁଝୁ ? ବଜାରରେ ତ କାଠ ଚିରି ଚିରି ଜୀବନ କଟାଇଲୁ । ଫୁଲଟାକୁ ପାଞ୍ଚ ପଇସା, କଢ଼ ଗୋଟାକୁ ଦୁଇ ପଇସା ଦରରେ ଦେଇଯା, ଆଉ କେବେ ଫୁଲ ବେପାର କରିବୁ ନା ଭଲଗଣ୍ଡ ଅଛୁ ତ ।'' ସେ ସିମିତ ଦର କମାଇବନି କି ଫୁଲ ଦେବନି ବୋଲି କହିଲା, କିଏ ଜଣେ କହିଲା "ଯାବେ ଶଳା ! କେଉଁଠି ପନ୍ଦର ପଇସାରେ ବିକିବୁ ଦେଖିବା । ଭାଗ୍ ଶଳା ପଦ୍ମଫୁଲ ଆଣିଛି ।'' ଲୋକଟା କୁଆଡ଼େ ଉତ୍ତେଜିତ ହୋଇ ସେମାନଙ୍କୁ ଗୋଟାଏ ଦୁଇଟା ବଜେଇବ ବୋଲି ବାହାରିଥିଲା ବାଉଁଶ ବାଡ଼ିଟାରେ ।

ତାପରେ ସେ ତା ଭାଷାରେ କହିଲା, ସେ ବଜାରକୁ ଆଜି ଆସି ନଥାନ୍ତା । ସକାଳୁ ଥରେ ଆସିଥିଲା କାଠ ଚିରସାରି ଦି' ପହରକୁ ଘରକୁ ଫେରିଥିଲା । ଘରେ ଯାଇ ଦେଖିଲା ତାର ଦୁଇ ପୁଅ ଗାଁର ପୋଖରୀରୁ କେଇଟା କଢ଼ ଆଣିଛନ୍ତି । ବଡ଼ଟା କୁଆଡ଼େ ପଦ୍ମନାଡ଼ରେ ଛନ୍ଦିହୋଇ ପାଣି ପିଇଯାଇଥିଲା । ସାନଟାର ଦେହହାତ କୁଣ୍ଡେଇ ହେଉଛି ସେ ଘରେ ଗଡ଼ୁଛି । ଦୁଇପୁଅ ଘାସ କାଟି ବିକନ୍ତି, କେତେବେଳେ କାହାର ଗୋରୁ ମଧ୍ୟ ଜଗନ୍ତି । ଶୀତ ଦିନ ଆସୁଛି, ଦୁଇ ଜଣ ଦୁଇଟା ଗେଞ୍ଜି କାଳିପୂଜାକୁ କିଣିବେ ବୋଲି ପଇସା ରଖୁଛନ୍ତି । କେତେଟା ଟଙ୍କା କମ୍ ହେଉଛି । ଫୁରୁସତ ପାଇଲାରୁ ଏଇ ଫୁଲ ତକ ଆଣି ବାପା ହାତରେ ବଜାରକୁ ପଠାଇଛନ୍ତି ଟଙ୍କାଏ ମଣାଏ ଯାହା ମିଳିବ ।

Digitized by srujanika@gmail.com

ପଚାରିଲି "ତୋର ଘର କେଉଁଠି ?"

କହିଲା 'ଖାନ୍‌ନଗର, ଏଠୁ ସିଧାସଳଖ ଦୁଇକୋଶ ।" ମୋତେ 'ଖାନ୍‌ନଗର' 'ମାନସରୋବର' ଶୁଭିଲା । ସେ ପୁଣି କହିଗଲା, ଖରାଦିନେ ସେ ଫୁଲ ସକାଳୁ ଅଣେ, ବଳ ସାରା କାଠଚିରା ଆରମ୍ଭ କରେ । ଏ ବର୍ଷ ଭଲ ବେପାର ହେଲାନି । କଟକରେ କେଉଁ ମନ୍ତ୍ରୀଙ୍କ ଜନ୍ମଦିନ ହେଲା ଯେ ଗାଡ଼ି ଆସି ଫୁଲ, କଢ଼, ନାଡ଼ ପତ୍ର ସବୁ ନେଇଗଲା । ଯେଉଁ କେତୁଟା ଗଛ ବର୍ତ୍ତିଗଲା ତାର ଏ ଫୁଲ । ଲାଲ୍ ପଦ୍ମ ସବୁଠି ମିଳେ । ବାହାନଗା, ମାରକୋଣା, ଭଣ୍ଡାରି ପୋଖରୀ । ଧଳା ପଦ୍ମ ଅସଲ ପଦ୍ମ । ଶହେ ଆଠ ପାଖୁଡ଼ା । ନେଳିଆ ରଙ୍ଗର ବି ପଦ୍ମ ଅଛି । ସେଇ ନେଳିଆ ପଦ୍ମରୁ ଗୋଟାଏ କମ୍ ହେବାରୁ ରାମଚନ୍ଦ୍ର ପରା ଆଖି ତାଡ଼ୁଥିଲେ । ପଦ୍ମ ଯିଏ ଆଖି ସିଏ ।

ପୁଣି ଭବପ୍ରବଣ ହୋଇ କହିଲା "ବଜାରଆଏଁ ପଦ୍ମର ଗୁଣ ଜାଣିବ କେଉଁଠୁ ? ପଦ୍ମବନରେ କଣ୍ଟା ସେମାନେ ଦେଖିଛନ୍ ? ପଙ୍କ କାଦରେ ପାଣ୍ଠି ଚକଟି ହୋଇଛନ୍ କେବେ ? ଧଣ୍ଡ, ଜୋକ, କଣ୍ଟ ପୋକର କାମୁଡ଼ି ଖାଇଛନ୍ କେବେ ? କେବେ ଛନ୍ଦି ହୋଇ ପଦ୍ମନାଡ଼ରେ ଆକୁମାକୁ ହୋଇଛନ୍ । କହୁଛି, କଢ଼ ଗୋଟାକୁ ଦୁଇ ପଇସା, ଫୁଲକୁ ପାଞ୍ଚ ପଇସା ଦେବ । କାହୁଁ ନ ଦେ । ତୁମର ଶିରକୃଷ୍ଣ ପଦ୍ମବଣରୁ କାଳୀ ମାରିଥିଲା ନା ! ଗୁଣିଆ ସାପ ଝେଲେଇଲା ବେଳେ କ ଗୀତ ଗାଏ, ପଦ୍ମବନେ ଅଛି କାଳୀ । ଏକା ପାହାରରେ ମୁଣ୍ଡ ଫଟାଇ ଦେଇଥାନ୍ତା ସମସ୍ତଙ୍କର, ଅଟକେଇ ଦେଲା କିଏ ।"

ମୁଁ କହିଲି "ଭାଇ : ଶୁଣ, ତୁ ଜବାବ୍ ଦେ, ନ ବିକିବୁ ପଛେ ଫୁଲଟାକୁ ପଚାଶ ପଇସା ଅଉ କଢ଼ ଗୋଟାକୁ କୋଡ଼ିଏ ପଇସା କମରେ ବିକିବୁ ନାହିଁ, ତୁଁ ମୋର ଦାଦା ।" କହି ହାତ ବଢ଼େଇ ଦେଲି । ସେ ମନ୍ତ୍ରମୁଗ୍ଧ ହୋଇ ମୋ ହାତ ଧଇଲା, କହିଲା ଜବାବ ନେ । ଖାଲି ହାତରେ ଫେରିବି ତେବେ… ।"

ମୁଁ ତାକୁ ବିଦାୟ ଦେଇ ଜନୈକ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ନୃତ୍ୟ ସଙ୍ଗୀତ କଳା ମନ୍ଦିର ଆଡ଼କୁ ଚାଲିଗଲି । ଫେରିଲାବେଳକୁ ରାତି ପ୍ରାୟ ନଅଟା । ବାଟରେ ଶୁଣିଲି ନୂଆବଜାର, ଯାଉଁଳିଆ ପଟ୍ଟି ଏବଂ ଦରଘା ବେଙ୍କର ମିଳିତ ପ୍ରଚେଷ୍ଟାରେ ଯେଉଁ ସାର୍ବଜନୀନ ମଣ୍ଡପ ମେଢ଼ ହୋଇଛି ତାହା ତ୍ରିଭୁବନ ଜିଣୁଛି ଏବଂ ଏଇ ମୋଢଗଣ୍ଡିରେ ମୋର ବନ୍ଧୁ ସେଇ ପଦ୍ମବାଲାଟି ଯନ୍ତ୍ରଣା ପାଇଥିଲା । ମୁଁ ସେଠାକୁ ଗଲି ଏବଂ ଆସନରେ ବସି ଉଦ୍‌ଯୋକ୍ତାଗଣଙ୍କ କମେଇବାର ବିବିଧ ଉପାୟ ଅନୁଧ୍ୟାନ କଲି । ଖୁବ୍ ଆନନ୍ଦ ଉଲ୍ଲାସ କଳରୋଳ ଭିତରୁ ନିଜକୁ ଉଦ୍ଧାର କରି ହଠାତ୍ ଲକ୍ଷ୍ମୀ ମୂର୍ତ୍ତି ଆଡ଼କୁ ଅନେଇଛି ଦେଖିଲି ମୋର ଘଣ୍ଟାଏ ଆଗରୁ ପରିଚିତ

Digitized by srujanika@gmail.com

ବନ୍ଧୁଟି ମଣ୍ଡପ ଆଗରେ ଛିଡ଼ା ରହି ଲକ୍ଷ୍ମୀଙ୍କ ଆଡ଼କୁ ଅନେଇଛନ୍ତି । କାନ୍ଧରେ ବାଉଁଶ ବାଡ଼ି, ଅଗରେ ପେନ୍ଥାଏ ପଦ୍ମ କଢ଼, ଏ ସାଙ୍ଗକୁ ପ୍ରସ୍ଫୁଟିତ ଶ୍ୱେତପଦ୍ମଟି ।

ମୁହୂର୍ତ୍ତିକେ ବୃଦ୍ଧିଗଲା ବନ୍ଧୁଙ୍କ ପୁଷ୍ପସମ୍ପଦର ଗରବ କେହି ମିଳିଲେ ନାହିଁ ସାର ସହରଟାରେ, ପୁଣି ଏଇ ଲକ୍ଷ୍ମୀ ପଦ୍ମାଳୟା ପଦ୍ମାଙ୍କ ଆରାଧନା ବ୍ରତିରେ । ଫୁଲର ଦର କେହି ଦେଇ ପାରିଲେ ନାହିଁ ଏବଂ ଫୁଲ ଅର୍ପଣ ପାଇଁ ମୁଁ ହୁଏତ ଦାୟୀ ।

ଲଜ୍ଜିତ ଅନୁତପ୍ତ ହୋଇ ତା ପାଖକୁ ଯିବି କି ନାହିଁ ଭାବୁଛି; ଦେଖିଲି ବନ୍ଧୁ କାନ୍ଧରୁ ବାଡ଼ି ଓହ୍ଲାଇ ପ୍ରସ୍ଫୁଟିତ ଶ୍ୱେତ ପଦ୍ମଟିକୁ ବାହାର କରି ଦେବୀଙ୍କ ଆଡ଼କୁ ଫୋପାଡ଼ିଲା ଏବଂ ଫୁଲଟି ଦେବୀଙ୍କ ଠିକ୍ ପଦତଳେ ଲାଗି ରହିଲା । ତା ପରେ ପରେ କଢ଼ଗୁଡ଼ାକୁ ଗୋଟାଏ ଗୋଟାଏ କରି ବାହାର କରି ମଣ୍ଡପର ସ୍ମରଦାଗକୁ ଫୋପାଡ଼ି ଦେଇ ଲମ୍ବଲମ୍ବ ଚାଲିଗଲା । ମନେ ପଡ଼ିଲା, ବଦାମ୍ମ ନେଲା ପୂର୍ବରୁ ସେ ମୋତେ ଗୋଟାଏ ପ୍ରଶ୍ନ ପଚାରିଥିଲା । "କାହିଁକି ବାବୁ ତମେ ଲକ୍ଷ୍ମୀ ପୂଜା କର ?" ମୁଁ କହିଥିଲି "ଟଙ୍କା ପଇସା ପାଇଁ" । ପୂଜାଘଳୀ ଗ୍ରୀଡ଼ ବୁଲିଯାଇ-ଥିଲାବେଳେ ମୁଁ ତାକୁ ଅନୁସରଣ କରି ତା ପାଖେ ପହଞ୍ଚି ଗୋଟିଏ ପାଞ୍ଚଟଙ୍କିଆ ନୋଟ ବାହାର କରି ନେଲି ଫରମାନ ତାକୁ ଯାଚୁଛି, ସେ ସମଗ୍ର ଘଟଣ ଜେ ଧ ପ୍ରକ୍ଷୁଳିତ କରି କହିଲା "ବାବୁ ! ଆମ୍ଭର ସାନ୍ତାଳ ଜାତରେ ମାଗି କରି କିଏ ବଞ୍ଚୁଛି ଜାଣୁ ? ଆମ୍ଭର କାମ କରୁଁ ଆଉ ପଇସା ନଉଁ, କିନ୍ତୁ ଦଉ ପଇସା ଆଣୁ । ମାଗଣାରେ ଟଙ୍କାରେ ଆମ୍ଭର ଜାତରେ ଯିଏ ବଞ୍ଚେ ତାକୁ ସହରର ବଜାରକୁ ପଠାଇ ଦଉଁ, ଏକପ୍ରକାରେ କରୁଁ । ଖୁ ପଇସା ଦେଇ ବଡ଼ଲୋକ ଦେଖେଇ ହବୁ ? ଯେଉଁ ଲୋକେ ଜବାବ୍ ଦେଇଥିଲେ ଜବାବ ରଖିଛୁ, ସାନ୍ତାଳ କେବେ ଜବାବ ଖୋଜେ ନାହିଁ, ଭୁଖ୍ ଉପାସରେ ମରିବ ପଛେ । ଅସଲ ସାନ୍ତାଳ ଗୁଳି ଖାଇ ମରିବ, ନ୍ୟାୟରେ ଲୋକ୍‌କେ ହାଣି କରି କଇଦୀ ଖଟିବ ପଛେ ଲୋକର ଟାଉଟରି କରି ଜେଲଖାନା ଯିବ ନାହିଁ ।"

ପୂର୍ଣ୍ଣିମା ଚନ୍ଦ୍ର ସେତେବେଳକୁ ପ୍ରସ୍ଫୁଟିତ ଶ୍ୱେତ ପଦ୍ମ ପରି ସଫେଦ୍ ଦିଶୁଥିଲା । ସେଇ ଜୋଛନା ରାତି ପଦ୍ମସ୍ତ ଶ୍ୱେତ ଶତଦଳରେ ଆଚ୍ଛାଦିତ ହୋଇପରି ଦିଶୁଥିଲା ହୁଏତ ମୋ ଆଖିରେ; କିନ୍ତୁ ଲକ୍ଷ୍ମୀଙ୍କ ପଦତଳେ ଲୋଟୁଥିବା ଶ୍ୱେତ ପଦ୍ମଟି ତାଙ୍କ ପଦ ସ୍ପର୍ଶରେ ଆସି ସାନ୍ତାଳ ଝିଅର ରଙ୍ଗ ପରି କଳା ଟଙ୍କାର ରୂପ ଧାରଣ କରିଥିଲା ।

Digitized by srujanika@gmail.com

# 'କି ଜାତି ପଦାର୍ଥ ?'

କ'ଣ ହେଉଛି କେଜାଣି ଆଜିକାଲି ପ୍ରତିଦିନ ସକାଳ ଆଠଟାବେଳକୁ ଅସମୟଟାରେ ବୁଢ଼ୀକି ଦୁଟଳା ଲାଗୁଛି; ଶୀତ ଲାଗୁଛି । ଗ୍' କହେ, ବସ୍ତୁଟ ଗୋଟାଏ ଖାଇ ଦେଇ କାଶ୍ମୀରି କମ୍ବଳଟାକୁ ଘୋଡ଼ାଘୋଡ଼ି ହୋଇ ଅଧଘଣ୍ଟାଏ ସେ ଶୋଇ ଯାଉଛନ୍ତି । ତା' ପରେ ଦେହକୁ ପୁଣି ଉତ୍ତାପ ଆସିଲେ ଉପର ତଳ ହୋଇ ଘରଧନ୍ଦା ବୁଝାବଣା କରୁଛନ୍ତି; ତା ପରେ ଯାଇ ଗାଧୁଆପାଧୁଆ, ଖିଆପିଆ କଥା ।

ମୁଁ ସେତିକିବେଳେ ଲେଖାଲେଖି କାମ ବନ୍ଦ ରଖି ବୁଢ଼ୀ ପାଖରେ ଦେହକୁ ଦେହ ଲଗାଇ ଦଣ୍ଡେ ବସେଁ; ମୁଣ୍ଡ, ମୁହଁ, ହାତ, ଜଙ୍ଘ, ତଳିପା, ଅଉଁସାଆଉଁସି କଣ ଦୁଃଖସୁଖ ହୁଏ; ସେ ଆଖିବୁଜି କୃତ୍ୟାକୃତ୍ୟ ହୋଇ ମୋ ସାନ୍ନିଧ୍ୟ ଓ ଶ୍ରଦ୍ଧା ଗ୍ରହଣ ଓ ଉପଭୋଗ କରନ୍ତି । ପାଚିଲା ପତର ଦ'ଟା, କିଏ ଆଗ କିଏ ପଛ ପଡ଼ିବ ଜଣାନାହିଁ । ଯୋଡ଼ାଯୋଡ଼ି ହୋଇଥିଲେ ସହଜରେ ପଡ଼ିବୁ ନାହିଁ, ପଡ଼ିଲେ ଏକାସାଙ୍ଗରେ ପବନରେ ଘୂରିଘୂରି ଝଡ଼ିବୁଁ ।

ପଚାରିଲି—"କାଲି ସକାଳେ ତେବେ ଯାଉଛ ?"

"ଯିବ ବୋଲି ତ ଭାବିଛି; କାଶୀ ଆସିଛି ଖାସ୍ ମୋତେ ନେଇଯିବ ବୋଲି । କୋଡ଼ିଏ ବର୍ଷ କି ଅଧିକ ହେବ ବାପ ଘର ବୋଲି ଦେଖିନି । ଯିବ ଯିବ ବୋଲି କାଳ କାଳ ଯୁଗ ଯୁଗ ବିତିଗଲାଣି । ଦେଖାଯାଉ, ଏଥର କ'ଣ ହେଉଛି ।"

"ଏବେ ଏବେ ବସ୍ କୁଆଡ଼େ ତୁମ ଘର ଦାଣ୍ଡ ଦେଇ ଯାଉଛି । ଛାଡ଼ୁଛି କେଉଁଟାବେଳେ ?"

"ମୁଁ ଜାଣିବି କେମିତି ? ତୁମେ ଯେଉଁଠି ମୁଁ ସେଇଠି । କାଶୀ ବଜାରକୁ ଯାଇଛି ଆସୁ, ବୁଝିବା ବସ୍ ବେଳ ।"

Digitized by srujanika@gmail.com

"ଶୁଣ, ତୁମେ ଯିବ ତ ଯାଅ ମନା ନାହିଁ, କିନ୍ତୁ ଦିନୁଟେ ରହିବ, ତୁମେ ଗଲେ ମୋତେ ଭଲ ଲାଗିବନି, ଖାଲି ଛଟପଟ ହେବି । ଆଚ୍ଛା, ବସ୍ ତୁମ ସେଠୁ ଆସି ଏଠି କେତେବେଳେ ପହଞ୍ଚିବ ?"

"ତୁମର ଏବେ ମତିଭ୍ରମ ହୋଇ ଯାଇଛି, ମୁଁ ଏବେ କହିଲି ପରା ବସ୍ ଯିବା ଆସିବା ବେଳ ମୋତେ ଜଣାନାହିଁ; କାଶୀ ଆସୁ ପଚାରିବି, କହିଲି ପରା !"

"ଆଚ୍ଛା, କାଶୀ ତୁମର ଭଣଜା ନା ଆଉ କ'ଣ ହବ ?

"ଏମିତି ନାଳ କଥା ଗୁଡ଼ା କ'ଣ କହୁଛ ? କାଶୀ ପରା ମୋ ସାନସ୍ୱଙ୍କ ଉଦୟର ପୁଅ । ତୁମେ ପରା ତା'ର ପିଉସା, ଭଣଜା କ'ଣ କହୁଛ ?"

ମୁଁ ଚୁପ୍ ହେଲି । କାଶୀ ଆସିଗଲା । ସେ କାଲି ସହରରୁ ଅକ୍ଟୁର ପତ୍ର ଆସିଛି ଧଣନବ ବେଳ ବୁଢ଼ୀଙ୍କ ଏବଂ ପ୍ରସ୍ତୁତରୁ ଚଳିବ । କାଶୀକି ଶୁଣାଇ ଶୁଣାଇ ମୋତେ ଲକ୍ଷ୍ୟ କରି ବୁଢ଼ୀ କହିଲେ "ଶୁଣ, କହି ଦେଉଛି; ତୁମେ ଏମିତି ଯଦି ସକାଳୁ ଯାଇ ସନ୍ଧ୍ୟାକୁ ଫେରିବାକୁ କହିବ, ମୁଁ ମୋଟେ ଯିବନି । ମୋ ଇଚ୍ଛା ଅନୁସାରେ ଆସିବି; ଦିନେ ରହେଁ ଅଧେ ରହେଁ । ଲୋକେ କ'ଣ କହିବେ ? ଛିଃ !"

ତହିଁ ପରଦିନ ସକାଳେ ଟିଉସି ପୂରୁଣ ବାହ୍ମଣଳେ ବନ୍ଧମପୁର । ମୁଁ ବୁଢ଼ୀ ସାଙ୍ଗରେ ରିକ୍ସାରେ ବସି ବସ୍ ଷ୍ଟାଣ୍ଡକୁ ଗଲି । ବସ୍ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ପାଖ ସିଟ୍‌ରେ ବସି ରହିଲି । ବସ୍ ଛାଡ଼ିଲାବେଳକୁ ଓହ୍ଲାଇ ତାଙ୍କର ଝରକା ପାଖରେ ଠିଆ ହୋଇ ଦେଖିଲି ତାଙ୍କ ଆଖି ଯୋଡ଼ିକ ଛଳଛଳ । ଅଥଚ ଦଣ୍ଡେ ଆଗରୁ ମୁଁ ଯେତେବେଳେ ତାଙ୍କ କାନ ପାଖରେ ଚୁପ୍ ଚୁପ୍ କହୁଥିଲି "ମୋତେ କାନ୍ଦ ମାଡ଼ୁଛି" ସେ କହୁଥିଲେ "ଏମିତି କ'ଣ ପିଲାଙ୍କ ପରି ହଉଛ ?" ବସ୍ ଛାଡ଼ିଲାବେଳକୁ କଉତୁକରେ ହସି ହସି କହିଲି 'କାଶୀ ସାଙ୍ଗରେ ତୁମେ ଯାଉଥାଅ; ମୁଁ ତୁମ ପଛେ ପଛେ ଯାଉଛି ।' ଟିକଏ କାନ୍ଦ ହସମିଶା ବୁଢ଼ୀର ମୁହଁ ଟିକକ ଦଣ୍ଡେ ପରେ ଅଦୃଶ୍ୟ ହୋଇଗଲା । ମାଆକୁ ଛାଡ଼ି ଅବୁଝା ଅଳିଅଳି ପୁଅ ଯିମିତି କାନ୍ଦି କାନ୍ଦି ଘରକୁ ଫେରୁଛି, ମୋତେ ସିମିତି ଲାଗିଲା ।

ଘରକୁ ଫେରିଲି । କୋଠରୀଟା ଖାଲି ଶୂନ୍‌ଶାନ୍, ଖାଁ ଖାଁ ଲାଗିଲା । ବୁଢ଼ୀର ପାନ ଡବାଟି ସେଇଠି କବାଟ କଣରେ ଶୋଇଛି । ପାଲିଙ୍କା ଶାଢ଼ୀଟି ଲେଉଟେଇ ହୋଇ ମୋର ଖଟରେ ପଡ଼ିଛି । ତାଙ୍କ ମାଟିର ପାନର ଚୂଆଗୁଣ୍ଡିର ଗନ୍ଧ, ମୁଣ୍ଡର ଜବାକୁସୁମ ତେଲର ମହକ ଘରେ ଜମାଟ ବାନ୍ଧି ରହିଛି । ଟେବୁଲ ଉପରେ ମୋର ଔଷଧ ଶିଶିଗୁଡ଼ାକ ସାଙ୍ଗକୁ ଡାକ୍ତରଙ୍କ ଲେଖାଟି ଥୁଆ ହୋଇଛି; ଯିମିତି ମୁଁ ବେଳକୁ ବେଳ ଠିକ୍ ଔଷଧ ଖାଇବି । ଗ୍ଲେଟ ସୁଟରେଇଭରତ ପାଣି

Digitized by srujanika@gmail.com

ଓ ମୋର ପ୍ଲେଟ ଗ୍ଲାସ, ଚାମଚ ଓ ଗ୍ଲୁକୋଜ୍ ପାକେଟ ପାଖେ ପାଖେ ସଜାଇ ରଖା ହୋଇଛି । ଥୁରୁଥୁରିଆ ବୁଢ଼ୀଟିକି ମୋର କିଏ ଯେମିତି ଯାଦୁ ବଳରେ ଗ୍ରୀଲ ଭିତର ଦେଇ ଉଡ଼ାଇ ନେଇଯାଇଛି । ମୁଁ ଅନୁଭବ କରି ପାରୁଛି ତା'ର ଉପସ୍ଥିତି; ଦେଖି ପାରୁଛି ଗୃଖଣ୍ଡେ ଓଢ଼ଣାଟଣା ସରୁ ଠକିଆ ମୁହୂର୍ତ୍ତ, ତା'ର ଭରିଏ ଓଜନର କାନଫୁଲ ଆଉ ଅଧଭରି ଓଜନର ଚେନ୍; କିନ୍ତୁ ମୁଁ ଏକାନ୍ତ ନିଃସଙ୍ଗ ।

ଉପର ମହଲାରୁ ପୁଅବୋହୂଙ୍କ ସ୍ୱର, ନାତିନାତୁଣୀଙ୍କ ଚିତ୍କାର ଓ ଧାଁ ଦଉଡ଼ ମୁଁ ସ୍ପଷ୍ଟ ଶୁଣି ପାରୁଛି କିନ୍ତୁ ସେମାନଙ୍କୁ ଡାକି ମୋତେ ସାଙ୍ଗ ଦେବାକୁ ମୁଁ ଇଚ୍ଛା କଲିନି । ବୁଢ଼ୀବିହୀନ ଦୁନିଆଁଟା କିପରି ଲାଗିବ ତା'ର ଗୋଟାଏ ପ୍ରାକ୍-ଅନୁଭୂତିର ଅବକାଶ ମୁଁ ଖୋଜୁଥିଲି, ରିହର୍ସେଲ କରୁଥିଲି ମୋ ପାର୍ଟଟା । ଶେଷେ ଅସହ୍ୟ ହେଲା ନିଃସଙ୍ଗତା ଓ ନିର୍ଜନତା । ଖବରକାଗଜ ଉଠାଇଲି, ଦଣ୍ଡେ ପରେ ଫୋପାଡ଼ି ଦେଲି ଫଡ଼ଫାଡ଼ କରି; ରେଡ଼ିଓ ଖୋଲିଲି, ଗୀତ ବାହାରୁ ନ ବାହାରୁଣୁ ଟୁକ୍ କରି ବନ୍ଦ କରିଦେଲି । ବଡ଼ ସିନ୍ଦୂରଟୋପା ଆଉ ଆକର୍ଣ୍ଣଲମ୍ବିତ କଜ୍ଜଳରେଖାର ସହିତ ଗୋଟିଏ ମାତୃମୂର୍ତ୍ତିର ଛବି ପରି ବୁଢ଼ୀର ମୁହଁଟା ପୁଣି ଦିଶିଲା ।

ଆଉ ସମ୍ଭାଳି ପାରିଲି ନାହିଁ ! ବାପା ! ବୁଢ଼ୀର କି ଆକର୍ଷଣ, କି ମୋହିନୀ ଶକ୍ତି ! ପାଖରେ ଥିଲେ ପାଣିରେ ମାଛଥିଲା ପରି କିଛିକି ନିର୍ଭୟ ଥାଏଁ କିନ୍ତୁ ପାଣିର ବାହାରକୁ ଆସିଲାମାତ୍ରେ ମାଛ ଛଟପଟ୍ ମୁମୂର୍ଷୁ । ରାତି ଦଶଟିଏ ଖାଇ ଶୋଇପଡ଼ିବି—ଗୋଟାଏ ଦିନକୁ କେଉଁଟା ଘଣ୍ଟା କଟିଯିବ-ରାତି ଭାତ ଖାଇସାରି ବୁଢ଼ୀର କାଶ୍ମୀରୀ କମ୍ବଳଟାରେ ଯିମିତି ଘୋଡ଼ି ହୋଇଛି, ବୁଢ଼ୀର ଦେହର ବାସନା (ପଢ଼ିନାଜାଗିସ୍ଥା !) ସାଙ୍ଗକୁ ତା ଦେହର ଉତ୍ତାପ ମଧ୍ୟ ପାଇଗଲି । ନିଦ ଆସିବ କଣ ଝାଳ ବୋହିଗଲା । ପୁରୁଣା ରୋଗ ବାହାରି ପଡ଼ିଲା; ଛାତିର ଢପ୍ ଢପ୍ ଢପ୍ ଢପ୍ ଅଓ୍ୱାଜ ଜୋରରେ କାନକୁ ବାଜିଲା । ସ୍ନାୟୁଗୁଡ଼ାକ ଏତେ ଦୁର୍ବଳ ! ମନକୁ ବୁଝାଇଲି 'ରେ ମନ ଧର ଧୈର୍ଯ୍ୟ, ଦେହରେ ସାନ୍ତ୍ୱନା, ଅଛି ସେହି ମହାଧନ ସେ ମହା ସ୍ୱର୍ଣ୍ଣରତନ କାଲି ସକାଳୁ ଆସିବ ନିକର ସ୍ୱପନ ।' କିନ୍ତୁ ମୂଢ଼ମନ ଅବୁଝା । ଜଣାଗଲା, ହାର୍ଟ ଫେଲ୍ୟୁର କେତେବେଳେ ହୋଇଯିବ ।

ବାହାରି ପଡ଼ିଲି ରିକ୍ସାରେ ପୁଣି ବାସ୍‌ଷ୍ଟାଣ୍ଡକୁ ଏବଂ ସଙ୍ଗେ ସଙ୍ଗେ ବସ୍ ଧରି ପହଞ୍ଚିଗଲି ଅଧଘଣ୍ଟାରେ ବ୍ରହ୍ମପୁରରେ । ଯିମିତି ଶ୍ୱଶୁର ଘରକୁ ପ୍ରଥମ ଆସୁଛି ଆଗ୍ରହ ଔତ୍ସୁକ୍ୟରେ ଭେଟିବା ପାଇଁ ସଦ୍ୟବିବାହିତା ପତ୍ନୀଙ୍କି ସେମିତି ମୋତେ ଲାଗୁଥାଏ ।

Digitized by srujanika@gmail.com

ବୁଢ଼ୀ ମୋତେ ଦେଖି ଆଶ୍ଚର୍ଯ୍ୟ ହେଲେନାହିଁ । ସେ କଣ ଜାଣି ପାରିଥିଲେ ମୁଁ ଦୁଇଘଣ୍ଟା ପରେ ତାଙ୍କ ପଛେ ପଛେ ଯାଇ ପହଞ୍ଚିବି । “ପୁରୁଷଗୁଡ଼ାକ କେଡ଼େ ନିର୍ଲଜ । ହେଲା, କାଲି ଆସିଥିଲେ କଣ ହୋଇଯାଇଥାଆନ୍ତା ଅବା ! ବୁଢ଼ାଟେ ହେଲଣି, ଏବେ ବି ଏମିତି କଣ ହଉଛ, ଦଣ୍ଡେ ସ୍ଥିର ରହିପାରୁନ ?” ବୁଢ଼ୀମୁହଁରୁ ଭର୍ତ୍ସନା ଶୁଣିବାପାଇଁ ପ୍ରସ୍ତୁତ ଥିଲି ।

ଛଅଟା ବାଜିଛି କି ନାହିଁ ଘରକୁ ଫେରିବାକୁ ବାହାରିଲି । ମୁଁ ଯେତେ ସମୟ ଘରେ ଥିଲି ବୁଢ଼ୀ ସାଇପଡ଼ିଶାଙ୍କ ଘରକୁ ଯାଇ ବୁଲାଚାଲା କରୁଥିଲେ । ମୁଁ ଦାଣ୍ଡପିଣ୍ଡାରେ ଚେୟାର ଗୋଟାକରେ ବସି ନଡ଼ିଆଗଛର ଫଳଗୁଡ଼ାକ ଚଷମା ଦେଇ ଥରକୁ ଥର ଗଣୁଥାଏଁ ।

ବୁଢ଼ୀ ଘରକୁ ଯେମିତି ପଶିଛନ୍ତି ମୁଁ ତାଙ୍କ ପଛେ ପଛେ ଯାଇ ‘ହୁଁ ହୁଁ’ କରି ଅଟକାଇଲି । ଚଷମାଟାକୁ ଚାଦର କାନିରେ ପୋଛୁଁ ପୋଛୁଁ ତାଙ୍କ ଆଡ଼କୁ ଅନାଇ ପଚାରିଲି “ଯିବ ନା କଣ କରୁଛ ? ମୁଁ ବାହାରିଲି, ବସ୍ ବେଳ ହୋଇଯାଉଛି ।”

ମୋ ଆଡ଼କୁ କଟମଟ ଚାହିଁ ଶ୍ରୀମତୀ କହିଲେ “ଏମିତି କଣ ତରବର ହଉଛ ମ ? ଓଳିଏ ଦିନଟାଏ ବି ପୁରିନି, ବାହାରି ପଡ଼ିଲ ! କଣ ଏମିତି କାମ ପଡ଼ିଛି ଯେ । ଆସିଲ ତ ଭଲକଲ, କାଲି ନହେଲେ ପରଦିନ ସାଙ୍ଗ ହୋଇ ଫେରିବା । ଦଣ୍ଡେ ରହି ଓଠରେ ସାମାନ୍ୟ ହସ ଫୁଟାଇ କହିଲେ, ‘ଅଷ୍ଟମଙ୍ଗଳା ବେଳେ ସିନା ଅଧିକା ରାତିଟାଏ ମୋତେ ଏଠି ରଖାଇ ଦେଇନ, ରାତାରାତି ଧରି ପଳାଇଲ; ଏବେ କଣ ତମର ଚବିଶ ବରଷ; ଚାରିକୋଡ଼ି ପାର ହେଇ ଆହୁରି କେତେ...”

“ତୁମେ କଣ ଅଉ ତେରରେ ଅଛ ? ଅଠସ୍ତରୀ ପଶିଲା ପରା ! ତେବେ ବି ସକାଳେ ଆସିଲାବେଳେ ପାଟପଟନୀ ଗହଣାଗାଣ୍ଠିରେ ନୂଆ ବହୁଟିଏ ପରି ନ ଦିଶିଲାଯାଏ କଣ ଘରୁ ବାହାରୁଥିଲ ?”

“କଣ ହେଲା ? ତମେ ଏ ବୟସରେ ଟୋକା ସାଜୁଛ, ଧୋତିଚାଦର ହୋଇ ବନାରସୀ ଅତର କାଠି କାନରେ ଗୁଞ୍ଜି ସଭାସମିତିକି ଯାଉଛ, ସ୍ତ୍ରୀ-ଲୋକଙ୍କ ଛବି ଫଟୋ ଘଣ୍ଟା ଘଣ୍ଟା ଧରି ଦେଖୁଛ ମୋତେ ଲୁଚାଇ ଲୁଚାଇ, ଝରକା ଦେଇ ପାର୍ଶିକଲ ଆଡ଼କୁ ଅନାଇ ରହୁଛ ସକାଳ ସନ୍ଧ୍ୟା । ମୁଁ ମୋ ବାପ ଘରକୁ ଆସୁଛି, କ’ଣ ଅଉ କାହା ଘରକୁ ବୁଲି ଯାଉଛି ?”

“ମୋ ସାଙ୍ଗରେ ଆସିବନି ତମେ ? ମୁଁ ଯାଉଛି । ତୁମର ଯେବେ ଇଚ୍ଛା ଆସିବ ।”

Digitized by srujanika@gmail.com

"ଆଜି ରାତିଟା ରହିଯାଅ; ଏଠି ଖଟ ଶେଯପଟା ସବୁ କାଶୀ ବନ୍ଦୋବସ୍ତ କରିଛି ଆମ ବନ୍ଧୁଙ୍କ ପାଇଁ । ଗପସପ ହୋଇ ରାତି କଟାଇ କାଲି ସକାଳକୁ ଦୁହେଁ ସାଙ୍ଗ ହୋଇ ଫେରିବା । କାଶୀ ଓ ତାର ବନ୍ଧୁ ଭାରି ନେହୁରା ହୋଇ ମୋତେ ପନ୍ଦର ଦିନ ରହିବାକୁ କହୁଛନ୍ତି । "କେତେ ବର୍ଷପରେ ଆସିଛ, ଓଲଟା ଏ ରହୁଛ କି ନାହିଁ ବାହାରିଲାଣି !" ମୁଁ ତାଙ୍କୁ କ'ଣ ଜବାବ ଦେବି ।"

"ହେଲା ! ତମେ ତେବେ ଥାଅ । ମୁଁ ଯାଉଛି । ମୋ ଦେଇ ରହିବା ହବନି । ମୋର ଆସିବା ବୃଥା ହେଲା । ଛିଃ; ତୁମର ଏକ ମୁହିଁଆ ଜିଦ ।"

ମୁଁ ସଙ୍ଗେ ସଙ୍ଗେ ରାଗିମାଗି ମନ ଦୁଃଖପର ଫେରି ଆସିଲି ।

ଶୋଇବା ଘରର ଅନନୁଭୂତ ଶୂନ୍ୟତା ଓ ପୀଡ଼ାଦାୟକ ନିଃସଙ୍ଗତା ଭିତରେ ଝିମିତ ପୁଣି ପଶିଛି ଅମ ନାରୁଣୀର ଆଠନଅ ବର୍ଷର ଝିଅଟି (ଯାହା ଦାୟିତ୍ୱ ଓ ତତ୍ତ୍ୱାବଧାନରେ ମୋତେ ରଖି ସେ ପିତୃଗୃହକୁ ଯାଇଥିଲେ, ମୋତେ କହିଲା ଯେ ମୁଁ ଘରୁ ବାହାରି ଯିବାପରେ କିଏ ଜଣେ ମିସେସ ପଡ଼ିଙ୍ଗୀ ମୋତେ ଫୋନରେ ଡାକୁଥିଲେ ଏବଂ ସେ ବହୁତ ବହୁତ କରି ସନ୍ଧ୍ୟାବେଳକୁ ତମେ ତାଙ୍କ ଘରକୁ ଯିବାପାଇଁ କହିଛନ୍ତି ।

ମୁଁ ଆଉ ଜାମାପଟା ବଦଳାଇବି କ'ଣ ମିସେସ ପଡ଼ିଙ୍ଗୀଙ୍କ ନାଆଁ ଶୁଣିବା ମାତ୍ରେ ଅଧୀର ଆଗ୍ରହରେ ଦେଇ ରିକ୍ସାରେ ପୁଣି ଛୁଟିଲି ପ୍ରେମବୃନ୍ଦ ବଜାରକୁ, ଫୋନରେ ମୋର ଯିବା ଖବରଟା ଆଗୁଆ ପଠେଇ ଦେଇ । ଏକଦା 'ପ୍ରାଗେବ ଯୌବନ ଦଶାୟାଂ' ମିସେସ ପଡ଼ିଙ୍ଗୀଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହେବାର ମୋର ଯୋଗ ଥିଲା । ତାଙ୍କ ସହିତ ବନ୍ଧୁତା ଓ ଆତ୍ମୀୟତା ସେକାଳରୁ ଆମର ରହି ଆସିଛି । ତାଙ୍କର ଅଜସ୍ର ସ୍ଥାବରା ସ୍ଥାବର ସମ୍ପତ୍ତି ସମ୍ବଲପୁରର ଖେତରାଜପୁରରେ । କଟକରେ ବି ତାଙ୍କର ତେତାଲା ଅଛି, ଭଡ଼ା ଲାଗେ; ଗୋଟିଏ କୋଠରୀ ତାଙ୍କ ରହଣି ଓ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥାଏ । ପ୍ରାୟ ଦୁଇତିନି ବର୍ଷ ହେଲା ସେ ସହରକୁ ଆସି ନ ଥିଲେ । ଏ ଭିତରେ ତାଙ୍କର ନିଦାରୁଣ ଶୋକ ପଡ଼ିଯାଇଛି । ସେ ତାଙ୍କ ସ୍ୱାମୀଙ୍କୁ ହରାଇଛନ୍ତି ।

ପୂର୍ବରୁ ସେ ଓ ତାଙ୍କ ସ୍ୱାମୀ ଯେବେ ଆସୁଥିଲେ, ଆମ ଘରେ ରହୁଥିଲେ । ତାଙ୍କ ଚାଲିଚଳନ, କଥାବାର୍ତ୍ତା, ବେଶବସନ ମୋତେ ଯେତିକି ଆକୃଷ୍ଟ କରେ, ଆମ ବୁଢ଼ୀକି ସେତିକି ଦୂରକୁ ଠେଲି ଦିଏ । ସେ ଯେତେ କାଳ ଆମ ଘରେ ରହନ୍ତି ବୁଢ଼ୀ ଭାରି ଚିଡ଼୍ ଚିଡ଼୍ ହୁଏ । 'ଲାଗି ଫଟେଇ ମାଇକିନା'—ଏଇ ହେଲା ତାଙ୍କ ପ୍ରତି ତାର ମନ୍ତବ୍ୟ, କମେଣ୍ଟ । ସେ କଲେଜ ଶିକ୍ଷିତା, ସାହିତ୍ୟିକା; କାବ୍ୟକବିତା ଲେଖି ଆବୃତ୍ତି, ଆଲୋଚନା କରି ମନ ମୋହି ପାରନ୍ତି । ମୁଁ ତାଙ୍କୁ ଭଲପାଏଁ ।

Digitized by srujanika@gmail.com

ତାଙ୍କ ସାନ୍ନିଧ କାମନା କରେ । ଆମ୍ଭ ଦୁହିଙ୍କ ପ୍ରେମ ପାର୍ଥିବ ସ୍ତରର । ଯିମିତି ଲଳିତା ପ୍ରତି ଶ୍ରୀକୃଷ୍ଣଙ୍କର ।

ମୁଁ ପହଞ୍ଚିବାକୁ ଆଗ୍ରହ ପ୍ରତୀକ୍ଷାରେ ସେ ଖୁଣ୍ଟି ରହିଥିଲେ କବାଟ ମେଲି-କରି । ମୋତେ ଯିମିତି ଦେଖିଛନ୍ତି କାନ୍ଦି କାନ୍ଦି ଏତେ ବିହ୍ୱଳିତ ହୋଇ ଏମିତି ଜାବୁଡ଼ି ଧରି ମୋତେ ଘର ଭିତରକୁ ନେଇ ଗଲେ ଯେ ମୋର ପ୍ରାୟ ରୋମାଞ୍ଚ ହୋଇଗଲା । ନିଦାରୁଣ ବିଚ୍ଛେଦରେ ସେ ଅଦ୍ୟାପି ଏତେ ମୁହ୍ୟମାନ ଯେ ତାଙ୍କୁ ସ୍ୱାଭାବିକ ପ୍ରକୃତିକି ଫେରାଇବା ମୋ' ପକ୍ଷରେ କଷ୍ଟ ହେଲା । ତାଙ୍କ ବୈଧବ୍ୟର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରୁଁ କରୁଁ ସେ ଭେ ଭେ କାନ୍ଦିଲେ । ପାଖେ ପାଖେ ଲଗାଲଗି ହୋଇ ବସି ପୁରାତନ ଭୂତ ମେଣ୍ଟୁଙ୍କା ଫେରିପାଇଲୁଁ ଏବଂ ଲୁଡ଼ାଏ ଗପିଲୁଁ, ଯିମିତି ଯୁଗ ଯୁଗର ସଞ୍ଚିତ ଜମାଟବନ୍ଧା ବକ୍ତବ୍ୟ ଗୁଡ଼ାକ ଶୀଘ୍ର ନିଃଶେଷ ହୋଇ ବାହାରି ପାରୁ ନାହାନ୍ତି । କିଛି ସମୟ ଧରି ଏତ ମେ ଭୁଲି ଯାଇ-ଥିବେ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ବନ୍ଧୁ ଦଳରୁ ହସାଇଥିବା ଅନ୍ତରଙ୍ଗ ବନ୍ଧୁଙ୍କୁ ପାଖରେ ପାଇ । ପାଖ ଫାଇଭ୍ ଷ୍ଟାର ହୋଟେଲରୁ ଲୁଡ଼ାଏ ଖାଇବାର ଅଣାଇଲେ; ଏକାଠି ଖାଇଲୁଁ । ମୋର ଘରକୁ ଫେରିଲାବେଳକୁ ରାତି ଏଗାରଟା । ଆସି ଶୋଇ ପଡ଼ିଲି, ଶୀଘ୍ର ଉଠିବାକୁ ହେବ ।

ପରଦିନ ସକାଳେ ନିତ୍ୟକର୍ମ ସାରି ଶ୍ରୀମତୀ ପଡ଼ଙ୍ଗୀଙ୍କି ବାସ୍‌ରେ ବସାଇବା ପାଇଁ ଗଲି ଏବଂ ଫେରିଆସି ଶୋଇବା ଘରେ ପଶି ଦେଖେଁ ତ ମୋ' ଶ୍ରୀମତୀ ଆସି ପରିଚିତ ଭଙ୍ଗୀରେ କାଶ୍ମୀର କମ୍ବଳ ଘୋଡ଼ି ହୋଇ ଲମ୍ବେଲମ୍ବ ଚିତ୍ ହୋଇ ପଡ଼ିଯାଇଛନ୍ତି । ଜୀବନ୍ତ କି ମୃତ ଜାଣିବାର ଉପାୟ ନାହିଁ । "ହେଇ, ତମେ କେତେବେଳେ ଫେରିଲ ?" ପ୍ରଶ୍ନର ଜବାବ ନାହିଁ ।

ମୁଁ ମୁହୂର୍ତ୍ତିକେ ଜାଣିଗଲି ଯେଉଁ ନାରୁଣୀର ହିଁ ଅଟିକି ମୋ' ଦାୟିତ୍ୱ ଦେଇ ଯାଇଥିଲେ (ଗୋଇନ୍ଦାଗିରି !) ସେ ଶ୍ରୀମତୀ ପଡ଼ଙ୍ଗୀଙ୍କି ବାଟୋଇ ଦେବା ପାଇଁ ମୁଁ ଯିବା ଅବସରରେ ସବୁ କଥା କହି ଦେଇଛି (ଯେଉଁ ସବୁ ତଥ୍ୟ ସେ ସକାଳୁ ନାନା ପ୍ରଶ୍ନ ମାଧ୍ୟମରେ ମୋଠୁ ଆଦାୟ କରି ନେଇ ଥିଲା) ବୁଢ଼ୀ ବାପଘରୁ ଫେରିବା ମାନେ । ଦୁଷ୍ଟା ସନ୍ଦେହର ବାରୁଦ ଝଣିରେ ଦିଆସିଲି କାଠି ଜଳାଇ ଦେଇଛି; ଅଗ୍ନିବାଣ ଅଗ୍ନେୟଗିରି ବ୍ୟାଘାତ ଅବଶ୍ୟମ୍ଭାବୀ ।

ଯାହାହେଉ, ମୋତେ ଏତିକି ଖୁସି ଲାଗିଲା ଯେ ବୁଢ଼ୀ ଶାଳପଡ଼ିଶାଙ୍କ ଆଗରେ କନ୍ଦାକଟା କରି ଗାଇ ନାହିଁ 'ପରଜନ୍ମ ଚରପୀଠ ଆନ ରମଣୀରେ ମାତି' ଗୀତଟି ବା ପ୍ରତିଜ୍ଞା କରିନାହିଁ "କୃଷ୍ଣ ନାମ ଆଜିଠାରୁ ମୋ' ଶ୍ରବଣେ ।" ମୁଁ ବ

Digitized by srujanika@gmail.com

ସିଏ ତ ଖେଳୁଆଡ଼ ମନୋଭାବ ନେଇ ତାଙ୍କ ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣଙ୍କ ପରି ପଣ୍ୟ ନାପିତୁଣୀ ବା ଚଢ଼େଇ ବିକାଳୀ ବେଶ ଧରି ଘରକୁ ଘର ଯାଇନାହିଁ । ପୁରୁଷୋଚିତ ଭଙ୍ଗୀରେ ନଟକୁଟିଆ ସେଇ ନାରୁଣୀର ଝିଅଟାକୁ ଘରୁ ଧକ୍କା ଦେଇ ବାହାର କରିଦେଲି ଏବଂ ଧଡ଼ଧାଡ଼୍ କରି କବାଟ ବୋଲ୍ଟ ଏକାବେଳେ ଲଗାଇଦେଲି । ପ୍ରାୟାନ୍ଧକାର, ଘଡ଼ିଓ ଢନ ଦଶଟା । ମୁଁ ସିଧାସିଧି ଯାଇ ଶ୍ରୀମତୀଙ୍କ ପଦ ତଳେ ବସିଲି ଏବଂ ଦେଖିଲି କାଶ୍ମୀର କମ୍ବଳ ଭିତରେ କେଉଁଠି ତାଙ୍କ ପଦପଲ୍ଲବ ଅଛି, କାରଣ ଜୟଦେବ ଢଙ୍ଗରେ ସରେଣ୍ଡର ବା ଆତ୍ମସମର୍ପଣ କରିବାକୁ ଯାଇଥିଲି, 'ପ୍ରିୟେ ! ଚାରୁଶୀଳେ ! ଦେହି ପଦପଲ୍ଲବ ମୁଦାରମ୍' କରୁଣ କଣ୍ଠରେ ଗାଇ ଗାଇ ।

ବାଃ ! ଅପ୍ରତ୍ୟାଶିତ ଭାବରେ ତୁରନ୍ତ ଶ୍ରୀମତୀଙ୍କ ମାନଭଞ୍ଜନ ହେଲା; ଉଠନ୍ତି ସନ୍ଧିରେ; କିନ୍ତୁ ସେ ସନ୍ଧିପତ୍ରିକ ଶୁଣିବା ପୂର୍ବରୁ ମୋତେ ସ୍କୁଲ ପିଲପରି କରପତ୍ର ଯୋଡ଼ି ଗୁଡ଼ାଏ କଥା ଶୁଣିବାକୁ ପଡ଼ିଲା । ଧୀରେ ଧୀରେ ଉଷ୍ଣତା ତାଙ୍କ ଦେହରେ ସଞ୍ଚରି ଯାଏ ଓ ସେ ଦନ୍ତହୀନ ଓଷ୍ଠ କାମୁଡ଼ି ଫୁଲାଇ ଫୁଲାଇ କହୁଥାନ୍ତି "ସେ ଖଡ଼ଙ୍ଗି ଆଣୀଟା ଆମର କିଏ ? ଗାତ ନା ଲୁତ ? ବୁଢ଼ୀ ବେଶ୍ୟା ନ ହେଲେ ଅ କାଳରେ ବିଧବା ହ'ନ୍ତା ? ତା'ଘରକୁ ଯିବାକୁ ତମକୁ କିଏ କହିଲା ? ଫୋନରେ ସିଏ ଡାକିଦେଲେ ଯା' ତା' ଘରେ ! ଖିଏିବ ? ତା' ସାଙ୍ଗରେ ହୋଟେଲ ଗୋରୁ ମାଂସ ଖାଇଲ, ନାଚ ହଇଲ, ମଦ ପିଇଥିବ ନିଶ୍ଚେ, ତାକୁ ଫେର ସାଙ୍ଗରେ ଧରି"...

କଥା ହଠାତ୍ ବନ୍ଦ କରି ନିଃଶ୍ୱାସ ପୁଣି ନେଇ ମୋ ଆଡ଼କୁ କଟମଟ ଚାହିଁ କହିଲେ "ମୋ ଦେହ ଛୁଅଁ, ମୁଣ୍ଡ ଛୁଅଁ, ଛୁଇଁକି ନା ଦେଖିବ ? ବେଶ୍ କୁହ ଏଥର (ଏକ) ତା' ଘରକୁ କେବେ ଆଉ ଯିବନି, ଯଦି ଯିବ ସେ ଡାହାଣୀ ଘରକୁ ତେବେ କୁନି ଝିଅକୁ ସାଙ୍ଗରେ ନବ; (ଦୁଇ) ଦଶଙ୍କ ନାଆଁ ଧରି କୁହ ଅଜ ସନ୍ଧ୍ୟାରେ ଦହେଁ ରେକ୍ସାରେ ବସି ବଜାର ବେଢ଼କୁ ବେଢ଼ ବୁଲିବା ଯେଯାଏ ମନ ନ ମାନିଛି, (ତିନି) ମୋ' ହାତ ଧରି କୁହ ଆଜି ଫାଇଭ୍ ଷ୍ଟାର ହୋଟେଲରେ ଡିନର ଖାଇବା ।' ମହାଦେବ ଯେପରି ଆଖି ବୁଜି ନିରାଶ୍ରୟ ହୋଇ ଚଣ୍ଡୀଙ୍କ କୋମଳ ପଦତଳେ ପଡ଼ିଥାନ୍ତି, ମୋର ପ୍ରାୟ ସେଇ ଅବସ୍ଥା ସେତେବେଳେ ।

ପ୍ରାୟ ଛଅଟା ବେଳକୁ ସଦ୍ୟ ବିବାହିତ ବର-କନ୍ୟା ସଜବାଜ ହୋଇ ସିନେମା ଦେଖିବାକୁ ବାହାରିଲା ପରି ଦୁହେଁ ସିନେମା ଷ୍ଟାରଙ୍କ ଛବି ସମ୍ବଳିତ ନୂଆ ଚକଚକିଆ ରେକ୍ସା ଗୋଟାରେ ବସିଗଲୁଁ ଆନନ୍ଦାତିଶଯ୍ୟରେ । ବୁଢ଼ୀ ପାକୁଆ ପାଟିରେ ପାନ ଖିଲ ଗୁଞ୍ଜି ସିନ୍ଦୂର ଉଜ୍ଜ୍ୱଳ ହୋଇ ବ୍ଲୁର ଆଙ୍ଗିଆ ଓଢ଼ଣା

Digitized by srujanika@gmail.com

ଟାଣି ବସିଥାନ୍ତି ଗର୍ବରେ ସିମିତାଙ୍କ ଯେ ମୋତେ ବାନ୍ଧା ହୋଇଛନ୍ତି, ମୁଁ ତାଙ୍କୁ ବାନ୍ଧା ହୋଇଛି । ଶକ୍ତିବାଲଟା ଅଧୋଡ଼ା, ତା' ସହିତ ସର୍ତ୍ତ ଘର ଦଶଙ୍କୁ ଆମକୁ ଫେରାଇବ, ମୁଁ ଆରେ ଆମେ କହନ୍ତୁ ନବ ଏବଂ ପଚାଶ ଟଙ୍କା ଭଡ଼ା ପାଇବ । ଯୋଡ଼ଯାଡ଼ ହୋଇ ଆମେ ବସିଥାଉଁ, ମୁଁ ତାଙ୍କୁ ମୁହଁ ଚମୁଟା ଦେଉଥାଏଁ, ଖୁଣ୍ଟାଖୁଣ୍ଟି ଓ କୁରୁଳୁ କୁରୁକୁ ଶ କରୁଥାଏଁ, ଥାଇ ଲୁ ଥାକୁଲୁ ଅମ ବଡ଼ ବ'ଟା ରେକ୍ସର ଗର ସହିତ ତାଳଦେଇ ନାଚୁଥାଏ, ଜୋର୍‌ରେ ଘଣ୍ଟି ହେଉଥାଏ ମଧ୍ୟ ।

ଶକ୍ତି ଚ୍ଛଳିଛି । ଜୋବ୍ରା—ପୁଷ୍ପଘାଟ—କଲପଡ଼ିଆ—ବାଲିଯାତ୍ରା-କଣ୍ଟାପଡ଼ିଆ—ଗଡ଼ଗଡ଼ିଆ—କେଣ୍ଟନ୍‌ମେଣ୍ଟ ରୋଡ଼ । ଆମର ଦଶଟା ଆମ୍ବ ଝଡ଼୍-ଥାନ୍ତି କାମ୍ରାକାମ୍ରି ପର ନୂଆ ନୂଆ ଦୃଶ୍ୟ, ନୂଆ ନୂଆ ଦୁନିଆଁ ଦେଖି ଦେଖି, ଷାଠିଏ ପଚାଶ ବର୍ଷ ଆଗେ ଯାହା ସିମିତ ଆଖିରେ ଦେଖିଥିଲେ । କିଏ କହେ ଆମେ ବୁଢ଼ାବୁଢ଼ୀ ? ମୁଁ ସିମିତ କୁହେ ଏଇଠି ବାହାହେବା ପରେ ପ୍ରଥମ ଆସିଥିଲୁ । ସେ ପରବର୍ତ୍ତୀ ସ୍ଥାନରେ କୁହନ୍ତି,, ଏଇଠିକି ବି ଆମେ ତା ପରଦିନ ଆସିଥିଲୁ ।" ଖୁସିରେ ମୁଁ ଗୁଣୁଗୁଣୁ ହେଉଥାଏଁ ସୁର ଧରି—"କାହୁଁ ଏ ଅଇଲ ? କେଉଁ ଦଇବ ଏଡ଼ା ଭିଆଇଲା ।"

ସ୍ଥା ପରେ ଜହ୍ନ ଉଠିଲା । ପାଗଳ ମାତାଲ ପରି ଲାଗିଲା ଆମକୁ । ଜହ୍ନ ଆଲୁଅରେ ଚକଚକ ଶୁଭ୍ରରୁ ଶୁଭ୍ରତର ଦିଶିଲା । ମଲ୍ଲୀ, ହେନା, ରଜନୀଗନ୍ଧାର ଭୁରୁଭୁରୁ ମହକ ଦକ୍ଷିଣା ପବନରେ ଭାସି ଆସୁଥାଏ ଶକ୍ତି ଚ୍ଛଳିଛି । ଏଇଟା କେଉଁ ସ୍ଥାନ ? କେଦାର ଗୌରୀ । ଏଇଟା ପୁଣି କେଉଁ ସ୍ଥାନ ? କୋଣାର୍କ, ଏଇଟା ପୁରୀ, ଗୋପାଳପୁର, ତାପରେ ? ଜୁହୁବିଚ୍ ମେରିନ୍ ଡ୍ରାଇଭ । ଅନ୍ତୁରୁ ଦୂରରେ ? ହାଇଡ୍ ପାର୍କ, ହାଓ୍ୟାଇ, ହଙ୍ଗକଙ୍ଗ୍ । ଏଣୁଡ଼ା କିଏ ? ଓମର, ଲଇଲା, ରୋମିଓ । ଏମାନଙ୍କ କଣ ? କବିତାବନ୍ଧ, ସୁରା ବୋତଲ, ରୁମେ ।

ଶକ୍ତି ବାଲା ଆମ କଥା ଶୁଣୁଥିଲା; ବୁଝିବାକୁ ଚେଷ୍ଟା କରୁଥିଲା । ବୁଢ଼ୀ ସିମିତ ଆଉଥରେ ପଚାରନ୍ତି 'ଏଇଟା କେଉଁଠାନ ? ସେ ଚଟାପଟ୍ ଆମ ଆଡ଼କୁ ବଙ୍କାଇ କହିଲା "ଚନ୍ଦ୍ର ଲୋକରେ ପହଞ୍ଚିଲୁ, ମାଆ !" ଦଣ୍ଡେ ରହି ପୁଣି ମଧୁଆ ଗଳାରେ ପଚାରିଲା— "ମାଆ, ପୃଥିବୀକୁ ଫେରିବା କିମିତ ?"

'ଫେରିବା' ଶବ୍ଦଟା ସିମିତ କାନରେ ବାଜିଛି ମୁଁ ଘଡ଼ି ଦେଖିଦେଲି ପାଞ୍ଚ ନଅ । ଘରମୁହାଁ ହେଲୁଁ । ଫାଇଭ୍‌ଷ୍ଟାର ହୋଟେଲ ଭିତରେ ଏକାବେଳକେ

Digitized by srujanika@gmail.com

ଭୁଲିଗଲୁଁ, ପୃଥିବୀର କୌଣସି ଚିଜ ଆଉ ଭଲ ଲାଗୁ ନଥିଲା ସେତେବେଳେ ଆମ ଦହଙ୍କି ।

ଦେହରୁ ଦେହାତୀତ ଆନନ୍ଦ ନେଇ ଅନ୍ୟ ଦୁନିଆଁର ବାସିନ୍ଦା ଆମେ ଦୁହେଁ, ଅତିଥିଭାବରେ ନିଜ ପାର୍ଥିବ ଘରକୁ ଆସିଲୁ ଏବଂ ଶୋଇଗଲୁଁ ଏକାଖଟରେ ସିମିତ ମଧୁଶଯ୍ୟାରାତ୍ରିର ଶେଷ ଯାମରେ ପ୍ରଚଣ୍ଡ ରତିଙ୍ଗିସ୍ଥା ସାରି ଶ୍ରାନ୍ତ କ୍ଳାନ୍ତ ହୋଇ .ବରକନ୍ୟା, ଯୁବକ ଯୁବତୀ ଶୋଇଯାନ୍ତି ଅଲଗା ଅଲଗା ପରିତୃପ୍ତ ଆନନ୍ଦରେ । ମାତ୍ର ସିମିତ ଆମ କାନରେ ବାଜୁଛି ପିଲାଦିନର ଆମ ମାଆର ସତର୍କବାଣୀ "ଶୋଇପଡ଼, ଶୋଇପଡ଼, ଅନ୍ଧାର ବୁଢ଼ୀ ଆସୁଛି, ହେଇ କକବାସ୍ୱା ଆସୁଛି" ପୃଥିବୀର ଆନନ୍ଦ ଛାଡ଼ି ଶୀଘ୍ର ଶୋଇବାକୁ ଚାହୁଁ ନଥିବା ଉଠିଆ ପିଠିଆ ଝିଅଭଉଣୀ ପରି ପରସ୍ପରକୁ ଜଡ଼ାପଟା କୁଣ୍ଢାଇ ଜାବୁଡ଼ି ଧରି ଯୋଡ଼ି ଯୋଡ଼ି ହୋଇ ଆମେ ଶୋଇଗଲୁଁ, ସିମିତ ଅନ୍ଧାର ବୁଢ଼ୀ କକବାସ୍ୱା ଆମକୁ ଭିଡ଼ଓଟାରି ଅଲଗା ଅଲଗା କରି ନ ପାରିବେ ।

Digitized by srujanika@gmail.com

# ବାସନ୍ତୀ

ବାସନ୍ତୀ ସହିତ ଏବେ ମୋର ସମ୍ପର୍କ ଖାଲି ସାମାନ୍ୟ ହସ ଟିକକର । କେବେ କେମିତି ସାଇକେଲରେ ଦୋକାନ ବଜାରକୁ ଗଲାବେଳେ ହଠାତ୍ ତା ସହିତ ଦେଖାହେଲେ ସେ ଦଶ ବର୍ଷ ତଳର ହସ ଟିକକ ଫିକ୍ କରି ହସିଦିଏ । ପାନଖିଆ ଦାନ୍ତଗୁଡ଼ାକ ଏକପାଖିଆ ହୋଇ କାଳି ପର୍ଯ୍ୟନ୍ତ ଦିଶିଯାଏ, ଡାହାଣ କଳର ଗୁଆ ପରି ପାନଖିଲି ଗେଣ୍ଡାଟା ଚହଲମହଲ ହୁଏ, ଆଖି ଦୁଇଟା ସାନ ସାନ ହୋଇ ଯାଏ । ଏବେ ତା ମୁହଁଟି ସେମିତି ଚିକ୍କଣ ନୁହେଁ, ବ୍ରଣ ଆଉ ଷତ ଦାଗରେ ଗାଲର ହନୁ ଚମଡ଼ାଟା ମହୁ ଫେଣା ପରି ଦିଶୁଛି । ପ୍ରତି-ଦାନରେ ମୁଁ ବି ପୂର୍ବପରି ଅକୁଣ୍ଠ ହସ ଦେଇ ପାରେନା, ମୁହଁର ମାଂସପେଶୀ ଗୁଡ଼ିକ ଇତସ୍ତତଃ ହୋଇ ହସର ନକଲଟିଏ ଦିଏ । ମୁଁ ହସିଲାପରି ଦିଶେ ମାତ୍ର । ତାକୁ ଯିମିତି ଅବସ୍ଥାରେ ଦେଖେଁ, ତାହା ଲେଖିବାକୁ ଇଚ୍ଛା ହୁଏନା । ବର୍ଣ୍ଣନା କଲେ କାହାରି ପଢ଼ିବାକୁ ଇଚ୍ଛା ହବନି, କିନ୍ତୁ ବାସନ୍ତୀକି ଦେଖିବାକୁ ଶରଧା କରିବାକୁ ମୋର କାହିଁକି, ସମସ୍ତଙ୍କ ଇଚ୍ଛା ଓ ଆଗ୍ରହ ହେବ ।

ଏଇତ ମୋର ଆଜି ଦେଖାହେଲା । ଦୀର୍ଘଦିନ ବିଚ୍ଛେଦର ଶୂନ୍ୟସ୍ଥାନଟା ଯିମିତି ତାର ସେଇ ପେଟେଣ୍ଟ ହସ ଟିକକରେ ପୂରଣ ହୋଇଗଲା । ସେଦିନ ଥାଏ ପ୍ରଥମାଷ୍ଟମୀ । ମୁଁ ପଢ଼ୁଆଁ, ମୋ ସ୍ତ୍ରୀ ପଢ଼ୁଆଁ, ମୋ ପୁଅ ପଢ଼ୁଆଁ, ପୁଅର ବୋହୂ ପଢ଼ୁଆଁ ମୋ ନାତୁଣୀ ପଢ଼ୁଆଁ, ତିନି ପୁରୁଷ ପଢ଼ୁଆଁ । ସମସ୍ତଙ୍କ ଶାଢ଼ୀ ଧୋତି, ଲୁଙ୍ଗୀ, ଗେଞ୍ଜି, ଫ୍ରକର ଗୋଟାଏ ବଡ଼ ପ୍ୟାକେଟ କରି କିଛି ତୁଳସୀ ଓ ଗେଣ୍ଡୁଫୁଲ ନେଇ ସହର ମୁଣ୍ଡ ଜଗନ୍ନାଥ ମନ୍ଦିରକୁ ଯାଉଥିଲି । ଉଦ୍ଦେଶ୍ୟ ବୁଢ଼ା ସାଥିରେ ଦେଖା ସାକ୍ଷାତ କରି ଘରକୁ ଫେରି ଘରର ତିନି ଠାକୁରଙ୍କ ପୂଜା ବଢ଼ାଇବି ଏବଂ ବରି ପାଣୀଙ୍କ ସହିତ ନୂଆ ଲୁଗା ପିନ୍ଧି ଲମ୍ବଦଣ୍ଡ ପଡ଼ି କହିବି, "ଜୟ ବାପା ! ଧନ୍ୟବାଦ, ମୋତେ ପ୍ରଥମ କରି ଜନ୍ମ କରିଛ, ଜୟ ମୋ ପରି ଅନ୍ୟ ବାପାମାନଙ୍କୁ, ଯେଉଁମାନଙ୍କ ପ୍ରଥମ ସନ୍ତାନ ସନ୍ତତି ଅକାଳ ମୃତ୍ୟୁ ନ ଲଭି ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି । ଜୀବନ୍ତଂ ଶରଦଃ ଶତମ୍ ।"

Digitized by srujanika@gmail.com

ଘରେ ସମସ୍ତେ ଓପାସରେ ରହିଛନ୍ତି, ଶୀଘ୍ର ଏକାମୁହାଁ ହୋଇ ଘରକୁ ଫେରୁଥାଏ । କଣିଆ ଚାହିଁ ଦେଖିଲି ବାସନ୍ତୀ । ଫ୍ରକ୍ ପିନ୍ଧି ଚାରି ପାଞ୍ଚ ବର୍ଷର ଝିଅ ଡାହାଣ ହାତ ଧରି ଚାଲିଛି । ବାଁ ହାତରେ ଫୁଲ ଗୁଙ୍ଗୁଡ଼ି ଏବଂ କାଖରେ ଲୁଗା ପୁଟୁଳାଟାଏ । ଯିମିତି ଚାରି ଚକ୍ଷୁ ମିଳିଗଲା, ସେ ସେଇ ପୁରୁଣା କଳି ଅତି ନୂଆ ମାର୍କାମରା ହସଟି ହସି କହିଲା, "ଝଜା, ଯାଉଛୁ" । କୁଆଡ଼େ, କାହିଁକି ଆଦି ପ୍ରଶ୍ନ ନ ପଚାରି ତାକୁ ପାରି ହୋଇ ଆସୁ ଆସୁ କହିଦେଲି ପାଟିରୁ ବାହାରି ପଡ଼ିଲା 'ହଉ' । ଖାଲି ଏତିକି ନଜର କଲି ଯେ ତାର ଆକାର ଚେହେରା ଏକା-ବେଳକେ ଅଦୃଷ୍ଟପୂର୍ବ ।

ତାକୁ ଅତିକ୍ରମ କରି ଆସିବା ପରର ଚଉଦ କିଲୋମିଟର ରାସ୍ତା ଖାଲି ତାହାରି କଥା ମନେ କରି କରି ଆସିଲି । ପ୍ରଥମ ଦିନର ଦେଖା ଏବଂ ପରବର୍ତ୍ତୀ କେତେଗୁଡ଼ାଏ ବର୍ଷର ତାର ମୋର ସମ୍ପର୍କ ।

ଉଣେଇଶ ସତୁରି ସାଲ ଡିସେମ୍ବର ନଅ ତାରିଖ । ବଡ଼ ପୁଅର ବାହାଘର ଦିନ, ଶକ୍ତିମୁତାବକ ଭଲ କରି ଆଡ଼ମ୍ବର ଓ ଜାକଜମକରେ ଜୀବନର ପ୍ରଥମ ବଡ଼ ଶୁଭକର୍ମଟା କରିବାର ଅଭିଳାଷ କରିଥାଏଁ । ଗୁଡ଼ାଏ କୁଟୁମ୍ବ, ବନ୍ଧୁବାନ୍ଧବ, ବାଧା ଗରିବ ଥିଲେ ତେଣୁ ଯେତେ ଆବର୍ଜ୍ଜନା ଯୋଗାଡ଼ କରି ରଖି କରୁଥିଲେ, ସଂଖ୍ୟା ବଢ଼ାଇ ଗୋଟି ଗୋଟି କରି ତାଲିକା କରି ଦେଖିଲି ସାନବଡ଼ ହୋଇ ଅନ୍ତତଃ ଚାଳିଶ ଜଣ ହେବେ । ଯୋଡ଼ାଏ ବଡ଼ ବଡ଼ କୋଠରି ଦେଇ ଲଫଟରେ ବାରଫୁଟ । ଗୋଟିଏ ଅପେକ୍ଷାକୃତ ଛୋଟ, ବିବାହ ସରଞ୍ଜାମ ସବୁ ରହିବ । ଯାହା ଥିବ ତାକୁ ବୈଠକଖାନା, ଷ୍ଟୋର ଓ କିଚେନ୍‌ରେ ଠେସ ଠେସ କରି ରଖି ଦେଲେ ଚାରିପାଞ୍ଚଦିନ ଚଳିଯିବ । ବଡ଼ ଘରଗୁଡ଼ାକରୁ ଖଟ ଟେବୁଲ କାଢ଼ି ବାହାର କରିଦେଇ ଦରି ପକାଇ ଦେଲେ ସମସ୍ତେ ଗଡ଼ି ଯିବେ । ଅନ୍ଧ କୂପ ହତ୍ୟା ହେବ ନାହିଁ । ଶୀତ ଦିନ । ପଙ୍ଖା ବୁଲାଇ ଦେବା । ମୁଣ୍ଡ ଢାଙ୍କି ଅନେକ ଶୋଇଯିବେ । ମଶା ଉତ୍ପାତ ବ୍ୟୂହାଣ୍ଡରୁ ରକ୍ଷା ମିଳିଯିବ ।

କିନ୍ତୁ ବାଥ୍ରୁମ୍ ? ଇଂରାଜୀରେ ବାଥରୁମ୍ ଟଏଲେଟ ଯାହା ନାଆଁ ଦେଲେ ବି ମୋର ସେଇ ଗୋଟିଏ ଛୋଟ ପାଇଖାନା, ଅନ୍ୟ ନାଆଁ ସରଭିସ୍ ଲେଭେଟରୀ । ଇଟା ଚୂନର, ଇଟା ସିମେଣ୍ଟର ନୁହେଁ । କେବଳ ଏଇ ପାଇଖାନା ସମସ୍ୟାରୁ ମୁଁ ବାହାଘର ନାଁ ଧରୁନଥିଲି । ଅନ୍ୟ ଗୋଟାଏ ଭଡ଼ାଘର ହପ୍ତାଏ ଦିହପ୍ତା ପାଇଁ ମିଳିଥିଲେ ମୁଁ ଚଢ଼ାଭଡ଼ା ଦେଇ ବି ନେଇଥାନ୍ତି । ମୋର ବରାବର ଭୟ ଥିଲା ଏ ବାହାଘରଟା ମାଡ଼ ଖାଇଯିବ ଏଇ ଗୋଟାଏ ଅସୁବିଧା ପାଇଁ । ଗାଁ ଦାଣ୍ଡରୁ ବୁଭୁକ୍ଷୁ ଆସୁଛନ୍ତି ଖାଇବେ ଯେତେ······ତାଠାରୁ ବେଶୀ । ମଳ !

Digitized by srujanika@gmail.com

ଆମେ ଏଇ ଘରେ ବଂଶପ୍ରାଣୀ ସହିତ ମୃତେ ହେଲ ହେଲୁଣି, ଅପଣଙ୍କ ନାକକୁ ସାଙ୍ଗେ ସାଙ୍ଗେ ଗନ୍ଧ ପଶିଯାଉଛି !)

ଡିସେମ୍ବର ସାତ ଅଡ଼କୁ ଆସିଲେ ମଧ୍ୟ ଚଳିଯାଆନ୍ତା । କିନ୍ତୁ କୁଲକୁଟମ୍ବ ଛଅ ତାରିଖରୁ ଆସିବା ଆରମ୍ଭ କରିଦେଲେ । ଏ ଅବସ୍ଥାରେ ଏକମାତ୍ର ସ୍ୱାବଲମ୍ବୀ (ଛି୍ । ) ବେହେରାଣୀ (ତାକୁ 'ମେହେନ୍ତ୍ରାଣୀ' ବୋଲି ଯଦିଓ ଡାକିଲରୁ କହିଲ 'ବାବୁ' ଆମେ ବେହେରାଣୀ ବୋଲାଉ 'ମେହେନ୍ତ୍ରାଣୀ' କହିବୁ ନାହିଁ । ଠିକ୍ ସିମିତ ଯଦି 'ପୋଷ୍ଟ ପିଅନ କହିଲରୁ ହସ ଦିଂ କହିଥିଲ । ସାର ଅମେ ପୋଷ୍ଟ-ମେନ୍, ପିଅନ ନୋହୁଁ) ଆଗରେ ସମସ୍ୟା ଉପସ୍ଥାପିତ କଲି । କହିଲି 'ବୁଢ଼ୀ ! ତୁ ଆଉ ଜଣଙ୍କୁ ସାଙ୍ଗ କର । ଯେତେଯାକ ଯେବେ ରହିବ, ଖାଇବ, ଶୋଇବ, ଚତୁର୍ଥୀ ବାସିଯାକେ, ଅଧିକା ପଇସା ବକସିସ୍ ଦେବି ।' ବୁଢ଼ୀ ତତକ୍ଷଣେ କହିଲା "ହଉ, ଆଣିବି ଆଉ ଜଣକୁ । ହେଲେ କହୁ ଦେଉଛି ଘରେ ହେଲି ବୋଲି ମୁଁ ଧୋତି ନେବେନି, ଶାଢ଼ୀ ନେବି ।" ମୁଁ ହଁ ଭରିଲାରୁ ସେ କହିଗଲା, 'ଅଉ ଗୋଟାଏ ଟିଣ ପାଇଁ ପଇସା ଦେ, ଖରକା ମୁଠାକ ପାଇଁ କି ଟଙ୍କାଏ ଦେଇଥା । ମୁଁ ମୁନସିପାଲଟିରୁ ବ୍ଲିଚିଂ ଆଣିବି । ତୁ ଫିନାଇଲ, ଗନ୍ଧ କପୁର ଅଣ ।" ମୁଁ ବୁଝିଗଲି 'ଧୁପଗନ୍ଧେ ନୈବ ଧୂର୍ଗନ୍ଧମ୍' ମତ ବିଶ୍ୱାସ କରୁଛି ବୁଢ଼ୀ । ଦଣ୍ଡେ ରହି କହିଲା 'ତୁ ଜମା ଡରନା, ସଫା ନ ଦେଖିଲେ ମୋତେ କହିବୁ । ମେଟେ ଗନ୍ଧ ହବନି । ଦରକାର ହେଲେ ଦଶଥର ସଫା କରିବା, ଯେତେବେଳେ ଉଜାଗର ରହି ।'

ବବାହର ଛଅଦିନ ପୂର୍ବର ଏ କଥାବାର୍ତ୍ତା । ମଙ୍ଗଳକୃତ୍ୟର ସକାଳେ ଘର ଠାକୁରଙ୍କ ପୂଜାପର୍ବ ସାରି ଅଗଣାକୁ ବାହାରିଛି, ଦେଖିଲି ବୁଢ଼ୀକୁ । ସେ ତା ପୂର୍ବଦିନଠୁ ଆସି ରହିଲାଣି । ତାର ଠିକ୍ ପଛକୁ ଲାଗି (କି ରୂପ ! କି ରଙ୍ଗ ! କି ଠାଣି !) ଛିଡ଼ା ହୋଇଛି ଏକ ଅନନ୍ୟସୁନ୍ଦରୀ ନବବିବାହିତା ବଧୂ । ଇଃ ଦୁନିଆଁ ଯାକ ଦୁଇ ବରଷ ଖୋଜାଖୋଜି କରି ଯାହାକୁ ପୁତ୍ରବଧୂ କରିବାକୁ ଯାଉଛି ସେ ସ୍ମାର୍ଟ୍ ଚେହେରା ରଙ୍ଗରେ କେତେ ଊଣା ! ଇମିତି ମୋ ବୋହୂଟି ହୋଇଥିଲେ, ସତ କହୁଛି, ମୁଁ ଯଉତୁକ କଥା ଉଠାଇ ନଥାନ୍ତି । ଭଲ ଭଲ ଝିଅଗୁଡ଼ାକ ଯୁଗେ ଯୁଗେ କାହିଁକି କେଜାଣି ବଳରେ, ଆଶ୍ରମରେ, କୁଡ଼ିଆରେ ଜନ୍ମ ହୁଅନ୍ତି କେଜାଣି ।

ପିତୁଳାଟି ପରି ଛିଡ଼ା ହୋଇଥିବା ଆଗନ୍ତୁକାର କାନ୍ଧରେ ବୁଢ଼ୀ ହାତ ଦେଇ କହିଲା, 'ଦେଖ୍' ସ୍ନାକୁଇ ଆଣିଛି, ସାଙ୍ଗଦେବ ବଡ଼ପୁଅର ବୋହୂ, କାଲି ଚଉଠି ଯାଇଛି ।' ତାର ଏ ବୋହୂଟିକୁ ଦେଖିଲାମାତ୍ରେ ବୁଝିଗଲି ବୁଢ଼ୀ କାହିଁକି ଧୋତି ନନେଇ ଶାଢ଼ୀ ନେବାର ସର୍ତ୍ତ କରିଛି । ମୋର ଚିନ୍ତା ହେଲା ଧୋତି ବଦଳ ଶାଢ଼ୀ ଦେବାରେ ଅତ କମରେ ମୋତେ ଦଶଟଙ୍କା ଅଧିକା ପଡ଼ିଯିବ ।

Digitized by srujanika@gmail.com

ଗେଡ଼ୀ, ଗୋଲଗାଲ ବୋହୂଟିର ମୁଣ୍ଡରୁ ଲାଲ ଧଡ଼ିର ହଳଦିଆ ଶାଢ଼ୀର ଗୁଣ ଅଙ୍କିତ ଓଢ଼ଣା କାଢ଼ିଦେଇ ବୁଢ଼ୀ କହିଲା, "ଲାଜ କରୁଛୁ କାହାକୁ, ସେ ଚୋର ଅଜା', ମୁଣ୍ଡିଆ ମାର।" ହୁକୁମ ମାତ୍ରେ ବୋହୂଟି ମୁଣ୍ଡ ଲଗାଇଦେଲା ଅଗଣାରେ ଏବଂ ଠିଆ ହେଲା। ଦେଖିଲି, ଲାଜଗୁଡ଼ାକ ତାର ନୁଆଁଣିଆଁ ଆଖିରୁ ଝରି ଗାଲ ଓ ଓଠର ଲାଲିମାରୁ ସଞ୍ଚିତ କରି ଛାତିର ନାଲି ଧଡ଼ି ଦେଇ ତଳପାରେ ଅଲଗା ହୋଇ ବହିଯାଉଛି। "କାଲି ଚତୁର୍ଥୀ ଗଲା ?" ଜାଣି ନଜାଣିଲା ପରି ପ୍ରଶ୍ନଟାରେ ବୋହୂଟି ବିବ୍ରତ ହେଲା। ସେଇ ମୁହୂର୍ତ୍ତରେ ପଚାରି ଦେଲି "ବୋହୂର ନାଆଁ ?"

"ନାଆଁ କହୁଚେ, ଫେର୍ ନାଜ, ତାଙ୍କ ଘରେ ପରା କାମ କରିବ।" ବୁଢ଼ୀ କହିଲା ଗର୍ବରେ, ତାର ସୁନ୍ଦରୀ ପୁଅବୋହୂକୁ ଚାହିଁ। ମୁଁ ମାନିଗଲି, ବୋହୂ ପସନ୍ଦ କରିବାରେ ମେହେନ୍ତରାଣୀ ବୁଢ଼ୀ ମୋତେ ଟପି ଯାଇଛି।

ଓଢ଼ଣା ତଳୁ ଅଡ଼ ଆଖିରେ କଣିଆଁ ଚାହିଁ ଖୁବ୍ ସରୁ ଗଳାରେ ସେ କହିଲା 'ବାସନ୍ତୀ'। ବସନ୍ତର ସମସ୍ତ ସୌନ୍ଦର୍ଯ୍ୟ ଏଇ ଝିଅଟା ପାଖରେ। ହେଲେ ମଳୟର ସୁଗନ୍ଧ ପରିବର୍ତ୍ତରେ ମଳର ଦୁର୍ଗନ୍ଧ ଯା ସହିତ ଲାଗିଲା କିମିତି। 'ମଳ' ଶବ୍ଦରୁ ମଳୟର ଉତ୍ପତ୍ତି ନୁହେଁ ତ !

ଶାଶୁବୋହୂ ଦାଣ୍ଡିଦ୍ୱାରରେ ପାଇଖାନା ଫାଣ୍ଡ୍ ଛାଡ଼ି ଦେଇ ନିଶ୍ଚିନ୍ତରେ ବାହାଘର କାମରେ ଲାଗିଗଲେ। ଠାକୁର ଘର ତଥା ହୋମଘରର ଝୁଣାଧୂପର କର୍ପୂର ଘୃତ ରଜନୀଗନ୍ଧାର ଗନ୍ଧ ରନ୍ଧାର ମାଛ ମାଂସ ପୁରି ମିଷ୍ଟାନ୍ନ ମହକ ସହିତ ବ୍ଲିଚିଂ, ଫିନାଇଲ, ଡେଟଲ ବିଧୌତ ପାଇଖାନାର ଗନ୍ଧର ଏମିତି ସମ୍ମିଶ୍ରଣ ହେଲା ଯେ, ବରଯାତ୍ରୀ କେହି ବାରି ପାରିଲେ ନାହିଁ। କେଉଁଠୁ କି ଗନ୍ଧ ଆସୁଛି।

ଉତ୍ସବ ସରିଲା। ବର, କୁଟୁମ୍ବ ସବୁ ବିଦାୟ ନେଲେ। ପାଇଖାନା ସ୍ୱରୂପ ଫେରି ପାଇଲା। ବୁଢ଼ୀ ଓ ବାସନ୍ତୀ ବିଦାୟ ପାଇଁ ଆସି ଉଭା ହେଲେ। ଚକୁଡ଼ା ଉଖୁଡ଼ା ମୁଢ଼ି ମିଠାଇ ଫେଣ୍ଟରୁ ଦୁଇଜଣଙ୍କୁ ଦୁଇ ଖଲିପତର ମୋ ସ୍ତ୍ରୀ ଥୋଇ ଦେଇ ପାଞ୍ଚୋଟି ଟଙ୍କା ସାଙ୍ଗକୁ ଶାଢ଼ୀଟିଏ ଯିମିତି ବୁଢ଼ୀ ହାତକୁ ଖଣ୍ଡେ ଦୂରରୁ ଫୋପାଡ଼ି ଦେଇଥିଲେ, ବୁଢ଼ୀ ସେଇ ମୁହୂର୍ତ୍ତରେ ଶାଢ଼ୀକୁ ବୋହୂ କାନ୍ଧରେ ଥୋଇ ଦେଇ କହିଲା "ମୋର କାହିଁ ? ଏତେ ବଡ଼ ବାହାଘରରେ ମୋର ଲୁଗା ନାହିଁ ?" ଦଶମାଣ ଜମି ସାଙ୍ଗକୁ ପଚିଶ ଭରି ସୁବର୍ଣ୍ଣ, ଆଉ ଦୁଇ ଟ୍ରକ ଚିଜ ପାଇବା ପରେ ମୋ ସ୍ତ୍ରୀଙ୍କ ମନ ଏତେ ସରସ ଥାଏ ଯେ ସେ ସାଙ୍ଗେ ସାଙ୍ଗେ ଶ୍ୱଶୁରଙ୍କ ପାଇଁ ବୋହୂର ଆଣିଥିବା ନମସ୍କାରି ଧୋତିଟା ବାକ୍ସରୁ କାଢ଼ି ଆଣି ବୁଢ଼ୀକି ଦେଇଦେଲେ।

Digitized by srujanika@gmail.com

ଏତିକିବେଳେ ପୁଅବୋହୂ ଦଳେ ଅଗଣାକୁ ଆସି ବନ୍ଧୁଙ୍କି ଦେଖିଲେ । ବାସନ୍ତୀ ଥିଲି ପ୍ରାୟ ନବଯୌବନା । ଟଙ୍କାଏ ଦେଢ଼ଟଙ୍କା ଦାମର 'ଗିଲଟି' କାନଫୁଲ, ନାଲି ରେଶମୀ କାଚ, ବେକରେ ନାଲି ପୋହଳା ଓ କଣ୍ଢିର ହାର । ସେ 'ଜିଉଟି'ରେ ଥିଲା । ଶାଢ଼ୀଟା ଅଣ୍ଟାରୁ ନେଇ ଛାତିରେ ଗୁଡ଼ାଇ ପୁଣି ପଛପଟେ ବୁଲାଇ ନେଇ ଏମିତି ଜୋରରେ ଭିଡ଼ି ବାନ୍ଧି ଥିଲି ଏବଂ ପଣାପାଲିଆ କଟକା ଗାମୁଛାଟାକୁ ପିଠିରେ ଏମିତି ଜାକି ଦେଇଥିଲି ଯେ, ଉଗ୍ର ଯୌବନର ସମସ୍ତ ଉଚ୍ଛଳିତ ମୋଡ଼ଭଙ୍ଗର ସୁଷମା ଉତ୍କଟ ରୂପେ ପ୍ରକଟ ହେଉଥିଲି । ମୋ ବନ୍ଧୁ ବୁଢ଼ୀର ବନ୍ଧୁକୁ ବୁଝି ଶାଶୁଙ୍କୁ ପଚାରିଲେ "ମା ଏ କିଏ ?" ଶାଶୁ କହିଲେ "ମେହେନ୍ତରାଣୀର ପୁଅ ବୋହୂ, ଆଠ ଦଶ ଦିନ ହେଲା ବାହାଘର ସରିଛି ।" ବନ୍ଧୁ ନିଷ୍ପ୍ରଭ ହେଲେ, ତାଙ୍କ ହାତ ବାଜୁ ବେକର ପଚିଶ ଭରି ଗହଣାଗାଣ୍ଠି ନକଲି ଗହଣା ପରି ଦିଶିଲା ।

କେତେ ଦିନ ପରେ ଲକ୍ଷ୍ୟ କଲି ବୁଢ଼ୀ ଅଉ କାମକୁ ଆସୁନି । ବହୂ ଏକୁଟିଆ ଆସୁଛି । ବୁଝିଲି, ସେ ଆଉ ଆସିବ ନାହିଁ, ଦି ଦିନ ଧରି ବୋହୂ ସାଙ୍ଗରେ ଘରକୁ ଘର ବୁଲାଇ ବାସନ୍ତୀକୁ 'ବଦଳି' ଦେଇଛି, ମ୍ୟୁନିସିପାଲିଟି ଅଫିସରେ କହାବୋଲା କରି । ବାସନ୍ତୀ ଖଟିବ, ବୁଢ଼ୀ ଦରମା ଆଣିବ । ହେଲେ ପନ୍ଦର ପଚିଶ ଦିନରେ ବୁଢ଼ୀ କେବେ କିମିତି ବୁଲିଯାଏ ଆଦ୍ୟ ବସନ୍ତର ଶେଷ ମଳୟକୁ ଠେଲି ଦେଇ ଶୀତଦିନିଆ କାଲୁଆ ପବନ ପଶି ଆସିଲା ପରି ।

କେବେ କେମିତି ଠାକୁର ପୂଜା ସାରି ଦେବାଳୁ ବାହୁଡ଼ିଆରକୁ ଗଲେ ବାସନ୍ତୀକୁ ଦେଖେଁ ମଇଲା ଟିଣ ଧରି ଆସୁଥିବା ବେଳେ ବା ଫେରୁଥିଲା ବେଳେ । ସେତେବେଳେ ସେ ଟିଣଟିକୁ ପିଲା କାଖେଇଲା ପରି ଅତି ସତର୍କତାର ସହିତ ଧରି ଅଣ୍ଟା ଭାଙ୍ଗି ଝାଡ଼ୁମୁଠା ହାତରେ ହଲାଇ ହଲାଇ ଚାଲିଥାଏ ଏବଂ ଭ୍ରମର ପଙ୍କ୍ତି ପରି ବଡ଼ ବଡ଼ ନୀଳମାଛି ଝୁଡ଼ାକ ଭଣ ଭଣ ହୋଇ ଯାଉଥାଆନ୍ତି, ମୋର ମନେ ପଡ଼େ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ମାଲୁଣୀ ଛବିଟି ଯାହା ତଳେ ଲେଖାଥାଏ "କୁସୁମ ଗୁଞ୍ଜଡ଼ା କରେ, ଗୋଡ଼ାଇଛନ୍ତି ଭ୍ରମରେ' । ନାକ ଫାଟିଯାଏ ସୁ (ଦୂର) ଗନ୍ଧରେ ।

ପାଞ୍ଚବର୍ଷ ବିତିଗଲା । ସୃଷ୍ଟି ପ୍ରତିଯୋଗିତାରେ କିନ୍ତୁ ବାସନ୍ତୀ ମୋ ବନ୍ଧୁ ପାଖରୁ ହାରିଯାଇଛି । ବନ୍ଧୁପତ୍ନୀ ଯୋଡ଼ାଏ ଝିଅ ପରେ, ନିଶ୍ଚିତ ରୂପେ ତୃତୀୟ ଆଡ଼କୁ ଚାଲିଛନ୍ତି । ବାସନ୍ତୀର ସ୍ୱାସ୍ଥ୍ୟ ଓ ଶୋଭା ଅତୁଟ । ବରଂ ସାମାନ୍ୟ ମୋଟା ଦିଶୁଛି, ଟିକଲୀ ଚର୍ବିଲ ହୋଇଛି । ଆଶ୍ଚର୍ଯ୍ୟ ଲାଗିଲା ଯେଉଁ ସାଧୁରେ ଅହରହ ଭୁତାନ ଜନ୍ମଲାଭ କରୁଛନ୍ତି କୃମି ପୋକମାଛି ଦଳ, ସେଠି ବାସନ୍ତୀ ବାଂଝ ?

Digitized by srujanika@gmail.com

ଯବେ ଦେଖିଲି ମୋ ସ୍ତ୍ରୀ ତାଙ୍କ ନାତୁଣୀ ଝିଅଙ୍କ ତୈଳହରିଦ୍ରା କରି ସ୍ନାନ କରାଉଛନ୍ତି, ବାସନ୍ତୀ ତନ୍ମୟ ହୋଇ ବାଡ଼ିଦୁଆର କାଠକୁ ଧରି ଛିଡ଼ା ହୋଇ ଦେଖୁଛି, ବିଶେଷକରି ପ୍ରୀତି ପେଟରୁ ହାତ ତଳ ଉପର କରି ଲଙ୍ଗୁଳୀଙ୍କ ଘଷାଘଷି କଲାବେଳେ, କ୍ରମେ ବାସନ୍ତୀର ଆଖି ଦୁଇଟା ଆର୍ଦ୍ର ହେବାର ମୁଁ ଲକ୍ଷ୍ୟ କଲି ।

ଆଉ ଯବେ ମୋ ସ୍ତ୍ରୀ ବା ବହୂ କେହି ଦେଖୁ ନ ଥିଲା ବେଳେ (ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ ଗୋଟିଏ ହାଡ଼ିଆଣୀ ସହିତ ମୋର ଆଳାପ ମେଳାପକୁ) ପଚାରିଲି, "ତୋର ସ୍ୱାମୀ କଣ କରେ ? ଛାତି ଫୁଲାଇ ସେ ଉତ୍ତର ଦେଲା 'ଡ୍ରାଇଭର' । ଯୋଉଁଲା ଏଇ ରାସ୍ତା ଦେଇ ସେ ସବୁଦିନ ଯାଆସ କରେ, ଗାଡ଼ିରେ । ପୁଣି ଦଣ୍ଡେ ରହି ଏଇତ ଗାଡ଼ି ଶବ୍ଦ ଶୁଭୁଛି, ଆସିଯିବ । ସେକେଣ୍ଡକ ପରେ ହେଇତ ଆସିଲା ।" "ନାଁ କଣ ?" ପଚାରିଲି । ଗାଡ଼ି ଆଡକୁ ଚାହିଁ କହିଲା 'ଚେମା' ।

ଦେଖିଲି ଚେମା ବାବୁ ପୂର୍ଣ୍ଣ ସ୍ଥୈର୍ଯ୍ୟ ଓ ଆତ୍ମବିଶ୍ୱାସ ନେଇ ସିଧାସଳଖ ଟ୍ରେକ୍‌ଟରରେ ବସିଛନ୍ତି । ମୁଣ୍ଡ ଉପରେ ପୂର୍ଣ୍ଣ ଶକ୍ତିରେ ଭଗବାନ ସୂର୍ଯ୍ୟଦେବ । ଚେମା ବାବୁଙ୍କ ପୋଷାକପତ୍ର, ଚୁଲକଟା, ଠାଣି, ଗଗଲସ୍ ଦେଖିଲେ ମଫସଲର ଯାତ୍ରାପାଟିର ଶ୍ରୀକୃଷ୍ଣ, ନହେଲେ ବଜାରର ବେଙ୍କରୁ ଲୋନ୍ ନେଇ ନୂଆ ଗାଡ଼ି କିଣିଥିବା ଶକ୍‌ଟାବାଲା, ଅଥବା ପୁରୁପୁରୁଷ ସରକାରୀ ସାହାଯ୍ୟରେ ପଢ଼ୁଥିବା ଏକ ଥାର୍ଡ଼୍ ଡିଭିଜନ ଫେସନୀ କଲେଜ ଟୋକା ହୋଇଥିବ । ଟ୍ରେକ୍‌ଟର ପଛରେ ଯୋଗ୍ୟ ଲାଲ ରଙ୍ଗର ପୁରୁଣା ପେଟ୍ରୋଲ ଟାଙ୍କି, ଯହିଁରୁ Highly inflammable ଅକ୍ଷର ଲିଭି ନାହିଁ । ଚେମାକୁ ଦେଖିଦେଲା ମାତ୍ରେ ବାସନ୍ତୀ ଦ୍ରୁତ-ପଦରେ ଯାଇ ମଇଳା ଟାଙ୍କିର ଢାକୁଣି ଖୋଲି ନିଜ ଟିଣର ମାଳିଭର ଖାଲସ ଭରିଦେଲା ଏବଂ କାନରୁ ପାନ ଖିଲଟିଏ ଖୋଲି ଚେମାବାବୁଙ୍କୁ ଖୁଆଇ ଦେଲା ଏବଂ ଧାଇଁଲା ଗାଡ଼ି ପଛେ ପଛେ ସହରର ମଝିର ଏକ ଡିପୋଲ ପାଖକୁ, ଯେଉଁଠି ସହରର ସମସ୍ତ ମଳଭାଣ୍ଡର ମେଳନ ହୁଏ, ଦିନ ବାରଟାରେ ।

ବାସନ୍ତୀର କାମ ହେଲା ଟିଣକୁ ଟିଣ ମଇଳା ଢାଳି ଟାଙ୍କିରେ ପୂରେଇବା । ଯିମିତି ବିବାହବ୍ରତ, ମନ୍ତ୍ରୀଙ୍କ ଭୋଜିରେ ପରଶୁଣୀମାନେ ପଲଉ ବା ମାଂସ ବା ପାୟସ ହଣ୍ଡାକୁ ଗର୍ବରେ ଫୁଲି ଧାଁଧପଡ଼ ହୋଇ ସାବଧାନରେ ପରଶନ୍ତି ଏବଂ ଟୋପାଏ ପଡ଼ିବାକୁ ଦିଅନ୍ତି ନାହିଁ ବା ମୋ ସ୍ତ୍ରୀ ବେଳକୁ ଅଙ୍ଗୁଳିରେ ପୋଛୁପାଛୁ କଞ୍ଚା ଇଲିସି ବେସର ଯିମିତି ନିର୍ମଳ ସାଫକରି ଦିଅନ୍ତି; ବାସନ୍ତୀ ସେମିତି

Digitized by srujanika@gmail.com

ସତର୍କତା ଓ ଆଗ୍ରହରେ ଟିଣସବୁ ସଫାକରେ । ବାଟରେ ଯାଉଥିବା ଲୋକେ ସହି-ପାରନ୍ତି ନାହିଁ କେମିତି ଏତେ ମଇଳା ମହକର ଶେଷ ପରିଣତି ଏମିତି ନାକଫଟା ଦୁର୍ଗନ୍ଧ । ମୋର ବିଶ୍ୱାସ, ବାସନ୍ତୀର ନାକରେ ଘ୍ରାଣଶକ୍ତି ସମ୍ପନ୍ନସ୍ନାୟୁ, ପ୍ରଣିଗ୍ର ମରି ଯାଇଥିବେ ବା ଅକାମୀ ହୋଇ ଯାଇଥିବେ ।

ସମଧିକ କୁତୂହଳୀ ହୋଇ ପୁଣି ଥରେ ପଚାରିଲି, 'ତୋର ଘରଟା କେଉଁଠି ?''

''ଗାନ୍ଧି କଲୋନୀରେ''

''ଠିକ କେଉଁ ଜାଗାରେ ?''

''ଜହରଲାଲ ରୋଡ଼ରେ,''

ଦଣ୍ଡେ ରହି କହିଲା, 'ଯେଉଁଠି ବାଘାଯତୀନ ରୋଡ଼, ବିବେକାନନ୍ଦ ମାର୍ଗ ଓ ଗୋପବନ୍ଧୁ ସରଣୀ ମିଶିଛି, ଠିକ ସ୍ୱରାଜ୍ୟ ଆଶ୍ରମ ପାଖରେ ।''

ମୁଁ ଆଶ୍ଚର୍ଯ୍ୟ ହେଲି ଏତେ କଷ୍ଟ ନାଆଁ ମନେରଖିଛି କେମିତି । ଟିକିଏ ହସି ପଚାରିଲି, ''ସେଠି ତ ସବୁ ବଡ଼ ବଡ଼ ଲୋକଙ୍କ ରାସ୍ତା, ଘର କେଉଁଠି ଥିବ ?''

ଥରେ ସେଇ ରାସ୍ତାଦେଇ ଗଲି ଏବଂ ଜ୍ଞାନ ମିଳିଲା । ଅତି ବେଶି କୁତୂହଳୀ ହେଲେ ଅତି ଜଘନ୍ୟ ପଦାର୍ଥ ଦେଖିବାକୁ ବି ମଣିଷ ପ୍ରସ୍ତୁତଥିବ । ଉଭୟ ସେଠି ମଣିଷ ଘୁଷୁରି ସମାନ । ଗୁଡ଼ା, ଛଅ, ଆଠ କୁଆ, ଉଭୟ ଘୁଷୁରି ଓ ମଣିଷର । ଉଭୟ ଜାତି କଳା କଳା, ନାକ ସଢ଼୍ ସଢ଼ । ଅବଶ୍ୟ ଘୁଷୁରିଥିବାରୁ ମଣିଷ ବଞ୍ଚିଛନ୍ତି । ଦୂରରୁ ଦେଖିଲି ଗୋଟାଏ ସବାଇ ଦଉଡ଼ି ଖଟରେ ବାସନ୍ତୀ ବସି ସାମନାରେ ଛୋଟ ଛୋଟ ପିଲପିଲଙ୍କ ଖେଳାଉଛି । ଦୂରରୁ ମୋତେ ଦେଖି ଫିକ୍ କରି ହସିଲା । ଇଚ୍ଛା ହେଉଥିଲା ତା ପାଖକୁ ଯାଇ କଣ କହୁ ପଚାରନ୍ତି ବା ତା ଘର ଭିତରଟା ଦେଖନ୍ତି ଓ ଆଉ ଟିକିଏ ଆତ୍ମୀୟତା ଜମାନ୍ତି; କିନ୍ତୁ କେହି ଦେଖିଲେ କଣ ଭାବିବ ?

ବାସନ୍ତୀ କାମ କରି ଚାଲିଥାଏ । ସାଢ଼େ ଘଣ୍ଟା କଳକବ୍ଜାପରି । ଦଣ୍ଡ-କଡ଼ାରୁ ଲିହୁଣୀଟିକକସଫା କଲପରି ସେ ଆମ ମଇଳାଗୁଡ଼ା ସଫା କରେ, ଧୋଇଧାଇ ଦିଏ ଏବଂ ଅଗଣା ଖରକେ । 'ମା ଯାଉଛି' କହି ଧୀରେ କବାଟ ଅଉଜାଇ ଦେଇ ଚାଲିଯାଏ । ଆମେ କେହି ପାଖକୁ ନାହିଁ କି ସେ ଆମକୁ ଏତେ ଶରଧାଭରା ସେବା ଦେଉଛି, ପଇସାପାଣିରେ ମାପୁ ନ ମାପୁ ଟଙ୍କାଏ ମଣାଏ ଦୂରରୁ ଆମେ ଫୋପାଡ଼ି ଦେଉ ।

Digitized by srujanika@gmail.com

ହଠେ ସେ ଥରିପଡ଼ିଲା । ସୁନ୍ଦର ଅଗଣା ଛାତରୁ ଶାଢ଼ୀଟିଏ ଓ ବାଉଁଶଟିଏ ଅନ୍ତର୍ଦ୍ଧାନ ହୋଇ ଯାଇଥାଏ । ଆମେ ସମସ୍ତେ ବାସନ୍ତୀକୁ ସନ୍ଦେହ କଲୁଁ ।

ପୂର୍ବରୁ ମୁଁ ଶହେ ଟଙ୍କା ଦେଇ ଚନ୍ଦନଠାକୁରଙ୍କ ମୂର୍ତ୍ତି ରଖିଛୁ । ଗାଧୋଇ ପାଧୋଇ 'ନ ଜାନାମି ମନ୍ତ୍ରଂ' କହି ଫୁଲ କେଉଟା ଦିଏ ଓ ଧୂପ ଦୀପ ଦିଏଁ । ଲୋକ ଦେଖାଣିଆଁ ମୋର ଦେବଭକ୍ତି ଅତି ବେଶି ହେଲେ ହଜମ ଖରାପ ହେଲେ ଡାକ୍ତର ଆସିବା ପର୍ଯ୍ୟନ୍ତ ଠାକୁରମାନଙ୍କ ଉପରେ ନିର୍ଭର କରେ । ମୋଟ ଉପରେ ସ୍ତ୍ରୀଙ୍କ ତାଗିଦା ଓ ଭୟରେ ଏ ଜଗନ୍ନାଥ ପ୍ରୀତି । ପୁଅ ବନ୍ଧୁଙ୍କ ଧର୍ମ କର୍ମ ପ୍ରତି ଆସ୍ଥା ଥାଉ ନ ଥାଉ ଆଗ୍ରହ ନାହିଁ । ସେମାନେ ଏକ କଥାରେ ହିତବାଦୀ ।

ଧୂପ ଝୁଣା ଗୁଗ୍ଗୁଳ ଅଗରବତୀରେ ଘର ଧୂମ୍ରମୟ, ସୁଗନ୍ଧମୟ କରି ବାହାରକୁ ଆସି ବାଡ଼ି କବାଟ ଫାଙ୍କରେ କିଏ ଜଣେ ଛୁଆ ହୋଇଥିବାର ଦେଖି ଧାଇଁଯାଇ କବାଟ ଫିଟାଇ ଦେଖେଁ ତ ବାସନ୍ତୀ ।

"ଛୁଆ ହୋଇ କବାଟ ଫାଙ୍କରେ କଣ ଦେଖୁଥିଲୁ ?" ଆଦୌ ଚମକି ନପଡ଼ି ପୁରୁଣା ହସଟି ହସିଲା, ପ୍ରଶ୍ନର ଉତ୍ତର ନାହିଁ । ଦେଖିଲି ନଡ଼ିଆ ଗଛ ମୂଳରେ ଟିଣଟି ଥୁଆ । ଟିକିଏ ରାଗିବା ଉଚିତ ଭାବି କହିଲି 'ଓ ଠିକ୍ ମୋ ପୂଜା ବେଳକୁ ଏ ଟିଣ ଧରି ଆସୁଛୁ । ଟିକିଏ ଡେରିରେ ବା ପହିଲି ଆସିଲେ ହ'ନ୍ତାନି ? ଟିଣଟା ଏଠି ରଖିବୁ ନାହିଁ, ରାସ୍ତା କଡ଼ରେ ରଖିବୁ ।"

ଏତିକିବେଳେ ରୋଷେଇଘରୁ ସ୍ତ୍ରୀ ଓ ବଧୂ ଏକ ସାଙ୍ଗରେ ବାହାରି ପଡ଼ିଲେ । ସ୍ତ୍ରୀ କହିଲେ, "ମେହେନ୍ତରାଣୀ ! କାଲିଠାରୁ ତୁ ବାହାରେ ବାହାରେ କାମ କରି ଚାଲିଯିବୁ । 'ବେଶ ହେଉଛି' ଅଗଣା ସଫା କରିବା ଦରକାର ନାହିଁ, ଆମେ କରିବୁଁ ।' ପଛରୁ ବାହାରି ପଡ଼ି ବଧୂ 'କହିଲେ, ସେ ଝିଅଟାକୁ ସାଙ୍ଗରେ ଆଣିବୁ ନାହିଁ । ଗେଣ୍ଡୁ ଫୁଲଗୁଡ଼ାକୁ ସେଦିନ ଛୁଇଁଥିଲା । ପାଞ୍ଚମିନିଟ ଭିତରେ ଟର୍ଣ୍ଣାଡୋ ଝଡ଼ ଯିମିତି ଗାଁଟାକୁ ନିଶ୍ଚିହ୍ନ କରିଦେଲା; ଏ ଦୁହେଁ ସିମିତି ମାଡ଼ିଆସି ଝିଅଟାକୁପେଟେଇ ଦେଇଗଲେ ।

ଭଗବାନଙ୍କ ଏ ଅନ୍ୟାୟ କ୍ରୋଧର କୌଣସି କାରଣ ଧ୍ୱଂସପ୍ରାପ୍ତ ଗାଁବାଲାଏ ଯିମିତି ଜାଣିଲେ ନାହିଁ । ବାସନ୍ତୀ ସିମିତି ଅହୋଇ ଜିଜ୍ଞାସୁ ନୟନରେ ମୋ ଅଡ଼କୁ ଚାହିଁ ସିମେଣ୍ଟ ବେଞ୍ଚରେ ବସିଥିବା ଝିଅଟି ଆଡ଼କୁ ଗଲା ।

"ଇଏ କିଏ ? ଏଟାକୁ କେଉଁଠୁ ଆଣିଲୁ ?"

Digitized by srujanika@gmail.com

"ଡାକ୍ତରଖାନାରୁ ଆସିଥିଲି ଯେ ଖାଲି ହଇରାଣ ହେଉଛୁ । କେବେ ବଡ଼ ଭଲ ନାହିଁ । ଦୁଧ, ଔଷଧରେ ସବୁ ଦରମା ଶେଷ । ସବୁବେଳେ କାନ୍ଦୁଛି, ସଙ୍ଗରେ ଧରି ବୁଲୁଛୁ । ଗରିବର ଦୁଃଖ କେବେ ସରେନାହିଁ ଅଜା, ପରର ଛୁଆ କି ନିଜର ହେବ ? ନିଜର ଥିଲେ···ଦଣ୍ଡେ ରହି କାନ୍ଦ କାନ୍ଦ ହୋଇ କହିଲା···"ଭୁଲ କରିଛୁ, ଏ ଝିଅଟାକୁ ଆଣି, ପାଳିବା ସାର ହେବ ଯାହା ।"

ଆମେ ସିମିତ ଚିକିତ୍ସା ଆରମ୍ଭ କଲୁଁ, ଭାବିଥିଲି ବାସନ୍ତୀ ଆଉ ଆସିବ ନାହିଁ, ଶାଶୁ ବୁଢ଼ୀକି ପଠେଇବ । ନା, ସ୍ୱୈରିଣୀ ଡାହାଣୀ ଯାହା କହିଲେ ବି ସେ ଅଲଜ୍ଜା ଆସିଲା ।

ସାଲବେଗ ଜାତୀୟ ଭକ୍ତ ସିମିତ ଗରୁଡ଼ସ୍ତମ୍ଭ ସନ୍ନିଧିରେ ଛିଡ଼ାହୋଇ ପତିତପାବନ ଦେଖନ୍ତି ବା ଜଗନ୍ନାଥ ମନ୍ଦିରର କବାଟ ବନ୍ଦ ଥିଲେ ଭକ୍ତମାନେ ସିମିତ କବାଟର ଗୋଲ କଣା ଭିତର ଦେଇ ଜଗତୀ ଉପର ଚକା ଠାକୁରଙ୍କୁ ଦେଖନ୍ତି, ଗୋଇନ୍ଦାଗିରି କରି ମୁଁ ଜାଣିଲି, ବାସନ୍ତୀ ସିମିତ ପ୍ରତିଦିନ କବାଟ ଫାଙ୍କ ଦେଇ ମୋ ଘର ଠାକୁରଙ୍କୁ ଦେଖେ । ଆମ କଥା ଅନୁସାରେ ସେ ପୂଜାର ଅନେକ ଆଗରୁ ଆସେ, ପାଇଖାନା କାମ ସାରି ଟିଣ ଡବା ନେଇ ଖଣ୍ଡେ ଦୂରରେ ରଖିଦେଇ ଆସେ । ଗାଡ଼ିଆରେ ହାତ ଗୋଡ଼ ମୁହଁ ଧୋଇ ପୋଛି ଘାଟର ସିମେଣ୍ଟ ବେଞ୍ଚରେ ବସିଥାଏ । ଘଣ୍ଟି ଶୁଣିଲେ କବାଟ ଫାଙ୍କ ଦେଇ ଅନାଏଁ, ନହେଲେ ବେଞ୍ଚଟା ଉପରେ ଛିଡ଼ାହୋଇ ଅଳ୍ପ ପାଚେରି କାନ୍ଥ ଉପର ଦେଇ ସିଧାସଳଖ ଭିତର ଦୁଆର ଦେଇ ଚକାଠାକୁରଙ୍କୁ ଦେଖେ । ଅପେକ୍ଷା କରିଥିଲାବେଳେ ସ୍ପଷ୍ଟ ଶୁଣିଛି ପାଟିରେ କଣ ଭୁଟୁରୁ ଭୁଟୁରୁ ହେଉଥାଏ ।

ରୋଗୀ ସିମିତ ବସନ୍ତ ଓ ମଳୟର ଦାଉରୁ ରକ୍ଷା ପାଇବା ପାଇଁ ଦକ୍ଷିଣ ଦରଜା ଝରକା ବନ୍ଦ କରିଦିଏ, ଶାନ୍ତି ବୋଧହୁଏ ସିମିତ ବାସନ୍ତୀ ଓ ତାର ଝିଅର ଦୌରାତ୍ମ୍ୟରୁ ରକ୍ଷା ପାଇବାପାଇଁ ଘରବାଲା ସାଙ୍ଗରେ ସଲାସୂତର ହୋଇ ପାଚେରି କାନ୍ଥ ଦୁଇ ଫୁଟ ବଢ଼ାଇ ଦେଲେ ଓ ପାଇଖାନା ସେପ୍ଟିକ୍ କରି ଦେଲେ, ନୂଆ କବାଟ ବି ଲଗାଇ ଦେଲେ, ସିମିତ ବାସନ୍ତୀର ଗ୍ରୀଷ୍ମ କି ପବନ ପଶିବ ନାହିଁ । ବାସନ୍ତୀ ଆସିଲା କି ନ ଆସିଲା, ସେ କଥାରେ କେହି ବ୍ୟସ୍ତ ବିବ୍ରତ ହେଲେନାହିଁ ।

ପ୍ରାୟ ବର୍ଷେ ପରେ ଆଜି ମନ୍ଦିରରୁ ଫେରିବା ବାଟରେ ସିମିତ ସେ ହସି ଦେଇ 'ଯାଉଛି' କହିଲା, ମୁଁ ବିମଳିତ ହୋଇ କିଛି ନ ବୁଝି 'ହଉ' କହିଦେଲି । ଘରେ ପହଞ୍ଚି ନୂଆ ଲୁଗାପଟା ଠାକୁର ପାଖରେ ଥୋଇ ଜୁହାର ହେଉଛି, ବାଡ଼ ପଟେ ଝାଡ଼୍ ଝଡ଼ ଶବ୍ଦ ଶୁଭିଲା । ନିଶ୍ଚୟ ବସନ୍ତୀ ।

Digitized by srujanika@gmail.com

ଚିରପୋଷିତ ଆକାଂକ୍ଷା ପୂରଣ ହେବାକୁ ଯାଉଥିବା ମୁହୂର୍ତ୍ତରେ ଯେଉଁ ଆବେଗ ଓ ଉତ୍କଣ୍ଠା ମଣିଷକୁ ଅଧୀର କରିଦିଏ, ସେମିତି ବାଷ୍ପାକୁଳ କଣ୍ଠରେ ମୋ ଆଗରେ ଗୋଟାଏ କଳାପଥରରେ ଶାଢ଼ୀଟିଏ, ଫ୍ରକ୍‌ଟିଏ ଏବଂ ଗ୍ରେଟ୍ ନଗନ୍ୟ ରଙ୍ଗୀନ୍ ଜାମା ପେଣ୍ଟ ଏବଂ ଅଧ ଗୋଟାକରେ ବଡ଼ ବଡ଼ ଏଫ୍ରିକାନ ଗେଣ୍ଡୁଫୁଲ ପୁଞ୍ଜାଏ ଥୋଇ ଦେଇ ବାସନ୍ତୀ କହିଲା "ଅଜା, ଏତିକ ଠାକୁର ପାଖରେ ଛୁଆଁଇ ଦିଅ । ଆମେ ଘରେ ପ୍ରଥମାଷ୍ଟମୀ ମାନିବା ।"

ସର୍ବନାଶ । ଗ୍ରେଟ୍ ଲୋକଙ୍କ ପଣ୍ଡସ୍ତ ଦେଖିଲେ ମୁଣ୍ଡରେ ଚଢ଼ିବସିବେ । ମୁଁ ହୁଏତ ତାକୁ ଅଗଣାକୁ ନେଇ ଖଣ୍ଡେ ଦୂରରୁ ବରଣ୍ଡାରୁ ଦର୍ଶନ ବ୍ୟବସ୍ଥା କରିଥାନ୍ତି; କିନ୍ତୁ ଘର ଭିତରେ ମଠାଶାଢ଼ୀ ପିନ୍ଧି ବୁଢ଼ୀ ବାମ୍ଭୁଣୀପଣ ଦୂର ବୁଲୁଛି । ଦେଖିଦେଲେ ଚୁଣି ଦେବ, ପ୍ରଥମାଷ୍ଟମୀକୁ ଦ୍ୱିତୀୟାଷ୍ଟମୀ କରିଦେବ ।

କହିଲି ବାସନ୍ତୀ, ତୁ ଆଉ ଦିନେ ଆ । ଆଜି ପୂଜାପଣା ଧୂପଦୀପ ସରିଲାଣି । ତା'ଛଡ଼ା ମୋ ଠାକୁର ସେମିତି ପ୍ରତ୍ୟକ୍ଷ ନୁହନ୍ତି । ସଜନା କାଠ ଉପରେ ମାଟି ଗୋବର କନା ଦେଇ ରଙ୍ଗ ହୋଇଛୁ । ତାଠୁ କିଛି ଫଳ ପାଇବୁନି, ଯେତେ ମନାସିଲେ ବି ।"

ପୁରୁ ଅବହେଳିତ ରହି ସେ କହିଗଲା 'ଅଜା ! ତୁମେ ନ ପାଇଲେ ବି ମୁଁ ପାଇଛୁ । ମୋତେ ତୁମେ ମେହେନ୍ତ୍ରାଣୀ ବୋଲି ଯେତେ ଗାଳିଗୁଲଜ ଛୁ ଛୁ କର, କଲୋ ବି କବାଟ ଫାଙ୍କ ଦେଇ, ପାଚେରି ଉପର ଦେଇ, ତୁମର ଠାକୁରଙ୍କୁ ଦେଖିଛୁଁ, ମୋର ସବୁ ଦୁଃଖ କହିଛୁ । ନ ହେଲେ ଏତେ ଦିନ ପରେ ପୁଅ ପାଆନ୍ତି କିମିତି । ଆଜି ସିନା ପାଚେରି ଉଠେଇଲ, ନୂଆ କବାଟ ଲଗାଇଲ, ନହେଲେ ତୁମକୁ ଖୋସାମତ ନ କରି ଗ୍ରେରଣୀପଣ ଦେଖି ଦେଇ ଚାଲି ଯାଆନ୍ତିଣି ?"

ଏତିକ କହି କଣ୍ଢେଇପରି ଲାଗିଲା ଟିକି ପୁଅକୁ ମୋର ଅଗଣାର ଶିରଧା ବାଲିରେ ଗଡ଼ାଇ ଦେଲା ଏବଂ ଫୁଲ ପୁଞ୍ଜାକ ଠାକୁରଙ୍କ ଅଡ଼କୁ ଫୋପାଡ଼ି ଦେଲା । ଗଲାବେଳେ ମୋଆଡ଼କୁ ପୁଣି ହସର ସଂଶୋଧିତ ସଂସ୍କରଣଟିଏ ଦେଇଗଲା ଯାହା ଏବେ ବି ମୋ ଛାତିକୁ ବିନ୍ଧୁଛି ମନ୍ଥୁଛି ।

ଶାଶୂ ବହୁ ପୁଅ ନାତି ଲାଗି କେବେ କିମିତି ମନ ଦୁଃଖ ଝଗଡ଼ାଝାଟି କରି କନ୍ଦାକଟା ସକ ସକ ହୁଅନ୍ତି । ମୁଁ ମନେ ମନେ କହୁଥାଏ "ବାଡ଼ି ଦୁଆର ଆମ୍ବ କାଠର କବାଟ ଫାଙ୍କ ଦେଇ ମେହେନ୍ତ୍ରାଣୀଟା ଆମ ଦେଖନ୍ତାରେ କନ୍ଦର୍ପପରି ପୁଅ ବୁଢ଼ୀ ହାତରୁ ଟାଣି ନେଇ ଚାଲିଗଲା ଅଥଚ କେଉଁଟା କିଛି ତ୍ୟାଗ ତପସ୍ୟା ନକରି ଫଳ ଖୋଜୁଛୁ ।"

Digitized by srujanika@gmail.com

# ରଙ୍ଗା : ଘୁଷୁରିସାହିର

ସହରତଳିର ଚୌହଦରେ ପାଉଁଶିଆ ରଙ୍ଗର ଯେଉଁ ତେତାଲା କୋଠା, ତାର ତଳ ତାଲାର ପ୍ରଶସ୍ତ ବରଣ୍ଡାରେ ସେ ପ୍ରାୟ ନିତିଦିନ ସନ୍ଧ୍ୟା ବସିଥାଏ । ଗୋଟାଏ ବଡ଼ କାଠ ଖଟଟାରେ, ବଡ଼ ବଡ଼ ଗଦି ଓ ଗେରଦା ଭିତରେ ଏବଂ ଗୁହିଁଥାଏ ରୁପା ଫ୍ରେମର ବାଇଶ କି ଚବିଶ ପାୱାରର ଖୁବ୍ ମୋଟା ଚଷମା କାଚ ଭିତରେ ଦେଇ ସାମନା ପିଚୁ ରାସ୍ତାକୁ ଏବଂ ଅପରପାର୍ଶ୍ୱର ଘୁଷୁରିସାହିକୁ ।

ଥାକୁଲୁଥୁକୁଲୁ ଅନ୍ଧାରପେଟୁଆ ଦେହଟାକୁ ଇଜିପ୍ସିଅନ୍ କଟନର ଅଠ-ରଶିଣି ଇସ୍ତ୍ରିଆ ହାତବାଲି ଗେଞ୍ଜିଟା ତାକୁ ବେଶ୍ ମାନେ । ରଙ୍ଗ କାଳି, ନାଆଁକୁ ସାର୍ଥକ କରି ତା ଦେହହାତ ସର୍ବାଙ୍ଗ ଲୋମେଲୋମ । ପିନ୍ କଣ୍ଟାଟାଏ ଫୋଡ଼ିଦେଲେ ପାଇଣ୍ଟେ କଷ୍ଟୋର ଲାଲ ରକ୍ତ ଯେଉଁଠୁ ସେଇଠୁ ବାହାରି ପଡ଼ିବ । ମୁଣ୍ଡର ଚନ୍ଦ୍ରାଟା ବି ଏତେ ଲାଲ ଯେ କଦମ୍ବଫୁଲିଆ ଧଳା ଚୁଳଗୁଡ଼ାକ ଭିତରୁ ଗୋଲାପୀ ଦିଶେ । ଲୋକଟା ରସିକ । ପାଖ ଦେଇ ଯେ ଘର ଭିତରକୁ ପଶିଯିବ ସେ ତା କାନଲୁଣ୍ଠା ଅତର ବାଠିରୁ କନୌଜର ଫସ୍ଟଖସ୍ ଅତରର ଭୁରୁଭୁରୁ ମହକ ପାଇଯିବ ।

ମାଂସଳ ନିଷ୍ଠୁର ଟେସ୍କୁଟି ପରି ଜୁଳୁଜୁଳୁ କରି ସେ ଗୁହିଁଥାଏ ସାମନାକୁ । ବର୍ଣ୍ଣିଲ୍ବର ପେନ୍ଥାପେନ୍ଥା ଗୋଚ୍ଛ ଗୋଚ୍ଛ ମଧୁମାଳତୀ, ରଜନୀଗନ୍ଧା, ବେଲୁନଭଲ୍ଲା ଏବଂ ରଙ୍ଗବେରଙ୍ଗ କ୍ରୋଟନ ବୁଦା ଦେଇ ଦେଖେ ପିଚୁ ରାସ୍ତାର ଅନ୍ୟପଟ ଦୁନିଆକୁ ଏବଂ ଅପରପାର୍ଶ୍ୱର ତଳିଆ ଜାଗାର ଘୁଷୁରିସାହିଟାକୁ । ସ୍ୱପ୍ନ ଓ କଳ୍ପନାମୟ ରଙ୍ଗୀନ ଯୌବନ ମାଧ୍ୟମରେ ସଦ୍ୟୋମଧ୍ୟ ଚୁର୍ଣ୍ଣ ସ୍ୱାଳମାନିଆ ବାର୍ଦ୍ଧକ୍ୟକୁ ଦେଖିଲା ପରି କେଉଁଟା ସଜନା, ପପେୟା, ଅମୃତ ଗଛବୁଦା ଭିତରେ ଘୁଷୁରିସାହିର ଘର-ଗୁଡ଼ାକ ବଢ଼ସାନ ହୋଇ ଉପୁରି ଉପୁରି ଫୁଟିଥିବା ପାଳଛତୁ ବା ବଡ଼ ଝାନ୍ଟି ଗଛଟାରୁ ଟୁଙ୍ଗୁଥିବା ମହୁଫେଣା ବା ବଣ୍ଟୁଳିବସା ପରି ଦିଶେ ।

ରଙ୍ଗଲାଲ ଯଦି ଏଇ ମୁହୂର୍ତ୍ତରେ କୋଠାର ଛାତ ଉପରକୁ ଚାଲିଯାଆନ୍ତା (ହାୟ ! ଘର କଲାବେଳେ କେହି କଣ ଭାବିଥାଏ ଯେ ଦିନ ଆସିବ, ଯେବେ ସେ

Digitized by srujanika@gmail.com

ଘର ଉପରକୁ ଚଢ଼ି ପାରିବ ନାହିଁ ବା ଘର ଭିତରେ ରହି ନ ପାରି ନିଜ ଘର ବରଣ୍ଡାରେ ଅତିଥି ବା ଭିକାରୀ ପରି ବସିଥିବ ? ତେବେ ସେ ଦେଖନ୍ତା ଟେଲି-ଭିଜନ ଖୁଣ୍ଟ ଉପରେ ଯୋଡ଼ାଏ ପାରା ଚୁମାଚୁମି ହେଉଛନ୍ତି ନୀଳ ଆକାଶକୁ ପିଠି କରି । ସେଇ ଏରିଏଲ ଖୁଣ୍ଟ ତଳେ ଛିଡ଼ା ହୋଇ ହାତ ପାପୁଲିକି ସାପଫଣା ପରି କରି ଖପ୍ରତସିର ଆଡ଼ୁଆଳରେ ସେ ଦେଖିପାରନ୍ତା ପୂର୍ବ ଦିଗ୍‌ବଳୟର ସମୁଦ୍ର ଓ ଝାଉଁବଣ ଏବଂ ପଶ୍ଚିମର ପାହାଡ଼ ଓ ଶାଳବଣ; କିନ୍ତୁ ସେତେ ଉଚ୍ଚକୁ ସେ ଏବେ ଉଠି ପାରୁନାହିଁ ।

ତେତାଳକୁ ସେ ଯଦି ଚଢ଼ି ପାରନ୍ତା, ତେବେ ସେ ଅକ୍ଳେଶରେ ଦେଖି ପାରନ୍ତା ତାର ଶିଳ୍ପାୟିତ ସାମ୍ରାଜ୍ୟକୁ; ଯହିଁରେ ଅଛି ପ୍ଲାଷ୍ଟିକ୍ ଫେକ୍ଟ୍ରି, ଧାନକଳ ପାଇପ୍ କାରଖାନା, ଅଟା ମଇଦା ବରଫ କଳ, ଲୁଗା, ଶ' ମିଲ ଆଦି କେତେ କଣ; କିନ୍ତୁ ଛାତ, ସିଢ଼ି, ପାହାଚ ଲିଫ୍ଟ ଚଢ଼ିବାକୁ ତାକୁ ମନା ।

ଦୋତାଳକୁ ଗଲେ ବି ସେ ଦେଖନ୍ତା ସହରରେ ଇତସ୍ତତଃ ବିକ୍ଷିପ୍ତ ତାହାରି ନିଜର ରଡ୍, ଏନେବେଷ୍ଟସ୍, ଟାଇଲର ଗୋଦାମ, ଟାଙ୍କି ଏବଂ ମୁହାଁମୁହିଁ ଥିବା ଯୋଡ଼ାଏ ଏୟାରକଣ୍ଡିସନଡ଼ ସିନେମା ଘରକୁ । ଦୋତାଳକୁ କାହାରି ସାହାଯ୍ୟ ନ ନେଇ ସେ ହୁଏତ ଯାଇପାରନ୍ତା; କିନ୍ତୁ ଡାକ୍ତରଙ୍କ ହୁକୁମ ସେ ଅମାନ୍ୟ କରେନାହିଁ, ଅବଜ୍ଞା କରିବାର ସାହସ କରେ ନାହିଁ । ତାକୁ ଉପରକୁ ଯିବା ମନା ।

ତେଣୁ ସେ ଗ୍ରାଉଣ୍ଡ ଫ୍ଲୋରରେ ଥାଏ ଏବଂ ସେଇଠି ବସିଲେ ପାଓ୍ୱାର ବାଲା ଚଷମା କାଚରେ ରଙ୍ଗୀନ ଫୁଲ ମଣି ଦେଇ ଘୂର୍ଣ୍ଣିମାନଙ୍କୁ ଦେଖିପାରିବ । ବସି ବସି ଚେଷ୍ଟାଲଗିଲେ ସାମନାରେ ଦୁଇଦୁଇଟା ଫିଏଟ, ଆମ୍ବାସାଡ଼ାର, ଜିପ୍, ସ୍କୁଟର ଆଦି ନାନା କିସମର ଯାନ ଦେଖି ସେ ଭାବେ ଥରେ ହେଲେ ଏଗୁଡ଼ା-କରେ ଯାଇ ତାର ସାମାଜ୍ୟର ଦିଲ୍ଲୀ କଲିକତା ପରି ସ୍ଥାନମାନଙ୍କରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ପରି ଦରବାରକରି ଆସି ବୁଲି ପାରନ୍ତା କି; କିନ୍ତୁ କେହି ତାକୁ ବୁଲାଇ ନିଅନ୍ତିନାହିଁ, ସମସ୍ତେ ଯେଝା କାର୍ଯ୍ୟରେ ବ୍ୟସ୍ତ । ହଳ ହଳ ଦଳ ଦଳ ତାରି ସାମନାରେ ପୁଅ, ବୋହୂ, ନାତି, ନାତୁଣୀ, ବେଉସା ବଣିକ, ସ୍କୁଲ କଲେଜ, ହୋଇ ସିନେମା, ଥିଏଟରକୁ ନାନା ବେଶ ବସନ ହୋଇ ମହୋଲ୍ଲାସରେ ଥରକୁ ଥର ଯାଉଥାନ୍ତି ଆସୁଥାନ୍ତି; କେହି ବୁଢ଼ାକୁ ପୁଛାନ୍ତି ନାହିଁ, ପଚାରନ୍ତି ନାହିଁ । ଥରେ ନାତି ଗୋଟାକୁ ବୁଢ଼ା କରୁଣ କାତର ସ୍ୱରରେ କହିଲା ଟିକେ ତାକୁ ଘୂର୍ଣ୍ଣିସାହିରେ ବୁଲାଇ ଆଣିବାକୁ । ନାତି ତରତରିଆ ଗୁଡ଼ିଏ ଇଂରାଜୀରେ କହିଲା "ମୁଭ୍‌ମେଣ୍ଟ ନଟ୍ ଆଲାଉଡ଼, ଏବ୍‌ସଲ୍ୟୁଟ୍ ବେଡ଼ରେଷ୍ଟ, ବୁଝିଲ ଜେଜେ ?" ଜେଜେ କଅଣ ବୁଝିଲେ

Digitized by srujanika@gmail.com

ନାହିଁ; କାରଣ ଇଂରେଜୀ ସେ ମୋଟେ ଜାଣନ୍ତି ନାହିଁ, ଖାଲି ଏତକ ବୁଝିଲେ ଯେ ଗାଡ଼ି ଯାନବାହନ ସବୁ ପିଲାଙ୍କ ଛବି ବହିର ଚଢ଼ ପଣ, ଯାହାର ବ୍ୟାବହାରିକ ଉପାଦେୟତା ତାଙ୍କ ପାଇଁ ନାହିଁ, ଯିମିତି ଫିକ୍ସଡ୍ ଡିପୋଜିଟ୍, ଦଲିଲ ଦସ୍ତାବିଜର ଦାମ ନାହିଁ ଖାଲି କାଗଜ ଗୁଡ଼ାଏ, ଯଦି ସେ ଅର୍ଥ ତାଙ୍କ କାମକୁ ନ ଆସେ । ସେ ବେଶ୍ ବୁଝିଲେଣି ଘରଘରଣୀ ଘଟ ଛୁଟିଲେ ସବୁ···ବୋଲିବେ ମଜା ଯେ ।

ଘଟେଣି ତ ବୁଢ଼ା ହେଲାଣି ବହୁତ ବର୍ଷ ହେଲା । ପ୍ରାୟ ଚାଳିଶ ବର୍ଷ ଆଗରୁ ସେ କଲିକତା ଗ୍ରାଣ୍ଡ ଏକ ନମ୍ବରର ଦୁନିଆଁ ଖୋଜି ଏଠାକୁ ପଳାଇ ଆସିଥିଲା ଦ୍ଵିତୀୟ ମହାଯୁଦ୍ଧ ସମୟରେ ଯେତେବେଳେ ଡାଲହାଉସି ସ୍କୋୟାର ଓ ହାଓଡ଼ା ପୋଲ ପାଖରେ ଜାପାନୀ ବୋମା ପଡ଼ିଲା । ରାଜ୍ୟ ନଷ୍ଟ ଓ ପରେ ଯୁବାସ୍ତ୍ରୀ ନଷ୍ଟ ହେଲେ ମଧ୍ୟ ଭାଙ୍ଗି ନପଡ଼ି ସେ ନୂଆ ସାମ୍ରାଜ୍ୟ ଗଢ଼ିବାରେ ଅସାଧାରଣ ଉତ୍ସାହ ଓ ଧୈର୍ଯ୍ୟ ଧରିପାରିଥିଲା ।

ଏଇ ଗ୍ରାଉଣ୍ଡ ଫ୍ଲୋରରେ ଥାଇ ମଧ୍ୟ କଥମପି ବୁଢ଼ା ଜାଣି ପାରନ୍ତା ଯଦି ସେ ଥରକୁ ଥର ଘର ଭିତରକୁ ପଶି ଟେଲିଭିଜନ ଛବି ଦେଖନ୍ତା; କିନ୍ତୁ ସମସ୍ତେ ଭାବନ୍ତି ବୁଢ଼ା ଟେଲିଭିଜନରୁ କଣ ବୁଝିବ, ପାଇବ ? ତାର ବୟସ ଅଛି ନା ରୁଚି ଅଛି ? ତେଣୁ ସେମାନେ ସାମନାରେ ଭିଡ଼ ଜମାଇ ଉତ୍କ୍ଷିପ୍ତ କୌତୂହଳରେ ବସିଯାନ୍ତି । ଅଟ୍ଟହାସ୍ୟ ସହିତ ଅଣ୍ଡା ଗରମ ପାନୀୟର କପ୍ ଓ ଗ୍ଲାସର ଠଣ୍ ଠାଣ୍ ଶବ୍ଦରେ ତେତାଲି ହଉଥାଏ ପଡ଼ୁଥାଏ । ଦୈବାତ୍ ବୁଢ଼ା ଭିତରକୁ ପଶିଗଲେ ପ୍ରାଗୈତିହାସିକ ଜାନୁଆରକୁ ଦେଖିଲାପରି କିଏ କୁଆଡ଼େ ଅନ୍ତର୍ଦ୍ଧାନ ହୁଅନ୍ତି । ତେଣୁ ଘରଅଡ଼େ ବା ବୈଠକଖାନାକୁ ନ ଯାଇ କାଠ ଖଟର ଜଗତି ବା ସିଂହାସନରୁ ଡିମାଡିମା ଆଖି ମେଲାଇ ଜଗନ୍ନାଥ ଦେଖିଲାପରି ନିଜ ଦୁନିଆଁକୁ ତଥା ଘୁଷୁରିସାହିକୁ ବୁଢ଼ା ଦେଖୁଥାଏ । ଜଗନ୍ନାଥ ନୁହେଁ କଣ ? ସ୍ଵ ଇଂସ୍ତାରଂ ସନ୍ତୃହରଣଂ ଦାବୂଭୂତୋ ମୁଦାଣଃ । ନର୍ଜୀବ କାଠପ ଶାଣ ମୂରତି ହେବାକୁ ତାକୁ ଆଉ କେତେ ଡେରି । ସେ ପ୍ରାୟ ମୂକ, ବଧିର ଏବଂ ଚଳନ୍ତଶକ୍ତି ରହିତ, ଗୋବର ଗଣେଶ । ମୁଖାଟିଏ ବି ସଙ୍ଗେ ନାହିଁ । ଏକାନ୍ତ ନିଃସଙ୍ଗ । ତେଣୁ ସେ ଚାହିଁଥାଏ ପିତୃସତ୍ତା ଓ ଅପରପାର୍ଶ୍ଵର ଘୁଷୁରି ସାହିକୁ ।

“ଅଜା ଘୁଷୁରିସାହିରେ କଣ ଦେଖ ?” “ବାପା, ସେ ଘୁଷୁରିସାହିରେ ଦେଖିବାର କଣ ଅଛି ?” ‘ଜେଜେ; ଘୁଷୁରିସାହିକୁ ଚାହିଁ ଚାହିଁ ତୁମ ଆଖି ଫୁଟି ଯାଉନି ?” “ଘୁଷୁରି ଗୁଡ଼ାକୁ ଦେଖିଲେ ତୁମକୁ ବାନ୍ତି ମାଡ଼େନି ?” ଏ ସବୁ ଛୋଟ ଛୋଟ ପ୍ରଶ୍ନର ଉତ୍ତର ବହୁତ ଲମ୍ବା । ବୁଢ଼ା ସେଥିପାଇଁ ଜବାବ୍

Digitized by srujanika@gmail.com

ହଏନାହିଁ, ବରଂକ୍ତ ବି ହୁଏ ନାହିଁ । ତା ପାଇଁ ଆନନ୍ଦ, ଦୁଃଖ, କ୍ରୋଧ ଶରୀର ପକ୍ଷରେ କ୍ଷତିକାରକ ।

ଏଇ ଧୂମ୍ରପାନଟା ବୁଢ଼ାର ଆଉ ସୃଷ୍ଟି । ତେଣୁ ସ୍ରଷ୍ଟା ହିସାବରେ ନିଜ ସୃଷ୍ଟିକୁ (ଯେତେ ନଗଣ୍ୟ ହେଉ ପଛେ) ପ୍ରଶଂସମାନ ଦୃଷ୍ଟିରେ ଦେଖେ, ବୁଢ଼ା ହିସାବ ଏ ସାହଚର୍ଯ୍ୟରେ ଖୁବ୍ ଆଦର ଦରଦ ଢାଳିଦିଏ । ବୁଢ଼ା ଯେତେବେଳେ ଲେଟାକମ୍ବଳ ଧରି ସ୍ୱଦେଶରୁ ଏଠାକୁ ଆସିଲା, ସେତେବେଳେ ତାକୁ ମଧୁର ବା ସାମ୍ରାଜ୍ୟ ଗଢ଼ିବାରେ ସାହାଯ୍ୟ କରିଥିଲେ କେଉଁ ଦୂର ପର୍ବତ ବନାନୀର ଆଗନ୍ତୁକମାନେ : ସରଗୀ, ଉଇବନ, ଅରକ୍ଷିତ, ମନ୍ଦନା, ଡୁଗୁରୁ ଏବଂ ସେମାନଙ୍କ ସ୍ତ୍ରୀ ସୁବାସ, ଚମ୍ପା, ଲୁଡ଼୍‌କ, ରୂପି, ସୁମି ଓ ଆହୁରି କେତେ । ବୁଢ଼ା ସେମାନଙ୍କ ସାଙ୍ଗରେ ମାଟି ବୋହୁଛି, ଇଟା ତିଆରି କରିଛି । ତାକୁ କିଏ ଭାଇ, କିଏ ବାପା, କିଏ ଦାଦା ଡାକୁଥିଲେ (ଏବେ ଅବଶ୍ୟ ସମସ୍ତେ ତାକୁ ରଜା, ରଜା ବାବୁ, ମହାରଜା, ବୁଢ଼ା ସାହେବ ଡାକନ୍ତି ) ସେତେବେଳେ ଥିଲା ଟିପାଟିପିର ଦୁନିଆଁ, ଟିପା ଆଣିଲା ସୁଖିଲା ଗୋଟିଏ, ଟିପି ଆଣିଲା ବରି ଗୋଟିଏ, ଦାଦ ମାମୁଁ ବୋଲି କେହି ନଥିଲେ ଜନା ପରିତ୍ରମରେ ପିଠା ଭାଗ ଦାବୀ କରିବା ପାଇଁ । ବୁଢ଼ା ମନଖୁସିରେ ଧୂମ୍ରପାନ ଦଳ ତାଳରେ ବୁଢ଼ୀକୁ ସାଙ୍ଗରେ ଧରି ବି ସେମାନଙ୍କ ସହିତ କେବେ କେମିତି ନାଚୁଥିଲା, କାଣ୍ଡବନ୍ଧା ବି ଅଭ୍ୟାସ କରୁଥିଲା, କିନ୍ତୁ ତେତାଲି କାମ ଗିମିଠ ସରିଛି, ବୁଢ଼ୀ ଜୁଆଣ ବୟସରେ ଚାଲିଗଲା ।

ବୁଢ଼ା କିନ୍ତୁ ଧୂମ୍ରପାନ ସାଙ୍ଗ ଛାଡ଼ିଲାନି । ବୁଢ଼ୀର ମୃତ୍ୟୁକୁ କାବୁଙ୍କ ପିଟମେଣ୍ଟ ତଳଟାରେ ବୁଲପରଟାରେ ଅନେକ ବର୍ଷ ଧରି ରହିଲା । କାଳକ୍ରମେ ପିଲାଏ, ବେଉସା-ବଣିକ କରି ନାଆଁ କମେଇଲେ, ବୁଢ଼ାର ସାମ୍ରାଜ୍ୟର କମିକ ଅଭିବୃଦ୍ଧି ଘଟିଲା । ସେମାନେ ବାରମ୍ବାର ଆପତ୍ତି କଲେ ବୁଢ଼ାର ଧୂମ୍ରପାନ ଭିତରେ ରହିଣିକୁ । ସେମାନଙ୍କ ମର୍ଯ୍ୟାଦା ହାନି ହେଉଛି, ବୁଢ଼ାର ବି ବଦନାମ ହେଲାଣି, ନାନା ଲୋକେ ନାନା କଥା କହୁଛନ୍ତି, ପିଲାଏ ଜୋରଜବରଦସ୍ତି ଦିନେ ବୁଢ଼ାକୁ ଉଠାଇଟାଣି ଦୋତାଲା କୋଠାକୁ ନେଇ ଆସିଲେ ଆସବାବପତ୍ର ସହିତ । ସେଇ ଦିନ ପ୍ରଥମ ଥର ପାଇଁ ବୁଢ଼ାର ଗ୍ରହ ବେମାର ବାହାରିଥିଲା ।

ତେତାଲାକୁ ଆସିଲେ ବି ଧୂମ୍ରପାନର ମମତା ବୁଢ଼ାକୁ ଛାଡ଼ିଲା ନାହିଁ । ଧୂମ୍ରପାନବାଲାଙ୍କ ପାଇଁ ଆଉ କାମ ନାହିଁ । ସେମାନେ ଅନ୍ୟତ୍ର ମୁଲିଆମଜଲା, କୁଲିଗିରି ଦୋକାନପାଟରେ ସ୍ୱାଧୀନ, ଭାବରେ ଦିନ କାଟନ୍ତି । ତଥାପି ବୁଢ଼ାଭାବେ ସାହସ୍ଟା ତାରି କରଣା, ନେଳକଗୁଡ଼ା ତାରି (କନପ୍ରର ଦ୍ୱାରା) ଗିମିଠ ତେତାଲା-କୋଠା ଓ ଶିଳ୍ପ ସାମ୍ରାଜ୍ୟ ସେମାନେ ସେଇଠି ଥିଲେ ବି ସେମାନଙ୍କ ସହଯୋଗ

Digitized by srujanika@gmail.com

ଉତ୍ପାଦନବୃଦ୍ଧି ଫଳ । ପ୍ରତିଦିନ ସକାଳ ସନ୍ଧ୍ୟା ସେ ସାହିକୁ ଯାଏ; ସ୍ତ୍ରୀ ତା ପିଣ୍ଡାରେ ବସି ସୁଖଦୁଃଖ ହୁଏ; କାହାକୁ କେତେବେଳେ ନାନା ମତେ ସାହାଯ୍ୟ କରେ । କିଏ ଜଣେ ଥରେ ଖବରକାଗଜରେ ବାହାର କରିଦେଲା ଘୁଷୁରି ପାଖରୁ ମସ୍ତିଷ୍କ ଜ୍ୱର ହେଉଛି, ଯାହାର ଔଷଧ ନାହିଁ । ମ୍ୟୁନିସିପାଲିଟି ଘୁଷୁରିସାହି ଓ ଘୁଷୁରିଗୁଡ଼ାକୁ ନିପାତ କରିଦେବାର ଯେଉଁ ବ୍ୟବସ୍ଥା କଲା, ତାକୁ ବୁଢ଼ା ତୁରନ୍ତ ରଦ କରାଇଦେଲା । ମୂଷା, ବିରାଡ଼ି, କୁକୁର, ଛେଳି, ମଇଁଷି ସମସ୍ତେ ରୋଗ ସୃଜନ୍ତି ଖାଲି, ଘୁଷୁରିଗୁଡ଼ାକୁ ଏତେ ଅବହେଳା କାହିଁକି ? ଘୁଷୁରିଙ୍କି ତ ମସ୍ତିଷ୍କ ଜ୍ୱର ହୁଏ ନାହିଁ । ବୁଢ଼ା ଏଇ ଘୁଷୁରିସାହିର ଜନ୍ତୁଗୁଡ଼ାକ ବିଷୟରେ ଅନେକ ଭାବେ । ଥରେ ସେ ପୁରୀ ଯାଇଥିଲା । ଫେରିଆସି ସାହିର ମୁରବି ପାଖରେ ଦିନେ କହିଲା, “ଶ୍ୟାମରେ, ମୁଁ ପୁରୀ ଯାଇଥିଲି, ଗୋଟାଏ ପୋଖରୀରେ ବଡ଼ ବଡ଼ କଇଁଛ ଦେଖିଲି, ମୁଢ଼ି ମୁଠାଏ ଧରି ଡାକିଦେଲି ଯେ ମୋ ହାତରୁ ଖାଇ ଗଲେ । ଇନ୍ଦ୍ରଦ୍ୟୁମ୍ନ ରଜାଙ୍କ ମନ୍ଦିର ପାଇଁ ପଥର ବୋହି ବୋହି ସେମାନେ କୁଆଡ଼େ କଇଁଛ ପାଲଟି ଯାଇଛନ୍ତି । ଶ୍ୟାମରେ, ତୁମେ ବି ମୋ ପାଇଁ ନାଳନର୍ଦ୍ଦମାରେ ପଙ୍କକାଦୁଅରେ କାମ କରି କରି ଘୁଷୁରି ହୋଇ ଯାଇଛ ।” ଶ୍ୟାମ କହେ ନା ଆଜ୍ଞା ! ମଣିଷ କି ଘୁଷୁରି ହେବ ?” ବୁଢ଼ା ଯୁକ୍ତି କରେନି; ଟିକିଏ ଶ୍ଳେଷବ୍ୟଙ୍ଗମିଶା ହସ ହସେ । ଘୁଷୁରି ରହସ୍ୟ ଶ୍ୟାମ ଆଗରେ ଆଉ ଦିନେ ବଖାଣ କରୁଁ କରୁଁ ପିଚୁ ରାସ୍ତା କଡ଼ର ମାଈ ଘୁଷୁରିକୁ ଲକ୍ଷ୍ୟକରି କହିଲା “ଦେଖ ଶ୍ୟାମ, ଅଠଟା ଥନକୁ ଆଠଟା ଛୁଆ, ଚିଁ ଚିଁ କରି ପିଇ ଯାଉଛନ୍ତି । ଘୁଷୁରି ଖାପୁରା କଣ ବା ଖାଉଛି, ନର୍ଦ୍ଦମାରେ ପାଣ୍ଡି ଚକଟି ହୋଇ କାଦୁଅ ପାଣି ପିଇ ସେଥିରୁ କ୍ଷୀର ପ୍ରସ୍ତୁତ କରୁଛି ସବୁ ଛୁଆଁଙ୍କୁ ଖୁଆଇ ଦେଉଛି । ଅଥଚ ଆମର ବୋଦୁଟିଆ ଦୁଧ, ଦହି, ମାଛ, ମାଂସ ଖାଇ ମୋଟାଏ ବି ଏତେ ବଡ଼ ବଡ଼ ଥନରୁ କ୍ଷୀର ବାହାର କରି ପାରନ୍ତି ନାହିଁ ।”

ଆଠଟା ଛୁଆରୁ ସାତଟା କଳା, ଗୋଟିକର ରଙ୍ଗ ଠିକ୍ ବୁଢ଼ାର ମୁଣ୍ଡରଙ୍ଗ ପରି; କଳା ଚମରେ ଧଳା ଛୋଟ ଛୋଟ ଚୁଲି । ବୁଢ଼ା କହେ “ଶ୍ୟାମ ! ଦେଖ୍ ଭଗବାନଙ୍କ ଆଉ ଏକ ଲୀଳା, ସାତଟା କଳାକୁ ଗୋଟେ ଧଳା ।” ଶ୍ୟାମ କହିଲା, “ଧଳା ଅଣ୍ଟିରା ଘୁଷୁରି ବି ଅମର ଏ ସାହିରେ ଅଛନ୍ତି, ବାପା !”

ଶ୍ୟାମ ସାଙ୍ଗରେ କଥାବାର୍ତ୍ତା କରୁଁ କରୁଁ ବୁଢ଼ା ଫାଟକ ପର୍ଯ୍ୟନ୍ତ ଚାଲିଯାଇଥିଲା । ବଡ଼ପୁଅ ଏତିକିବେଳେ ପାଖକୁ ଜୋରରେ ଆସି ଆଖି ତରାଟି ଗର୍ଜ୍ଜନକରି କହିଲା, ‘ଆଜିର କାଗଜ ଦେଖିଲଣି ? ଯୋଉ ଲୋକଗୁଡ଼ାକୁ ଏତେ ନିଜର ଆପଣାର କରିଛ ସେଇମାନେ ପତ୍ରିକାରେ ତୁମ ସାଙ୍ଗ ଭାଇଙ୍କୁ କାଢ଼-

Digitized by srujanika@gmail.com

କୁଟୁମ୍ବଙ୍କୁ ହାଣି ସାରିଲେଣି, ତାଙ୍କ ଘରବାଡ଼ି ନିଆଁ ଲଗାଇ ଦେଲେଣି ।” ବୁଢ଼ା ଯାଙ୍କେ ଯାଙ୍କେ ଛାତିରେ ହାତ ଦେଇ ତଳେ ପଡ଼ିଲା ମୂର୍ଚ୍ଛା ହୋଇ । ଏ ହେଲା ବୁଢ଼ାର ଦ୍ୱିତୀୟ ବାର ଏଟ୍ୟାକ୍ ରୋଗ ଆକ୍ରମଣ ।

ବୁଢ଼ାର ଏଥର ଆଉ ରକ୍ଷା ନାହିଁ । ବୁଢ଼ାଠୁ ପିଲାଯାଏ ସିଏ ଯାହା ପାରିଲେ କହିଗଲେ । “ପ୍ରକୃତି ବଦଳିଲେ ସିନା !” “ଧୂର୍ତ୍ତ ସାହୁରେ ଦିନରାତି ସିଏ ବସିବ ତେତାଲ କୋଠା ଛାଡ଼ି ତାର…” “ଗୁଲଗୁଲ ମନା ଅଥଚ ଡାକ୍ତର କଥା ନ ମାନି ବୁଢ଼ା ଯଦି ପାଇପ୍ ପାଖରେ ଦିନରାତି ଜଗି ବସିବେ ଖରାବେଳଟାରେ… କଣ ଯେ ମିଳେ ?”

ସବୁ ମିଳେ, ଏଇ ଧୂର୍ତ୍ତ ସାହୁର ପାଣି କଳ ପାଖରୁ । ଏଇଠୁ ବୁଢ଼ା ନିରାଟ ନିଃସଙ୍ଗତାରେ ସାଙ୍ଗ ପାଏ, ଔଷଧ ନଥିବା ରୋଗ ପାଇଁ ଔଷଧ ପାଏ । ବୁଢ଼ାଟାକୁ ଦିନରାତି କାଠ ଖଟିଆରେ ବାନ୍ଧିରଖି, ଘରର କାମରୁଣୀ ହାତରେ ଖାଦ୍ୟ ପାନୀୟ ଔଷଧ ପଠାଇ ଦେଇ ମନେ ମନେ “ବୁଢ଼ାଟା ଯେ କାହିଁକି ଏତେ ଦିନ ବଞ୍ଚିଛି” ଭାବିଲେ ବଞ୍ଚିବା ଲୋକ ମରି ଯିବ ଅକାଳେ ସକାଳେ । ତାରି ପାଖ ଦେଇ ଯେତେବେଳେ ଆତ୍ମୀୟ ଜ୍ଞାତିକୁଟୁମ୍ବ ଯାଆସ କରନ୍ତି, ବୁଢ଼ା ପଦେ କଅଳ କଥା ସେମାନଙ୍କ ପାଟିରୁ ଆଶା କରୁଥାଏ, “ବାପା ! କିମିତି ଲାଗୁଛି ଆଜି ?” “ଅଜା, ଭଲ ଅଛ ?” “ଦାଦୁ, କଣ ଖାଇଛ ? ଆମ ପଢ଼ାବହିରୁ ଗପ ଗୋଟେ ଶୁଣିବ ?” ଏମିତି ଦରଦୀ ପ୍ରଶ୍ନ କଥା ଛାଡ଼ ଓଲଟି ବନ୍ଧୁମାନଙ୍କ ପାଟିରୁ କର୍କଶ ଗଳାରେ ଶୁଭେ “ଔଷଧ ଖିଆ ହେଲାଣି ନା ନାହିଁ ?” “ନିଜ କପାଳ ନିଜେ ଭୋଗିବ ।”

ଏ ଦୁରବସ୍ଥା, ଏ ଦୁଃସ୍ଥିତିରେ ବୁଢ଼ା ଯଦି ଆଶ୍ୱାସନା, ସଞ୍ଜୀବନୀ ଶକ୍ତିପାଇଁ ତେତାଲକୁ ନଯାଇ ଜୀବନର ଅଧାଅଧି କାଳ କଟାଇଥିବା ଧୂର୍ତ୍ତସାହୁକ ଓ ତାରି ଘର ସାମନାର ଚିରସ୍ଥା ପାଖରୁ ପାଣିକଳକୁ ନିର୍ନିମେଷ ନୟନରେ ଚାହିଁଲା, ତେବେ ତୁମର ଆପତ୍ତି କଣ ? ଏ ଧୂର୍ତ୍ତସାହୁ ତାରି (ଅପ) କୀର୍ତ୍ତି ଏ ପାଣିକଳ ତାରି ଯୋଗୁଁ ଏଠି ବସିଛି । ଧୂର୍ତ୍ତଙ୍କି ପାଣି ଯୋଗାଇଲେ କାହୁଅରେ ଗଢ଼ିବେ ସିନା ! ମ୍ୟୁନିସିପାଲିଟିକି କ୍ଷୁଦ୍ରାବୋଲି କରି ପାଣିକଳ ବାଲାକୁ ଘୁଷ୍ ଦେଇ ଏ ଜଳଯୋଗାଣ ବ୍ୟବସ୍ଥା ବୁଢ଼ା କରିଛି । କଳର ସାଁ ସାଁ ଶବ୍ଦ ଶୁଣିଲା ମାତ୍ରେ ଧୂର୍ତ୍ତସାହୁଯାକ ଅଜାଡ଼ି ପଡ଼ନ୍ତି । ଦିନବେଳେ (ରାତି ବେଳେ ବି !) ସାଇରେ ପୁରୁଷ ଥିଲାପରି ଜଣାଯାନ୍ତି ନାହିଁ । ପାଣିଟୋପାକ ପାଇଁ ଉଦ୍ଭଲ ବିକଳ ହୋଇ କଳା ନାଲି ରଙ୍ଗର ସିମେଣ୍ଟ ଗେଡ଼ନାଗ ହାଣ୍ଡି କଳସୀ ଧରି ଝିଅ ତିଆଣି ଜମା ହୋଇ ଯାଆନ୍ତି । କିଏ ଆଗ କିଏ ପଛ ପ୍ରଶ୍ନର ସମାଧାନ ହେଉଥାଏ, ପାଣି ବି ମୁକ୍ତାଳିଅ ଧାରରେ ପଡ଼ୁଥାଏ,

Digitized by srujanika@gmail.com

ଅପରନ୍ତୁ କଥାଭୂଆ ବି ଭୁଲିଥାଏ । ବୁଢ଼ାର ଅପେକ୍ଷା କେହୁ ନାହିଁ । ସେମାନେ କି କଳ ପାଖରେ ଛିଡ଼ା ହୋଇ ବୁଢ଼ାକୁ ଦେଖିଥାନ୍ତି "ଏଇ ସେ ଆମର ରଜା ବସିଛୁ, ସବୁ ଦେଖୁଛୁ, ଶୁଣୁଛୁ, ଜାଣୁଛୁ କିନ୍ତୁ କରିପାରୁନାହିଁ ଷିନା; ଭାର ଗୋଡ଼ହାତ ନାହିଁ ବିଚରା କଣ କରିବ । ହେଲେ ଆମକୁ କେତେ ଭଲପାଏ !" ବୁଢ଼ା କିନ୍ତୁ ଭାବେ ଅନ୍ୟ ରକମ । ଯେତେ ଯାହା କଲେ ବି ଯିଏ ଘୁଙ୍ଗୁର ସିଏ ଘୁଙ୍ଗୁର, ମଣିଷ କରିବା ସହଜ ନୁହେଁ ।'

ବୁଢ଼ା ସମସ୍ତଙ୍କୁ ଦେଖେ କିନ୍ତୁ ଅପେକ୍ଷା କରିଥାଏ ଗୋଟିଏ ଝିଅର ଆସିବାକୁ । ଭିଡ଼ ଭାଙ୍ଗିଗଲେ ବିଶେଷତଃ ସ୍ଥାନ ନିର୍ଜନ ହୋଇଗଲେ ଝିଅଟି ଆସେ ସନ୍ତର୍ପଣରେ; କେତେବେଳେ କଳସୀ ନେଇ, ଅଉ କେତେବେଳେ ପିଲାଟିଏ ଧରି । ଝିଅଟା ଗୋରୀ ତକ ତକ । ମାଈ ଘୁଙ୍ଗୁରସାହିରେ ଏହା ନୂଆ କଥା, ଅଦ୍ଭୁତ ସମ୍ଭାଧ ନୁହେଁ । ସେ ଗୋରୀ ଝିଅଟି ଆସିବାର ଦେଖିଲେ ବୁଢ଼ାର ସବୁ ଦମ୍ଭ ଫଳିଲ ଭାଙ୍ଗିଯାଏ; ନାନା ବାରଣ ନିଷେଧ ଅବଜ୍ଞା କରି ଏଣେ ତେଣେ ତରକାତାରକି ଗୁହିଁ ସେ ଧୀରେ ଧୀରେ ଚାଲିବାକୁ ଆରମ୍ଭ କରେ ଫାଟକ ପାଖକୁ । କଳସୀରେ ଛଳଛଳ ପାଣି ପଡ଼ୁଥାଏ, ସେ ଦୁହେଁ ଭୁଷ୍ଟଭୂଷ୍ଟଟୁ କଥା ହେଉଥାନ୍ତି ଯେତେ-ବେଳଯାଏ ସୁବିଧା ସୁଯୋଗ ମିଳୁଥାଏ । କେତେବେଳେ ଉପରତାଲରୁ ଗୋସ୍ୱେହାଗିଣ କରି ବଡ଼ ବହୁ ଚିତ୍କାର କରନ୍ତି "ନାକମାଡ଼ନ୍ନି" କଣ ସେ ଗଡ଼ୁଆଣୀଟା ସାଙ୍ଗରେ ଗପୁଛୁ ! ଖଣ୍ଡୀ ତୁମକୁ ଖାଇଲା ।"

ଯେଉଁଦିନ ବୁଢ଼ା ପାଣି କଳ ପାଖକୁ ଆସିପାରି ନଥାଏ ସେଦିନ ଝିଅଟା ତରକମରକ ବୁଢ଼ାର ଖଟ ପାଖକୁ ଚାଲିଯାଏ । ପିଲାଟାକୁ କାଖରେ ଧରି ବୁଢ଼ା ପାଖକୁ ଲାଗି ଛିଡ଼ାହୁଏ । ବୁଢ଼ାର ପାକୁଆ ପାଟିରେ ହସ ଫୁଟେ, କାଖ ପିଲାଟା ଖିଲଖିଲହସିଲେ ଝିଅଟା ହାତ ପାପୁଲି ଦେଇ ତାର ନସର ସୁଅ ବନ୍ଦକରି ଦିଏ । କି ଆନନ୍ଦ ଉନଙ୍କର । କମେ ମୁହଁ ସଞ୍ଜ ଗଡ଼େ । ଗୋଲାପ ପାଖୁଡ଼ା ଝଡ଼ିବାକୁ ଆରମ୍ଭ କରେ । ତଳଅଣ୍ଟାକୁ ବାହାରକରି ବୁଢ଼ା ଦେଇଥିବା ଫୁଲ ବା ଫଳ ଧରି ଝିଅ ଆଉ ପିଲାଟା ଚାଲିଗଲେ ବୁଢ଼ାର ମୁହଁଟା ଫିକା ପଡ଼ି ମଉଳିଯାଏ । ଯେଉଁ ମହୌଷଧ ଟିକକ ବା ରକ୍ତ ଟୋପାକ ସଞ୍ଚାରଣ ହୋଇଥାଏ, ତାର ପ୍ରତିକ୍ରିୟା ଦଣ୍ଡକେ ପରିଯିବାପୂର୍ବ ବୁଢ଼ା ଫିକ୍‌କା ହାସେ । ସାରା ରାତିକା ତା ପରେ ଅନ୍ଧକାର । ଘୁଙ୍ଗୁରଙ୍କ ଆଲୁଅ କଣ ଲୋଡ଼ା ?

ଦିନେ ଏମିତି ଖେଳୁ ଖେଳୁଁ ଅକସ୍ମାତ୍ ଅନାହାତଣଯ୍ୟରେ ପିଲାଟା ବୁଢ଼ାର ଗ୍ଲାସକୁ ଠେଲି ପକାଇଲା ଏବଂ ବୁଢ଼ାର ହୃଦ୍‌ବେଗର ଉତ୍ତାପ ଅର୍ଥାତ୍ ଶେଷ ପର୍ଯ୍ୟାପ୍ତ ଆରମ୍ଭ ହେଲା । ସେଇଦିନ, ସେଇ ମୁହୂର୍ତ୍ତରୁ ବୁଢ଼ାର ଅଧ୍ୟାନ ବରଣ୍ଡାରୁ

Digitized by srujanika@gmail.com

ଘର ଭିତରକୁ ଉଠିଲା । ଏଥର ଯାହାକୁ କହନ୍ତି ଷ୍ଟ୍ରିକ୍ଟ ବେଡ୍-ରେଷ୍ଟ ତାହା ଆରମ୍ଭ ହେଲା । ରଙ୍ଗୀନ ଫୁଲପଟ ଦେଇ ମୋଟା ପାୱାରବାଲା ଚଷମାରେ ଦୂଷ୍ଟୁ-ସାପ୍ତାହିକ ଏକଧ୍ୟାନରେ ପଢ଼ିବା ଆଉ ଛିଅଁଟା ପିଲାକୁ ଧରି ପାଣିକଳ ପାଖକୁ ଆସିବାର ଅସରନ୍ତି ଅପେକ୍ଷା ସବୁ ବନ୍ଦ । ବାରମ୍ବାର ପ୍ରତ୍ୟେକ ଟାଲର ବାସିନ୍ଦାମାନଙ୍କ କଟୁ ମନ୍ତବ୍ୟ, ଭର୍ତ୍ସନା ଏପରିକି ଅଶ୍ଳୀଳ ବ୍ୟଙ୍ଗବିଦ୍ରୂପ ସହିତ ସୀମାହୀନ ନିଃସଙ୍ଗତା ନିଷ୍ଫଳ ପ୍ରତୀକ୍ଷାଜନିତ ଅସ୍ୱସ୍ତି ବୁଢ଼ାର ବଢ଼ିଚାଲିଲା ।

ଏମିତି ଆଠ ଦଶ ଦିନ କାରୁଣ୍ୟର ପ୍ରତିମୂର୍ତ୍ତିଟିଏ ପରି ତଳତାଲାର ବୈଠକଖାନାକୁ ଲାଗିଥିବା ଛୋଟ କୋଠରୀରେ ବୁଢ଼ା ପଡ଼ିଥାଏ । ଦୂର ଦୂରାନ୍ତରୁ ବଡ଼ ବଡ଼ ଡାକ୍ତର ସହିତ ଦେଶ ବିଦେଶରୁ ଆକାଶମାର୍ଗ ଦେଇ ଔଷଧ ଆସୁଥାଏ । ତେତାଲା କୋଠାଟାଯାକ ଡାକ୍ତରମୟ, ଔଷଧମୟ ଏବଂ ରୋଗମୟ; ମାତ୍ର ରୋଗ ଉପଶମ ପରିବର୍ତ୍ତେ ବରଂ ସାଧାରଣ ଅବସ୍ଥାର ଦ୍ରୁତ ଅବନତି ହେଲା । ସମସ୍ତେ ଜାଣିଲେ ଏଥର ବୁଢ଼ା ବଞ୍ଚିବ ନାହିଁ ଏବଂ ତାର ମହାପ୍ରୟାଣ ଆଶଙ୍କା କରି ଚାରିଆଡ଼େ ଟେଲିଗ୍ରାମ, ଟେଲିଫୋନ, ଟେଲେକ୍ସ ଡକରା ପଠାଗଲା । ଦିନେ ସକାଳେ ଆଲୋଚନା ଯୁକ୍ତିତର୍କ ପରେ ଏବଂ ବଡ଼ ବଡ଼ଆଙ୍କ ଆଗମନକୁ ଲକ୍ଷ୍ୟ ରଖି ଖାଦ୍ୟ ପାନୀୟର ଧୂମଧାମ ଯାକଜମକ ଚାଲିଲା ।

ଦୂଷ୍ଟୁଶପାହ୍ୱବାଲାଙ୍କର ବୁଢ଼ାଙ୍କୁ ଦେଖିବାର ଆଗ୍ରହ କିନ୍ତୁ ଚରିତାର୍ଥ ହେଲନାହିଁ । ସେମାନଙ୍କୁ ଘର ଭିତରକୁ ଆସିବାକୁ ମନା । ତାଙ୍କୁ ଦେଖିଲେ ବୁଢ଼ା କୁଆଡ଼େ ବିହ୍ୱଳିତ ହୋଇ ଯାଉଛନ୍ତି । ଦୂଷ୍ଟୁଶପାହ୍ୱବାଲାଏ କିନ୍ତୁ ବୁଢ଼ାଙ୍କୁ ସମ୍ମାନରେ ସିଂହାସନରେ ନ ଦେଖି, ଦରଶନ ନ ପାଇ ଆଶଙ୍କିତ । ସାହିର ମଣିଷ ଦୂଷ୍ଟ୍ର ସମସ୍ତଙ୍କ ହୃଦସ୍ପନ୍ଦନ ବ୍ୟାହତ ଓ ସ୍ତବ୍ଧ ହେବାକୁ ଯାଉଛି ସିମିତି ।

ସେଦିନ ସୂର୍ଯ୍ୟଦେବ ବଗିଚାର ଲାଲ ଗୋଲାପ ତଥା ରଙ୍ଗୀଲାଲ ବୁଢ଼ାର ଗାଲର ରଙ୍ଗ ସବୁ ଅପହରଣ କରି ତେତାଲାର ପଛପଟେ ଲୁଚିଲୁଚି ପାହାଡ଼ ଆରପାଖକୁ ଯାଇଥାନ୍ତି । ତେତାଲାର ସମସ୍ତେ ଡାକ୍ତର କବିରାଜ ଡକାହକାରେ ଓ ଆଗନ୍ତୁକମାନଙ୍କ ଭୋଜିଭାତ ବ୍ୟବସ୍ଥା ଏବଂ ଟେଲିଭିଜନ ପ୍ରୋଗ୍ରାମରେ ବ୍ୟତିବ୍ୟସ୍ତ ଥାନ୍ତି । ବୁଢ଼ା ପାଖରେ ନର୍ସଟିଏ ଜଗିଥାଏ । ଡକରା ପାଇ ସେ ହଠାତ୍ ଉପରକୁ ଚାଲିଗଲା । ବୁଢ଼ାର ଶୋଇବା କୋଠରୀଟା ନୀରବ ନିସ୍ତବ୍ଧ । କେବଳ ଭୂତ ଓ ଯମଦୂତଙ୍କ ଛାଇରେ ସିମିତି ଭରପୂର । କେବଳ ବୁଢ଼ାଙ୍କ ବିସ୍ମୟର କାନ୍ଥ ଘଡ଼ିଟା ହୃଦୟର ସ୍ପନ୍ଦନ ସହିତ ତାଳ ଦେଇ ଗମ୍ଭୀର ସ୍ୱରରେ ଟିକ୍ ଟାକ

Digitized by srujanika@gmail.com

ହେଉଥାଏ ନୀରବତାକୁ ମୁଖର କରି । ଏମିତି ଗୋଟାଏ ଶୁଭ ମୁହୂର୍ତ୍ତିକୁ ଘୁଷୁରି-ସାହିର ସେହି ଝିଅଟା ଖୋଜୁଥିଲା । ଓର ଉଣ୍ଡି ଡାକତରକ ଖୋଜି ପିଲାଟାକୁ କାଖରେ ଧରି ସେ ଡୋଲା ଫାଟକର ସାମନା ପାଚିରିକଲ ପାଖରେ ଅନେକ ସମୟ ଧରି ଛିଡ଼ା ହୋଇଥିଲା । ଗଲା କେତେ ଦିନ ବହୁ କଷ୍ଟରେ ନିଜକୁ ସେ ସମ୍ଭାଳି ନେଇଥିଲା । ଆଜି ମନେ ମନେ ଜିଦ୍ ଧରିଲା ବୁଢ଼ାକୁ ଦର୍ଶନ କରିବ । ଯିମିତି ପରିଚ୍ଛନ୍ନ ନର୍ସଟା ତେତାଲକୁ ଉଠିବାର ଝରକା ଦେଇ ଦେଖି ଦେଇଛି, ସେମିତି ଯାହାହେବ ହେଉ ଭାବ ନେଇ ଫାଟକ ତରବରରେ ଫିଟାଇ ଦ୍ରୁତ ପଦକ୍ଷେପରେ ପଶିଗଲା ବୁଢ଼ାର ଶୋଇବା କକ୍ଷକୁ ଏକା ନିଃଶ୍ୱାସକେ ଅଶରୀରୀ ସ୍ୱପ୍ନମୂର୍ତ୍ତି ପରି ଏବଂ ଛିଡ଼ା ହୋଇଗଲା ବୁଢ଼ାର ଖଟକୁ ଲାଗି ମାତୃମୂର୍ତ୍ତି ବା ମେଡ଼ୋନାଙ୍କ ଭଙ୍ଗୀ ଓ ଚାହାଣୀରେ । ବୁଢ଼ା ଆଖି ଦିଟା ଧୀରେ ଧୀରେ ଫିଟିଗଲା; ତାକୁ ଜଣାଗଲା ଯିମିତି ସେ ସ୍ୱର୍ଗର ଏକ ବିଦ୍ୟାଧରୀକୁ ଦେଖୁଛି । ସାମାନ୍ୟ ଟିକେ ହସ ବୁଢ଼ାର ମୁହଁ କଣରେ ଯିମିତି ଫିଟିବାର ପିଲାଟା ଦେଖିଛି, ସେ ସ୍ୱାଭାବିକ ଆଗ୍ରହ ଓ ଆନନ୍ଦରେ ତଳକୁ ଡେଇଁବା ଭଙ୍ଗୀରେ ହାତ ବଢ଼ାଇ ଝିଅର କାଖରୁ ତଳକୁ ଓହ୍ଲାଇ ପଡ଼ିଲା; ଏବଂ କାଳେ ପଡ଼ିଯିବ ତାକୁ ଧରିନେବା ପାଇଁ ସବୁ ବାଧା ନିଷେଧ ନ ମାନି ବୁଢ଼ା ହଠାତ୍ ହାତ ଯୋଡ଼ାକ ପିଲାଟା ଆଡ଼କୁ ଲମ୍ବାଇ ଦେଲା । ବାସ୍ ସେତିକ, ସବୁ ଶେଷ । ହସ ଟିକକ ବୁଢ଼ାର ମୁହଁ କଣରେ ଲାଖି ରହିଲା ଏବଂ ଟୋପାଏ ପାଣି ଆଖିରୁ କପାଳ ଦେଇ ଝରିଗଲା ।

ଯିମିତି ବିରାଟ ପ୍ରମାଦ, ମହାପାପ କରିଚି, ସେମିତି ଭାବ ଝିଅଟା ପଳାଇ ଯାଉଥାଏ, ଦୁଇ ତିନିଜଣ ମାଇକିନା ତା ଚୁଳ ଗୋଛାକ ଧରି ନେଇ ନିଷ୍ଠୁର ଛେଚ ଦେଇ ଗଲେ ଉଭୟ ଝିଅ ଓ ପିଲାକୁ । ସେମାନଙ୍କ ବଦ୍ଧମୂଳ ଧାରଣା ଘୁଷୁରି-ସାହିର ସେଇ ଡାହାଣୀଟା ମୁରବୀଙ୍କ ରକ୍ତ ଶୋଷିନେଲା; ନ ହେଲେ ତାଙ୍କ ଗୋଲାପୀ ଗାଲ ଫିକ୍‌କା ହେଲା କାହିଁକି ?

ବଡ଼ ବଡ଼ ନେତାମାନଙ୍କର ଶବସତ୍କାର ଓ ଶ୍ରାଦ୍ଧୋତ୍ସବ ଯିମିତି ମହା କୋଳାହଳ ଓ ଆଡ଼ମ୍ବରମୟ ଅଥଚ ଆତ୍ମୀୟତା ଅନ୍ତରଙ୍ଗତା ବିହୀନ ଓ ଅନ୍ତଃସାରଶୂନ୍ୟ ହୁଏ, ଏ କ୍ଷେତ୍ରରେ ତାହାହିଁ ହେଲା । ସଦ୍ୟ-ସ୍ୱର୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଠ ରଙ୍ଗଲାଲଜୀଙ୍କ ଅଗଣିତ ଉତ୍ତରାଧିକାରୀ ଓ ଦାୟାଦଗଣ କହିଲେ, "ବୁଢ଼ାଟା ଏତେ ଶୀଘ୍ର ମରି ନ ଥାନ୍ତା, ନିଜର ଲୁଚ୍ଚାପଣ ଯୋଗୁଁ ମଲା, ଆମେ ଅପମାନ ହେଲୁଁ ।" "ସାଙ୍ଗସାଥୀ ଯଦି ଖୋଜୁଥିଲେ ଆମେ ସାତ ଭାଇ ଭଉଣୀ ଥାଉଁ ଥାଉଁ ବାପାଙ୍କ ଘୁଷୁରିସାହିକି ଯିବା କି ଦରକାର ଥିଲା ! ବଧୂ କନ୍ୟାଗଣ

Digitized by srujanika@gmail.com

କହିଲେ "ଘୁଷୁରିସାହିର ସେଇ ରଣ୍ଡୀ ଖାନ୍‌କୀ ଟୁଇଁଥିଟା ବୁଢ଼ାଙ୍କ କଲିଜା କଞ୍ଚା ଖାଇଦେଲା ।"

ଘୁଷୁରିବୁଢ଼ାକୁ ଶବ ଶୋଭାଯାତ୍ରାରେ ନେଲେ ଅଶୋଭା ହେବ, ସ୍ୱର୍ଗତ ପୁଣ୍ୟ ଆତ୍ମାପ୍ରତି ଅସମ୍ମାନ ହେବ ବୋଲି ନିଆଗଲା ନାହିଁ, କେବଳ ତାଙ୍କ ସାହିର ମାଲିକ ରଜା ମରିଗଲେ ବୋଲି ଘୁଷୁରିପରି ଗାଁ ଗାଁ ହୋଇ ଆଠ ଦଶ ଦିନ କାଳ କନ୍ଦାକଟା କରିବା ଏବଂ ଶ୍ରାଦ୍ଧବାସରର ଭୂରି ଭୋଜନର ଉଚ୍ଛିଷ୍ଟ ଓ ପରିତ୍ୟକ୍ତ ପତ୍ର ଖାଦ୍ୟ ଓ ପୁଷ୍ପକୁ ମହାପ୍ରସାଦ ଭାବି ସେବନ କରି କୃତାର୍ଥ ମଣିବାକୁ ଓ ସାଲବେଗଙ୍କ ପରି ଆର୍ତ୍ତନାଦ କରି "ଆହେ ଦର୍ଶନ କରିବୁଁ କାହାକୁ" ଭଜନଟି ଗାଇବା ପାଇଁ ସାହିରେ ଛାଡ଼ି ଦିଆଗଲା ।

ଆଶ୍ଚର୍ଯ୍ୟ କଥା ଶ୍ରାଦ୍ଧୋତ୍ସବ ପରେ ବି ଚେତାଲର ବାସିନ୍ଦା ତଥା ବନ୍ଧୁ ବାନ୍ଧବ କେହି ସ୍ୱ ସ୍ୱ କର୍ତ୍ତବ୍ୟ ବା ଧନ୍ଦାରେ ଯିବାପାଇଁ ବା ବିଦାୟ ନେବା ପାଇଁ ବାହାରିଲେ ନାହିଁ, ଘରକୁ ପୁଲିସ୍ ପରି ଜଗି ରହିଲେ । କାରଣ ବୁଢ଼ାଙ୍କ ସମ୍ପତ୍ତି (ଶବ ?) ର ବ୍ୟବଚ୍ଛେଦ ବା ବିଭାଜନ ହୋଇନାହିଁ । ତାରି ଉପରେ ଚାଲିଲା ତର୍କ ବିତର୍କ, ବାଦ ବିବାଦ, ହଟ୍ଟଗୋଳ, ଏପରିକି ଦଙ୍ଗା ହେଙ୍ଗାମା, ଯାହା ଘୁଷୁରି-ସାହିର ମୁରବୀମାନଙ୍କୁ ବି ଅବାକ୍ କରିଦେଲା । ଭାଗ୍ୟକୁ ନାଟକୀୟ ଭାବରେ ଦ୍ୱନ୍ଦ୍ୱର ଚରମ ମୁହୂର୍ତ୍ତରେ କିସ୍ମତ ଅବତୀର୍ଣ୍ଣ ହେଲାପରି ବୁଢ଼ାଙ୍କର ଓକିଲ ରଙ୍ଗମଞ୍ଚରେ ପହଞ୍ଚିଗଲେ ଏବଂ ବଜ୍ର ନିର୍ଘୋଷରେ ଜଣେଇ ଦେଲେ ଯେ ବୁଢ଼ା ଏ ପ୍ରକାର ବିଭ୍ରାଟ ଆଶଙ୍କା କରି ସମସ୍ତ ସମ୍ପତ୍ତିର ବିଧିମତ ଉଇଲ କରିଦେଇ ଯାଇଛନ୍ତି, ଯଦ୍ୱାରା ସମ୍ପତ୍ତିର ଅର୍ଦ୍ଧେକ ଘୁଷୁରିସାହିବାଲା ପାଇବେ ଏକ ଟ୍ରଷ୍ଟ ମାଧ୍ୟମରେ; କାରଣ ସେଇମାନେହିଁ ତାଙ୍କ ସହିତ କାନ୍ଧକୁ କାନ୍ଧ ଲଗାଇ ସାମ୍ରାଜ୍ୟ ଗଠନରେ ସାହାଯ୍ୟ କରିଛନ୍ତି । ଏକଚତୁର୍ଥାଂଶ ଦେଇଛନ୍ତି ଚେତାଲର ଅକର୍ମା କୁକର୍ମଶୀଳ ବାସିନ୍ଦାଙ୍କୁ; କାରଣ ସେମାନଙ୍କୁ ସେ ଭୁଲରେ ଜନ୍ମ ଦେଇଛନ୍ତି । ଶେଷ ଚତୁର୍ଥାଂଶ ପାଇବ ସେଇ ଝିଅଟି ଓ ପିଲାଟି ଯେଉଁମାନେ କି ତାଙ୍କର ନିଃସଙ୍ଗ ବିପତ୍ନୀକ ଜୀବନରେ ଶୁଷ୍କ ବୃକ୍ଷକୁ ସଞ୍ଜୀବନୀ ଦେଇ ପଲ୍ଲବିତ ଏବଂ ରଙ୍ଗୀନ କରିଛନ୍ତି । ଏ ଘୋଷଣା ଶୁଣିବା ପରେ ପରେ ସମସ୍ତେ ସମବେତ ସ୍ୱରରେ ଚିତ୍କାର କରି ଉଠିଲେ "ଶଳା ବୁଢ଼ା ! ଘୁଷୁରି ! ଜାନୁଆର !"

ଦେଖଣାହାରୀମାନେ ମନ୍ତବ୍ୟ କଲେ, "ଘୁଷୁରିସାହିଟାର ଇତିହାସ ଅଛି, ରହସ୍ୟ, ରୋମାଞ୍ଚ, କବିତା, ନାଟକ ଅଛି; ସମସ୍ୟା ବି ଅଛି ଯାହା ଜଟିଳତର ହୋଇଛି ପ୍ରେମର ଅନୁପ୍ରବେଶରେ ।"

Digitized by srujanika@gmail.com

ସାହମନ୍ଦିରେ ଯେଉଁ ସାମାନ୍ୟ ସମାଧିଟିଏ ଅଛି ସେ ଯଦି ଉଠିଆସନ୍ତା ତେବେ କହି ଦିଅନ୍ତା, ସେଇ ଝିଅଟା କିଏ, ତା କାଖର ପିଲଟାର ବା ପରିଚୟ କଣ, ବୁଢ଼ା ସାହୁଙ୍କ ଅବା ସେମାନଙ୍କର କଣ ସମ୍ପର୍କ ଏବଂ ସେମାନେ ପରସ୍ପରକୁ ଏତେ ଭଲ ପାଇଥିଲେ କାହିଁକି ।

ବୁଢ଼ାଟା ଯେବେ ମଶାଣିରୁ ଉଠିଆସନ୍ତା, ତେବେ ସେ କହି ଦିଅନ୍ତା ଯେଉଁ ଘୂଣ୍ଟରଗୁଡ଼ାକୁ ମନ୍ତ୍ରିଷ୍ଟଳ୍ୱର ଉପରେ ସ୍ଥାନାନ୍ତର କରିବାକୁ ସରକାର ତଥା ଜନ-ସାଧାରଣ ବ୍ୟଗ୍ର ଥିଲେ, ସେହି ଶବଗୁଡ଼ାକ ପିଚୁ ରାସ୍ତା (ଜଗନ୍ନାଥ ରାଜପଥ)ର ଡାହାଣ କି ବାଁ ପାଖରେ ରହିଛନ୍ତି ।

ଆଉ ସେଇ ଝିଅଟା ପ୍ରତିଦିନ ସଞ୍ଜରେ ଶୁଖିଲା ସଳିତାଟାଏ ବୁଢ଼ାର ପୁରୁଣା ଚୁଲଘର ପିଣ୍ଡାରେ ଥୋଇ ଦିଏ; ସେ ଯଦି ମୁହଁ ଖୋଲନ୍ତା ତେବେ କୁହନ୍ତା ତା ପ୍ରେମ ପ୍ରାକୃତ ନା ଅପ୍ରାକୃତ ।

Digitized by srujanika@gmail.com

# ଧରଣୀ

ଭଲ ମାଂସ ଖାଇବାକୁ ଯାର ଇଚ୍ଛା ସେ ନିଜେ ଛେଳି ହଣାହେଉଥିବା ସ୍ଥାନକୁ ଯିବା ଦରକାର । ଭଲ ମାଂସ ତ ଖାଇବ, ତା ସାଙ୍ଗକୁ ଗାଳିମନ୍ଦ ବି ଖାଇବ, ହୁଏତ ମାନସମ୍ମାନ ବି ହରାଇବ ।

ଶୁଣିଲି, ପୋଲିସ୍ ଲାଇନ୍ ପାଖରେ ଭଲ ମାଂସ ମିଳୁଛି । ଖାଣ୍ଟି ମାଲ, ଓଜନରେ ଗଲ୍ତି ନାହିଁ । ଆଖି ଆଗରେ ସବୁ ଦେଖିବେ । ଯେଉଁ ମାଂସ ଖାଇବେ ଓରମାନ ମେଣ୍ଟିଯିବ । ମକର : ପଞ୍ଚ 'ମ' କାରର ପର୍ବ । ଥଳିଟିଏ ପକେଟରେ ଲୁଚାଇ ସଫାନ୍ତର ପୂର୍ବଦିନ ସକାଳେ କଣକଣିଆ ଶୀତରେ ଥୁରୁଥୁରୁ ହୋଇ ଗଲି ।

ପ୍ରଥମରୁ କହିଦିଏଁ ମାଂସ ତ ମିଳିଲା ନାହିଁ, କେବଳ ଶିଶୁପାଳ ହୋଇ ଫେରିଲେ କମିତି ଲାଗେ ତାହା ଉପଲବ୍ଧି କରି କିଛି ଧର୍ମିକ୍ ମନ୍ତବ୍ୟ ଓ ବାକ୍ୟବାଣ ଥଳିରେ ଭର୍ତ୍ତି କରି ଗୃହାଭିମୁଖୀ ହେଲି । ଘଟଣାସ୍ଥଳ ପ୍ରାୟ ଶହେ ଗଜ ଅଛି ଶୁଣିଲି "ସୁଦଲମାନ ! ଭଲ ଚିଜ ଅଛି ତ ଦେଖି ଶୁଣି ଆଗପଛ ବିଚାରି ବେପାର କରିବୁ । ପୋଲିସ୍ ଲାଇନ୍‌ବାଲା ଆଗ, ତା'ପରେ ବାହାରିଆ ଲୋକ ।" ସେଇ ଚିତ୍କାର ଶୁଣିବା ବେଳୁ "ତଦା ନାଶଂସେ ବିଜୟାୟ, ସଞ୍ଜୟ !" ପଦଟି ଜାଣିଲି ଗୋଟାଏ ମାତ୍ର ମାଲ, ପୁଣି ଗ୍ରେଟ୍, ଅଥଚ ସମଗ୍ର ପୋଲିସ ଲାଇନ୍ ତାର ଗରାଖ । ତା'ଛଡ଼ା ଆମ ଭଳି ନସ୍ୱାସ୍ଥ ଅପଦାର୍ଥ ଅର୍ଥଙ୍କୁ କିଏ ଅବା ଅନୁଗୃହୀତ କରିବ ? ବାଘ ସିଂହଙ୍କୁ ସିନା ଛେଳି ମିଳିବ ! ଆମ ପରି ଛେଳିର ପୁଣି ଛେଳିକଣ ଦରକାର ?

ଦାରୋଗା ସାହେବ କନେଷ୍ଟବଲ ପହରା ଦେଲା ପରି ଏପଟ ସେପଟ ପେରେଡ୍ କରୁଥାନ୍ତି । ଯିମିତି ଖାନ୍ ବଡ଼ ପ୍ରେସାର କୁକର ପରି ମାଈକୁକୁଡ଼ା ତା ଛୁଆପିଲାଙ୍କୁ ଚିଲ ହାବୁଡ଼ରୁ ରକ୍ଷା କରୁଛି । ବହୁଦିନ ପୂର୍ବେ ତାଙ୍କୁ ଅନ୍ୟ ଏକ ସ୍ଥାନରେ ଦେଖିଥିଲି, ପତଳା, ଲମ୍ବା, ନାକତଳେ ଗାରେ ନିଶ । ଆଜି ତାଙ୍କୁ ଚିହ୍ନିବାକୁ ଦଣ୍ଡେ ଡେରି ହେଲା । ଦୁନିଆର ଯେତେ ଯେତେ ଛେଳି କୁକୁଡ଼ା

Digitized by srujanika@gmail.com

ତାଙ୍କର ପେଟ ଭିତରେ ପଶି ବାହାରିବାର ଚେଷ୍ଟା କରୁଥିବାରୁ ଅଶ୍ଳୀଳ ଭାବରେ ଦେହଟା ସ୍ଥାନ ଅସ୍ଥାନରେ ଭୀଷଣ ଭାବରେ ଫୁଲି ଯାଉଛି ।

ଶ୍ଳେଷ ରଖି ମୋତେ ଲକ୍ଷ୍ୟ କରି ସେ କହୁଛନ୍ତି, "ମାଂସ ଖାଇବା ଲୋକର ଚେହେର ଦେଖିଲେ ମୁଁ ଜାଣିଦେବି ।" ମୁଁ ଏ ମନ୍ତବ୍ୟରେ ଅନ୍ତର ଅନ୍ତର ପଡ଼ିଲା ଧୋଇଗଲି ଏବଂ ଯାହା କହିବ ବୋଲି ଭାବୁଥିଲି "ମୋତେ ପାଏ ଉଧେ ହେଲେ ମିଳୁ" କହିଲି ନାହିଁ । ନୀଳବର୍ଣ୍ଣ ଖୋର୍ଦ୍ଧା ଲୁଙ୍ଗି ଏବଂ ପତଳା ଖଣ୍ଡି ହାତ ଗେଞ୍ଜି ପିନ୍ଧି ଚନ୍ଦଧରପୁରିଆ ଇଣ୍ଡିନମାର୍କା ବଡ଼ କଟାଏ ଟାଣି ସେ କେଉଁ କେଉଁ ଅଂଶ ନେବେ—ଗର୍ଦ୍ଦନ, ଗୁରୁଦା, କଲିଜା ଚର୍ବି, ଫଡ଼ିଆ—ଦେଖାଉଥାନ୍ତି । କନେଷ୍ଟବଲଟିଏ ଆପଣଙ୍କ-ବିଶ୍ୱସ୍ତ-ଭୃତ୍ୟ ଭୂମିକାରେ ତାଙ୍କ ହୁକୁମ ତାମିଲ୍ କରିବାରେ ପୁଲେମାନଙ୍କୁ ସାହାଯ୍ୟ କରୁଥାଏ । ରାମଚନ୍ଦ୍ର ମଙ୍ଗରାଜ ଗ୍ରାମ ପଧାନର କଳନ୍ଦ ନିଆଁରୁ ବଢ଼ି ବଢ଼ି ଶୁଆପକ୍ଷିଆ ତଳ ଉପାଡ଼ି ଭାରଟିଏ ଧରି ହଳିଆ ସହିତ ନିଜ ଅରୁଆ କଳ ଆଡ଼କୁ ଚାଲିଗଲା ପରେ ଦାରୋଗା ସାହେବ ପୁଲେମାନର ଖାସିରୁ ଅସଲ ଅସଲ ଅଂଶସବୁ ନେଇ କ୍ୱାର୍ଟର ଆଡ଼କୁ କନେଷ୍ଟବଲ ସହିତ ଚାଲିଗଲେ । ମୋ ପାଇଁ ଶେଷକୁ ରହିଲା ଘୁରେଇଟି ଠେଙ୍ଗ-ଖୁରା ଲାଞ୍ଜ, ଆଖି ତରାଟି ରହିଥିବା କଟାମୁଣ୍ଡ ଆଉ ଆବର୍ଜନା ଓ ଲିଣ୍ଡିମୁଣ୍ଡି ଅନ୍ତବୁଜୁଳା । ଏ ବର୍ଷ ମକର ପର୍ବରେ ହବିଷ ଭୋଜନ ମୋତେ କରିବାକୁ ପଡ଼ିଲା ।

ପରଦିନ ସକାଳେ ନୂଆ ଏକ ମୋଟାଡ଼ର ବସ୍‌ରେ କଟକ ଭୁବନେଶ୍ୱର ଯାତ୍ରା କଲି । ବସ୍ ଭିତରକୁ ପଶି ଦେଖିଲି ମହିଳାଙ୍କପାଇଁ ଉଦ୍ଦିଷ୍ଟ ସ୍ଥାନରେ ଦୁଇଜଣ ସିପାହୀ ବସିଛନ୍ତି ଶାଳଗଜା ପରି । ମୋ ସାମନାରେ ସେ ବେଞ୍ଚଟା । ମୋ ଡାହାଣ ପାଖରେ ଜଣେ ପାଇଁ ଯେଉଁ ସିଟ୍‌ଟି ସେଇଟି ମଧ୍ୟ ରିଜର୍ଭ ବୋଲି ଜଣେ ସିପାହୀ କହିଲା, ଆଉ କାହାକୁ ବସିବାକୁ ଦେଲା ନାହିଁ ।

ପୋଲିସ୍ ଲାଇନ୍ ପାଖରେ, ଯେଉଁଠି ମୁଁ ମାଂସ ପାଇ ନ ଥିଲି, ସେଇଠି ବସ୍ ଠିଆ ହେଲା । ଦେଖିଲି ଛିଡ଼ା ହୋଇଛନ୍ତି ଦାରୋଗା ସାହେବ, ତାଙ୍କ ପାଖକୁ ଲାଗି ନବଯୁବ ତାଙ୍କ ସ୍ତ୍ରୀ ଓ ଡଜନେଟି ପିଲାପିଲି (ଡଜନେଟି ତାଙ୍କ ପକ୍ଷରେ ଯଥେଷ୍ଟ ନୁହେଁ) । ସିପାହୀ ଦୁହେଁ ଓହ୍ଲାଇଗଲେ । ତାଙ୍କ ସ୍ଥାନ ଅଧିକାର କଲେ ଠିକ୍ ମୋର ମୁହାଁମୁହିଁ (କାରଣ ସେମାନେ ଗନ୍ତବ୍ୟ ସ୍ଥାନର ପଛଆଡ଼େ ମୁହଁ କରି ବସିଥାନ୍ତି) ହେଲେ ଦାରୋଗିଆଣୀ ଓ ତାଙ୍କ ଶାବକବର୍ଗ ପ୍ରାୟ ସମସ୍ତ ବେଞ୍ଚ ମାଡ଼ିବସିଲେ । ନଗାଡ଼ାଏ ଟନଟା ଟ୍ରଙ୍କ, ସୁଟ୍‌କେଶ୍ ଓ କେତେ ଥାଳି ଉପଲରେ ଗୋଡ଼ ରଖିବା ସ୍ଥାନଟା 'ଜାମ୍' ହୋଇଗଲା । ମୋର ଡାହାଣ ପାଖରେ ମୋତେ

Digitized by srujanika@gmail.com

ଲାଗି ଯେଉଁ ସିଟ୍ ଖାଲିଥିଲା ଖୋଦ୍ ଦାରୋଗା ସାହେବ ସେଠି ବସିବାରୁ ବେଞ୍ଚଟା ଦବିଗଲା ଓ ମୁଁ ବି ଚିପି ହୋଇଗଲି ।

ସବଲ, ଦୂରତା ଅନୁପାତରେ ବସ୍ ଭଡ଼ା ଧାର୍ଯ୍ୟ ନକରି ଯାତ୍ରୀଙ୍କ ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା—ଏକ କଥାରେ ଡାଇମେନ୍‌ସନ ଅନୁଯାୟୀ ଭଡ଼ା 'ବାନ୍ଧଲେ' ଲୋକଗୁଡ଼ାକ ଯା ଇଚ୍ଛା ତାହା ଗୁଡ଼ାଏ ଫୁଲାଏ ଖାଇ ମୋଟା ହୁଅନ୍ତେ ନାହିଁ, ଖାଦ୍ୟ ରକ୍ଷା ହୁଅନ୍ତା ଜାତି ପାଇଁ, ହୃଦ୍‌ରୋଗରୁ ଦେଶ ରକ୍ଷା ପାଆନ୍ତା ।

ସାମନାରେ ଦାରୋଗା ପରିବାର ଏବଂ ପାଖକୁ ଲାଗି ସ୍ୱୟଂ ଦାରୋଗାଜୀ ବସିଥିବାରୁ ମୋର ଅସ୍ୱସ୍ତିର ସୀମା ନଥିଲା । କାରଣ ଗତକାଲି ମାଂସର ଶରୀର ଉପରେ ପ୍ରଭାବ ମୁଁ ବେଶ୍ ଶୁଙ୍ଘି ପାରୁଥାଏ । ମାଂସ ଭୋଜନଟାଏ ପରେ ଘର ଧୁଆଧୋଇ ହୋଇଥିଲେ ପରଦିନ ସକାଳେ କବାଟ ଖୋଲିଲେ ଯେଉଁ ଗନ୍ଧ ବାହାରେ, ସିମିତି ଗନ୍ଧ ମୁଁ କାହିଁକି, ବସ୍‌ଯାତ୍ରୀ ସମସ୍ତେ ପାଇଥିଲେ । ଦାରୋଗା, ତଦାସ୍ତୁ ପତ୍ନୀ ଓ ପିଲାପିଲିଙ୍କ ଦେହ ମୁହଁର ଚମଡ଼ାରୁ ଚର୍ବିର ତେଲିଆ ରୂପ, ରସ, ଗନ୍ଧ ଝରି ପଡ଼ୁଥିଲା ।

ଗାଡ଼ି ଖଣ୍ଡେ ଦୂର ଯାଇଛି ପୁଣି ଛିଡ଼ାହେଲା । ସଡ଼କଧାର ଏକ ଗଛବଣିଆଁ ଏକ କୁଡ଼ିଆ ଘରୁ ଆସି ଛିଡ଼ା ହୋଇଥିବା ସ୍ତ୍ରୀଲୋକଟାଏ ଉଠିଲା । କାଳେ ମହିଳାଙ୍କ ପାଇଁ ଯେଉଁ ଗୋଟିକ ସ୍ଥାନ ଖାଲି ଅଛି ସେଠି ବସିଲେ ତାଙ୍କ ସ୍ତ୍ରୀଙ୍କ ଲୁଗାପଟା ମଇଳା ହୋଇଯିବ ବା ତାର ଦେହ ଗନ୍ଧରେ ତାଙ୍କର ବାନ୍ତି ବାହାରି ପଡ଼ିବ, ସେଥିପାଇଁ ହେଉ ଅଥବା ମୋ ପାଖର ଯେଉଁ ସିଟ୍‌ରେ ସେ ବସିଥିଲେ ତାର ଆଉଜିବା କୁସନଟା ତାଙ୍କ ସ୍ତ୍ରୀଙ୍କ କୋମଳ ଦେହ ପରି ନରମ ହୋଇ ନଥାଉ, ସେ ସଙ୍ଗେ ସଙ୍ଗେ ମୋ ପାଖରୁ ଉଠିଗଲେ ଏବଂ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ରେ ସ୍ତ୍ରୀଙ୍କ ଦେହ ଉପରେ ଆଉଜି, ଭାର ଥୋଇ ଡେବଡ୍‌ରୁମ୍‌ରେ ବସିଲା ପରି ଚପାଚପି ହୋଇ ବସିଗଲେ । ଯେଉଁ ପାଜି ପିଲାଟା "ଭଦ୍ରଖ, ପାଣିକୋଇ, କୁଆଖିଆ, କଟକ" ରୁହାକୁ ରୁହା ଡାକୁଥିଲା, ସେ ଆଗନ୍ତୁକାର ହାତ ଧରି ଟାଣି ଆଣି ମୋ ଡାହାଣ ପାଖରେ ବସାଇ ଦେଲା । ସେ ମୋ ବସ୍ତ୍ରପ ବେଶବସନ ଚେହେରା ଦେଖିଲା ମାତ୍ରେ ଠଉରାଇ ନେଲା ଯେ ଭଦ୍ରଲୋକ ଆପତ୍ତି କରିବେ ନାହିଁ ବା ଯେଉଁଠି ହେଲେ ଦଣ୍ଡେ ବସ୍‌ରେ ବସି ଘରେ ପହଞ୍ଚିଲେ ହେଲା ଏଇ ଧାରଣା ନେଇ ନିର୍ବିକଳ୍ପରେ ମୋ ପାଖରେ ଲଗି ହୋଇ ବସିଗଲା ।

ପାଖ ଯାତ୍ରୀ (ଯାତ୍ରିଣୀ) ଠିକ ମୁହୂର୍ତ୍ତେ ଆଖି ବୁଲାଇ ଦେଖିନେଲା । ଗୋଲ୍‌ଗାଲ୍ ଡଉଲଡାଉଲ ଦେହ ଉପରେ ପରସ୍ତେ ଲାଲ ଧଡ଼ିର ମସିଆ

Digitized by srujanika@gmail.com

ଅଲ୍‌ବୋମିଆ ସାଦା ଶାଢ଼ୀ । ସାୟା ନାହିଁ, ବ୍ଲାଉଜ୍ ନାହିଁ, ଗହଣା ଗାଣ୍ଠି ନାହିଁ କି ସିନ୍ଦୂର କଜଳ ନାହିଁ । ଦେହରୁ ମାଟିର ମହକ, ଯିମିତି ଏଇମାତ୍ର ଜଙ୍ଗଲ ଗାଗରୁ ସୀତାଙ୍କୁ ଖୋଳି ବାହାର କଲା ପରି କଏ ଖୋଳି ଆଣିଛି, ପିଆଜ, ବାଦାମ, କନ୍ଦମୂଳ, ଗୋଲଆଳୁ ବାହାର କଲା ପରି । ପ୍ରଥମ ବର୍ଷା ପରେ ପୋଡ଼ା-ଭୂଇଁରୁ ଯେଉଁ ବାସନା ବାହାରେ,ସେଇ ମହକ ତା ଦେହରୁ ଆସୁଥାଏ ଏବଂ ମାଂସର ଦୁର୍ଗନ୍ଧକୁ ପେଲି ଦେଉଥାଏ ଦୂରକୁ । ଦେହ ଚର୍ଣ୍ଣିଶିରା ବର୍ଜିତ, କଳା ମାର୍ବଲ୍ ବା ମୁଗୁନି ପଥରରେ ବିଶ୍ୱକର୍ମା ଯିମିତି ବରାଦ ନେଇ ଝିଅଟାକୁ ଗଢ଼ି ଦେଇଛି । ଜାଣେନାହିଁ କାହିଁକି ସେ ଏମିତି ବସିଛି, ଜଣାପଡ଼ୁଛି ତା ଗ୍ରୀବାରେ ହିଉମର ହୋଇଛି ନ ହେଲେ ତାର ଦୁଇ ସ୍ଥାନରେ ଉନ୍ନ ସ୍ତନ । ବସିଯିବା ମାତ୍ରେ ସେ ଉଦବେଗ ହୋଇ କୁତୁକୁତୁ ଗୋଲ ଗୋଲ ଗ୍ଲେଜ୍ଡ ଆଖିରେ ସାମନାରେ ବସିଥିବା ନାନାଳ-ଙ୍କାରଭୂଷିତା ମହାର୍ଘ ବସ୍ତ୍ର ପରିହିତା ଦାରୋଗାପତ୍ନୀ ଓ ପରିବାରଙ୍କୁ ବିସ୍ମୟାନ୍ୱିତ ଆଖିରେ ଗୁହିଁଲା, ହୁଏତ ବୋକାଙ୍କ ପରି, ଉଦ୍ଦେଶ୍ୟହୀନ ଆଖିରେ । ମୋ ଦେହରେ ତା ଦେହର ଉଷ୍ମତା ବାଜୁଥାଏ; କିନ୍ତୁ ଯେଉଁ ପରିମାଣରେ ଦାରୋଗାବାବୁଙ୍କ ବଣ ପ୍ରାଣୀଙ୍କ ଦେହରୁ ତାପ ବିକିରଣ ହେଉଥାଏ, ତାହା ତୁଳନାରେ ଏହାର ତାପ ନଗଣ୍ୟ । ସେ ଯିମିତି ଧୀରସ୍ଥିର ଚୁପ୍‌ଚାପ ବସିଥାଏ ମୁଁ ବି ସିମିତି ନିର୍ବାକ୍ ସ୍ପନ୍ଦନହୀନ ।

ସାମନାର ଯାତ୍ରୀମାନେ କିନ୍ତୁ ଅହରହ ଛଟପଟ, କଟଣମିଚାର ହେଉଥାନ୍ତି, ମାଂସଲବ୍ଧ ମାଂସଦଣ୍ଡ ଶକ୍ତି ଓ ଉତ୍ତାପରେ । ମୁଁ କିଛି ସମୟ ପରେ ଠଉରାଇ ନେଲି ସ୍ୱାମୀ ସ୍ତ୍ରୀ ମଝିରେ ପୋର୍ଟଫୋଲିଓ ବା ବିଭାଗ ବଣ୍ଟନ ହୋଇସାରିଛି । ସ୍ୱାମୀ ଅଛନ୍ତି ହୋଇମ୍ ଓ ଅର୍ଥବିଭାଗ ଦାୟିତ୍ୱରେ, ସ୍ତ୍ରୀ ଅଛନ୍ତି ସୃଷ୍ଟି ଓ ସ୍ଥିତି ଅର୍ଥାତ୍ ପାଳନ ବିଭାଗ ଦାୟିତ୍ୱରେ । ଉଭୟଙ୍କର ସହଯୋଗ ଓ ବୁଝାମଣା ପୂର୍ଣ୍ଣମାତ୍ରାରେ ଥିବାରୁ ସରକାର ଠିକ୍ ଗ୍ଲୁଛି ଆମ ଗ୍ରୋଟିଆ ମେଟାଡ଼ୋର ପରି ।

ଦଣ୍ଡେ ଯାଇଛି କି ନାହିଁ ଝୁଡ଼ି ଭିତରୁ ବାହାରିଲା ବିସ୍କୁଟ, ଫଳ, ଆମୋସ, ଅମୂଳଟ୍ରେ, କଦଳୀ, ଆଣସାପିଠା ଆହୁରି କେତେ କଣ । ଗୋଟାଏ ବ୍ରେକ୍‌ଫାଷ୍ଟ ଟେବୁଲ ଆଚ୍ଛାଦନର ଯାଦୁକ୍ରୀଡ଼ା ଜରିଆରେ ତାଙ୍କ ଆଗରେ ଥୁଆ ହୋଇଗଲା । ମୋ ପାଖ ଝିଅ (?)ଟା ଗୁହିଁଥାଏ ପ୍ରତିଟି ଚିଜକୁ । ତାକୁ ବୋଧହୁଏ ଲାଗୁଥାଏ ଖାଇବା ପିଇବା ଚିଜସବୁ, ପ୍ରାଣୀଗ୍ରୁଡ଼ାକ ଗୋଟାଏ ଅଦ୍ଭୁତ, ସମ୍ପୂର୍ଣ୍ଣ ଅପରିଚିତ ବିଦେଶୀ ଦୁନିଆଁର । "ବେଳ ପାଚିଲେ କୁଆର କି ଯାଏ" ଭାବ ଦେଖାଇ ସେ ଆତ୍ମସ୍ଥ ହୋଇ ବସିଥାଏ, ନିଜକୁ ନିଜ ଦୁନିଆଁ ଭିତରେ ରଖି, ଗେଣ୍ଡା କଚ୍ଛପ ପରି ଶୁଣ୍ଡପାଦ ଏପରିକି ଆଖି ଯୋଡ଼ାକୁ ଭିତରକୁ ଟାଣିନେଇ, ଅନ୍ତର୍ମୁଖୀ କରି ।

Digitized by srujanika@gmail.com

ଯେ ଯାହା ଖାଇବା କଥା ତାହା ପିଲାପିଲାଙ୍କ ମଧ୍ୟରେ ବଣ୍ଟାବଣ୍ଟି କରି ନିଜ ଭାଗକୁ ମଧ୍ୟ ପାଟିରେ ପକାଇ ପାନ ଡବାଟିଏ ଟ୍ରଙ୍କରୁ କାଢ଼ିଲେ । ଡବା ଫିଟାଇ କଞ୍ଚା ଶାଳପତ୍ରର ପୁଡ଼ୁଳା ଭିତରୁ ବାହାର କଲେ ବାଛି ବାଛି ଭଲ ଦଶ ଖିଲଟିଏ ଏବଂ ମୁଖଗହ୍ବରର କୋଣଟାଏ କଣରେ ରଖିଲେ । ଗାଲଟା ବଡ଼ କଳବଳା ଜାହାଜ ଗୁଆପ୍ରମାଣ ଫୁଲିଗଲା ଚ୍ଲେଟ ବଥ ଆକାରରେ । ଚୂଆ ଚନ୍ଦନ କେତକୀ ଗୁଣ୍ଡ ଓ ଜରଦାର ମହକରେ ମୁଗ୍ଧ ହୋଇ ଦାରୋଗା ସାହେବ 'ଦେହି ପଦପଲ୍ଲବ ମୁଦାରମ୍' ସ୍ବରରେ ଜଣେଇ ଗୁନ୍ଥି ପରମରେ କହିଲେ, "ମୋତେ କେତେ ମିଷ୍ଟ ।" ମକର ପଙ୍କର ମାଂସର ପ୍ରସ୍ତରର ଶେଷାଂଶ ସକାଳେ ମଧୁଆର ଆଖିରେ ମଦର ପ୍ରସ୍ତବ "ହେକ୍‌ଓସ୍ବର" ଟିକକ ଲଖି ରହିଛି ।

ଝଗଡ଼ିରେ ପୁଣି ସୁରୁବାର ଦେଖିବାକୁ ଯାହା ନିଷେଧ; କାରଣ ତାହା ଅଶୁଭ । କିଛି ନହେଲେ ବିରକ୍ତିକର ହେବ ଏଇ କଥା ଚିନ୍ତା କରୁଥାଏଁ ଦାରୋଗାଙ୍କ ଗୋଟାଏ ପିଲା ହକ୍ ହକ୍ କରି ଲୁହାଏ ଆଂଶିକ ତରଳ ପଦାର୍ଥ ଉଦ୍‌ଗିରଣ କଲା । ମୋ ପେଣ୍ଟ୍‌ର କିଛି ଅଂଶ ଧଳା ବାଦାମୀ ହଳଦିଆ ଚିତ୍ରାଙ୍କରେ ରଞ୍ଜିତ ହୋଇଗଲା । ଦାରୋଗା ବାବୁଙ୍କ ସ୍ତ୍ରୀର ତନ୍ଦ୍ରା ଭାଙ୍ଗିଗଲା । "ୱେକ, ୱେକ" ଚକ୍କାରରେ କାନ ଅତଡ଼ା ହୋଇଗଲା । ମୋଫସଲ ଥାନା-ମାନଙ୍କରେ ଆଠ ଦଶ ଜଣ କନେଷ୍ଟବଲ ଓ ଚୌକିଦାର ପେରେଡ୍‌ କରୁଥିଲେ ବେଳେ ଦାରୋଗାବାବୁ 'ହଲ୍‌ଟ' କହିଦେଲେ ଯିମିତି ଧଡ଼୍‌ଧାଡ଼୍ କରି ଫୌଜ ଛିଡ଼ାହୋଇ ଯାଆନ୍ତି ମିନିବସ୍‌ଟା ସିମିତି ଗୋଟାଏ ବଡ଼ 'ଜାର୍କ' ସହିତ ଛିଡ଼ା ହୋଇଗଲା । ବାଲ୍‌ଟିଏ ପାଣି ଶବ୍ଦ ଗଲ ଦୂରର ଏକ ଗାଡ଼ିଅଧୁ ସେଇ ପାଇ ଟୋକାଟା ଆସିଲା । ଧୂଆଧୋଇ ସଫାସୁତୁରା ପରେ ପୁଣି ବସ୍ ଗନ୍ତବ୍ୟ ମାର୍ଗରେ ଗଡ଼ିଲା ।

ମୋ ମୁଣ୍ଡ ଭିତରେ ବିରକ୍ତିଆଳିଆ କ୍ରିମି, ଚେଲୁଣୀ ପୋକ, ବିଛା, ସିଁବାଳୁଆ ପରି ଗାଲୁଗାଲୁ ହେଉଥିଲାବେଳେ ମୁଁ ପାଖ ଝିଅଟାର ମୁହଁରୁ ସ୍ପଷ୍ଟ ଜାଣିପାରୁଥାଏଁ ଯେ, ତାର ମନ ଯୋଗାଧିରୂଢ଼ ଋଷିର ମନ ପରି ସ୍ଥିର, ଶାନ୍ତ, ନିର୍ମଳ ।

ଘଣ୍ଟେ ପରେ ଦାରୋଗାବାବୁଙ୍କ ଦୁଇ ନମ୍ବର ସନ୍ତାନର ପାଳି ପଡ଼ିଲା । ପୁଣି ସେଇ ଡାକ 'ୱେକ, ୱେକ' । ପୁଣି ପାଣିବାଲ୍‌ଟି ଧୂଆଧୋଇ । କଦଳୀ, ଆରିଷାପିଠା, ପକ୍ସ ମାଂସ, କଲିଜା, ପୁରୁଦା, ଗର୍ଦ୍ଧନ ଚର୍ବିର ଅବଶିଷ୍ଟାଂଶ । 'ନର୍ଦ୍ଦମା ଫିଟିଗଲା ନା କଣ ?' କିଏ ଗୋଟାଏ ପଛରୁ ସାହସ କରି ମନ୍ତବ୍ୟ ଦେଲା ।

Digitized by srujanika@gmail.com

ଯାହାହେଉ ଦାରୋଗା ସାହେବ କୌଣସି ମତେ ତାଙ୍କ ଡିପାର୍ଟମେଣ୍ଟ ସମ୍ଭାଳି ନେଉଛନ୍ତି; ମାତ୍ର ତାଙ୍କ ସ୍ତ୍ରୀ ? 'ସୃଷ୍ଟି' ବିଭାଗର ଦାୟିତ୍ୱ ବେଶ୍ ପାଳନ କରିଛନ୍ତି, ତିନି ପରେ ବୃଷର ଲକ୍ଷଣ ଚିହ୍ନସ୍ୱ ଦେଖା ପାଇଲଣି; କିନ୍ତୁ ପାଳନ ବିଭାଗଟାର ଦାୟିତ୍ୱ ତାଙ୍କ ପକ୍ଷରେ ଗୁରୁତ୍ୱ ବହୁତର ହେଉଛି । ବର୍ଷକ ଅଟିର ଷାଁର ଲେଡ଼ା । ସେ ବିଷୟ ଅଙ୍କୁରରେ ବୁଝିବ ନାହିଁ । ଦାରୋଗା ପତ୍ନୀ ବାହାର କଲେ ଫିଡ଼ିଂ ବଟ୍ଲ ଏବଂ ଚୂର୍ଣ୍ଣଦୁଧ ଡବା ଓ ଗରମ ପାଣି । ପିଲାଟା ଗିମିତ ଏମନ୍ତ ଉପକରଣ ଦେଖି ଦେଇଛି, ସିମିତ ଗଡ଼ି ଚିତ୍କାର ହୁଡ଼ି ବସ୍‌ର ଶବ୍ଦକୁ ବି ବୁଡ଼ାଇ ଦେଲା । "ସେତେ କହିଲେ ଭଲବତ, ଦୋଷ ନୋହିଲ ତାର ଟିକେ ।" ସେ ମୁହେଁ ଲଗାଇଲା ଫିଡ଼ିଂ ବଟ୍ଲ । ବଡ଼ବଡ଼ିଆଏଁ ଖୀରପିଠା, ମାଂସ, ଖେଚୁଡ଼ି ଖାଇବେ, ସେ ମା'ଠୁ ଖୀର ଶୋଷିଏ ଅଣ୍ଟିବେ ରକ୍ତ ଶୋଷିଏ ପାଇବ ନାହିଁ ? କି ଆଶ୍ଚର୍ଯ୍ୟ ! ଏଇ ବୟସରେ, ହେଉ ଦାଣ୍ଡରେ, ପିଲାଟା ମା'ର ଇଜ୍ଜତ ମହତ ଖୋଲିଦେବ ନା କଣ ! କେତେ ପ୍ରସ୍ତ କଟ ଖୋଲାଖୋଲି କଲେ ଯାଇ ପିଲା ! ଦାରୋଗାଙ୍କ କାନରେ ପତ୍ନୀ କଣ ଫୁସ୍‌ଫୁସ୍ କରି କହିଲେ କେଜାଣି ପୁଣି 'ଗ୍ରେଟ' 'ଗ୍ରେଟ' ଚିତ୍କାର । ପ୍ରଭୁ କହିଲେ, ବସ୍ ଛିଡ଼ା ହେଉ, ବସ୍ ଛିଡ଼ାହେଲା । ସ୍ୱାମୀ ସ୍ତ୍ରୀ ଦୁହେଁ ଓହ୍ଲାଇଲେ । ଏକ ବିଶାଳ ବଟବୃକ୍ଷର ଉପର ପାଖକୁ ଗଲେ ସ୍ତ୍ରୀ, ଏ ପାଖରେ ଛିଡ଼ାହେଲେ ସ୍ୱାମୀ ପ୍ରକୃତର ଡାକ ସମ୍ଭାଳିବା ଭଙ୍ଗୀରେ ।

ଦଣ୍ଡେ ଗଲା । କିନ୍ତୁ କାହିଁ ? ପିଲାର କାନ୍ଦ ବନ୍ଦ ହେବାକୁ ନାହିଁ । ଭାଟକା ହୋଇଯାଇଛି ବରଂ । ଆଖି ଫୁଲିଗଲାଣି କାନ୍ଦି କାନ୍ଦି, ନାକରୁ ଆଖିରୁ ପାଣି ଝରୁଛି । ଦାରୋଗା ଦଣ୍ଡେ ପାଇଁ ପାଳନ ବିଭାଗର ଦାୟିତ୍ୱ ନେବାର ଚେଷ୍ଟା କଲେ; ମାତ୍ର ସେ ସିମିତ ଅବୋଲକରା ଢଙ୍ଗର ବଡ଼ା କି ସିମିତ ଜିଦ୍ ଖୋର । କିଂକର୍ତ୍ତବ୍ୟ ବିମୂଢ଼ ହୋଇ—ସରକାରଙ୍କ ଅମଲାଗଣଙ୍କୁ ଗୃହନେତାଙ୍କ ନଷ୍ଟେଡ଼ବନ୍ଧା ପ୍ରକୃତ—ସେମାନେ ଉନ୍ନେ ଫେରି ପୁଣି ସ୍ଥାନ ଦଖଲ କଲେ । ପିଲାଟା ବାପାଙ୍କ ଓସାରିଆ ଛାତିରେ ଗୋଡ଼ ଠେସି ଗୋଇଠା ମାରି ଛଟପଟ ହୋଇ ମାଆଙ୍କ ଓଢ଼ଣା ପରି ଗାଲର ପାନରେଖାରେ ମୁଣ୍ଡ ମାରି ଚେପା କରି ଦେଲାଣି । "କଣ ମ, ମାଆ ହେଇଛ, ପିଲାଟାକୁ ଚୁପ୍ କରିପାରୁନ, ଦୁଧ କଲେ ଖୁଆଇ ଦିଅ ।" ପୁଣି ଆଉ କିଏ ଜଣେ ପଛ ପିଠ୍ରୁ ଶୁଣା ଜଣୁଣା ଗଳାରେ କହିଲା, ଡରମରା, ମୁହଁ ଲୁଚାଇ ।

ଦାରୋଗା ସାହେବ ଏଥିରେ ବିରକ୍ତ ହୋଇ ବନ୍ଧୁରୀସ୍ଥ ନାରୀ ମନ୍ତ୍ରୀଙ୍କ ଚେତାବନୀ ଦେଇ କହିଲେ "ହଁ ସତରେ ତୁମର କଣ ହୋଇଛି ପିଲାଟାକୁ କଲେ

Digitized by srujanika@gmail.com

କ୍ଷୀର୍ ଦେଇ ତୃପ୍ତ୍ କରିପାରୁନ ? କି ଲଜ୍ଜାର କଥା ! ହାଟ ଘାଟରେ ତୁମେ ମୋତେ ଅପଦସ୍ଥ କରିଦେବ ଦେଖୁଛି । ତୁମକୁ ସାଙ୍ଗରେ ଧରି···"

ଖୁବ୍ ଚିଡ଼ିଯାଇ ସୃଷ୍ଟି କର୍ତ୍ତ୍ରୀ ଅସ୍ପଷ୍ଟ ଚୁପା ଗଳାରେ କହିଲେ, "ତୁମେ ଯେ କଣ କୁହ, କ୍ଷୀର ବାହାରିଲେ ଯାଇ ମୁଁ ଦେବି ? ଏ ଭୋକିଲା ପିଲା ଟୋପାଏ ଅଧରେ ମାନିବ ? ମଣିଷ କ'ଣ ଗାଈ ମଇଁଷି ହୋଇଛି ଯେ ଲିଟର ଲିଟର କ୍ଷୀର ଦେଉଥିବ ? କ୍ଷୀର ନ ବାହାରିବାରୁ ବେଣ୍ଡିଟା ଦାନ୍ତରେ କାମୁଡ଼ି ରକ୍ତ ବାହାର କରି ଦେଉଛି । ତୁମେ ସିମିତି···କଣ ଯେ କହନ୍ତି···"

ଅସୀମଣୀ ନୂନତାକୁ ଲଠି ଗୁର୍ଫ କଲା ପରି ଦୁହେଁ ମିଶି ପିଲାଟାକୁ ବଧା ଖୁଦୁଡ଼ା ଖେଣ୍ଡିଆ ଦେଇ [illegible] କରିଦେଲେ । କାନ୍ଧ କାନ୍ଧ ଧକେଇ ସକେଇ ସେ ଶ୍ଳୋକ ପଢ଼ିଲା ।

ଆଉ କିଛି ସମୟ ପରେ ମୋତେ ଚିତ୍କାର କରିବା ପାଇଁ ପଡ଼ିଲା "ରୋକ, ରୋକ" । ଦଣ୍ଡେ ହେଲା ମୁଁ ନଜର କଲିଣି ଦାରୋଗା ପତ୍ନୀଙ୍କ ଅସ୍ୱସ୍ତି । ତରଳ ଧାତୁସ୍ରୋତ ଉଦ୍‌ଗତ ହେବା ପୂର୍ବରୁ ଧରଣୀ ଯେମିତି ଟଳମଳ ହୁଏ ଏବଂ ଘୁଡ଼ୁ ଘୁଡ଼ୁ ଶବ୍ଦ ଭୂଗର୍ଭରୁ ବାହାରେ, ସିମିତି ସେ ଅସମ୍ଭାଳ ହେଲେଣି । ମକରର ମାଂସ ଭୋଜନରୁ ହେଉ ବା କଡ଼ା ଜରଦା ଗୁଣ୍ଡି ପ୍ରକୋପରେ ହେଉ ତାଙ୍କ ଦନ୍ତ ମୁହଁ ଟାଳରେ ଭଜିଗଲାଣି ଓ ସେ ଓଠକୁ ଚିପି କରି ଗୁଡ଼ାଏ ପାଟିଭିତରେ ଅଟକାଇ ରଖିବା ଚେଷ୍ଟାରେ ଅଛନ୍ତି । ବାସ ପୂର୍ଣ୍ଣ ଛୁଡ଼ା ହୋଇଛି କି ନାହିଁ ସେ ଦରଜା ପାଖକୁ ଉଠିଯାଇ ଘଳଘଳ କରି ଅନ୍ତର୍ଜ୍ୱାଳାରେ ମକରର ଅଜୀର୍ଣ୍ଣାଂଶ ଯାହା ଥିଲା ସବୁ ଖାଲସ କରି ପ୍ରାୟ ଅଚେତ ଅବସ୍ଥାରେ ସ୍ୱାମୀଙ୍କ କାନ୍ଧରେ ମୁଣ୍ଡ ଥୋଇ ଆଉଜିଗଲେ । ତାଙ୍କ ପାଟିରୁ ଅସ୍ପଷ୍ଟ ଗଳାରେ ବାହାରୁଥାଏ ଲେ···ମ୍ବୁ, ଲେ···ମ୍ବୁ ।

ବସରେ ଚଢ଼ିଲେ ମୋତେ ବି ବାନ୍ତି ମାଡ଼େ । ତେଣୁ ମୁଁ ବରାବର ଲେମ୍ବୁଟାଏ ହାତରେ ଧରି ମଝିରେ ମଝିରେ ଶୁଙ୍ଘୁଥାଏ । ମାଂସ ଯିଏ ଖାଇବ ତାର ସିନା ଲେମ୍ବୁ ଦରକାର ହୋଇପାରେ, ମୁଁ ତ ମକରରେ ମାଂସ ପାଇ ନାହିଁ କି ଖାଇ ନାହିଁ । ମୁଁ ଦାରୋଗା ସାହେବଙ୍କ ଆଗରେ ଲେମ୍ବୁଟା ଝଲକାଇଲି । ସେ ମୋ ଆଡ଼କୁ ଚାହିଁଲେ, ଆଖି ସାମାନ୍ୟ ନଇଁଗଲା, ଲେମ୍ବୁଟା ମୋ ହାତରୁ ନେଲେ । ଧନ୍ୟବାଦ କହିପାରିଲେ ନାହିଁ । ସ୍ଥିର କଲି ଯଦି ଆଉ ଥରେ କେବେ ପୋଲିସ ଲାଇନକୁ ମାଂସ ପାଇଁ ଯିବ ତେବେ ସାଙ୍ଗରେ ଲେମ୍ବୁଟାଏ ନେଇଥିବ । ତା'ହେଲେ ଟହଲ ମାରୁଥିଲାବେଳେ ମୋତେ ଚିହ୍ନି ପାରି ଲେମ୍ବୁ କଥା ମନେ ପକାଇ ମାଂସ ଦେବେ ।

Digitized by srujanika@gmail.com

ହଠାତ୍ ଅନୁଭବ କଲି ମୋ ପାଖ ଯାତ୍ରୀଟି ଦୀର୍ଘ ସମୟ ପରେ ସାମାନ୍ୟ ଚଳଚଞ୍ଚଳ ହେଲା, ହୁଏତ ଦେହର ଭାର ଏକା ପାଖରୁ ଅନ୍ୟ ପାଖକୁ ଆଣିବାପାଇଁ । ଠିକ୍ ଏକା ସମୟରେ ମୋତେ ଜଣାଗଲା ତା ଗୁଡ଼ରେ ମଧ୍ୟ କଣ ଜୀବଟିଏ ତାର ଅସ୍ତିତ୍ୱ ପ୍ରକାଶ କରିବାକୁ ଯାଉଛି । ସେଇ ଏକା ମୁହୂର୍ତ୍ତରେ ମୋତେ ଶୁଭିଲା କୁକୁର ବା ବିରାଡ଼ି ଛୁଆର କଁଇ କଁଇ ବା ମ୍ୟାଉଁ ମ୍ୟାଉଁ ଶବ୍ଦ । କଣେଇ ଅନାଇଲି, ସାମାନ୍ୟ ଘୁଞ୍ଚିଗଲି, ଯିମିତି ତାର କୌଣସି ଅସୁବିଧା ବା ସ୍ଥାନାଭାବ ନ ହୁଏ ।

ଦେଖିଲି ସେ ତା ମଇଳା ଲୁଗାକାନିର ଗଣ୍ଠି ଫିଟାଇ ଶାଳ ପତ୍ରରେ ମୋଡ଼ା ହୋଇଥିବା ଗ୍ରେଟ ମଣ୍ଡା ପିଠା ପରି ଟେଲାଟିଏ ପାଟିରେ ପକାଇଲା । ବାସନାରୁ ମୁଁ ଜାଣି ପାରିଲି ସେ 'ମହୁଲ ନେଠା' ଖାଉଛି । ସକାଳୁ ବୋଧହୁଏ ଏଇଟା ତାର ବ୍ରେକ୍‌ଫାଷ୍ଟ । ଯେବେ ଆମେ ଖୁବ୍ ଗରିବ ଥିଲୁଁ ଏବଂ ଖୁବ୍ ଭୋକା ଓ ରଙ୍କା ଥିଲୁଁ କଙ୍କାଳଙ୍କ ଭୋକ ମାରିବା ପାଇଁ ମହୁଲ ଓ ଗୁହଳଭଜାକୁ ଏକାଠି ଢେଙ୍କିରେ କୁଟି ଟେଲା କରି ମାଆ ଆମକୁ ଖାଇବାକୁ ଦେଉଥିଲା । ବହୁତ ସିନ୍ଧୁସ୍ ଦମ୍ ରହୁଥିଲା, ଧାଁ ଦଉଡ଼ ଖେଳାଖେଳି କରି ପାରୁଥିଲୁଁ ।

ମୁହଁ ହାତ ପୋଛି ପୋଛି କରି ସେ ଗୁଡ଼ର ଲୁଗାପ୍ରସ୍ତକୁ ଖୋଲିବାକୁ ଉପକ୍ରମ କଲା ବିନା ଦ୍ୱିଧା ଓ ସନ୍ତର୍ପଣରେ, ଯିମିତି ବନଜଙ୍ଗଲର ଜୀବଜନ୍ତୁଙ୍କ ଭିତରେ ଆଦିମାତା ପରି ରହୁଛି ଏବଂ ଜ୍ଞାନଫଳ ଖାଇ ନ ଥିବାରୁ ଲଜ୍ଜା ଆସିନି, ଜରାବ୍ୟାଧିମୃତ୍ୟୁ ବା ପାପ କଳୁଷ ଅଦ୍ୟାପି ସ୍ପର୍ଶ କରିନି । ମୁହୂର୍ତ୍ତିକେ ମୋ ଆଖିର ଆଠ ଦଶ ଇଞ୍ଚ ତଳେ ଏବଂ ବାହୁର ଦୁଇ ଇଞ୍ଚ ଦୂରରେ ଉଦ୍‌ଗତ ହେଲା ଶମ୍ଭୁସଦୃଶ ଏକ ମୃଦଙ୍ଗ-ମାତାର ସ୍ତନ; ଶିବ ସୁନ୍ଦର (ଏବଂ ସତ୍ୟ)ର ଏକ ପ୍ରତୀକ । ବିଶ୍ୱଜନନୀର ସ୍ତନ ପରି ଏକ ଅମୃତ ଫଳ । ସେଇ ମୁହୂର୍ତ୍ତରେ ଦିଶିଗଲା ତାହାକୁ ସ୍ତନକୁ ଲାଗି ସ୍ତନ ପାଇକର ଶିଶୁ ମୁଣ୍ଡଟିଏ । ମଦନ ଯିମିତି ଭସ୍ମୀଭୂତ ହେବାର ଅବ୍ୟବହିତ ପୂର୍ବେ ଜାଣିଲା ଯେ ଯାହାକୁ ସେ ହରଙ୍କ କପାଳର ଚିତା ବୋଲି ଭାବିଥିଲା, ତାହା ଚିତା ନୁହେଁ ତାଙ୍କର ତୃତୀୟ ନେତ୍ର, ଯହିଁରୁ ପ୍ରଳୟର କାଳାଗ୍ନି ନିର୍ଗତ ହୋଇ ତାକୁ ପାଉଁଶ କରିଦେବ, ମୁଁ ସିମିତି ସମ୍ପୂର୍ଣ୍ଣ ବିହ୍ୱଳ ଓ ଅଭିଭୂତ ହେବା ପୂର୍ବରୁ ଜାଣିଲି ଯେ ଯାହାକୁ ମୁଁ ତୃତୀୟ ସ୍ତନ ବା ଟିଉମର ବୋଲି ଭାବିଥିଲି ତାହା ଗୋଟିଏ ସୁନ୍ଦର ନଘଞ୍ଚ ଚୂଲଥିବା କେଉଁ ଏକ ଆଦିବାସୀ ଯୁବ ଦମ୍ପତିର ସ୍ୱାସ୍ଥ୍ୟବାନ୍ ଦୁଇମାସିଆ ଶିଶୁସନ୍ତାନର ପୁରପୁର ଗୋଲ୍ ମୁଣ୍ଡ । ଖାଦ୍ୟ ଖାଦକର ସୁମଧୁର ସହାବସ୍ଥାନ ।

Digitized by srujanika@gmail.com

ବାୟସ୍କୋପରେ ପରିପୁଷ୍ଟ ଟିମ୍‌ଟିମ୍ ଟାଣ ଥନ ବେଣ୍ଟିକ ଶିଶୁମୁଖରେ ଦେଖିଛ କି ନାହିଁ ଠିକ ଧାରରେ (ଗଙ୍ଗା ଯମୁନା ସରସ୍ୱତୀ) ଗ୍ଲୁକୋଜ୍ ପାଣି ରଙ୍ଗର କ୍ଷୀର ଜେଟ୍ ପରି ନିର୍ଗତ ହୋଇ ଆଖି ନାକ କାନ ଏଠି ସେଠି ପଶି ଶିଶୁକୁ ଅସମ୍ଭାଳ ଆକୁପାକୁ ଅଣନିଃଶ୍ୱାସୀ କରିଦେଲା, କେତେବେଳେ ଅନ୍ୟ ସ୍ତନରୁ କ୍ଷୀର ଆପେ ଆପେ ସ୍ରବି ଲୁଗାକୁ ଓଦା କରି ଦେଉଥାଏ ଓ ଯୁବତୀ ମାଆ ହାତ ପାପୁଲିରେ ସ୍ତନକୁ ଜାକି ଚପି ରଖିଥାଏ । ସେ ବି ଶିଶୁ ପରି ଅସମ୍ଭାଳ । କି ଅଯାଚିତ ଅବାରିତ ସ୍ନେହମମତାର ସ୍ରୁଅ । ଲୁଣିଆ ସମୁଦ୍ର, ଏ ଦୁଇଟା ଥାନ ଭିତରେ ରହିଯାଇଛି କିମିତି । କ୍ଷୀରସରଙ୍କ ପ୍ରାଣ ଶୋଷିଲେ ବି ମାଆର ଆନନ୍ଦ । ଶିଶୁ ଅଧା ଶୋଷିପାରିଲା ନାହିଁ । 'ଚୁକ୍' କରି ମାଆ ସଦ୍ୟସୁପ୍ତ ଶିଶୁ ମୁହଁରୁ ଟାଣି ଆଣିଲା । କିମିତି ନୀରବ ନିଶ୍ଚଳ ଥିଲେ ସିମିତି ମାଆ ଝିଅ ଧୀର ସ୍ଥିର ହୋଇ ଗଲେ । କେବଳ ଯାତ୍ରୀ ମୋ ଛଡ଼ା ଜାଣିଲେ ନାହିଁ ଏଠି ଶିଶୁଟିଏ ଅଛି । ମାଂସ ମହୁଲନେଟାର କେତେ ତଫାତ୍ ।

ମାଆ ଝିଅର ଯୋଗସୂତ୍ର ଯେତେବେଳେ ଖୁବ୍ ନିବିଡ଼, ସେତିକବେଳେ ସମସ୍ତ କାବ୍ୟ କବିତା (ଜୀବନ ?)ର ତଥା ସୃଷ୍ଟି, ସ୍ଥିତି, ପ୍ରଳୟର ଉତ୍ସ ସ୍ତନ ଉପରେ ମହାପାପୁର ଦୃଷ୍ଟିରେ ଗୃଧିଥାଏ ଏବଂ ମନେ ପକାଉଥାଏ Suck suck, my baby !' 'Pillowed upon the ripening breast', 'ଚଗ୍ଧଲବାଳା ସ୍ତନଛନ୍ନବଲ୍କଳ,' "ବସନ ଉତାରି ଦୃଷ୍ଟି ଦେଖୁଁ ପୟୋଧର ହୋଇଲେ ହେ ହରିହରି" ଆଦି ଛନ୍ଦ କବି ପ୍ରତିଭାର ପ୍ରସ୍ରବଣ ।

କଣ ହେଲା କେଜାଣି ଆହୁରି ମନେ ପଡ଼ିଲା ସୃଷ୍ଟିର ପ୍ରାକ୍‌କାଳରେ ସ୍ୱର୍ଗତା ମାଆ ମୋର ଏମିତି ସ୍ନେହରସ ପିଆଇ ଶୁଆଇ ଦେଉଥିଲା, ମନେ ପଡ଼ିଲା ମୋ ସ୍ୱର୍ଗତା ସ୍ତ୍ରୀ ମୋ ଝିଅକୁ ଏମିତି ଭଙ୍ଗୀରେ କ୍ଷୀର ପିଏଇବା ଦୃଶ୍ୟ, ମନେ ପଡ଼ିଲା ମୋର ସେଇ କୁନି ଝିଅ ମାଆ ହୋଇ ଏମିତି···ସେମାନଙ୍କ ସାଙ୍ଗକୁ ଦିଶିଲା କେତେ କେତେ ମୂର୍ତ୍ତି ଛବି—ମେରୀ ଶିଶୁପୁତ୍ର ଯୀଶୁଙ୍କୁ, ଯଶୋଦା ଶିଶୁ ଶ୍ରୀକୃଷ୍ଣଙ୍କୁ, କୋଣାର୍କ ଆଦି ମନ୍ଦିର କାନ୍ଥର ମାତାର ଶିଶୁକୁ ସ୍ତନ୍ୟ ଦାନର ଛବି, ଏପରିକି ଆଧୁନିକ କାଳର ମୁଣ୍ଡସ୍ଥ ପାର୍ବତୀ ହାତୀମୁଣ୍ଡିଆ ଗଣେଶଙ୍କୁ କ୍ଷୀର ପିଆଇବା ଦୃଶ୍ୟ । ଭବାନ୍ତର ମୋର ଦେହାନ୍ତର ଆଣିଦେଲା । ମୁଁ ଜନମ ଜନ୍ମାନ୍ତି ଯାଇ ବାର୍ଦ୍ଧକ୍ୟ, ପ୍ରୌଢ଼ତ୍ୱ, ଯୌବନ କୈଶୋର ଅତିକ୍ରମ କରି ଶିଶୁ ଅବସ୍ଥାରେ ପହଞ୍ଚିଲି । ମାଂସର ପ୍ରଲେପନ ଭୁଲିଗଲି । ଦାନ୍ତଗୁଡ଼ାକ ହଜିଗଲା ମୋ'ର ଶିଶୁସୁଲଭ ମାଢ଼ିରେ ପରିଣତ ହେଲା ।

Digitized by srujanika@gmail.com

ମାତା ପିତା ସ୍ତ୍ରୀ ପୁତ୍ରବନ୍ଧନ ଜଞ୍ଜାଳମୁକ୍ତ ଅବସ୍ଥାରୁ ଖସିଯାଇ ସିମିତ ଶିଶୁ ଅବସ୍ଥାକୁ ପହଞ୍ଚିଛି ସିମିତ ମୋର ଈର୍ଷା ହେଲା ଦୁଧ ପିଇସାରି ଶୋଇଥିବା ଟିକି ଝିଅ ପ୍ରତି । ଇଚ୍ଛା ହେଉଥିଲା ଧରଣୀ ମାଆକୁ କହିବା ପାଇଁ "ମାଆ, ତୋର ଡାହାଣ ସ୍ତନର କେନ୍ଦ୍ର ଗବାକ୍ଷ ଦାଣ୍ଡି, ମୋତେ ନେଇ ଆସ୍ଥା ଦେ ଝିଅ ସାଙ୍ଗରେ ଦୁଇ ଅନର ଲମ୍ବପଦ ଉଷ୍ମୁମ ଥାନରେ । ମୁଁ ଗୋଟାଏ ବେଣ୍ଟି ପାଟିରେ ପୂରାଇ ମୋ ଟିକି ହାତର ଟିକି ଟିକି ଆଙ୍ଗୁଳିରେ ତୋର ଅନ୍ୟ ବେଣ୍ଟିକି ମୋଡ଼ୁଥିବି, ଚଁ ଚଁ କରି ଦୁଧ ପିଇ ଯାଉଥିବି । ଯୁଗଯୁଗର କ୍ଷୁତ୍ପିପାସା କ୍ଷଣକ ପାଇଁ ଲୁହେଁ ଚିରଦିନ ପାଇଁ ମେଣ୍ଟାଇ ଶୋଇଯିବି ତୋର କୋଡ଼ରେ । ତୁ ଆଉ ଉପରେ ଆକାଶ ମୋତେ ଅନାଇ ଥିବ । ମୋ ଆଖି ଧୀରେ ବୁଜିଯିବ ।

ତନ୍ଦ୍ରାନ୍ଦୁତ ଅଖି ଫିଟାଇ ଦେଖିଲି ମାଆ କେତେବେଳେ ମୋତେ ସ୍ୱପ୍ନ ଭିତରେ ଛାଡ଼ିଦେଇ ଚାଲିଯାଇଛି । ଆଉ ସାମନାରେ ସେଇ ମାଂସାଶୀ ମାଂସଳ ଜଙ୍ଘଯୁଗଳ ଦମ୍ଭନୀସ୍ତ ଅବସ୍ଥାନରେ ବସିଛନ୍ତି ।

●



Digitized by srujanika@gmail.com

# ଅତ୍ର ମର୍କଟ ଉପାଖ୍ୟାନ

ତା ସହିତ ପ୍ରଥମ ଦେଖା ରେଭେନ୍ସା କଲେଜରେ, ଇଷ୍ଟ ହଷ୍ଟେଲ୍ । ଉଣେଇଶ ଶହ ବୟାଳିଶ ସାଲରେ, ମୋର ଫାଷ୍ଟ ଇୟର ଆର୍ଟ୍‌ସରେ, ଯେବେ ଓଡ଼ିଶା ସ୍ୱତନ୍ତ୍ର ହୋଇ ନ ଥାଏ କି ଭାରତ ସ୍ୱାଧୀନତା ପାଇ ନ ଥାଏ—ଯେତେବେଳେ ଅନ୍ଧକାରାଚ୍ଛନ୍ନ ଦେଶଟାରେ ଆଲୋକ ବିତରଣ କରୁଥାଏ କେବଳ ସେହି ଗୋଟିଏ କଲେଜ—ରେଭେନ୍ସା କଲେଜ ଏବଂ ଦୂରଦୂରାନ୍ତରୁ ଗଡ଼ଜାତର ବଣଜଙ୍ଗଲମାନଙ୍କରୁ ଆସୁଥାନ୍ତି ମର୍କଟପଲ, ପଶୁତ୍ୱରୁ ଅସଭ୍ୟତାରୁ ମୁକ୍ତ ହେବା ପାଇଁ କଟକକୁ । ରେଭେନ୍ସାରେ ଡିଉକ୍ ସାହେବ, ମେଡ଼ିକାଲ ସ୍କୁଲରେ ଅବଦଲ ସାହେବ, କିଏ ସ୍କଟଲଣ୍ଡର ତ କିଏ ଆୟାରଲଣ୍ଡର, ହୁଏତ ଯୁଦ୍ଧ ଫେରନ୍ତା ମିଲିଟାରୀ ଅଫିସର ।

ମୁଁ ଅଠେଇଶ ନମ୍ବର କୋଠରିରେ ଥିଲାବେଳେ ଦିନେ ତାକୁ ଦେଖିଲି; ଦ୍ରଣସ୍ତ୍ର ସ୍ୱାଇଲ୍‌ଇଷ୍ଟରେ ବସିଥିବାର । କାଚ ଦେଇ ଦେଖିଲେ ତା ମୁହଁଟା ଆମ ପରି ଆମ ବାପଅଜାଙ୍କ ମୁହଁ ପରି ଦିଶୁଥିଲା; ଖାଲି ଆଖିରେ ମୁହାଁମୁହିଁ ହେଲେ ସେ ମାଙ୍କଡ଼ ପରି ଦିଶୁଥିଲା । କପାଳ ଉପର ଚୂଳ କେତୁଟା କାଟୁ ନ ଥିବ ପରି ସିଧା ସଳଖ ଆଗକୁ ବାହାରିଥିବାରୁ ମୁହଁକୁ ଛୁଞ୍ଚା ହେଉଥିଲା ଏବଂ ମୁହଁଟାକୁ ଗାଢ଼ ଟକ୍ ଟକ୍ କଳା କରୁଥିଲା । ଆଖି ମିଟି ମିଟି କରି କଣ ସେ ଦେଖୁଥାଏ, ଭାବୁଥାଏ, ଜାଣିବା ମୁସ୍କିଲ । କେତେ ଦିନ ତା ଗତିବିଧି ଲକ୍ଷ୍ୟକରି ଜାଣିଲି ଯେ ଝଗଡ଼ବର୍ଷା ହେଲେ ଆମେ ଯିମିତି ଆଶ୍ରୟସ୍ଥଳୀ ଖୋଜୁଁ, ସେ ବି ଏ ସ୍ଥାନଟିକୁ ସେ ଉଦ୍ଦେଶ୍ୟରେ ବାଛି ନେଇଛି । ହଷ୍ଟେଲରେ ଆମେ ସମସ୍ତେ ତା ନାଆଁ ଦେଇଥିଲୁଁ ଡାରୱିନ୍ ।

ତାର କାର୍ଯ୍ୟକଳାପ, ବ୍ୟବହାର, ଆଚରଣ ଅବିକଳ ଆମରି ପରି । ବାପାମାଆଙ୍କଠାରୁ ଦୂରରେ ରହି ଆମେ ତାକୁ ପ୍ରାୟ ସୋଦର ଭାଇ ବୋଲି ଧରି ନେଇଥିଲୁଁ । ହୋଷ୍ଟେଲ ଇଲାକାରେ ଥିଲେ ସେ ପୁରାପୁରି ପ୍ରିଫେକ୍ଟ ପରି ଓ୍ୱାର୍ଡ଼ମାନଙ୍କରେ ଘୂରିଫେରି କରେ; ଦେଖେ କିଏ ଷ୍ଟଡ଼ି ଆଓ୍ୱାରରେ ପଢ଼ାପଢ଼ି କରୁଛି ବା କମନ୍ ରୁମ୍‌ରେ କେରମ ବା ତାସ୍ ପିଟୁଛି । କେତେବେଳେ ମେସ୍ ସେକ୍ରେଟେରି

Digitized by srujanika@gmail.com

ପଣ କରେନ୍ କେଣ୍ଟିନ୍ ଆଡ଼େ ଯାଇ ଧ୍ରୁବ, ଉଦ୍ଧବ, ଧନା, ବେଙ୍ଗ, କେଶବ ଆଦି ପୁଟାଣ୍ଡି ଓ ବୁଧିଆ, କାଶୀ, ଟମ୍ପୁ, ନାରଣ ଆଦି ଗୃହରବାକରଙ୍କ କାମ ତଦାରଖ କରେ । ତାଙ୍କୁ କେଖିଲେ ସେମାନେ କହନ୍ତି, 'ହେଇ, ଗୁଣ୍ଡୀପୁଅ ଅନନ୍ତା ଆସିଗଲା ।' ସେମାନେ ଆମକୁ ପିମ୍ପିଠ ଖାଇବାକୁ ଦେଇ ସେବା କରି ଆନନ୍ଦ ପାଆନ୍ତି, ବୃକଣ୍ଡ ଦରମା କଥା ନ ଭାବି, ତାଙ୍କୁ ବି ପିମ୍ପିଠ ଅମୃତ ବୋଲି ଭାବନ୍ତି ।

କଲେଜ ଛୁଟିଥିଲେ ବେଳେ ମନ ହେଲେ ସେ ପଣଜା ସାହାବଙ୍କ ବଙ୍ଗାଳୀ କ୍ଳାପ, ନାରଣ ମିଶ୍ରଙ୍କ ଫିଜିକସ ଲେକ୍‌ଚର ଥିଏଟର, ବାଓ୍ବା କଣ୍ଠୀର ସିଂଙ୍କ ଦାଢ଼ି ଦେଖି ମନ ଭୁଲାଏ; ଡେପୁଟେଟି ଭିତରେ ଗୁଡ଼ି ରହିଥିବା ସାଧୁବାବୁ ଲାଇବ୍ରେରି-ଆନ୍‌ଙ୍କ ଜୁକୁଜୁକୁ ଆଖି ଓ ପାନପାଚି ଦେଖିବାପାଇଁ କେବେ କେବେ କଲେଜ ଲାଇବ୍ରେରୀ କୁ ଯାଏ । ଆର୍ଟସ ବ୍ଲକରେ କାଶୀବାବୁଙ୍କ ଶ୍ଳୋକ ପାଠ, ଆର୍ତ୍ତିବାବୁଙ୍କ ମୁଖବକ୍ରତା, ସାନ୍ୟାଲଙ୍କ ଚନ୍ଦା, କେ. ପି ସିହ୍ନାଙ୍କ ସାହେବୀ ପୋଷାକ, ମୋହନୀ, ବିପିନଙ୍କ ଦର୍ଶନ, ଜନାର୍ଦନ ଓ ହରେକୃଷ୍ଣଙ୍କ ଗୁଲି ଦେଖି ଦେଖି ମଉଜରେ ଦିନ କଟାଏ । ସେମାନଙ୍କୁ ସେ ସାକ୍ଷାତ ରାମଚନ୍ଦ୍ର ବୋଲି ଭାବେ । ସେମାନେ ସମସ୍ତେ ତାଙ୍କୁ ଭିତରେ ବାହାରେ ଯେଉଁଠି ଥିଲେ ବି ହନୁମାନଟା ବୋଲି ଜାଣନ୍ତି; ମାତ୍ର ପୁଅପୁତ୍ରବି ପାଳିଲା ପରି ସ୍ନେହ ଆଦରରେ ତାର ସବୁ ଦୋଷ କ୍ଷମା କରିଦିଅନ୍ତି । 'ମାଙ୍କଡ଼ ମାଙ୍କଡ଼; ମଣିଷ ହବାକୁ ଡେରି ଲାଗିବ ।' ବାଙ୍ଗାଆପିଟା ଗଳାଗୁଲିଜ କଲେ ମାଙ୍କଡ଼ ପ୍ରତିଶୋଧସ୍ୱରୂପ ହୋଇ ଘରେ ନିଆଁ ଲଗାଇ ଦେଇ ପାରେ ।

ତାର ଖାଲି ଏତିକି ଦୁଃଖ ଯେ ସେ ଏକୁଟିଆ । ଦୁଇଚାରି ଜଣ ମର୍କଟୀ ଛଡ଼ା ଆଉ ଏତେ ବଡ଼ କଲେଜ ପରିସରରେ ସୁନ୍ଦରୀ ଯୁବତୀ ନାହାନ୍ତି ଯାହାଙ୍କୁ ଦେଖି ହେଲେ ମନ ମନାଇବ । ତେଣୁ ମନ ଭୁଲାଇବା ପାଇଁ କଲେଜ ପଡ଼ିଆରେ ଭଲ ଖେଳ ନ ଥିଲେ ଡାଲଟେଗଞ୍ଜ ଟଣା ରିକ୍‌ସାରେ ବା ଘୋଡ଼ା ଗାଡ଼ିରେ ଧୁଇ ତିନିଜଣ ସାଙ୍ଗ ନେଇ କଟକ ପଡ଼ିଆକୁ ଯାଏ, ରେଭେନ୍‌ସା ବନାମ ମେଡ଼ିକାଲ ଖେଳ ଦେଖିବାକୁ । ଜର୍ଜ ପଟ୍ଟନାୟକ, ବନ୍ଦାନନ୍ଦ, ହେଲୁବାବୁଙ୍କ ଖେଳ ଦେଖିବ । ଯେଉଁଦିନ ଖେଳ ନଥାଏ ସେଦିନ କାଠଯୋଡ଼ି କୂଳ, କୋର୍ଟ ଅନିକଟ ଆଡ଼େ ଯାଏ; ନ ହେଲେ ରେଳ ଲାଇନରେ ଯାଇ ପୋଲପାଖ କାଳିଆବୋଦାରୁ କାନ-କୋଳି ବା ବରକୋଳି ଖାଏ; ଫେରିଲା ବାଟରେ ମୟୂରଭଞ୍ଜ କୋଠି ପାଖ ମହେନ୍ଦ୍ରା ପଡ଼ିଆରେ ହାଓ୍ବା ଖାଏ । ବେଶି ଭଲ ଲାଗେ ତାକୁ ରାଉଲିଆଗଞ୍ଜ ପୋଷ୍ଟ ଅଫିସ ଅଞ୍ଚଳ । ଗନ୍ଧବଣି ଭିତରେ ଗୁଜୁରାଟୀ ଦୋକାନ ନୂଆ ହୋଇ ଖୋଲିଥାଏ; ସେଠି, ଗାଣ୍ଠିଆ ପୋଦିନା ଚଟଣୀ ଏବଂ ମସ୍ଲାଶୁରପାଉ କଟକରେ ନୂଆ ଚିଜ । ସେ ସବୁର ନୂଆ ମହକ ସୁଁଘାସୁଁଘି କରେ । ପାଖକୁ ଲାଗି ଅନୁର

Digitized by srujanika@gmail.com

ପାନ ଦୋକାନ । ସେଠି ମିଳେ ମିଠା ମସଲା ଦିଆ ପାନ, ଖିମା ବରଫ କଲର ବରଫ, ଇଞ୍ଜିନ ଗୋଲ୍ଡଫ୍ଲୁଦଷ୍ଟ ମାର୍କା ବିଡ଼ି ଏବଂ ସର୍ବୋପରି ତାର ଅତି ପ୍ରିୟ କଦଳୀ କାନ୍ଧି । ଦୋକାନ ପାଖକୁ ଲାଗି ଆଉ ମିଠାଦୋକାନ, କଡ଼ାରେ ଟକ୍ ଟକ୍ ହୋଇ ହୋଇ ବଡ଼ ବଡ଼ ଲେଡ଼ିକେନି ଓ ଧଳା ରସଗୋଲା ଛାଣୁଥାଏ ।

କଟକ ସହର ଷ୍ଟେସନରୁ କମିସନର କୋଠି—ତା ଦଖଲରେ ସିମିଥ । ପୁରୀ ଓ ତାଲଚେର ପାସେଞ୍ଜର ଗାଡ଼ି ଦୁଇଟାକୁ ଲାଲଗୋଡ଼ ବଗୁ ପ୍ଲେଟଫର୍ମରେ ସେ ନେପୋଲିଅନ ପରି ଛିଡ଼ା ହୋଇ ଦେଖେ । ସିମିଥ ସେ ସିଗ୍ନାଲ ଦେଲେ ଗାଡ଼ି ଚାଲିବ ।

ଗୁଡ଼ାଏ ପିଲା ଅଛନ୍ତି ସେମାନେ ଭଲ ପଢ଼ନ୍ତି ସିମିଥ, ବକ୍ସାଟ ଭଆନ୍ତି ସିମିଥ । ତାରଭିତରେ ସିମିଥ କାପ୍ତେନ ଜାଣନ୍ତି । ଦିନେ କଣ ଖିଆଲ ପଶିଲା, ସ୍କୁଲର, ପୁଷ୍ଟାସ୍ତ ମିଶି ମେସ୍ ପଛ ବଡ଼ ବଗିଚାଟାରେ ଯେଉଁ ଖରାଦିନିଆ ଫସଲ କରୁଥାଆନ୍ତି ସେଥିରେ ମକା ବାଡ଼ିଟା ଖୁବ ଲୋଭନୀୟ ହୋଇଥାଏ । ବଡ଼ ବଡ଼ ଚଅଁର ଶୁଖି ନ ଥିବା ଯୋଡ଼ା ମକ୍କା କାଖରେ ଧରି ଗଛଗୁଡ଼ାକ ଛିଡ଼ା ହୋଇ-ଥାଆନ୍ତି । ମକାରେ ମଞ୍ଜି ହେଲାଣି କି ନାହିଁ ପରୀକ୍ଷା କରିବା ପାଇଁ ଦୁଇଗୁଣଟା ମକା କଡ଼୍ କଡ଼୍ ଭାଙ୍ଗି ସେ ଖୋସା ଫିଟାଇ ଦେଖିଲା । ସିମିଥ ସ୍କୁଲର ପୁଷ୍ଟାସ୍ତ ଢେଲା ପଥର ପ୍ରୟୋଗ କରିଛନ୍ତି, ସିମିଥ ସେ ଗୋଟାଏ ହୁଙ୍କାର ଛାଡ଼ିଲା । ତାର ସାଙ୍ଗସାଥୀ ପୋଷ୍ଟ ଅଫିସ ପାଖରୁ, ହଷ୍ଟେଲରୁ ଧାଇଁ ଆସିଲେ । ମକାବାଡ଼ି କ୍ଷଣକେ ଉଜୁଡ଼ିଗଲା । ଯୁଦ୍ଧ ଶେଷରେ ବିଜୟୀ ବୀରମାନେ ଚନ୍ଦ୍ର ସ୍ୱରୂପ କାକୁଡ଼ି, ଜହ୍ନି, କଲରାଲତା ଧରି ମକାଗଛକୁ ଠେଙ୍ଗା କରି ଶୋଭାଯାତ୍ରାରେ ମହାତ୍ମା ଗାନ୍ଧିଙ୍କ ଜୟ କରି ଅନ୍ତର୍ଦ୍ଧାନ ହୋଇଗଲେ ।

ନାନା ଉତ୍ପାତିଆ ବିତ୍ପାତିଆ ଗୁଣ ସତ୍ତ୍ୱେ ସମସ୍ତଙ୍କ ଶ୍ରଦ୍ଧା ଆଦର ଯତ୍ନରେ ବଢ଼ି ତାରଭିତରେ ଦିନେ ଗୋଟାଏ ବଡ଼ ସକ୍ ପାଇଲା । କଲେଜ ଫାଟକ ପାଖର ସୀତାହାର ଗଛ ଅଗରେ ବସି ଦିନ ଦୁଇଟାବେଳେ କଅଁଳ ପତ୍ର ଖାଉଥାଏ, ଦେଖିଲା, ସଡ଼କରେ ବଳଦଗାଡ଼ିରେ ଗୋଟାଏ ବଡ଼ ଗାଣ୍ଠିରି ଲଦା ହୋଇଛି । ଉପରେ ଠିକଣା ଥିଲା ଜଲିଲ ମିଆଁର । ମାନ୍ଚେଷ୍ଟର ଲୁଗା ତା ଭିତରେ ଅଛି । ଛଅଟା ଏଗାର ବାର ବର୍ଷର ପିଲା ନାନା ବୁଦ୍ଧି ଦୁର୍ବୁଦ୍ଧି ଠିକ୍ ତାରି ପରି ପ୍ରୟୋଗ କରି ପ୍ରତି ଇଞ୍ଚରେ ଗାଡ଼ିକୁ ଅଟକାଉଛନ୍ତି, ଶୋଇ ବସି ଗାଡ଼ି ଚକ ତଳେ । ତାର ବି ଇଚ୍ଛା ହେଉଥିଲା ସେମାନଙ୍କ ସାଙ୍ଗରେ ଯୋଗଦିଅନ୍ତା । ଗାଡ଼ିଟାକୁ ଷ୍ଟେସନରୁ କଲେଜ ଆସିବାକୁ ସକାଳ ଆଠଟାରୁ ଦିନ ଦୁଇଟା ହେଲାଣି ।

Digitized by srujanika@gmail.com

ପନ୍ଦର ଟଙ୍କା ଭଡ଼ା । କଲେଜରୁ ଗୁଡ଼ାଏ ମାଙ୍କଡ଼ ଆସି ଦେଖୁଥାନ୍ତି ସଂଘର୍ଷ, ଛଅଟା ଲାଲମୁଣ୍ଡିଆ କନେଷ୍ଟବଲ ଆଉ ଏଇ ଛଅଟା କଅଁଳ ମେଞ୍ଚଡ଼ ଟୋକାଙ୍କର । ଦେଖଣାହାରୀଙ୍କ ଆଗରେ ଅପମାନିତ ହୋଇ ପୋଲିସ୍ ସିପାଗୁଡ଼ାକୁ ଠେଙ୍ଗାରେ ବାଡ଼େଇ ଜଖମ ଅଚେତ କରିଦେଲେ ଓ ଘୋଡ଼ାଗାଡ଼ି ଭିତରକୁ ମୁର୍ଦ୍ଦାର ପରି ଫୋପାଡ଼ି ଦେଇ ବଳଦ ଲୁଗା ଗାଡ଼ି ନେଇ ଚୌଧୁରୀ ବଜାରକୁ ଚାଲିଗଲେ । ଏଇ ଦୃଶ୍ୟ ଦେଖିବା ପରଠୁ ଡାରଉଇନ୍‌ର ରକ୍ତରେ ପୋଲିସ୍ ବାହିନୀ ପ୍ରତି ଦୁର୍ଦ୍ଦମନୀୟ ପ୍ରତିହିଂସା, ଘୃଣା ପଶିଗଲା ଯାହା ପରବର୍ତ୍ତୀ ଯୁଗରେ ତାର ପୁଅନାତିଙ୍କ ପର୍ଯ୍ୟନ୍ତ ଜାଗ୍ରତ ରହିପାରେ ।

ଏଘଟଣାର ପ୍ରତିକ୍ରିୟା ହେଉ ବା 'ସ୍ୱଭାବ ଛାଡ଼ିବ କେମନ୍ତେ ?'ର ନିଦର୍ଶନ ହେଉ ସେ ମୋ ଉପରେ ପ୍ରଥମ (ମାଙ୍କଡ଼ାମିର) ପରୀକ୍ଷା କଲା । ଖରାଦିନ ଦିପହର । ଝରକା କବାଟ ବନ୍ଦ କରି ଶୋଇଥାଏଁ । ମୋର ପାର୍ଟନର ମଧ୍ୟ ବଟାନି ପ୍ରାକ୍ଟିକାଲ କ୍ଲାସକୁ ଯାଇଥାଏ । ପ୍ରାୟ ଚାରିଟା ବେଳେ ନିଦ ଭାଙ୍ଗିଲା ବେଳକୁ ଆଖି ଫିଟାଇ ଚାହିଁଲି । ମୋ ଗୋଡ଼ ତଳ ମଶାରି ବାଡ଼ ଉପରେ ଡାରଉଇନ୍ ଗୋଟିଏ ମେଲାଇ ଲାଞ୍ଜ ଝୁଲାଇ ମୋ ଆଡ଼କୁ ଚାହିଁଛି । ଚାରି ଚକ୍ଷୁର ମିଳନ । ଯୁଗ ଯୁଗ ଧରି ଏକାଠି ହୋଇ ନଥିବା ଦୁଇ ଆତ୍ମୀୟଙ୍କ ଆଶ୍ଚର୍ଯ୍ୟାନ୍ୱିତ ଚାହାଣି । ମୁଁ ନିଦ ପ୍ରତାରଣା କରି ଆଖି ବୁଜି ଦେଲି । ହୃଦସ୍ପନ୍ଦନ କମିବାରୁ ଆଖି ଫିଟାଇ ଦେଖିଲି ଏକ ଭୌତିକ କାଣ୍ଡ । ଭଙ୍ଗାରୁଜା କ୍ଷୟକ୍ଷତିର ପରିମାଣର କଳନା ନାହିଁ । ସିରପ୍ ବୋତଲରେ ଟୋପାଏ ବି ନାହିଁ । ବିସ୍କୁଟର ଟୁକୁରା ଏଠି ସେଠି ପଡ଼ିଛି । ଦୁଇ ମୁଠାକୁ ମୁଠା ସେ ଫିଙ୍ଗିଛି, କାରଣ ସେଗୁଡ଼ା ତାର ଅଦରକାରୀ । କିରାସିନି ସ୍ପିରିଟ ଶିଶି ବୋତଲ ଭାଙ୍ଗି କାଚ କୋଠରୀସାରା ଚୂର୍ଣ୍ଣ ହୋଇଛି, କଡ଼ା ଗନ୍ଧରେ ନାକ ଫାଟିଯାଉଛି । ଜଣେ ମେକାନିକ୍ ଘଣ୍ଟା ବା ଜଣେ ମେଡ଼ିକାଲ ଛାତ୍ର ଶବ ବ୍ୟବଚ୍ଛେଦ କଲା ପରି ପ୍ରାଇମାସ ଷ୍ଟୋଭର ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା ନିରୀକ୍ଷାରେ କାଠଚଟଣାରେ ବିକ୍ଷିପ୍ତ ହୋଇ ପଡ଼ିଛି । ଉପରକୁ ଚାହିଁଲି ଧ୍ୱଂସକର୍ତ୍ତା ପଶି ଆସୁଛି । ଆମେ ତାକୁ ଧରି ପାରୁନା । ତାକୁ ଭଲ ପାଉଛୁଁ, ପ୍ରସାଦ ଦେଉଛୁଁ । ଭସ୍ମାସୁରକୁ ନିଜେ ଗଢ଼ି ସ୍ୱୟଂ ଭଗବାନ ମାରି ପାରିଲେ ? କୁମାରଙ୍କ ଜରିଆରେ ମାଇଲେ ସିନା !

ଛଅ ବର୍ଷ ବିତିଗଲା । କେବଳ ଥରେ ମାତ୍ର ଭୁଲ ବୁଝାମଣାରେ ତାକୁଇ କେନ୍ଦ୍ର କରି ତାରି ଯୋଗୁଁ ପୂର୍ବ ପଶ୍ଚିମ ଛାତ୍ରାବାସ ବା ପୂର୍ବ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ର କରି ଗୋଳମାଳ ହୋଇଥିଲା; ମାତ୍ର ତାର ସମାଧାନ ଓ୍ୱାର୍ଡ଼େନ କଲେ ଏକ ଭୂରି ଭୋଜନର ବ୍ୟବସ୍ଥା କରି, ଯାହା ଶେଷରେ ତାଙ୍କ ସ୍ତ୍ରୀ ଗୀତ ଗାଇଲେ । ସେ ନିଜେ ତୁବି ତବଲା ବଜାଇଲେ ଓ ତାଙ୍କ ଅପରୂପା ସୁନ୍ଦରୀ ଝିଅ ନାଚିଲା ।

Digitized by srujanika@gmail.com

ମନୋରଞ୍ଜନର ଚୂଡ଼ାନ୍ତ ବ୍ୟବସ୍ଥା ଭିତରେ ପୂର୍ବ ପଶ୍ଚିମ ପୁନଶ୍ଚ ଏକ ଏବଂ ଅଭିନ୍ନ ହେଲେ ।

ବହୁ ବର୍ଷ ପରେ । ବହୁ ଆକାଙ୍‌କ୍ଷିତ ସ୍ୱତନ୍ତ୍ର ଉତ୍କଳ ଏବଂ ତା'ପରେ ସ୍ୱାଧୀନ ଭାରତ ଏବଂ ପରେ ପରେ ତଥାକଥିତ ବୃହତ୍ତର ଉତ୍କର୍ଷ ଆସିଲା । ସୁଫଳ କୁଫଳ ସହିତ, ଆସିଲା ବିଶ୍ୱ ବିଦ୍ୟାଳୟ । ମର୍କଟ ରାଜ୍ୟ ପକ୍ଷରେ ଏହା ଅଶୁଭ ଫଳର ସୂଚନା ଦେଲା । ରେଭେନ୍‌ସା କଲେଜ ଏକାଧିପତ୍ୟ ହରାଇଲା ଏବଂ ବାଣୀବିହାର, ସାମନ୍ତ, ବକ୍‌ସି, ଫକୀର, ଗଙ୍ଗାଧର, ଗଜପତି ଆଦି ନାନା ଅନୁଷ୍ଠାନ ଜ୍ଞାନ ବିତରଣ କେନ୍ଦ୍ରରେ ପରିଣତ ହେଲେ । କଲେଜ ସହିତ ପ୍ରଥମରୁ ମର୍କଟ-ମାନଙ୍କର ଏକଯାବସ୍ଥାନ ପରମ୍ପରାରେ ଡାରଉଇନ୍ ବଂଶର କ୍ଷମତା ବିକେନ୍ଦ୍ରୀକୃତ ହେଲା । ଏ ଯୁଗରେ ସେମାନଙ୍କ ବଂଶ କିଛି କମିଲା । ବିନଷ୍ଟକାରୀ ଜୀବ ବୋଲି ଘୋଷଣା କରି ମୁଣ୍ଡ ଲଞ୍ଜ ଦେଖାଇଲେ ପୁରସ୍କାର ମିଳିବ, ସରକାର କହିଲେ କିଛି ମଲେ; ଅନ୍ୟ କେତେକଙ୍କୁ ଜାହାଜରେ ଚଢ଼ାଇ ପଇସା ଲୋଭରେ ଆମେରିକାର ବିଜ୍ଞାନାଗାରକୁ ପଠାଇ ଦିଆଗଲା । ଆଉ କୁଡ଼ାଏ ନିଜ ମୁଣ୍ଡକୁ ଆପେ ଆପେ ବିକି ଗୌରବ ପାଇବେ ବୋଲି ଏରୋପ୍ଲେନ ଓ ଜାହାଜ ଯାହା ପାଇଲେ ଚଢ଼ି ଇଂଲଣ୍ଡ ଜର୍ମାନୀ, ଆମେରିକା, କାନାଡ଼ାରେ ବସତି ସ୍ଥାପନ କରି ବଂଶବୃଦ୍ଧି କରିବାରେ ଲାଗିଲେ । ଡାରଉଇନ୍ ଯୁଗ ସ୍ଖଳିଲା । ମହାନଦୀ କାଠଯୋଡ଼ିର ପାଣି ସମସ୍ତ ସାଙ୍ଗରେ ଫଲସ୍ ପଏଣ୍ଟ ଆଡ଼କୁ ବହିଗଲା ।

ଦିନେ ଚା ଖାଇବା ପାଇଁ ଭଦ୍ରକ/ବାରିପଦା/କାମାକ୍ଷାନଗରର ପ୍ରଖ୍ୟାତ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଦେଖିଲି ଗୋଟାଏ ସ୍ଥାନରେ କୁଡ଼ାଏ ଲୋକ ଏକାଠି ଜମି ଉପଭୋଗ କରୁଛନ୍ତି ଗୋଟାଏ ମାଙ୍କଡ଼ର ଖେଳ କସରତ । ବନ୍ଧନରେ ନାହିଁ, ତାର କେହି ମାଲିକ ନାହିଁ, ସମ୍ପୂର୍ଣ୍ଣ ସ୍ୱାଧୀନ । ସେଇଥି ପାଇଁ ବୋଧ ହୁଏ ତାର ସବୁ ଗୁଣ ସ୍ୱତଃସ୍ଫୂର୍ତ୍ତ ଫୁଟିଛି । ନାଚୁଛି, ବାଜି ମାରୁଛି, ଅଭିନୟ କରୁଛି, ସରକସ୍ କରୁଛି, ଖତେଇ ହେଉଛି । ବିନା ବାଧା ବିନା ଶାସନରେ, ଦେଖଣାହାରିଙ୍କ ଶ୍ରଦ୍ଧା ପ୍ରଶଂସାରେ ସେ ବଢ଼ି ଟିକିଏ ସ୍ଫୀତ । ଦେଖିଲି, ଜଣେ ଦୋକାନରୁ କଦଳୀଟାଏ ଚୋପା ଛଡ଼ାଇ ପାଟିରେ ଦେବାକୁ ଯାଉଛି । ତା ହାତ ଧରି ନେଇ ସେ ନିଜେ ଖାଇ ଦେଲା । ଆଉ ଜଣେ ରସଗୋଲାଟାଏ ପାଟିରେ ପୁରାଇବାକୁ ଯାଉଛି ତାଙ୍କୁ ବି ଧରି ନେଇ ନିଜ ପାଟିରେ ପକାଇଲା । ଶରଧାର ମାଙ୍କଡ଼, ରାମଭକ୍ତ ହନୁମାନ, ପବନ ପୁତ୍ର ହନୁମାନ । କେହି କିଛି କହିବେ ନାହିଁ, ବାହେଇବା କଥା ଦୂର ।

ଜଣେ ସ୍ଥାନୀୟ ଲୋକ ମନ୍ତବ୍ୟ ଦେଲା "ମାଙ୍କଡ଼ଟାର ସବୁ ଗୁଣ ଭଲ ଯେ ଝିଅବୋହୂଙ୍କୁ ହଇରାଣ ହରକତ ନ କରନ୍ତା କି !" ଆଉ ଜଣେ ତା କଥା ସହିତ

Digitized by srujanika@gmail.com

ଯୋଡ଼ିଲ 'ଏବେ ଏବେ ତାର ଦୁର୍ଗୁଣ ବାହାରୁଛି କଲେଜ ଆଡ଼େ ଯିବା ଆସିବା କରି, ଆମ ବଗିଚା ଭିତରେ ରହି କଲେଜ ଝିଅଙ୍କୁ ଆଖି ମାରିବା ଶିଖୁଛି ।' ସେ ଦୁହିଁଙ୍କ କଥୋପକଥନରୁ ବୁଝିଲି ମାଙ୍କଡ଼ଟିକୁ ଆଣିଥିଲେ ଜଣେ ମଠ ମହନ୍ତ, ସ୍ଥାନୀୟ ଲୋକ, ବୃନ୍ଦାମଚୌକ ଅଞ୍ଚଳରୁ । ଏକଦା ରେଭେନ୍ସା କଲେଜ ଅଞ୍ଚଳରେ ଯେଉଁ ଡାରଉଇନ୍ ଥିଲା ଏ କୁଆଡ଼େ ତାରି ବଂଶଧର । ତା ନାଆଁ ମହନ୍ତ ଦେଇ ଥିଲେ ଆଡ଼ାମ୍ । ତାଙ୍କରି ଆଶୀର୍ବାଦରେ ଆଡ଼ାମ ସିମିତ ଜର୍ଣ୍ଣଲ ସିମିତ ଲୋକପ୍ରିୟ । ଭୋଟ ବୁଝିଲେ ସେ ଏମ୍. ଏଲ. ଏ କାହିଁକି ମନ୍ତ୍ରୀ ବି ହୋଇ ପାରନ୍ତା । ସେତ ପର କଥା, ବର୍ତ୍ତମାନ ଉପୁଜି ଥିବା ସମସ୍ୟାର ଏକମାତ୍ର ସମାଧାନ ତାକୁ ବାହା କରାଇ ଦେବା, ଏକୁଟିଆ ରଖିବା ପାପ ହେଉ ନହେଉ ବିପଦଜନକ । ନ ହେଲେ କେତେ ରାଜନୈତିକ ନେତାଙ୍କ ପରି ସେ ଯାବଜ୍ଜୀବନ ଅବିବାହିତ ରହି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିପାରେ; ନ ହେଲେ ଏତେ ସୁନ୍ଦର ଯୋଡ଼ାମୁହଁଟି ବ୍ରହ୍ମଚର୍ଯ୍ୟାଚରଣସ୍ଥଳରେ ଅକାଳ ମୃତ୍ୟୁବରଣ କରିପାରେ ।

ଆଡ଼ାମ ପାଇଁ କନ୍ୟା ଖୋଜା ଚାଲିଲା । ଉତ୍ତର ଓଡ଼ିଶା ଅପେକ୍ଷା ଦକ୍ଷିଣ ଓଡ଼ିଶାରେ ହୁଏତ ବେଶି ସୁନ୍ଦରୀ ଝିଅ ମିଳି ପାରିବେ । କାରଣ ଏ ଅଞ୍ଚଳରେ ସଂଖ୍ୟା ଦୃଷ୍ଟିରୁ ବ୍ୟାପକ ସନ୍ଧାନର କ୍ଷେତ୍ର ନାହିଁ । କର୍ମୀମାନେ ପୁରୀ, ଭୁବନେଶ୍ୱର, କଟକ ଘୂରି ଘୂରି ଫେରିଲେ ଚଣ୍ଡୀଖୋଲକୁ । ସେଇଠି ବାବାଜିଙ୍କ ଖୋଦ ହେପାଜତରେ ଝିଅଟିଏ ଥିଲା । ଜଣେ କର୍ମୀ ଦେଖିଲା ଝିଅଟି ପାହାଡ଼ର ବାର୍ମିରେ ସ୍ନାନ କରି ଜଳ ଦର୍ପଣରେ ପ୍ରସାଧନରତା । ପଣ୍ଡାମାନେ ସୁହୃଦ୍ରାଙ୍କ ଦାରୁ ମାଇ ସିମିତ ବିବୃତିମାନ ଦିଅନ୍ତୁ କର୍ମୀଟି ସିମିତ ମୁଖ୍ୟ ନେତା ଆଗରେ ସୁସମ୍ବାଦ ଦେଲା । କୋଷ୍ଠିପତ୍ର ମେଳ କରାଗଲା; ରାଜଯୋଟକ, ଜଣଙ୍କର ନେଇଙ୍କୁ ଅନ୍ୟର ବେଙ୍ଗ ରାଶି । କେବଳ ହାସିନା ମାନୁ ନ ଥିଲା । ସାଙ୍ଗ କଲେଜର ଝିଅମାନେ ଯେତେ ବୁଝାଇଲେ ବି ସେଇ 'ନା' । ଅଗତ୍ୟା କର୍ମୀଗଣ ଜୋର ଜବରଦସ୍ତ ଲଭ୍‌କୁ ଧରି ନେଇ ପିଞ୍ଜରା ଭିତରେ ରଖିଲେ ।

ଅପୂର୍ବ ଉତ୍ସାହରେ ଉତ୍ସବର ଆୟୋଜନ ହେଲା । ସାତ ଦିନରେ ସତୁରି ହଜାର ଟଙ୍କା ଆଦାୟ ହେଲା ! ଖୋଦ୍ ଦୁଇ ଜଣ ମନ୍ତ୍ରୀ ଡେରା ପକାଇ ରହିଲେ ବଙ୍ଗଳାରେ କେତେ ଦିନ । ଶିକ୍ଷାମନ୍ତ୍ରୀ ବରକର୍ତ୍ତା ଓ ଆଦିବାସୀ ଗ୍ରାମ ମଙ୍ଗଳ ନାରୀ ମନ୍ତ୍ରୀ କନ୍ୟାଦାତା ହେବାକୁ ରାଜି ହେଲେ । ଗୋଟାଏ ସୁସଜ୍ଜିତ ବିଦ୍ୟୁତାଲୋକ ଶୋଭିତ ଶକସାରେ ପ୍ରଦର୍ଶନରେ ଯାଉଥିଲା ବେଳେ 'ହଜାର ହଜାର ଜନତା, 'ପ୍ରଣୟବାଦୀ' ଦୃଷ୍ଟିରେ ଚାହିଁ ରହିଥିଲେ କାରଣ ସେମାନେ ଫରକ୍ ଜାଣିପାରୁ ନ ଥିଲେ ପୁରୁଷ ସ୍ତ୍ରୀ ମନ୍ତ୍ରୀ ମାଙ୍କଡ଼ ଭିତରେ । ମାଇଲେ ଲମ୍ବା ଶୋଭାଯାତ୍ରା, ତୋରଣ,

Digitized by srujanika@gmail.com

ପତାକା, ଆଲୋକ, ବାଣ, ବେଣ୍ଡପାର୍ଟି, ଲାଉଡ଼ସ୍ପିକରରେ ନଗର ପବନ ମୁଖରିତ, ଉଲ୍ଲସିତ—ଯାହାର ତୁଳନା ମିଳିଥାନ୍ତା ଏବେ ଏବେ ସରିଥିବା ଇଂଲଣ୍ଡର ଯୁବରାଜଙ୍କ ବିବାହରେ । ଡାକ ବଙ୍ଗଳାରେ ମନ୍ତ୍ରୀ ମନ୍ତ୍ରିଣୀ, ମର୍କଟ ମର୍କଟୀ, ଆଡ଼ାମ ଇଭ୍ ମଧୁଶଯ୍ୟା ସୃଷ୍ଟି ଯାପନ କଲେ ।

ପୁଣି ଗୋଟାଏ ଦଶକ କଟିଗଲା । ଶିକ୍ଷାସ୍ଫୀତି ତଥା ମୁଦ୍ରାସ୍ଫୀତି ସହିତ ତାଳ ଦେଇ ଘରେ ଘରେ କଲେଜ, ମହିଳା କଲେଜ, ସ୍ନାତକୋତ୍ତର ଶ୍ରେଣୀ, ବି. ଇଡ଼. ସି. ଟି., ଆଦି ଶିକ୍ଷାପ୍ରତିଷ୍ଠାନ ବଢ଼ିଲେ ମର୍କଟ ରାଜ୍ୟରେ ମଧ୍ୟ ପରିବାର ନିୟନ୍ତ୍ରଣ ଯୋଜନାର ଅଭାବରେ କଲେଜ ସାଙ୍ଗକୁ ମର୍କଟଙ୍କ ଅନୁରୂପ ଅଭିବୃଦ୍ଧି ହେଲା ଏବଂ ମନ୍ତ୍ରୀ ମନ୍ତ୍ରିଣୀ ଆସନ ଜମାଇ ବସିଗଲେ; ପଶୁସୁଲଭ ସଂଖ୍ୟାଧିକ୍ୟରେ ।

ମର୍କଟଙ୍କ ପୀଠସ୍ଥଳୀ ସହରର ଭିତରେ ବାସ୍ ଷ୍ଟାଣ୍ଡରେ ପୁଣି ଦିନେ ଓହ୍ଲାଇଛୁ ମନେ ପଡ଼ିଲା ଆଡ଼ାମ ଇଭ୍‌ଙ୍କ ବିବାହ ଉତ୍ସବ କଥା ଏବଂ ଖୋଜିଲି କାଳେ କେଉଁଠି ସେମାନେ ଥିବେ । ଶୀତ ଦିନଆଁ ସକାଳ । ଧୂଆଁ ବାହାରୁ ଥିବା ଚା କାପ୍ ସମସ୍ତଙ୍କ ପାଟିରେ ଲାଗିଛି । ବନ୍ଦ ଦୋକାନଗୁଡ଼ା ଖୋଲି ଷ୍ଟଲଗୁଡ଼ାରେ ଖବର କାଗଜ ପତ୍ରପତ୍ରିକା ମେଲାଇ ରଖିଛି । ମିଠା ଦୋକାନ, ଚା ଦୋକାନ, ଫଳ ଦୋକାନ, ଉପର ସେଉଁ ଏକବେଷ୍ଟସ ଛାତ ସିଆଡ଼କୁ ଆଖି ପକାନ୍ତେ ଦେଖିଲି ସଗର, କୌରବ ଓ ଶ୍ରୀକୃଷ୍ଣଙ୍କ ପରର ଯଦୁବଂଶକୁ । ପୁତ୍ର, ପୌତ୍ର, ପ୍ରପୌତ୍ର, ପୌତ୍ରୀ, ପ୍ରପୌତ୍ରୀ ଓ କୁଳକୁଟୁମ୍ବ ନେଇ ସଗୌରବେ ବସିଛନ୍ତି ଆଡ଼ାମ ଆଉ ଇଭ୍; ବୃଦ୍ଧ ରାଜନୈତିକ ନେତା ବା ବୃଦ୍ଧା ରାଜମାତାଙ୍କ । ନେଡ଼ୀ ଧର । ଜଣେ କଟକ ଆଡ଼କୁ ଅଉ ଜଣେ ଚଣ୍ଡୀଖୋଲ ଦେଇ ଦିଲ୍ଲୀ ଆଡ଼କୁ । ବସିଛନ୍ତି, ଏକ ଅହେତୁକୀ ଭବିଷ୍ୟତ ଆଶଙ୍କାରେ । ସେମାନେ ଲକ୍ଷ୍ୟ କଲେଣି ମନ୍ତ୍ରୀମାନେ ତାଙ୍କୁ ଆଗରୁ ଯେଉଁ ଦୃଷ୍ଟିରେ ଦେଖୁଥିଲେ ହୁଏତ ନିଜ ସ୍ୱାର୍ଥ ସୁବିଧା ଲାଗି ତା ଆଉ କରିବେ ନାହିଁ; କାରଣ ସେମାନେ ତାଙ୍କ ଦେଇ ଯାହା କାମ ହାସଲ କରିବାର କରି ସାରି ନିଜେ ସୁଦୃଢ଼ ଆସନରେ ବସିଛନ୍ତି । ପାଖ ଆଖ ଯେତେ ଛାତ ସବୁ ଦଖଲ କରି ଆଡ଼ାମ ଓ ଇଭର ବଂଶଧରମାନେ ବସି ଯାଇଛନ୍ତି ଯିମିତି ଗୋଟାଏ ସଭା ହେବ ଏବଂ ଗୁରୁତର ସମସ୍ୟା ସମାଧାନର ଉପାୟ ନିର୍ଣ୍ଣୟ କରିବାକୁ ପଡ଼ିବ ।

ଦେଖିଲି, ମାଙ୍କଡ଼ ପିଲାଟିଏ ଖେଳୁଛି । ଯିମିତି ଆମେ ଦୁହେଁ ବସିଥିଲୁବେଳେ ସାନ ପୁଅ ଖେଳ ଦେଖାଉଥିଲା ଏ ମାଙ୍କଡ ପିଲାଟି ସିମିତି ନୂଆ ନୂଆ ବାପ ମା ପାଖରୁ ଖସି ଆସି ସ୍ୱାଧୀନ ହେବାକୁ ଶିଖୁଛି । ବୋଧ ହୁଏ ବୁଢ଼ୀ ମା'ଥାର ଅଠାଳିଆ

Digitized by srujanika@gmail.com

କ୍ଷୀର୍ କଲେ ପିଇ ଦେଇ ଉଦ୍‌ବୃତ୍ତ ଶକ୍ତି ସଞ୍ଚୟ କରୁଛି । ସତରେ ବୁଢ଼ାକାଳିଆ ପୁଅଗୁଡ଼ାକ ଭାରି ସୁନ୍ଦର ହୁଅନ୍ତି, ଗେଲ୍‌ବସର ବି ହୁଅନ୍ତି । କୋଡପୋଛା ପିଲା, ସବୁ ଖୁନ୍‌ ମାଫ୍‌ ତାଙ୍କର । ବୁଢ଼ା ଆଡାମ୍‌ ତା ଆଡ଼କୁ ଚାହୁଁନି, ସେଇଟା ତା ପକ୍ଷରେ ଗୋଟାଏ ଲକ୍ଷ୍ମୀ ବୋଲି ଭାବୁଛି । ମାଆ କିନ୍ତୁ ନଜର ରଖିଛି ତା ଉପରେ ଏବଂ ଦେଖୁଛି ସ୍ୱାଧୀନତାର ସୋପାନରେ କେତେ ପାହୁଚଯାକେ ପୁଅ ଚଢ଼ି ପାରୁଛି ।

ପୁଅ ପ୍ରଥମେ ( ସତରେ କେତେ ସୁନ୍ଦର ! ଅବିକଳ ତା ବାପର ମୋଟା ମୋଟା ହାଡ଼, ଲମ୍ବା ହନୁର ଫର୍ମାରେ ଗଢ଼ା । କେବଳ ଯଥେଷ୍ଟ କ୍ଷୀର ଅଭାବ-ରେ ପଞ୍ଜରା ହାଡ଼ରେ ମାଂସ ଲାଗିନି ) ଇଲେକ୍‌ଟ୍ରିକ୍ ଖୁଣ୍ଟକୁ ଟାଣି କରୁଥିବା ତାରରେ ଦୁଇ ହାତରେ, ଗୋଟାଏ ହାତରେ, ଏକ ଗୋଡରେ, ଦୁଇ ଗୋଡରେ, ତିନି ଗୋଡ଼ ହାତରେ ଏବଂ ଲାଙ୍ଗୁଡରେ ନାନା ଭଙ୍ଗୀରେ ଟ୍ରାପିଜ ଖେଳ ଦେଖାଇ ଅଳସ ଭାଙ୍ଗିଲା । ଉଭୟ ମାଆ ବାପ ସେ ସବୁ ଲକ୍ଷ୍ୟ କଲେନାହିଁ ତା'ପରେ ସେ ଧରିଲା ପାଖରେ ପଡ଼ିଥିବା ପଚା ଶୁଖିଲା କଦଳୀ ଭଣ୍ଡାଟାଏ ଏବଂ ଦେଖାଇଲା ତା ମାଆକୁ । ସେ ଦାନ୍ତ ନିକୁଟି ନାପସନ୍ଦ କଲା । ତାକୁ ଫୋପାଡ଼ି ଧରିଲା କଦଳୀ କାଣ୍ଡର ନାଡ଼ଟାଏ ଏବଂ ବାପା ଆଗରେ ଧରିଲା । ବାପ ତାକୁ ଗୁମ୍ଫାଟାଏ ବଜାଇଲା । କଣ ଖାଦ୍ୟ, କଣ ଅଖାଦ୍ୟ, କଣ କର୍ତ୍ତବ୍ୟ କଣ ଅକର୍ତ୍ତବ୍ୟ ସେ ସବୁ ଚେଷ୍ଟା ଓ ବିଫଳତା ମାଧ୍ୟମରେ ଜାଣିବାର ଚେଷ୍ଟାକୁ ବାପ ମାଆ ପସନ୍ଦ କରୁନାହାନ୍ତି ଦେଖି ସେ ରାଗିଗଲା । ଗୋଟାଏ ପୁରୁଣା ପ୍ଲାଷ୍ଟିକ୍ ଚପଲ ଧରି ସେ ତା ବାପ ଆଡ଼କୁ ଫୋପାଡ଼ି ଦେଲା ।

ଆଡାମ ପୁଅର ବେଆଡ଼ିଆ ଗୁଣ ନାପସନ୍ଦ କରି ଦୁଇଥର ହୁଂ ହୁଂ କଲା, ମାଆ ବି ଦାନ୍ତ ନିକୁଟିଲା; କିନ୍ତୁ ଦର୍ଶକ ତଥା ଖବର କାଗଜ ବାଲାଏ ପୁଅ ବାପକୁ ମାରିବା ବୀରର ଲକ୍ଷଣ ବୋଲି ତାଳି ଦେଲେ । ପିଲାଟା ଷବଲ କରି କଲେ ଦେଶ ଓ ଦଶ ତାକୁ ଭଲ କହିବେ; ନାଆଁ ଯଶ ଅର୍ଜିବ, ନିହାତି ବେକାର ଯୁବକ ଭଳି କାମଧନ୍ଦା ତ ନାହିଁ, ପଢ଼ାର ତ ଦାମ ନାହିଁ, ସବୁଥିରେ ଅସନ୍ତୋଷ, ବିଭ୍ରାଟ, ବୈଫଲ୍ୟ, ମେ ଗଞ୍ଜା, ଭାଙ୍ଗ ମଦମାଂସ ଅର୍ଥାତ୍ ଆତ୍ମହତ୍ୟା ଆଡ଼କୁ ଟାଣି ହୋଇ ଯାଉଛି । କେଉଁ ଉପାୟରେ ମରିବା ସୁନ୍ଦର ନାଆଁ କରିବ ।

ସେ ଆଉ ଥରେ ତଳକୁ ଓହ୍ଲାଇଲା । ଖୁଣ୍ଟ ଉପରେ ଯାହା ପାଇଥିଲା ତାହା ତ ବାପମାଆର ପସନ୍ଦ ହେଲା ନାହିଁ । ତଳେ ଭୂଇଁରେ କଣ ଅଛି ଦେଖିବା ପାଇଁ ଲୁହା ତକ୍ତାଟାକୁ ଗୋଟାଏ ହାତରେ ଧରି ତଳକୁ ଡେଇଁ ପଡ଼ିଲା ଏବଂ

Digitized by srujanika@gmail.com

ଦେଖିଲି ଠିକ୍ ତା ଡାହାଣ ହାତ ପାଖରେ ଗୋଟାଏ ପଗଡ଼ି । ପୁଲିସ୍‌ଟାଏ ସେତିକବେଳେ ଓଲଟିଲେ ଛିଡ଼ା ହୋଇ ଚା ପିଇଯାଉଥାଏ । କଣ ଦୁର୍ବୁଦ୍ଧି ମୁଣ୍ଡକୁ ପଶିଲା କେଜାଣି, ମାଙ୍କଡ଼ ପିଲାଟା ହଠାତ୍ ପଗଡ଼ିଟାକୁ ଜୋରରେ ଟାଣିଦେଲା; ଏତେ ଜୋରରେ ଯେ ପଗଡ଼ି ତ ଖସିଗଲା, ଚା କାପ ଓ ପ୍ଲେଟ ତଳେ ପଡ଼ି ଚୂରମାର ହୋଇଗଲା । ଦେଖଣାହାରି ଓ ଖବରକାଗଜବାଲାଙ୍କ କରତାଳି ଓ କୋଳାହଳରେ ସ୍ଥାନ ମୁଖରିତ ହେଲା । ପୋଲିସ ଯେଉଁ ବାଡ଼ିଟା ଧରିଥିଲା, ଅପମାନର ପ୍ରତିଶୋଧ ସ୍ୱରୂପ ସେଥିରେ ବାଡ଼ିଏ ପିଲାଟାକୁ ବଜାଇ ଦେଲା ଏବଂ ଲମ୍ଫ ଚାଖଣ୍ଡେ କାଟି ତଳେ ପଡ଼ି ଛଟପଟ ହେଲା ।

ପଶୁ ପ୍ରତି ଅତ୍ୟାଚାରର ଆଡାମ ଆଉ ଇଭ୍ ସହିପାରିଲେ ନାହିଁ । ଆଡାମ ହୁଙ୍କାରଟାଏ ଦେଲା । ଶତ୍ରୁ ରକ୍ତବାହୁ ବିରୁଦ୍ଧରେ ଲଢ଼ିବା ପାଇଁ ଯିମିତି ପର୍ବତକୁ ଡକା ଚାଲିଲେ ପର୍ବତେ, ଯିମିତି ଭଦ୍ରକ ଡାକିଲା ରେଭେନ୍ସାକୁ ଏବଂ ରେଭେନ୍ସା ଡାକିଲା ସମ୍ବଲପୁରକୁ । ପବନ ପୁତ୍ର ହନୁମାନ ଡାକରେ ଯିଏ ଯେଉଁଠି ଥିଲେ କୁଆ ଡାକରେ କୁଆ ପଲ ଆସିଲା ପରି ଦେଶର ସବୁଆଡ଼ୁ ବାନରସେନା ଅଳ୍ପରେ ଆସି ପହଞ୍ଚିଲେ । ତେଣେ ପାରମାଣବିକ ଶତ୍ରୁ ସୈନ୍ୟଙ୍କୁ ଜବଦ କରିବା ପାଇଁ ପୋଲିସ ବାହିନୀ ଧାଇଁଲେ । ଲାଠି, ଟିଅର ଗେସ, ସେଲ୍, ବନ୍ଧୁକ ବିରୁଦ୍ଧରେ ଢେଲା, ପଥର, ଇଟା, ବୋତଲର ଯୁଦ୍ଧ ଚାଲିଲା । ଶେଷରେ ପ୍ରଳୟ ନିଆଁ ଜଳିଲା, ଭଙ୍ଗାରୁଜାର ସୀମା ରହିଲାନାହିଁ, କେହି ବର୍ତ୍ତିବା ମୁସ୍କିଲ । ଟିମିଟି ଖେଳରୁ ଖଣ୍ଡ ପ୍ରଳୟର ମହାଭାରତ ସୃଷ୍ଟି ହେଲା । କେତେ ମରିହଜି ଗଲେ, କେତେ ଅବା ଖଣ୍ଡିଆ ଖାବରା ହେଲେ ।

ଶ୍ମଶାନର ଶାନ୍ତି ପରି ଶାନ୍ତି ଦେଶକୁ ଫେରିଲା; କିନ୍ତୁ ଖିଚ୍‌ପୁଚ୍ଛ କୁଆଡ଼େ ଗଲା ? ଆଡାମ ଇଭ୍ ଥାନା ଜେଲଖାନା ଚାରିଆଡ଼େ ଲୋକ ଲଗାଇ ଖୋଜାଖୋଜି କଲେ, ପାଇଲେ ନାହିଁ; କିନ୍ତୁ ପରେ ଏତିକି ଜାଣିଲେ ଯେ ଯେଉଁ ଲୋକମାନେ ତାଙ୍କ ପୁଅର ଖେଳ କଉତୁକର ତାରିଫ କରି ତାଳି ଦେଉଥିଲେ, ସେଇମାନେ ଜାତୀୟ ପତାକାତଳେ ଛିଡ଼ା ହୋଇ କନେଷ୍ଟବଳର ସାହସିକ କାର୍ଯ୍ୟ ପାଇଁ ପୁରସ୍କାର ପାଇବାରେ ତାଳି ଦେଉଛନ୍ତି ଓ ଖବରକାଗଜ ବାଲାଏ ସେହି ଫଟୋ ବନ୍ଦି କରି ନାଆଁ କମାଉଛନ୍ତି ।

●

Digitized by srujanika@gmail.com

# ଭି. ଆଇ. ପି.

ନୂଆ ଭି. ଆଇ. ପି. ବେଗ୍ ଧରି ଯିମିତି ଫାଟକ ପାଖରେ ପହଞ୍ଚିଛି ଯିମିତି ବଡ଼ ଝିଅ ମୋତେ ଦେଖିପକାଇ ଚିତ୍କାର କଲା, "ବାପା ଆସିଲେ, ବାପା ଆସିଲେ, ଶଙ୍ଖ ଫୁଙ୍କ ।" ଆଠ୍‌ଟା କି ଦଶ୍‌ଟା ଶଙ୍ଖ ଏକାବେଳକେ ବାଜିଉଠି ସମଗ୍ର ସ୍ନାୟୁକୁ କମ୍ପାଇଦେଲା । ଜଣାଗଲା, ଦଣ୍ଡେ ପରେ ଯିମିତି ଭୂମିକମ୍ପ ହେବ । ହୁଳହୁଳି ବି ସଙ୍ଗେ ସଙ୍ଗେ ଆଠକୋଠରିଆ କୋଠିର ଏ ମୁଣ୍ଡ ସେ ମୁଣ୍ଡ ଭରପୂର ହୋଇଗଲା । ଝିଅଝିଆଣି ପିଲାଝିଲା ସମସ୍ତେ ଏକା ସୁରରେ ଆନନ୍ଦ ଜଣାଇଦେଲେ । "ଦାଦା ଆସିଲେ", "ଜେଜେ ଆସିଲେ", "ଅଜା ଆସିଲେ" ଆଦି ନାନା ସ୍ୱରରେ ନାନା ଧ୍ୱନିରେ ନାନା ଭଙ୍ଗୀରେ ପ୍ରକାଶ କରି ।

ବଡ଼ ନାତିର ଉପନୟନ । ବଡ଼ ପୁଅର ବଡ଼ ପୁଅର । ମୋ ବଂଶର ପ୍ରଥମ କାମ ସହରରେ ହେଉଛି । ମୋ ନିଜର ଯେତେ ଯେତେ କାମ—ଚଉଦଟି ପୁଅ ଝିଅଙ୍କ ବିବାହ ବ୍ରତ—ସବୁ ଗାଁରେ କରିଛି । ମଫସଲରେ ଯେତେ ଯେତେ ଆଡ଼ମ୍ବରରେ କରାଯାଇପାରେ । ନିଜ ପୋଖରୀର ବଡ଼ ବଡ଼ ମାଛ, ଘରୁଆ ଛେଳି, କ୍ଷୀରିପିଠା, ସରୁଚକୁଳି, ଝୁଣ୍ଟୁଡ଼ା, ଦହି ଦୁଧ ଘିଅ ଯେତେ ମନଇଚ୍ଛା ଖାଇପାରେ । ହେଲେ ପିଲାଝିଲାଏ ବଡ଼ ହୋଇ ଚାକିରିବାକିରି କରି ବଣଜଙ୍ଗଲ ଭିତର ପୈତୃକ ସ୍ଥଳଘରେ କାମକାର୍ଯ୍ୟ କରିବାକୁ ନାରାଜ । ବାଟଘାଟରେ ଟାଙ୍ଗି ମଟର ଛୁଟୁନଥିବ । ସାଙ୍ଗସାଥୀ ଏତେ ଦୂରକୁ ମଫସଲକୁ ଯାଇ ପାରିବେ ନାହିଁ । ତାଙ୍କର ଯାହା ଦରକାର ମିଳିବ ନାହିଁ କିଏ ଆଇ. ଏ. ଏସ୍., କିଏ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, କିଏ ପ୍ରଫେସର, କିଏ ଓ. ଏ. ଏସ୍. କିଏ ଏସ୍. ପି କିଏ ବା ଡାକ୍ତର । ମଫସଲକୁ ଥରେ ପଶିଲେ ଠିକ୍ ସମୟରେ ଫେରି କାମରେ ଯୋଗ ଦେଇହେବ ନ ହେବ ସେମାନଙ୍କ ଭୟ । ତା'ଛଡ଼ା କାମଟା ଯେତେ ଆଡ଼ମ୍ବର ଜାକଜମକରେ କଲେ ବି ଦେଖଣାହାରି କିଏ ? ସେଇ ମଫସଲର ଅସଭ୍ୟ ଜାନୁଆରଙ୍କ ପରି ଗ୍ରାମ ଭୂମିଜ ସନ୍ତାନଙ୍କ ଦଳ; ସାଇର ବ୍ରାହ୍ମଣବୁଢ଼ାଙ୍କ ଅବା କେଉଁ ସଭ୍ୟ ଶିକ୍ଷିତ ଟୋକା । ଭି. ଆଇ. ପି. କେହି ନାହିଁ ।

Digitized by srujanika@gmail.com

ମୁଁ ତ ନିଜେ ବଡ଼ଲୋକ ନୁହେଁ, ଆଉ ଏ ବୟସରେ ହୋଇ ବି ପାରିବି ନାହିଁ । ଜମିଜାଗା ଅଛି । ଜୀବନଯାକ ଖଟିଲୁଟି, ଧନ ନାହିଁ ଗୁଣ ନାହିଁ ଝାଳନାଳ ହୁଣ୍ଡିରେ ମାତ୍ର କୃଷିମଜୁରିଆଙ୍କ ପରି ଧନ କଟେଇଛି । ମଫସଲରେ ରହିଲେ ଲାଞ୍ଚମିଛ, ଟାଉଟରି, ଚୋରଟଲେଖା କରି ସମ୍ପତ୍ତି ଅର୍ଜନ କରିବାକୁ ପଡ଼ିବ । ତା' ନ ହେଲେ ତୁମ ପାଟିଲୋକ ତୁମକୁ ଟପିଯିବ ଗିଳିଦେବ ।

ଯା' ହେଉ ଗାଁରେ ସେକାଳରେ ଅପର ପ୍ରାଇମେରି ସ୍କୁଲଟାଏ ଥିଲା । ପଞ୍ଚମ ଶ୍ରେଣୀରୁ ମୋର ପଢ଼ା ଶେଷ । ମୋର ତ ପାଠ ହେଲାନି; ପିଲାଛୁଆଙ୍କୁ ଯା' ହେଲେ ବି ମୂର୍ଖ କରିବି ନାହିଁ, ଏହି ଜିଦ୍ ଧରିଥିଲି । ସବୁ ଯାଉ ବରଂ, ପିଲାଏ ପଢ଼ନ୍ତୁ । ଭାଗ୍ୟଭଲ, ଜଗନ୍ନାଥଙ୍କ ଦୟା । ପିଲାଏ ସୁନ୍ଦର ଅସୁନ୍ଦର ଯାହା ହେଉନ୍ତୁ, ଭଲ ପଢ଼ାପଢ଼ି କରି ନାଁ ଯଶ ତ ଅର୍ଜିଲେ । ବଡ଼ ବଡ଼ ଚାକିରି କରି କିଏ ଦିଲ୍ଲୀ, କିଏ କଲିକତା, କିଏ ଆସାମ, କିଏ କଟକ କିଏ ଭୁବନେଶ୍ୱରରେ ରହିଗଲେ । ସେମାନେ କମ୍ ଆସନ୍ତି ଘରକୁ; ମୁଁ ବି ଘରଧନ୍ଦା ଚାଷବାସ ଛାଡ଼ି ଏକୁଟିଆ ଲୋକ ସେମାନଙ୍କ ପାଖକୁ ଯାଇପାରେନି ଗଲେ ବି ଦିନେ ଦି' ଦିନ ରହି ଫେରିଆସେ ।

ଉପନୟନରେ କୁଆଡ଼େ କୋଡ଼ିଏ ହଜାର ଖର୍ଚ୍ଚ ହେବ । ଖାଲି ଏତିକି ଶୁଣିଛି ଯେ ଅବୋଧ, ପୁଅପୁତୁରା, ଜ୍ଞାତି ସମୁଧିଙ୍କ ପାଇଁ ସବୁ ଲୁଗାପଟା ପୋଷାକ-ପତ୍ର ବିଦେଶରୁ ଆସିଛି । ସହରର କେଉଁ ଭି. ଆଇ. ପି. ନିମନ୍ତ୍ରଣରୁ ବାଦ୍ ଯିବେ ନାହିଁ । ଲାଟ ସାହେବ, ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଏମ୍. ଏଲ୍. ଏ. ସମସ୍ତେ ଆସିବେ । କଲିକତାରୁ କୋବି ପନିପରିବା (ଅଦିନିଆଁ), ରସଗୋଲା, ସନ୍ଦେଶ, ଡବା ଡବା ଟିଣ ଟିଣ ଟ୍ରକରେ ଆସିଛି । ଏ ସବୁ କଥା ଭାବି ଭାବି ମୋତେ ଆନନ୍ଦ ଯେତେ ଲାଗୁଥାଏ ସେତେ ଦୁଃଖ ବି ଆସୁଥାଏ । ମୁଁ ଗରିବ ମଲାମୁଣ୍ଡିଆ ଲୋକ; ଏତେ ଦୁଃଖକଷ୍ଟ ସହି ସମ୍ପତ୍ତି ଅର୍ଜିଲି । ଆଜି ପୁଅମାନେ ସମ୍ପତ୍ତି ରୋଜଗାର କଲେ ବୋଲି ଏମିତି ବେପରୁଆ ଖର୍ଚ୍ଚ କରି ଫୁଟାଣି ଦେଖାଇବାରେ ସବୁ ଉଡ଼ାଇଦେବେ, ତାଛଡ଼ା ମୁଁ ନିଜ କଥା ଭାବୁଥାଏଁ, କିମିତି ଏତେ ବଡ଼ କାମରେ ମୁଁ ଚଳପ୍ରଚଳ କରିବି, ମୋ ଚାଲିଚଳନ କିମିତି ହେବ ।

ପୁଅମାନଙ୍କ ମାନସମ୍ମାନ ଅଛି । ସମସ୍ତଙ୍କ ଆଗରେ ମୋରି ପାଇଁ କାଳେ ସେମାନେ ସାନିମାନିଆଁ ହେବେ, ସେଇ କଥାକୁ ମୋର ଚିନ୍ତା । ଆଗରୁ କେତେ ଥର ଏ ପୁଅ ସେ ପୁଅ ପାଖକୁ ଆସିଛି; କିନ୍ତୁ ମୋତେ ସିମିତି ବିଶେଷ ହଇରାଣ ହେବାକୁ ପଡ଼ିନି । ଘରଭିତରେ ଥାଏଁ, ନାତିନାତୁଣୀ ଚାକର ପୂଜାରୀଙ୍କ ସାଙ୍ଗରେ । କେତେବେଳେ ଗେଷ୍ଟେଇଘର, କେତେବେଳେ ଭିତର ବାରଣ୍ଡାରେ ଚେୟାରଟାଏ

Digitized by srujanika@gmail.com

ପକାଇ ଏକୁଟିଆ ବସି ଘରକଥା ଭାବି ସମୟ କଟାଏଁ । ବୈଠକଖାନାକୁ କମ୍ ଆସେ । ପୁଅ ଅଫିସ ଚାଲିଗଲେ ଦାଣ୍ଡଦୁଆର ବନ୍ଦ କରି ଓଡ଼ିଆ କାଗଜଟା ଚପରାସି ପାଖରୁ ମାଗିଆଣି ଏପଟ ସେପଟ ଲେଉଟାଇ ବଡ଼ ବଡ଼ ଅକ୍ଷର ସବୁ ପଢ଼େ; ଆଉ ଛବି ଦେଖେ । କେହି ରିଂ କଲେ ଘରଭିତରକୁ ଯାଇ ଚାକରକୁ ଡାକିଦିଏ । ଖଣ୍ଡେ ଖଦଡ଼ଧୋତି ଲୁଙ୍ଗି, ହାତବାଲି ଗଞ୍ଜିଟାଏ ଯୋଡ଼ା ହୋଇଆସେଁ । ଗାଁରେ ଏ ସବୁ କି ଦରକାର ନାହିଁ । ଅଣ୍ଟାରୁ କଣା ଧୋତି ପିନ୍ଧି ଖାଲି ଦେହରେ ଜୀବନ କଟାଇଲି । କାଦୁଅ ଧୂଳିରେ ଘାଣ୍ଟି ଚକଟି ହେଲେ ଏ ସବୁର କି ଦରକାର ? ସାବୁନ ମାରେ ନାହିଁ କି ବାସନା ତେଲ ଲଗାଏ ନାହିଁ । ଘଣାପେଡ଼ା ନିଜ କ୍ଷେତର ସୋରିଷ ତେଲ ଦେହମୁଣ୍ଡରେ ଲଗାଏଁ । ବୁଢ଼ା କାକୁଡ଼ିର ଦନ୍ତପଣ ଟେକ୍ ଚଢ଼ା ମୋ ଦନ୍ତଧାବ ।

ଅନେକ ଥର ମୋ ପୁଅ, ବୋହୂ, ଝିଅ, ଜୋଇଁ, ମୋର (ବଦ୍) ଅଭ୍ୟାସ ଓ ଚାଲିଚଳନ ସଂଶୋଧନ କରି ଏବକାର କରିବା ଚେଷ୍ଟା କରିଛନ୍ତି । "ବାପା, ତୁମେ ଏଥର ପେଣ୍ଟ ସାର୍ଟ ପିନ୍ଧ", "ଅଜା, ତୁମେ ପେଣ୍ଟଲୁନ ପିନ୍ଧୁନ", "ଦାଦା, ସୁନା ଫ୍ରେମର ଚଶମା ଲଗାଅ", 'ମଉସା ଦାନ୍ତ କେତୁଟା ଭାଙ୍ଗିଛି ପୁରା ସେଟ୍ ଲଗାଅ", "ଚାଲ, ସେଲୁନରେ ଚୂନ ରଙ୍ଗ କରି ଆଣିବା", "ଟିକେ ସଳଖ ହୋଇ ଚାଲ, ବଙ୍କେଇ ଚାଲୁଛ କାହିଁକି ?" – ଏମିତି କେତେ କଥା ।

ମୁଁ ବିରକ୍ତ ହୁଏନି । ମୁଁ ବେଶ୍ ଜାଣିପାରେଁ ସେମାନେ ମୋତେ ସଫା ସୁତୁରା ଆଜିକାଲିକା ମଣିଷ କରି ଆଦର ଶରଧାରେ ତାଙ୍କର ପଙ୍କ୍ତିରେ ମୋତେ ମିଶାଇବାକୁ ଚାହୁଁଛନ୍ତି । ସେମାନଙ୍କୁ ଅଡ଼ୁଆ ଲାଗୁଛି, ଅପମାନ ଲାଗୁଛି । ମୋତେ କଷ୍ଟ ଦେବେନି, ମୁଁ ବହୁ କଷ୍ଟରେ ଏକୁଟିଆ ଛୁଅପିଲାଙ୍କୁ ପାଳିଛି, ମଣିଷ କରିଛି । ହେଲେ ମୁଁ ନାଚାର । ସ୍ୱଭାବ ଛାଡ଼ିବ କେମିତି । ଦୁଇଦିନ ସିନା ତାଙ୍କ ପାଖରେ ଧୋବା ବଗ ସାଜିବ । ଗାଁକୁ ଫେରିଲେ, ପୁନର୍ମୂଷିକୋ ଭବ ।

ସେମାନଙ୍କୁ ବେଶି ଖରାପ ଲାଗେ .ମୋର ଧୂଳିଧୂସରିଆ କେନ୍‌ଭାସ୍ ବେଗ୍‌ଟା । ମୋତେ ସେଇଟା ଭାରି ସୁବିଧା, ଅନେକ ଜିନିଷ ଧରେ । ଜିନିଷ କାଢ଼ିଲେ ତା ଭିତରେ ଥାଏ ଛୁଆପିଲା, ନାତିନାତୁଣୀ ଭଲ ପାଉଥିବା ଚିଜ । ମୁଁ ଜାଣେ କିଏ କଣ ଭଲପାଏ । ସବୁ ବାହାରିଲାବେଳେ ଗୋଟିକି ଗୋଟି ମନେ ପକାଇ ଧରିଥାଏ । ସେମାନଙ୍କ ବକ୍ତବ୍ୟର ସାର କଥା ହେଲା ମୁଁ ଏମିତି କନାର ଶାର୍ଟପେଣ୍ଟ କରିବ, ଯାହା ଧୂଳିମଳି ହବନି, ଭାଙ୍ଗି ପଡ଼ିବନି; ଆଉ ଯିବା ଆସିବା ପାଇଁ ଭଲ ବେଗ୍‌ଟାଏ କିଣେ ।

ଗତଥର ଯେବେ କୋଷ୍ଠୀପତ୍ର ଦେଖି କୃତୋପନୟନର ଦିନକାଳ ଧାର୍ଯ୍ୟ କରିବା ପାଇଁ ଆସିଥିଲି, ଫେରିଯିବାବେଳେ ପୁଅ ମୋ ହାତରେ ପାଞ୍ଚ'ଶ ଟଙ୍କା

Digitized by srujanika@gmail.com

ଦେଇ ବହୁତ ନେହୁରା ହୋଇ କହିଲି, "ବାପା, ମୋର ସମସ୍ତ ହେଲାଣି; ନହେଲେ ତୁମର ଶାର୍ଟ ପେଣ୍ଟ କରି ଦେଇଥାନ୍ତି, ଭଲ ବେଗ୍‌ଟାଏ କିଣି ଦେଇଥାନ୍ତି । ତୁମେ ପଇତା ଘରକୁ ଆସିବାବେଳେ ଭଲ ଲୁଗା, ପଞ୍ଜାବି ପିନ୍ଧି ଆଉ ଭି.ଆଇ.ପି ବେଗ୍‌ଟାଏ ଧରି ଆସିବ ।" ମୁଁ ପିଲାଟିଲିଙ୍କଠାରୁ ପଇସା ପଚ କେବେ ନିଏନି, ଟଙ୍କା ଫେଟେଇଲି ବୋଲି ପୁଅଙ୍କ ପାଖରୁ ସୁଧ ନେବି ? ହାତରେ ଗୁଞ୍ଜି ଦେଉଥିଲା ନୋଟ ବିଡ଼ା; ମୁଁ ହାତ ଛୁଞ୍ଚାଡ଼ି ନୋଟ ଫୋପାଡ଼ି ଦେଲି । ତଥାପି କେତେ ଦିନ ପରେ ବୋହୂ ମନିଅର୍ଡ଼ର କରି ଟଙ୍କା ପଠାଇଲାରୁ ମୁଁ ବାଧ୍ୟ ହୋଇ ସେସବୁ କିଣିଲି । କୁପନରେ ଭି ଆଇ. ପି. ନ ହେଲେ ଏଟେଚିକେଟ ବେଗ୍ ଲେଖାଥିଲା ।

ବୈଶାଖର ରୁଦ୍ର ଖରାରେ ସହରକୁ ଗଲି । ଲୁଗା କିଣିଲି ଏତେ ପତଳା ଯେ ଭିତର ପାଇଁ ଗେଞ୍ଜି କିଣିବାକୁ ପଡ଼ିଲା । ପଞ୍ଜାବି କଲି, ସେ ବି ଏତେ ପତଳା ଯେ ଦେହ ଢାଙ୍କିବା ପାଇଁ ଫେର୍ ଗେଞ୍ଜି କିଣିବାକୁ ପଡ଼ିଲା । ବେଗ୍ ପାଇଁ ଦିନଟାଏ ରହିବାକୁ ପଡ଼ିଲା । କାହିଁ ମିଳିଲା ନାହିଁ । ଜଣେ ଚିହ୍ନାଲୋକ ଦେଇ ପୁଅ କହିବା ମୁତାବକ ମିଳିଟାରୀ କେଣ୍ଟିନ୍‌ରୁ କିଣିଲି । ଦେଢ଼'ଶ କମ୍ ପଡ଼ିଲା । ସେ ବେଗ୍ ଫିଟାଇବା, ବନ୍ଦ କରିବା କଲୁ କାଠିକର ପାଠ । ଦି' ତିନିଥର ଅଭ୍ୟାସ କରି ଖୋଲି ବନ୍ଦ କରିବା ଶିଖିଲି । ପିଲାଏ ଆମ କଥା ବୁଝିବେ ? ବୁଢ଼ା କାଳରେ କେତେ ନାଚ ନ ନଚାଇବେ ! ଧୋତି ପଞ୍ଜାବି ସାଙ୍ଗକୁ ପୁଣି ଜୋତା ନା ଚପଲ କିଣି ମାନିବ ତା ଠିକ୍ କରିବାକୁ ଦଣ୍ଡେ ଗଲା ।

ଆଜି ବର୍ତ୍ତମାନ ଯେ ଏତେ ଶଙ୍ଖହୁଳହୁଳିରେ ଘର ଦୁଲୁକୁଛି ଏବଂ 'ବାପା ଆସିଲେ' 'ଅଜା ଆସିଲେ', 'ଜେଜେ ଆସିଲେ' ଡାକରେ ଘର ଉଠୁଛି ପଡ଼ୁଛି, ତାହା ନିଶ୍ଚୟ ମୋତେ ଦେଖି, ମୋରି ପାଇଁ । ବିବାହ ବ୍ରତରେ ଅବଶ୍ୟ ଏ ଏକ ପ୍ରଥା । କେହି ଘନିଷ୍ଠ ଆତ୍ମୀୟସ୍ୱଜନ ବନ୍ଧୁବାସ, ଉତ୍ସବକୁ ଆସିଲେ ତାଙ୍କୁ ଏହି ଶବ୍ଦରେ ଘରକୁ ଆଦରରେ ଅଣାଯାଏ; କିନ୍ତୁ ମୁଁ କାହିଁକି ଭାବିଲି ଲମ୍ବା ଚଉଡ଼ା ଧୋତି, ଆଣ୍ଠୁ ତଳକୁ ଅଧି ପଞ୍ଜାବିରେ ହାବୁଡ଼ି ପଡ଼ିବା ଭଳି, ଆଉ ହାତରେ ଭି. ଆଇ. ପି. ଦେଖି ସେମାନେ ଉଲ୍ଲସିତ ହେଉଛନ୍ତି । ସେମାନେ କେବେ କେହି ମୋତେ ଏ ରୂପରେ ଦେଖି ନ ଥିଲେ ତ !

ଯେଉଁ ନାତିର ଉପନୟନ ହେବ (ତା ନାଁ ମନେ ପଡ଼ୁନି; ଏତେ ଗୁଡ଼ାଏ ନାତିନାତୁଣୀ, ନାଁ ତ ମନେ ରହେନି, ଚିହ୍ନିବା ବି ମୁସ୍କିଲ, କିଏ କାହା ପୁଅ କାହା ଝିଅ । ତା' ଛଡ଼ା ନାଁ ଗୁଡ଼ାକ ଲେଲିନ୍, ଶେଲିନ୍, ଷ୍ଟାଲିନ୍, ପରି

Digitized by srujanika@gmail.com

ବିଦେଶୀ, ରାମ ଗୋବିନ୍ଦ ଗୋପାଳ ପଣ୍ଡା ଓଡ଼ିଆ ନାଆଁ ନୁହେଁ) ସେ ମୋ ହାତରୁ ଭି. ଆଇ. ପି. ଛଡ଼ାଇ ନେଇ (ଖାଇବାକୁ ତା ପାଇଁ ଅବଶ୍ୟ କିଛି ତା ଭିତରେ ଥିବ) ଲମ୍ବା ପାହୁଣ୍ଡ ପକାଇ ଆଗେ ଆଗେ ଚାଲିଛି । ତା ଦେଖାଦେଖି ଆଉ ଦୁଇ ଜଣଟା ନାତି ନାତୁଣୀ ତା ସାଙ୍ଗରେ ଯୋଗଦେଇ ଭି. ଆଇ. ପି. ଧରିବେ ବୋଲି ଦ୍ୱନ୍ଦ୍ୱ ଆରମ୍ଭ କଲେଣି । ମୋତେ ଜଣାଗଲା, ସିମିତି ମୋ ଉପନୟନ ହେବ, ନାତିର ନୁହେଁ ।

ପାଉଚଟି ନେଇ ନେଇ ନାତି ପଚାରିଲା 'ଜେଜେ ଭି. ଆଇ. ପି. ଟା ନୂଆ କିଣିଲ ?'

ନାତୁଣୀ ପଚାରିଲା " ଅଜା, ଏ ଧୋତି ପଞ୍ଜାବି ଚପଲ ସବୁ ନୂଆ ?"

ଆଉ ଜଣେ ପଚାରିଲା 'ତୁମକୁ ଚାଲିବାକୁ ଅଡ଼ୁଆ ଲାଗୁଛି ?"

ମୁଁ କିଛି ଉତ୍ତର ଦେଲିନି କେଉଁ ପ୍ରଶ୍ନର । ଭାବିଲି 'ଯେଉଁଠି ଯଥା ସେଇଠି ଠୋକ୍‌ର ଦେବା ବିଦ୍ୟା ନାତିନାତୁଣୀ ବି ଶିଖିଲେଣି ଏ ବେଳୁଁ ?'

ବୈଠକଖାନା ଭିତର ଦେଇ ଯାଉଥିବା ଇଂରାଜୀ ସ୍କୁଲରେ ପଢ଼ୁଥିବା ନାତି ପଚାରିଲା, "ତୁମେ ତ ନିଜେ ଜଣେ ଭି. ଆଇ. ପି" ଭି. ଆଇ. ପି. ଗୋଟାଏ କିଣିବାର କି ଦରକାର ଥିଲା ?"

ମୁଁ କିଛି ବୁଝିପାରିଲି ନାହିଁ ପ୍ରଶ୍ନର ମର୍ମ । ପାଖରେ ଥିବା ନାତୁଣୀ ପଚାରିଲା, "ଜେଜେ ଭି. ଆଇ. ପି. କଣ ?"

"ଭି. ଆଇ. ପି. ମାନେ ଭି. ଆଇ. ପି., ସିମିତି ବାକ୍ସ ମାନେ ବାକ୍ସ ଭି. ଆଇ. ପି. ଗୋଟାଏ ବେଗ୍‌ର ନାମ ।"

ସମସ୍ତେ ହସିଲେ । ନାତି କହିଲା "ଜେଜେ ! ଭି. ଆଇ. ପି. ମାନେ ଜାଣିନ ? ଭି. ଆଇ. ପି. ଭେରି ଇମ୍ପର୍ଟାଣ୍ଟ ପାରସନ୍ ।"

"ତା'ର ମାନେ ? କାଲି ଆଗରେ ମୂଲା ଚୋବାଉଛୁ ?"

"ତାର ମାନେ, ବଡ଼ ଲୋକ, ତୁମେ ପରି ଜଣେ ଖାସ ବଡ଼ ଲୋକ; ନ ହେଲେ ଆମେ ସବୁ ତୁମକୁ ଇମିତି ଓ୍ୱେଲ୍‌କମ କରିଥାନ୍ତୁ ?"

"ମୁଁ ଯଦି ଭି. ଆଇ. ପି. ଯେଉଁଟା ଧରିଛି ସେଇଟା କ'ଣ ?"

"ଯେଉଁମାନେ ଖାସ ବଡ଼ଲୋକ ସେମାନେ ଧରିବା ପାଇଁ ଏ ବେଗ୍, ବୁଝିଲ ?"

Digitized by srujanika@gmail.com

ମୋତେ ସେମାନେ ନେଇଗଲେ ଗୋଟାଏ ବଡ଼ କୋଠରୀକି ଯେଉଁଠା ବ୍ରହ୍ମଭୂଷା ପାଇଁ ସଜାସଜି ହୋଇଛି । ସମସ୍ତେ ଇ. ଆଇ ପି.ଙ୍କୁ ଘେରିଗଲେ । ଝିଅଝିଆଣୀ, ବୋହୂ, ଭୁଆସୁଣୀ ସମସ୍ତେ ମୋତେ ଘେରିଲେ ଯିମିତି ମୁଁ ଗୋଟିଏ ଦର୍ଶନୀୟ ଜୀବ ।

"ବାକ୍ସ ଫିଟାଅ ଜେଜେ ।" "ମୋ ପାଇଁ କଣ ଅଛି ?" "ମୋ ପାଇଁ କଣ ଆଣିଛ ?" "ମୋ ପାଇଁ କଣ ?" ମୋ ପାଇଁ—?"—ଶବ୍ଦରେ ମୋ କାନ 'ଅତଡ଼ା । ତରବରରେ ବାକ୍ସଟା ଫିଟୁନି ନମ୍ବର-ମେଳ ଖାଉନି, ଭୁଲ ନମ୍ବର ଘୋଡ଼ୁଛି । ପକେଟରୁ କାଗଜ ଫିଟାଇ ନମ୍ବର ପଢ଼ିଲି । ବାକ୍ସ ଫିଟିଲା ।· ସମସ୍ତେ ଆଗହ ଔତ୍ସୁକ୍ୟରେ ବାକ୍ସ ଭିତରକୁ ଚାହିଁଲେ ଯେମିତି ଯାଯାବରମାନେ ଗାଁ ଗଣ୍ଡାରେ ବୁଲି ବାୟସ୍କୋପ ଦେଖାଇ—'ଦଲ୍ଲୀକା ଦରବର ଦେଖୋ" "ଆଗ୍ରାକା ତାଜମହଲ ଦେଖୋ" "ଲଙ୍କା ମାଇକନା ଦେଖୋ"କହିଲାବେଳେ ଉତ୍ସୁକପୂର୍ଣ୍ଣ ହୋଇ ପୂର୍ବଥି ବାକ୍ସ ଖୋଲିବା ଅବସ୍ଥାକୁ ଆସନ୍ତି ।

ବାକ୍ସ ଫିଟିଲା । ଇ. ଆଇ. ପି. ବେଗ୍ ।

ପ୍ରଥମେ ବାହାରିଲା ଗୋଟାଏ ବଡ଼ କଞ୍ଚା ଶାଳପତ୍ର ଠୁଙ୍ଗାରେ ଘରୁଆ ଘିଆଘିଅର ଆରିଷାପିଠା, ତଳକୁ କାକରା ଅଭ୍ର କେରୁଟା ଭଜାମଣ୍ଡା । ପିଲାଗୁଡ଼ାକ ଓଃ ଅଃ ହେଲେ, ଟକ୍‌ଟାକ୍ ହେଲା ତାଙ୍କ ଜିଭ ।

ଗୋଟାଏ ଫାଳେ ଯାହାକୁ ଯିମିତି ବାଣ୍ଟିଦେଲି । କହିଲେ, "ବଢ଼ିଆ । ପେଡ଼ା, ସନ୍ଦେଶ, ରସଗୋଲାଠୁଁ ଭଲ ।"

ତାପରେ ବାହାରିଲା ପୋଖରୀ ତୋଟାର ମହୁଭଣ୍ଡାର ଆମ୍ବ ଥଳି । ଟୁକ୍ରୁଟ ଟୁକ୍ରୁଟ, ମହୁପରି ମହକ, ମହୁପରି ମିଠା, ଟାକୁଆରେ ଚେର ନାହିଁ । ଗୋଟି ଗୋଟି ଗୋଟାଏ ଲେଖାଏଁ ଖାଇଲେ ସମସ୍ତେ । କହିଲେ 'ଅମୃତପରି ଲାଗୁଛି ।"

ତାପରେ ଅଗଣାର ବନାରସୀ ପିଜୁଳି । ହାତରେ ଗୋଟାଏ ଗୋଟାଏ ଧରିଲେ । କହିଲେ 'ପଛେ ଖାଇବା ।'

ଏଥର ଝିଅଝିଆଣୀଙ୍କ ପାଇଁ ଚଳସବୁ ବାହାରିଲା । ପ୍ରଥମେ ବାହାର କଲି ଧଳା ବଣର ଖାଣ୍ଟି ମୁଲ୍‌ଏମ ଝୋଟାବଡ଼ି । ବଡ଼ ବଡ଼ ମଣ୍ଡା ପରି । ତେଲେ ପଡ଼ିଗଲେ ଗୁଣ୍ଡ, ଚୂନା ହୋଇଯିବ । ବଡ଼ଟିଆ ଭାରି ଭଲ ପାଏ ।

ତାପରେ ଆମ୍ବ ଆମ୍ବୁର । ପୁରୁଣା, ଗଲା ବର୍ଷର । ପାଟିରୁ ଲାଳ ଝରିଲା । ସମସ୍ତଙ୍କର । ମଝିଆଁ ଝିଅ, ବଡ଼ ବୋହୂଙ୍କ ଭାରି ପ୍ରିୟ ।

Digitized by srujanika@gmail.com

ପରେ ପରେ ବରୁଡ଼ି ପୋକ ସାଇଜ୍‌ର ବଡ଼ ବଡ଼ ସଫେଦ୍ ଧଳା ମସ୍‌ମସିଆ ମୁଡ଼ି; ପାୟସ ବା କ୍ଷୀରି ପାଇଁ ବାସମତୀ, ପିମ୍ପୁଡ଼ିବାସ ଅରୁଆ ଚାଉଳ । ପାନ ଛିଅ, ପାନ ବୋହୂଙ୍କ ପାଇଁ ଅବଶେଷରେ କିଛି ଖପାଳିରୁ ଓ ବାଡ଼ିନଡ଼ିଆର କୋରା ଏବଂ ତାସଖେଳର ଝିକ୍‌କା ପଣ ବାହାରିଲା । ଗାଡ଼ିଅର ବାଉଁଶତଣ୍ଡି ମାଛର ସୋରିଷବଟା କଞ୍ଚାଲଙ୍କା ଓ ଗୋଟା ରସୁଣ ଦଆ ପରୁଆ ।

ଗୋଟିକ ଗୋଟି ଜିନିଷ ବାହାର କରୁଥାଏଁ ଭି. ଆଇ. ପି.ର ସ୍ୱରୂପ ବଦଳି ବଦଳି ଯାଉଥାଏ ଏବଂ ସବୁ ଜିନିଷ ସରିବା ପରେ ମୋ ନିଜ ସ୍ୱରୂପଟି ଅର୍ଥାତ୍ ମଇଳା ତେଲଚିକଟା ପଣାପାଳିଆ ଗାମୁଛାଟି ଦିଶିଲା ।

'କି ଗନ୍ଧ !' କହି ଅନେକ ଆଡ଼େଇ ହୋଇଗଲେ, ଭିଡ଼ ଖର୍ଚ୍ଚି ଗଲା; ମାତ୍ର କେତେ ଜଣ ଥାଆନ୍ତି, କାଳେ ଗାମୁଛା ତଳେ କିଛି ଅଲଭ୍ୟ ପଦାର୍ଥ ଥିବ । ଗାମୁଛା ଉଠାଇ ଆଣିଲି । ବାହାରିଲା ମୋର ଖୁଦୁଧା ଲୁଙ୍ଗି, ମଇଳା ହାତଥିବା ଗେଞ୍ଜି, ହାଫ୍ ଶାର୍ଟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ କେତୋଟି ଜିନିଷ, ଯଥା···ହଡ଼ାଏ ଶାଳ ଦାନ୍ତକାଠି, ଠିପିଦିଆ ସୋରିଷ ତେଲ ଶିଶି, ତ୍ରିଫଳାଚୂର୍ଣ୍ଣ ବୋତଲ, ଚନ୍ଦନ ପେଡ଼ି, ଚନ୍ଦନକାଠ, ରୁଦ୍ରାକ୍ଷମାଳା, କାଗଜରେ ମାହାର୍ଦ୍ଧ କେତେ ମୂର୍ତ୍ତି, ପ୍ଲାଷ୍ଟିକ ପାନିଆଁ ଏବଂ ସର୍ବଶ୍ରେଷ୍ଠର ଅମୃତାଞ୍ଜନ ଡବା ।

"ଶୂନ୍ୟ ଭି ଆଇ. ପି. ବନ୍ଦ କରିବାକୁ ଯାଉଛି ନାତିଟିଏ ପଚାରିଲା, ଅଜା ! ତୁମେ ଟିକେ ମଫ ଅଛ ?"

"ମାନେ ?" ମୁଁ ବୁଝି ନ ପାରି ଓଲଟି ପଚାରିଲି ।

ମଫ ଜାଣନି ? ଚୂଡ଼ା, ଚୂଡ଼ା; 'ମଫ' ମାନେ ମଫସଲ ।"

"ଅରେ ବୋକା ! ଟିକେ ବାନ୍ଧିକି, ମୁଁ ବି 'ମଫ', ତୋ କଥା ଅନୁସାରେ ତୋର ଅଜା, ଜେଜେ ଯିମିତି ଚୂଡ଼ା, ମଫ, ତୋର ବାପ କକା ବି ସିମିତି ମଫ, ଚୂଡ଼ା । ସେମାନେ ଆଜି କେଉଁଠୁ ଛାଡ଼ି ଆସିଛନ୍ତି କି ? ସେଇ ଏକା ଗାଁରୁ, ଗୋବିନ୍ଦପୁରରୁ । ଦାଢ଼ି ରଖିଲେ ସମସ୍ତେ ଯେମିତି ଗୋପବନ୍ଧୁ ହେବେନି, ଭି. ଆଇ. ପି. ଧଇଲେ ସମିତି ଭି. ଆଇ. ପି. ବନି ଯିବେନି । ଆମ ପୂର୍ବପୁରୁଷେ ଯେଉଁମାନେ ବଟୁଆ ଧରୁଥିଲେ ସେମାନେ କଣ ଭି. ଆଇ. ପି. ନ ଥିଲେ ? ବଟୁଆ ଯାହା, ଭି. ଆଇ ପି. ସେଇଆ ।"

Digitized by srujanika@gmail.com

ପୁଅ କାନରେ କଏ କଣ କହିଲା କେଜାଣି ସେ ଧାଇଁ ଆସିଲା । ଭି. ଆଇ. ପି. ଫିଟାଇ ଦେଖିଲା । କହିଲା, "ବାପା ! ତୁମେ ଭି.ଆଇ.ପି. କୁ ଏମିତି ବ୍ୟବହାର କରୁଛ ? ଆରିଷା ପିଠା, କୋଷର ଘିଅ ତେଲ ସବୁ, ମାଛ ପତୁଆର ଦାଗ ଲାଗି ଭି. ଆଇ. ପି. ର ଲାଇନିଂ କଣ ହୋଇଛି ? ତୁମ ଦେଇ ଆଉ ହବନି । ଏସବୁ ଚିଜ ଏତେ ଦାମିକା ଭି. ଆଇ. ପି. ରେ କାହିଁକି ରଖିଥିଲ ? ଭି. ଆଇ. ପି. ଭିତରେ କଣ ଏମିତି ଗବ୍ ବଣ ଥାଏ ? ଏଗୁଡ଼ା କାହିଁକି ଆଣିଥିଲ ?

ଏଥର ମୋତେ ଭାରି ଚିଡ଼ ମାଡ଼ିଲା । କହିଲି, ଆଉ କଣ ପ୍ଲେନରେ ବିଦେଶରୁ ପୁନା ଇଟା, ପୁନା ବସ୍ତୁ, ଘଡ଼ି, କେମେରା ଆଣି ନେଇ ଯାଉଥାନ୍ତି ? ନା ଘର ଖୋଳତାଡ଼ ସିନ୍ଦୁକ ଭାଙ୍ଗି ସବୁ ଆଣି ଏଇଠି ଗଦା କରୁଥାନ୍ତି ? ତୁମେ ସବୁ କ'ଣ ଭି. ଆଇ. ପି. ଦେଇଛ ସେମିତି ଭି. ଆଇ. ପି. ହେବା ପାଇଁ ଆରେ ତୁ କ'ଣ କହୁଛୁ ? ମୁଁ ଭି. ଆଇ. ପି. ର ଅଧୀନ ନା ଭି. ଆଇ. ପି. ମୋର ଅଧୀନ ?"

ଉପନୟନ ଶେଷରେ ମୁଁ ଘରକୁ ଫେରିଲାବେଳେ ପୁଅ ଗୋଟାଏ ବଡ଼ ଅଖା ଥଳି ଦେଇ କହିଲା "ବାପା, ତୁମେ ଭି. ଆଇ. ପି. ବ୍ୟବହାର କରି ଜାଣିବନି ଏଇଟା ନିଅ, ଅନ୍ୟଥରକୁ ଦେଶିକର ଚିଜସବୁ ଆଣିପାରିବ ।"

●



Digitized by srujanika@gmail.com

# ସଦ୍‌ଗତି

ସାମନା ରାସ୍ତା ବନ୍ଦ । ଏକ ବିରାଟ ଶୋଭାଯାତ୍ରା । ଶବ ଶୋଭାଯାତ୍ରା । ଏତେ ଶ୍ରେଷ୍ଠ ସହରରେ ଏତେ ବଡ଼ ଶୋଭାଯାତ୍ରା କେହି କେବେ ଦେଖି ନଥିବେ; ଶୁଣି ନଥିବେ, କଳ୍ପନା ବି କରି ନଥିବେ ।

ଶବ ଶିବା କୁମ୍ଭାଃ । ଦେଖିଲେ କୁଆଡ଼େ ଅଶେଷ ଶୁଭ, ଲାଭ । ଜଣେ ବଡ଼ଲୋକ (ଆଇ.ଜି ପାହ୍ୟାର, ସେ ମରିଗଲେଣି) ଥିଲେ ଯେ ସେ ଜିପ୍‌ରେ ଯେବେ ଯାଉଛନ୍ତି ଶବଟିଏ ଦେଖିଲାମାତ୍ରେ ଯେତେ ନୀଚ ସ୍ଥାନ ଅନାମଧେୟ ଦରିଦ୍ର ବ୍ୟକ୍ତିର ଶବ ହେଉ ପଛକେ ଗାଡ଼ିରୁ ଓହ୍ଲାଇପଡ଼ି ଯୋତା ଖୋଲି ମୁଣ୍ଡ ତଳକୁ ପୋତି ଛିଡ଼ାହୋଇ ଯାଉଥିଲେ । କହୁଥିଲେ, "ସ୍ୱର୍ଗତ ଆତ୍ମା ପ୍ରତି ସମ୍ମାନ ଦେଖାଇବାରେ ଆଉ ଯୋଗ ମିଳିବ ନାହିଁ । ଏହି ଶେଷ ସମ୍ମାନ" ବଡ଼ ଲୋକେ ଯାହା କହନ୍ତି କରନ୍ତି ସାନ ଲୋକେ ତାହା ଅନୁକରଣ କରିଥାନ୍ତି ।

ଶୋଭାଯାତ୍ରାଟିର ସଙ୍ଗରେ ଗ୍ରାମୁଆ ସୈନ୍ୟ ଦଶୋଟି, ଛିଣ୍ଡା କନାକୁ ରୁମାଲ କରି ମୁଣ୍ଡରେ ଗୁଡ଼ାଇଛନ୍ତି । ଜଣେ ଧରିଛି କୋଦାଳ, ଅନ୍ୟ ଜଣେ କାନ୍ଧେଇଛି କୁରାଢ଼ୀ ତୃତୀୟ ଜଣକ ଝୁଲାଇଛି ଶବ ତାଙ୍କର ତେପାନ୍ତରୀ ସାମାନ୍ୟ ଧୂଆଁ ବାହାରୁଥିବା ଉହ୍ନେଇଟିକି, ସମସ୍ତଙ୍କ କାନରେ ମୋଢହାଗ୍ୱ କଷ୍ଟା ଦୋକଡ଼ା । ମେଞ୍ଚା ମେଞ୍ଚା ଚେପ ଫିଙ୍ଗି ଖୁଲାଇଛନ୍ତି ନବ୍ବ କାରରେ, ଗୋବରପାଣି ପଡ଼ୁଥିବା ରାସ୍ତାରେ । ଉହ୍ନେଇ ଧରିଥିବା ଲୋକଟି ତୁଳସୀ ଗଛଟିଏ କାନ୍ଧରେ ଜାବୁଡ଼ି ଧରି ଖଣ୍ଡିଟିଏ ଝାଳୁଚି । କହିବା ବାହୁଲ୍ୟ, ଏମାନେ ସମସ୍ତେ ଭଡ଼ାଟିଆ ସୈନ୍ୟ । ପଇସା ଆଗ, ଆବେଗ ବା ଇମୋଶନ ପଛକଥା । ପଇସା ପକାଅ ଜୁଇ ଖୋଳିଦେବୁ, ପଇସା ପକାଅ, କାଠ ବୋହିବୁ କାଟିବୁ, ପଇସା ପକାଅ ଲୁହ ତୁଳସୀ ବି ପୋତିଦେବୁ । କିଏ ମଲା, କାହିଁକି ମଲା, କେତେ ବୟସ, କେତେ ଧନୀ, ସେ ସବୁ ଜାଣି ତାଙ୍କର ଲାଭ କଣ ? ଘଣ୍ଟ ଛୁଟିଲେ ମଡ଼ା । ଏଇ ମଡ଼ାହିଁ ଏକମାତ୍ର ସତ୍ୟ ।

Digitized by srujanika@gmail.com

ପ୍ରେମନନ୍ଦଙ୍କ ପଛକୁ ଶୁକ୍ଳ କେଶ ସହିତ ମେଳରଖି ଧଳା ଓଢ଼ଣୀଟି ଦେହରେ ଘୋଡ଼ାଇ ହୋଇ ଚାଲିଛନ୍ତି ଜଣେ ଷାଠିଏ ବା ତଦୂର୍ଦ୍ଧ୍ୱ ବୟସର ମୁରବୀ ଚେହେ-ରାର ଲୋକଟି । ଫୁଲ ସହିତ ନୂଆ ଟେକଟେକିଆ ପାଞ୍ଚଦଶ ପଇସି ବାସ୍ନ ବୁଣି ପିଚୁଗୁଡ଼ା ଧଳା କରି କରି ଚାଲିଛନ୍ତି ସେ; ଧୀରେ, ଅତି ଧୀରେ, ଯନ୍ତ୍ରଚାଳିତ ପରି । ଏକାନ୍ତ ଶୋକାର୍ତ୍ତ, ନିର୍ବାକ୍ । ଧୂମ୍ରର ସାହିର କଳା କଳା ଧୂମ୍ର ଛୁଆ ଓ ମଳିନ ପିଲ ପଇସା ଲୋଭରେ ହସଖୁସିରେ ଆମ୍ଭିଡ଼ା ଆମ୍ଭିଡ଼ି ଛଡ଼ାଛଡ଼ି ହୋଇ ଯେଉଁ ସାମଞ୍ଜସ୍ୟ ଓ ବୈପରୀତ୍ୟ ଯୁଗପତ୍ ସୃଷ୍ଟି କରୁଛନ୍ତି ତାହା ସେ ଲକ୍ଷ୍ୟ କରୁନାହାନ୍ତି । ତାଙ୍କ ଦୃଷ୍ଟି ପୁରାପୁରି ଅନ୍ତର୍ମୁଖୀ । ଆଶ୍ୱାସନା ଛଳରେ ତାଙ୍କୁ ଯଦି କେହି କେହି "ଆପଣ ଇମିତି ଭାଙ୍ଗି ପଡ଼ୁଛନ୍ତି କାହିଁକି ? ବୁଢ଼ା ଆଉ କେତେଦିନ ବଞ୍ଚିଥାନ୍ତେ ? ପାଚିଲା ପତର ଝଡ଼ି ପଡ଼ିଲା । ବେଶିଦିନ ବଞ୍ଚିଥିଲେ ନିଜେ ଭୋଗି ଥାନ୍ତେ, ପୁଅ ବୋହୂଙ୍କୁ ହଇରାଣ କରିଥାନ୍ତେ, ଆପଣ ଦୁଃଖ କଲେ ବୁଢ଼ାଙ୍କ ଆତ୍ମାର ସଦ୍‌ଗତି ହେବନି" ପ୍ରକୃତ ଦୁଃଖୀ ମୁହଁରୁ ଭାଷା ଫୁଟେ ନାହିଁ, ବକାବଲ ବୋକାଙ୍କ ପରି ଚାହିଁ ରହିଥାଏ । ଗ୍ରନ୍ଥି ଭିତରେ ଉଦ୍‌ବେଳ ନିଆଁ କୁହୁଳୁଥାଏ । କିନ୍ତୁ ସହାନୁ-ଭୂତିର କାଉଁଶ କାଠରେ ହୃଦୟ ତନ୍ତ୍ରୀକୁ ଛୁଇଁ ଦେଲେ କୋହର ନିଆଁ ଦପ୍ କରି ଜଳି ଉଠେ, ସେଇ ନିଆଁ ପୁଣି ପାଣି ହୋଇ ଆଖିରୁ ଝରଝର ଝରେ । ତାପରେ ଯାଇ ମୁହଁରୁ ଭାଷା ଫୁଟେ । ଶୋକ ବିଧୁର ବୃଦ୍ଧଟି ହୁଏତ ଉତ୍ତର ଛଳରେ କହିଥାନ୍ତେ, "ମୁଁ ସବୁ ବୁଝୁଛି, ଦେବତା ହୋଇଲେ ବି ମର୍ତ୍ତ୍ୟଲୋକେ ମରିବ । ତାଙ୍କର ବୟସ ହୋଇଯାଇଥିଲା । ସେ ଥିଲେ ଅଥର୍ବ, ଅକର୍ମା, ମୋଟ କଥାରେ ଆପାତଦୃଷ୍ଟିରେ ଇତରଜନ ପକ୍ଷରେ ହୁଏତ ତାଙ୍କ ମୂଲ୍ୟହୀନ; କିନ୍ତୁ ମୋ ପକ୍ଷରେ ତାଙ୍କ ଜୀବନ ମହା ମୂଲ୍ୟବାନ । ମୋ ଆଖିରେ ସେ ଦେବତା । ଖଟୁଲିର କାଠପଥର ପରି ବସିଥାନ୍ତି । ଉତ୍ତିଷ୍ଠ କହିଲେ ଉଠନ୍ତି, ତିଷ୍ଠ କହିଲେ ବସନ୍ତି, ଶୟନଂ କୁରୁ କହିଲେ ଶୁଅନ୍ତି । ଠିକ୍ ଗୋବିନ୍ଦଙ୍କ ପରି କିଛି ଦେଖନ୍ତିନି, ଶୁଣନ୍ତିନି, କହନ୍ତିନି କିନ୍ତୁ ବଡ଼ପୁଅର କେତେ ଦମ୍ଭ । ମାଆ ବାପା କୋଳରେ, ଚଢ଼େଇ ପେଟତଳେ କେତେ ନିଦକ ନିର୍ଭୟ ମଣିଷ ପଲଟି, ପକ୍ଷୀ ଶାବକଟି । ପରିବାରର ମଥିଖୁଣ୍ଟ ଗଡ଼ିପଡ଼ିଲା" ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୁଅନ୍ତା । ବୃଦ୍ଧଟି ମୁହଁରୁ ଖୁବ୍ ଅସ୍ପଷ୍ଟ ଗଳାରେ କେତେବେଳେ କେମିତି ଆପେ ଆପେ 'ହରି' 'ଭଗବାନ' 'ବାପା' ବାପା ପରି ଗୋଟିକିଆ ଶବ୍ଦ ଆସୁଛି ।

ତାଙ୍କ ପଛକୁ ମହାପଥର ଯାତ୍ରୀଟି । ଛଖଣ୍ଡି ବାଉଁଶର କୋକେଇରେ ଉପରକୁ ମୁହଁ କରି ସୂର୍ଯ୍ୟ ଆଡ଼କୁ ଚାହିଁ ଚିର ନିଦ୍ରାରେ ଶୋଇ ଯାଇଛନ୍ତି । ଶତାବ୍ଦୀର ଚନ୍ଦନ ଚର୍ଚ୍ଚିତ କପାଳ; ଶାନ୍ତଶିଷ୍ଟ ଘୁମନ୍ତ ଶିଶୁଟିର ବଦନମଣ୍ଡଳ । ଶୋଭାଯାତ୍ରାର

Digitized by srujanika@gmail.com

ଦୁଃଖସୁଖ ଆନନ୍ଦ କୋଳାହଳର ଊର୍ଦ୍ଧ୍ୱରେ ଯେ ରହିଛନ୍ତି ଚାରିଜଣଙ୍କ ସ୍କନ୍ଧ ପ୍ରଦେଶରେ । ସୂର୍ଯ୍ୟ କିରଣରେ ତାର ଲଲ ପ୍ରଦେଶ ଉଦ୍ଦୀପ୍ତ, ଏପରିକି ଜୀବନ୍ତ । ମୁଣ୍ଡଟି ତକିଆରେ ଏପଟ ସେପଟ ହେଉଥିଲା ବେଳେ କେତେବେଳେ ଦିଶୁଛନ୍ତି ମାହାତ୍ମା ପରି, ଆଉ କେତେବେଳେ ମୁକ୍ତାତ୍ମା ପରି, ପୁଣି କେତେବେଳେ କୁଳବୃଦ୍ଧ ପରି ।

ଭାଗ୍ୟବାନ ବୁଢ଼ାଟି । ଯଥେଷ୍ଟ ସଂଖ୍ୟାରେ ପୁତ୍ର ସନ୍ତାନର ଜନକ ଥିବାରୁ ସିନା ସେମାନଙ୍କ କାନ୍ଧରେ ଚଢ଼ି, ଦୁର୍ଯ୍ୟୋଧନ ଲକ୍ଷ୍ମଣକୁମାର ଶବ ଉପରେ ରକ୍ତ ନଦୀ ପାରି ହେଲାପରି ସେ ଯାଉଛନ୍ତି । ନହେଲେ ସେ ତପ୍ତ ବୈତରଣୀ ପାରି ହୁଅନ୍ତେ କଣ, ଘୋଷଡ଼ା ହୋଇ ଫୋପଡ଼ା ହୋଇଥାନ୍ତେ; ଅସଂସ୍କୃତ, ଅସତ୍କୃତ ଅବସ୍ଥାରେ ତାଙ୍କ ଆତ୍ମା ଗଛଲତାରେ ପ୍ରେତ ହୋଇ ଓଲଟା ଝୁଲୁଥାନ୍ତା । ଶବ ବାହକ ଚାରିଜଣ ନିଶ୍ଚିନ୍ତ ରୂପେ ବୁଢ଼ାଙ୍କ ପୁତ୍ର ସନ୍ତାନ । ମୃତ ଅଗ୍ରଗାମୀ ବୃଦ୍ଧଙ୍କ ଚେହେରା ସହିତ ଗୋଟି ସମାନ ଇଟ ଗୁଡ଼ିକର ମେଳ ଥିଲାପରି, ସେମାନେ ପାଦକୁ ପାଦ ମେଳ ରଖି ଧ୍ୟାନୀ ଋଷି ଭାଇ ଭାଇ ପରି ଚାଲିଛନ୍ତି, ଅଗ୍ରଜ ଯୁଧିଷ୍ଠିର ଉପରେ ସବୁ ଦାୟିତ୍ୱ (ବଡ଼ଭାଇ ଜ୍ୟେଷ୍ଠାଂଶ ନେବ କାହିଁକି ଯଦି ବାପାଙ୍କୁ ମୁଖାଗ୍ନି ଦେବ, ଶୌରକ୍ଷୌର ନ ପାଳିବ, ଶ୍ରାଦ୍ଧକ୍ରିୟା ନ କରିବ ?) ଲଦିଦେଇ ସେମାନେ ଟିକିଏ ଲଘୁମନା ଥିଲାପରି ଜଣାଯାଉଛନ୍ତି । ସେମାନେ ତାଳଦେଇ ଧୀରେ ଧୀରେ ଲମ୍ବାଇ ଲମ୍ବାଇ ଏକ ତାନରେ କହୁଛନ୍ତି । "ରାମ ନାମ ସତ୍ୟ ହେ ।" ପ୍ରଥମଥର ପାଇଁ ଜୀବନରେ ଏ ପଦକ ଉଚ୍ଚାରଣ କରୁଥିବାରୁ ସେମାନଙ୍କୁ କେମିତି ଅଡ଼ୁଆ ଲାଗୁଛି । ବିରାଟ ବିରାଟ ଅଥଚ କେଡ଼େ ସରଳ ସତ୍ୟଟାକୁ ଉପଲବ୍ଧି କରିବାକୁ ମଣିଷକୁ ଏତେ ଡେରି ଲାଗେ କାହିଁକି ?

କୋକେଇର ଠିକ୍ ପଛକୁ ଶୋକ ସନ୍ତପ୍ତ ସମ୍ପର୍କିତ ଭ୍ରାତା, ଭ୍ରାତୃଷ୍ପୁତ୍ର ଆତ୍ମୀୟ, ଜାମାତାବର୍ଗ ଚାଲିଛନ୍ତି । କିଏ ସ୍ୱଳ୍ପ ପରିହିତ, କିଏ ବା ଅନାବୃତ, କିଏ କିଏ ମୁଣ୍ଡ ଉପରେ ଗାମୁଛା ବା ତଉଲିଆ ପକାଇଛନ୍ତି, ମୁହଁଟିମାନ ଦିଶୁନାହିଁ; କୁଳବୃଦ୍ଧଙ୍କ ମହାପ୍ରସ୍ଥାନରେ ସେମାନେ ବ ଦୁଣା ଅଧିକେ ମ୍ରିୟମାଣ । ପୂର୍ବସୂରୀ ସହିତ ଯଥା ସମ୍ଭବ ତାଳ ଦେଇ ଚାଲିଛନ୍ତି, ଗାଉଛନ୍ତି କେତେବେଳେ ଗୀତାରୁ କେତେବେଳେ ଭାଗବତରୁ "ନ ହନ୍ୟତେ ହନ୍ୟମାନେ ଶରୀରେ," ଅଚ୍ଛେଦ୍ୟୋଽୟଂ ଅଦାହ୍ୟୋଽୟଂ, ବାସାଂସି ଜୀର୍ଣ୍ଣାନି, କରି କରାଉଥାଏ ମୁହିଁ, ଜୀବର ଭଲମନ୍ଦ ବାଣୀ । କେତେବେଳେ ମନେ ପଡ଼ୁନି, କେତେବେଳେ ଉଚ୍ଚାରଣ ହେଉନି, କେତେବେଳେ ବ୍ୟାକରଣ ଶୁଦ୍ଧ ହେଉନି, ଆତ୍ମାର ସଦଗତି କାମନା କରି ମଝିରେ ମଝିରେ ହରିବୋଲ, ହରି-ଇ-ଇ ବୋଲ ଧ୍ୱନି ଦେଉଛନ୍ତି ।

Digitized by srujanika@gmail.com

ଅବମିଶ୍ରିତ କ୍ଷେତ୍ରରୁ ଧାନଗଛ ମରିଗଲେ ଯିମିତି ଖାଲି ବାଲୁଙ୍ଗା ଜନ୍ମେ, ଶାଳଗଛର ଜଙ୍ଗଲ ନଷ୍ଟ ହୋଇଗଲେ ଯିମିତି ଧଅ, ଅସନ, କେନ୍ଦୁ, ଗରି, କସି ଆଦିର ମିଶାମିଶି ଜଙ୍ଗଲର ଉଦ୍ଭବ ହୁଏ, ପରବର୍ତ୍ତୀ ଦଳଟି ସେଇ କିସମର । ମୋଟା ମୋଟା ପେଟା, ପେଟା ବଙ୍କାଟଙ୍କା, ଅନାବନା ଲୋକଗୁଡ଼ାକ । ଅଧିକାଂଶ ବ୍ୟବସାୟ ବାଣିଜ୍ୟରେ ଦୋକାନ ବଜାରରେ ଦିନଯାକ କଟାନ୍ତି । ଚୁଡ଼ା ଥିଲେ ସେମାନଙ୍କ ପକ୍ଷରେ ଏକ ଜାତୀୟକୃତ ବେଙ୍କ । ସେମାନଙ୍କ ବେଦମନ୍ତ୍ର ଶୁଭଲାଭ । ତାଙ୍କ ମତରେ ଲଭଟାହିଁ ଶୁଭ ରୂପେ ଯୁଗେ ଯୁଗେ ଭାରତୀୟ ସଂସ୍କୃତିର ପରମ୍ପରା । ଚୁଡ଼ା ମରିବାରେ ସେତେ ଦୁଃଖ ନାହିଁ . 'ଶୁଭ ଲଭ'ର ବ୍ୟତିକ୍ରମରେ ତାଠୁଁ ବଳି ଦୁଃଖ । ଲଭ ଗୁଡ଼ ନିମ୍ନଡ଼ିରେ ଯାଉଛି । 'ସୁରଣିକା ଚାନ୍ଦା ଦିଅ' 'ପାର୍ଟିକୁ ଚାନ୍ଦା ଦିଅ' 'ଜୟନ୍ତୀକି ଚାନ୍ଦାଦିଅ' ପୂଜା ଚାନ୍ଦା, ସ୍କୁଲ କଲେଜ ଚାନ୍ଦା, ଯାତ୍ରା ଥିଏଟର ଚାନ୍ଦା, ସେଲ ଟ୍ୟାକ୍ସ, ଇନ୍‌କମ ଟେକ୍ସ ଏଇସବୁ ବିଷୟରେ ସେମାନଙ୍କ କଥାବାର୍ତ୍ତା ସମସ୍ତଙ୍କ ପୋଷାକ ଏକରକମର । ଦିନେ ନା ଦିନେ ମହାତ୍ମାଙ୍କ ଶବ ଶୋଭାଯାତ୍ରାରେ ଲୋକ ଦେଖାଣିଆ ଯିବାକୁ ହେବ । ତେଣୁ ଖଦିରେ ଦିହର ଚମଡ଼ା ବେରଙ୍ଗ ହୋଇପାରେ ବୋଲି ସତର୍କ ରହି ଉପଯୁକ୍ତ ପୋଷାକ ପିନ୍ଧି ଚାଲିଛନ୍ତି । ମୃତ୍ୟୁରେ ସେମାନଙ୍କର ବିଶ୍ୱାସ ନାହିଁ, ଟଙ୍କା ପଇସାର ଅଭାବ ହେଲେ, ବ୍ୟବସାୟ ମାନ୍ଦା ହେଲେ, ମୃତ୍ୟୁ ଆସିଲା ବୋଲି ଏବଂ ପୋଲିସ ପଛେଇଲେ ଯମ ଆସିଲା ବୋଲି ସେମାନେ ଭାବନ୍ତି । ମେଣ୍ଟବାନ୍ଧି ଚାଲିବାରେ (ଶବ ପଛରେ ହେଲେ ବି ଆନନ୍ଦ ଗପରେ ପାନଖାଇ, ଛାତି ଫୁଲାଇ ଚାଲିଛନ୍ତି, ଫେଶନ ବେଳକୁ ନିଶ୍ଚୟ ଯୋର ଶୋକ ହେବ, ଏଇ ଆଶାରେ ।

ଏମାନଙ୍କ ମଧ୍ୟରୁ ଅନେକ ନାଆଁ ନାହିଁ ଗୋତ୍ର ନାହିଁ, ବୃଦ୍ଧ ସନ୍ତତି ତାଙ୍କର କଣ ସମ୍ପର୍କ, ସେମାନେ କହିପାରିବେ ନାହିଁ । ପୌଷ କଣ, ନାଥ କଣ ଜାଣନ୍ତି ନାହିଁ । ସେମାନେ ସ୍ୱୟମ୍ଭୂ ବୋଲି ନିଜକୁ ଭାବନ୍ତି । ନ ତାତୋ ନ ମାତା । ବିଚିତ୍ର ରୂପ ବିଚିତ୍ର ବେଶଭୂଷା, ବିଚିତ୍ର ଜୀବନ ଦର୍ଶନ ସେମାନଙ୍କର । ଅଗଷ୍ଟ ୧୯୪୭ ପରେ ଏମାନଙ୍କ ଜନ୍ମ । ସ୍ୱାଧୀନତା କେବଳ ଚାଖିନାହାନ୍ତି, ପିଇ ପିଇ ବଢ଼ିଛନ୍ତି । ଏମାନେ ପ୍ରଥମ ପୁରୁଷ ବା ଦ୍ୱିତୀୟ ପୁରୁଷ ନୁହନ୍ତି, ତୃତୀୟ ପୁରୁଷ । ଏମାନଙ୍କ ବ୍ୟାକରଣରେ ଅତୀତ ନାହିଁ, ଭବିଷ୍ୟତ ନାହିଁ ଅଛି କେବଳ ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳ । ଏମାନେ କେବଳ ମୁଡ୍ ଉପରେ ବିଶ୍ୱାସ କରନ୍ତି ଓ ସବୁବେଳେ 'ମୁଡ୍' ଉପରେ ଥାନ୍ତି । ସେମାନଙ୍କ ମତରେ ଏଇ ମୁଡ୍ ହିଁ ପ୍ରଗତିର ଲକ୍ଷଣ । ମାନବ ଜୀବନର ସାଫଲ୍ୟ ଏଇ ମୁଡ଼ର ସଂଖ୍ୟା ଓ ପରିମାଣର ସମଷ୍ଟି ଦ୍ୱାରା ହିଁ ମପା ଯାଇପାରେ । ତାଙ୍କ ମତରେ ଆତ୍ମାର ସଦଗତି ମଧ୍ୟ ନିର୍ଭର କରେ

Digitized by srujanika@gmail.com

ଏଇ 'ମୁଣ୍ଡ' ମାନଙ୍କ ଉପରେ । ମୂର୍ଖାମି ଏପରିକି ମୂର୍ଦ୍ଧାଗିରୁ ମଧ୍ୟ ଏମାନେ ସେଥିପାଇଁ ମଜା ପାଆନ୍ତି । ଏଣୁ ଶୋଭାଯାତ୍ରାରେ ସେମାନଙ୍କୁ କେହି ଲୋଡ଼ିନାହିଁ, ଆପେ ଆପେ ଆସିଛନ୍ତି ଏକ ମହତ ଅଭିପ୍ରାୟ ନେଇ । ମୁଖ୍ୟପୁରୁଷଙ୍କୁ ବଡ଼ ଦେଖେଇ ନାଗର ସବୁଠ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ପାଇଁ । ସେମାନେ ନାଗରୀମାନଙ୍କୁ ମଧ୍ୟ ଶୋଭାଯାତ୍ରାରେ ଆଣିବାର ବ୍ୟବସ୍ଥା କରୁଥିଲେ ମାତ୍ର, ବୃଦ୍ଧମାନଙ୍କ ଘୋର ବିରୋଧ ଫଳରେ ତାହା ସମ୍ଭବ ହୋଇନାହିଁ । ନାଗ-ନାଗୁଣୀ (ଭାଇ, ଭଉଣୀ) ଯୋଡ଼ାଯୋଡ଼ି ହୋଇ ବଡ଼ ଦାପ ଦେଖାଇଥିଲେ ପ୍ରଥମ ପୁରୁଷଙ୍କ ସଦ୍‌ଗତି ସାବଲୀଳ ହୋଇଥାନ୍ତା । ଏମାନଙ୍କର (କି ପୁରୁଷ କି ସ୍ତ୍ରୀ) ସବୁ କଡ଼ା ଚଳ ଲୋଡ଼ା । କଡ଼ା ଜରଦାଦିଆ ପାନ, କଡ଼ା ଇସ୍ତ୍ରୀ କରା ପୋଷାକ, କଡ଼ା ସପ୍‌ମିଉଜିକ, କଡ଼ା ଗନ୍ଧଦିଆ ସିଗାରେଟ, ଧୂମ୍ରସମଷ୍ଟି ଏପରିକି ଗୋଖରସାପର ବିଷଦିଆ ମୋଦକ, ଏମିତିକି ମୁଣ୍ଡରେ ପିଠିରେ ବେକରେ ମେସାଜିଂ ସେଲୁନର କାରିକଦିଆ ମାଡ଼ । ମୁଣ୍ଡ ଭିତରଟାରୁ ଛେଚିକୁଟା ପିଟାପିଟି ନକଲେ ବ୍ରେନ ଠିକ୍ ଫଙ୍କସନ କରୁନି ଏ ବୁଢ଼ାଙ୍କ ଅମଳରେ, ରାଜତ୍ୱରେ ।

କଡ଼ା ଗଳାରେ ଦଳର 'ଦାଦା' ଜଣକ କହିଲେ, ଏମିତି ଶୋଭାଯାତ୍ରାରେ ଗଲେ ଆମ୍ଭର ସଦ୍‌ଗତି ବିଲକୁଲ ହେବନି, ଧୁମୁସା, ମାଦଳ, ବେଣ୍ଡପାର୍ଟି ଯାହା ହେଉ ବ୍ୟବସ୍ଥା କର । ଚୁପ୍‌ଚାପ୍ ହୋଇ ଡିନ କଲୋମିଟର ବାଟ ଆମେ ଯାଇ ପାରିବାନି । ବୁଢ଼ାଙ୍କୁ ସ୍ୱର୍ଗକୁ ପଠାଇବା ପାଇଁ ।''

ଅନେକ ସମସ୍ୱରରେ ଚିତ୍କାର କଲେ, ଘୋର ତାଳି ଦେଇ ଠିକ୍ କହିଛୁ ଭାଇ ।

ଶୋଭାଯାତ୍ରା ଆଉ ଆଗକୁ ଯାଇପାରିଲା ନାହିଁ । ପ୍ରଗତି ବନ୍ଦ ହେଲା, ଜଣେ କିଏ ପାଖ ହରିଜନପାଡ଼ା ଭିତରେ ଅନ୍ତର୍ଦ୍ଧାନ ହୋଇଗଲା ଏବଂ ପାଞ୍ଚମିନଟ ଭିତରେ ଫେରି କହିଲା, ଏଠି ଧୁମୁସା ମାଦଳ କିଛିନାହିଁ, ଅଛି ଝାଞ୍ଜ, ମୃଦଙ୍ଗ, କଂସାଳ । ସେଗୁଡ଼ିକ ବି ବନ୍ଧା ପଡ଼ିଛି । ଖରାଦିନରେ ସିନା କାମଦାମ ସାରି ଦଣ୍ଡେ ସନ୍ଧ୍ୟାବେଳେ ସଂକୀର୍ତ୍ତନ ନାଟକୀର୍ତ୍ତନ କରୁଥିଲେ, ଏବେ ଅଭାବରେ ଆଉ ହରିନାମ କରୁନାହାନ୍ତି । ପଇସା ଦେଲେ ଯାଇ ବାଦ୍ୟଯନ୍ତ୍ର ସବୁ ମୁକୁଳାଇ ଆଣିବେ ମହାଜନପାଖରୁ । ସେଇଆ ହେଲା, କର୍ମକର୍ତ୍ତାଙ୍କଠାରୁ ଟଙ୍କା ଆସିଲା ଏବଂ ଅଳ୍ପ କେତେ ମିନଟ ପରେ ତାଳମାନ ବିହୀନ ବେସୁରା କର୍ଣ୍ଣକଟୁ ହେଲେ ବି ବାଜି ଉଠିଲା ଝାଞ୍ଜ ମୃଦଙ୍ଗ । ଏତେ ଜୋର ଯେ ଖୋଳର ଚମଡ଼ା ସମ୍ଭାଳିଲେ ହେଲା ।

ଜଣେ ଯେମିତି ଆରମ୍ଭ କରିଛି ହରେକୃଷ୍ଣ ହରେରାମ ନିତାଇ ଗଉର— ଆଉ ଜଣେ ତା ମୁହଁ ବନ୍ଦକରି ଦେଇ କହିଲା । ଯାବେ ଶଳା ! ବଙ୍ଗାଳୀ କୀର୍ତ୍ତନ

Digitized by srujanika@gmail.com

ହେବନ ।" ଆଉ ଜଣେ ସଙ୍ଗେ ସଙ୍ଗେ ଗାଇଲା "ଈଶ୍ୱର ଆଲ୍ଲା ତେରେ ନାମ...' ତାକୁ ପୁଣି ଆଉ ଜଣେ ବନ୍ଦ କରିଦେଇ କହିଲା 'ଯାରେ ଶଳା ହିନ୍ଦୁ, ମୁସଲମାନ ଦଣ୍ଡକେ କଳି ହଣାକଟା ଲାଗି ଯାଉଛନ୍ତି, ଈଶ୍ୱର ଆଲ୍ଲା କେମିତି ଏକାଠି ରହିବେ ? ମାନୁଛୁ, ବୁଢ଼ାଏ କୀର୍ତ୍ତନଟି ଭଲ ପାଉଥିଲା, ହେଲେ ଜାତିଆଣ, ସାମ୍ପ୍ରଦାୟିକତା ସନ୍ଦେହର ବିରୋଧ କରିବ 'ଅଚ୍ଛା ଓଡ଼ିଶୀ କୀର୍ତ୍ତନ କଏ ଜାଣେ ? ଯା ଶଳା । ଓଡ଼ିଶୀ କୀର୍ତ୍ତନ, ବଙ୍ଗାଳୀ କୀର୍ତ୍ତନ, ଗୁଜୁରାଟି କୀର୍ତ୍ତନ, କେରଳୀ କୀର୍ତ୍ତନ କେତେ କୀର୍ତ୍ତନ ଅଛି ବେ ?

ଯୁବ ଦଳରେ ଗୋଟିଏ ପିଲା ଥିଲା ଯେ ଗୁଲୁଗୁଲୁ, ଚେପାମୁହାଁ, ଯାତ୍ରା ପାର୍ଟିର ହିରୋ ପାର୍ଟ କରୁଥିବା ପିଲାଟି ପରି ଟିଶାର୍ଟ ଓ ପେଣ୍ଟ, ନିଶନାହିଁ, ନାରୀର ଚୁଟି ପରି ଚୁଟି, ବେଣୀ କରିହେବ । 'ଦାଦାଗିରି କରୁଥିବା ଦଳପତି ତା ଆଡ଼କୁ ଚାହିଁ ଯେମିତି ଠାରି ଦେଉଛି, ସେମିତି ସେ ଗୋଡ଼ ଫରକଟା କରି ପିଙ୍ଗଳ ଚକ୍ଷୁ ଭଙ୍ଗୀ ସହିତ ଜିନସ୍ ଅମନ ଠାଣିରେ ନାଚ ଆରମ୍ଭ କରିଦେଲା 'ହରେକୃଷ୍ଣ ହରେରାମ' ଫିଲ୍ମ ସଙ୍ଗୀତ ଅନୁକରଣରେ କୀର୍ତ୍ତନଟି । ଦଳଟିଯାକ ଏତେ ସମସ୍ତ ଯାକେ ଏଇଟିକି ସିମିତି ଖୋଜୁଥିଲେ । ଫିଲ୍ମ ଦୃଶ୍ୟଟି ଦୋହଲିମାନ ଭଙ୍ଗୀରେ ମହାକୋଳାହଳରେ ପିଚୁ ରାସ୍ତାରେ ଦନ ଦପଦରରେ ଅଭିନୀତ ହେଲା । ଅହୋ ରୂପମ୍ ମହୋ ଧ୍ୱନି ।

ଶୋଭାଯାତ୍ରାର ପୃଷ୍ଠଦେଶରେ ଲାଞ୍ଜ ହଲାଇ ହଲାଇ ମୁର୍ଦ୍ଧାର ଗନ୍ଧ ବାରି ଚାଲିଥିଲା ଚୁଗ୍‌ଣ କୁକୁରଟିଏ ଅବିକଳ ଯେମିତି ବିଷୁବ ସାରଳା ଏକାଡେମୀ ଅବା ଜ୍ଞାନପୀଠ ପୁରସ୍କାର ଆଶାରେ ମନ୍ଦ ଦୁଃସ୍ଥ କଳାକାରଟିଏ, ପୃଷ୍ଠପୋଷକ ଏବଂ ବିବେଚକ ମାନଙ୍କ ପଛରେ ଚାଲିଥାଏ ଯଶୋଗାଥାଗାଇ ଗାଇ ।

ଚାହୁଁ ଚାହୁଁ ଦୁର୍ଗତିପନ୍ଥୀ ଦଳଟି ଧାଁ ଦଉଡ଼ କରି ବୁଢ଼ା ଦଳକୁ ଠେଲି ପେଲି ଶୋଭାଯାତ୍ରାର ପ୍ରଥମ ସ୍ଥାନ ଦଖଲ କରିନେଲେ । ହରି, ଭଗବାନ, ବାପା, ମା, ଗୀତା ଭାଗବତ ଯାହା କାହା କାହା ମୁହଁରୁ ବାହାରୁଥିଲା ସବୁ ବନ୍ଦ । କେବଳ ବିକଟ ନୃତ୍ୟ, ବିକଟ ସ୍ୱର; ବିଶୃଙ୍ଖଳତାର, ରାଜତ୍ୱ ମଝିରେ ମଝିରେ ତୃଷ୍ଣା ନିବାରଣ ନାଆଁରେ ବୋତଲ ବୋତଲ ଶୁଦ୍ଧ ସଞ୍ଜୀବନୀ ବା ମୃତସଞ୍ଜୀବନୀ ସୁରା ପଡ଼ୁଥିବାରୁ ଶୋଭାଯାତ୍ରାର ପ୍ରଗତି ସହିତ ଆମ୍ଭର ସଦ୍‌ଗତି ମଧ୍ୟ ପାଖେଇ ଆସୁଥିଲା । ମଶାଣିରେ ପହଞ୍ଚିବା ପୂର୍ବରୁ କିଛି ଏଲ୍. ଏସ୍. ଡି ସେବନ ପରେ ପରେ ପିଲାଟାର ମୁଣ୍ଡପୁର ବ୍ୟଥା ଭାବ ଆସିଗଲା ଏବଂ ଜଣକୁ ଜଣ ନୃତ୍ୟକାରକୁ ନାସ୍ତି-ଭ୍ରମରେ କୁଣ୍ଢାଇବାକୁ ଲାଗିଲେ । ସେମାନଙ୍କର ମାମୁଲମୁଡ଼୍ ରହିଲା । ଯୁଗଯନ୍ତ୍ରଣା

Digitized by srujanika@gmail.com

ଜୀବନ ଯନ୍ତ୍ରଣା ବୈଫଲ୍ୟ ନୈରାଶ୍ୟ ଅବା ଅନ୍ତର୍ଦ୍ଧାନ ହୋଇ ସେଇ ଗୋଟିଏ ମୁହୂର୍ତ୍ତର ପରିପ୍ରକାଶ ହେବାକୁ ଲାଗିଲା । ହରେକୃଷ୍ଣ ହରେରାମଧ୍ବନି ସେମାନେ ସ୍ଥିରକଲେ 'ଯିବ୍ତ କାବ୍ବ ମୋକ୍ଷୀ ହେ' ଆଡ଼କୁ । କ୍ଷଣକରେ ପଦ୍ମଭୂଷଣବେଲକୁ ପ୍ରତ୍ୟେକେ ସେଇ ଗୋଟିଏ ମୁହୂର୍ତ୍ତରେ ଅବତାର ବନି ଯାଇଛନ୍ତି । ମରିଗଲେ ପିଲ ବୋଲି ଶପ୍ଥି ହେଉ ନଥାଏ ।

ଜୁଇ ପ୍ରସ୍ତୁତ ହେଲା, ମହାତ୍ମା, ପୂଣ୍ୟାତ୍ମା କୁଳବୃଦ୍ଧଙ୍କ ଶେଷଦର୍ଶନ ପାଇଁ ଲୋକପ୍ରବାହ ସନ୍ଧ୍ୟାକାଳ ସଭାକୁ ସଭାନବେ ଯତ୍ନେଶ୍ୱର) ଘେରିଗଲେ । ବହିଥିବା ବେଳର କୁଳବୃଦ୍ଧଙ୍କ ହସ ହସ ମୂର୍ତ୍ତି ଅଧିକ ସରସ ଦିଶୁଥାଏ । ସଦ୍‌ଗତି ପାଇଁ ମିନିଟେ ନୀରବ ପ୍ରାର୍ଥନା ଚାଲି ଥିବାବେଳେ ସଂକୀର୍ତ୍ତନ ଦଳ ସେଇ ଗୋଟିଏ ଧାଡ଼ି ଧରି ଉନ୍ମତ୍ତ ପ୍ରେତ ନୃତ୍ୟ ସହିତ ଗାଇ ଚାଲିଥାନ୍ତି । ଦାଦା ଜଣକ ହଠାତ୍ ବୁଢ଼ାଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ ମାକବେଥ ନାଟକରୁ ଇଂରାଜୀରେ କହିଲେ Aften lifes fretful fever ବୁଢ଼ା sleeps well । ରାଧା ଭ୍ରାନ୍ତି ଭ ପିଲ୍ଟା ହସି ହସି କହିଲା ବୁଢ଼ା ହସୁଛନ୍ତି, ତାଙ୍କର ସଦ୍‌ଗତି ହେଲା ଏଇ ଦେଖ । ତା କଥାରେ ତାଳ-ଦେଇଥିବା ଜଣେ କହିଲା 'ଲୋ ବୁଢ଼ାକୁ ଅଲବତ ଆରପାରିକୁ ଭଲକରି ପଠାଇବାକୁ ହେବ, ନ ହେଲେ ତାର ଭୂତ ଆମକୁ ଖାଇବ ।

ଲେଲିହାନ ଅଗ୍ନିଶିଖା ବୁଢ଼ାଙ୍କ ଦଗ୍ଧ କାଷ୍ଠପରି କଲା ବେଳକୁ 'ସବୁବରବାକୋ' ଦଳଟା ପୂର୍ବ ମୁହୂର୍ତ୍ତରେ ଚୈତନ୍ୟ ହରାଇ 'ଚେତନ ଅଚେତନ' ସମାନ ପରି ହୋଇଥାନ୍ତି ।

ହଠାତ୍ କଣ ହେଲା କେଜାଣି – ହୁଏତ ଜୁଇର ବଡ଼କାଠ ଗଣ୍ଡିଟା ଜଳି ଜଳି ସ୍ଥାନଚ୍ୟୁତ ହେଲା, ହୁଏତ ମୂର୍ଦ୍ଧାରର ଗୋଡ଼ ଦୁଇଟାର ହାଡ଼ ହଠାତ୍ ନିଆଁ ତାପରେ ସଙ୍କୋଚ ହୋଇଗଲା । ହୁଏତ ମୁହୂର୍ତ୍ତରେ ଥିଲେ ଯୁବକମାନଙ୍କ ଏମିତି ଦିଶେ କୁଳବୃଦ୍ଧଙ୍କ ଶବ ନଭସ୍ପର୍ଶୀ ଅଗ୍ନିଶିଖାରେ ଛିଡ଼ା ହୋଇଗଲା । ଦାଦା, ଅଟ୍ଟହାସ୍ୟ କରି ସମସ୍ତଙ୍କୁ ଚମକାଇ କହିଲା, ଦେଖ ବୁଢ଼ା ହସୁଛି, ତାର ଆତ୍ମାର ସଦ୍‌ଗତି ହେଉଛି ଦେଖ, ଜୟ ମାହାତ୍ମା ଗାନ୍ଧିଙ୍କ ଜୟ ।"

ଶବସତ୍କାର ପରେ ନଦୀରେ ସ୍ନାନ କରି ଅଶ୍ୱତ୍ଥ ଗଛ କୁଣ୍ଢାଇ ଅନ୍ୟମାନେ ହରିନାମ ଜପି ଜପି ଘରକୁ ଫେରିଲେ । ସଂସ୍କାରକ ଓ ପ୍ରଗତିବାଦୀମାନେ କଲୁ ମଶାଣିରେ ପଡ଼ି କେବଳ ହଡ଼୍ ହଡ଼୍ କରି ମୁକ୍ତ ଗୁଡ଼ାକ ବାନ୍ତି କରୁଥାନ୍ତି ଏବଂ ମୂର୍ଦ୍ଧାର ପରି ଚେତାନନ୍ୟ ଅବସ୍ଥାରେ ନିଜ ନିଜର ସଦ୍‌ଗତି କାମନା କରୁଥାଆନ୍ତି ।

ଆଉ ସେହି କୁକୁରଟି ! ହାୟ ହାୟ ! ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ନାଗ ଧ୍ୱଜାନ ହିମାଳୟ ଦେଇ ଏକଦା ସ୍ୱର୍ଗପୁରକୁ ଯାଇଥିବା କଥା ଭୂଲି ଅଗ୍ନିଙ୍କ ଉଦ୍ଦେଶ୍ୟରେ ବହୁ ପୂର୍ବରୁ ଉତ୍ସର୍ଗୀକୃତ ଶବରୁ ପୁଲାଏ ପାଇବାରୁ ବଞ୍ଚିତ ହୋଇ ଘାସ ପତର ଉପରର ମୁକ୍ତଗୁଡ଼ାକ ଚାଟିଚାଟି କରୁଥିଲା । ●

Digitized by srujanika@gmail.com

# ଏକ ନୀଳ ସ୍ମୃତି : ଗୋଟିଏ କାଠ ଚମ୍ପାର



ଦିନେ ଘଡ଼ିଏ ବସି ବସି ଲେଖାଲେଖି କରୁଥାଏଁ । କୁଆଡ଼ୁ ଖଣ୍ଡେ ଆଲୁଅ ପରି ଘର ଭିତରକୁ ପଶିଆସି ମୁନୁ ଚେୟାରର ବାହୁ ଆଉ ମୋ ବାହାକୁ ଲେପି ହୋଇ ନେହୁରା ହୋଇ କହିଲା, "ବାପା ଆସ, ଦେଖିବ ।" ମୁଁ ତା ଆଡ଼କୁ ନ ଚାହିଁ ଲେଖି ଚାଲିଲି । ସେ ପ୍ରତି ବ୍ୟସ୍ତ ହୋଇ ପୁଣି ଟଣାଭିଡ଼ା କରି ଡାକିଲା । "ଆସନା, ଆସନା, ବାପା !" ପିଲାଟା କୁଆଡ଼େ ଘୁରିଫେରି କରୁଥାଏ, ହଠାତ୍ ଘରକୁ ପଶି ଆସେ, କରି ଟିକିଏ ପିଇ ଦେଇ ବା ପାଟିରେ ପକାଇ ପୁଣି ବାହାରି ଯାଏ ଯିମିତି ତାର କେତେ କାମ ସବୁଆଡ଼େ ପଡ଼ିଛି । ଖରାଦିନ; ମୁହଁଟି ନୀଳ କାଠ ଚମ୍ପାର ରଙ୍ଗ, ନାକରେ ବିନ୍ଦୁ ବିନ୍ଦୁ ଝାଳ, କଅଁଳା ଗୋଛପରି କେତୋଟି ଦୁଇକେଶ ଚୂଳ କପାଳରେ ଝୁଲୁଥାଏ ।

ମୁନୁର ଅଳିଅଳି ମୋତେ ଗଲା ଛଅ ବର୍ଷ ହେଲା ସମ୍ଭାଳିବାକୁ ପଡ଼ିଛି, ତା ମାଆ ଚାଲିଗଲା ଦିନରୁ । ଦେଢ଼ବର୍ଷର ହୋଇଥାଏ ମାଆ ଛେଉଣ୍ଡ ହେଲା । କାଳେ ତା ମାଆ କେଉଁଠି ଲୁଚି ଛପି ଦେଖୁଥିବ, ମୁଁ ତା ପୁଅର ଚିନ୍ତା ନେଉଛି କି ନାହିଁ, ସେଇଥିପାଇଁ ମୁଁ ପିଲାଟିର ଲାଳନ ପାଳନ, ସୁଖସୁବିଧା ପାଇଁ ଜୀବନ ଉତ୍ସର୍ଗ କରିଦେଇଛି । ତା ଛଡ଼ା ପିଲାଟା ଜିଦ୍‌ଖୋର୍, ଯେଉଁ କଥା ଧରିଥିବ ତାକୁ ଛାଡ଼ିବ ନାହିଁ । ତା ମୁହଁଟି ବିଶେଷତଃ ଆଖି ଯୋଡ଼ାକ ଅବିକଳ ତା ମାଆ ପରି । ଦଣ୍ଡେ ସେ କୁଆଡ଼େ ଚାଲିଗଲେ ମୋତେ ବାଉଳା ପରି ଲାଗେ ।

ପୁଣି ଯେମିତି ହାତ ଧରି "ଆସନା" କହିଲା ମୁଁ ବାହାରକୁ ଆସିଲି । ସେ ଧାଇଁ ଯାଇ ମୋ ଦୃଷ୍ଟିକୁ ଆକର୍ଷଣ କଲା ଅଗଣା ପାଚେରୀରେ ଦୁଇ କାନ୍ଥ କଣର ସେଇ ସ୍ଥାନକୁ ଯେଉଁଠି ଗୋଟିଏ କଳା ତୁଳସୀ ଗଛ କେଉଁ ଦିନରୁ ବାହାରି ଜଟା ମେଲିଛି । ନଇଁ ପଡ଼ି ଆଙ୍ଗୁଳିରେ ତୁଳସୀ ମୂଳରେ ଗୋଟିଏ ଗ୍ରେଟ ପଥରକୁ ଦେଖାଇ ସେ କହିଲା, "ହେଇ ଦେଖ ଠାକୁର । ତୁମେ ମହାଦେବ ପୂଜା କରୁଛ, ମୁଁ ବି କରିବି ।" ମୁଁ କହିବାକୁ ଯାଉଥିଲି; ମହାଦେବ ତୁଳସୀ ମୂଳରେ ରହନ୍ତିନି, ଚୁପ୍ ରହିଗଲି । ପାଖକୁ ଯାଇ ଦେଖିଲି ଯେଉଁ ଅଣ୍ଡାକାର ମସୃଣ

Digitized by srujanika@gmail.com

ପଥରଟାକୁ କାଗଜ ଚାପା ଦେବାପାଇଁ ଟେବୁଲରେ ଆଣି ରଖିଥିଲି, ତାକୁ ସେ ପୋଛିଛି ଏବଂ ଶୁଣଚଟ ସଫା ସୁତୁରା ଚନ୍ଦନ ଜଳ ସିନ୍ଦୂର ଆଣି ପଥରଟି ଉପରେ ଲଗାଇଛି । ଏ ପଥରଟି ବଳଙ୍ଗ ନଦୀର ଶଯ୍ୟାରୁ ସେ ପାଇଥିଲା, ଯେତେବେଳେ ଆମେ ବଣଭୋଜି କରିବାପାଇଁ ବଣକୋଟି ବୋଲି ଜାଗାକୁ ଯାଇଥିଲୁଁ । ସେଇଠି ପାଣି ପ୍ରତି ତାର ଆକର୍ଷଣ ଭୟର ପ୍ରଥମ ଜନ୍ମ । କାଳେ ମୋ ବାଡ଼ିପଟ ଗାଡ଼ିଆରେ ଅକସ୍ମାତ୍ ସେ ଖସି ବୁଡ଼ିଯିବ, ସେଥିପାଇଁ ତାକୁ ବଳଙ୍ଗ ନଦୀରେ ପହଁରା ଶିଖାଇଥିଲି । ସେଇ ଟ୍ରେନିଂ ଓ ଏକ୍ସପେରିମେଣ୍ଟରେ ସେ ବୁଡ଼ୁବୁଡ଼ୁ ହୋଇ ହେବାରୁ ରକ୍ଷା ପାଇଲା ସିନା, ପାଣିକି ଭୟ ରହିଗଲା । କ୍ରମେ ସେ ଭୟ ବଢ଼ିଲା ବରଂ କମିଲାନି । ଏମିତି ଭୟ ଯେ ଛୋଟ ନାଳଟିଏ ଜୀପ୍‌ରେ ଚଢ଼ି ପାରି ହେବାକୁ ନାରାଜ, ତାକୁ କାନ୍ଧରେ ବସାଇ ନେବାକୁ ପଡ଼େ । ମୋର ବି ଭୟ କାଳେ କେଉଁ ଦିନ ପାଣିରେ ବୁଡ଼ିଯିବ । ଏତେ ଯାକ କୂଅ, ପୋଖରୀ, ଗାଡ଼ିଆ, ନଈନାଳ । ହେଲେ କେତେ ନଜର ବା ରଖିବ ତା ଉପରେ ? ସେ କଣ ଛୋଟ ଶିଶୁ ହୋଇଛି ? ଦିନଯାକ ଏ ଘର ତା ଘର ହେଉଛି । ମା ଛେଉଣ୍ଡ ବୋଲି ସାଇ ପଡ଼ିଶା ତାକୁ ବହୁ ଆଦର ଯତ୍ନ କରନ୍ତି । ଖାଇବାକୁ ପିଇବାକୁ ଦିଅନ୍ତି । ଏଡ଼ିକି ଗୁଣ୍ଡେ ପିଲା ହିନ୍ଦୀ କହୁଛି, ବଙ୍ଗଳା କହୁଛି, କନ୍‌ଭେଣ୍ଟରେ ଇଂରାଜୀ ତ ପଢ଼ୁଛି । ସେ ଆଉ ମୋର ପିଲା ନୁହେଁ, ସାଇ ପଡ଼ିଶାଙ୍କ ପିଲା, ସାର୍ବଜନୀନ ଶିଶୁ ।

ମହାଦେବ ତୁଳସୀ ପିନ୍ଧନ୍ତି ନାହିଁ, ସିନ୍ଦୂର ନ ଘେନି ଚନ୍ଦନ ଘେନନ୍ତି, ଏ ସବୁ ପୂଜାବିଧି ଅଷ୍ଟ ଅବୁଝା ପିଲାକୁ କିଏ ଶିଖାଇବ ? ଚୁମ୍ବକରେ କହିଲି, “ବେଶ ବେଶ୍ ପୂଜା କର, ମହାଦେବ ତୋତେ ଭଲ ପାଇବେ, ଯାହା ମାଗିବୁ ଦେବେ ।” ସେ ଖୁବ୍ ଖୁସି ହେଲା, ମୁଁ ତା କାମର ତାରିଫ୍ କଲି ବୋଲି ।

ପାଞ୍ଚ ମିନିଟ୍ ପରେ ଧାଡ଼ିଏ ଲେଖିଛି କି ନାହିଁ ପୁଣି ସେ କୋଠରିକି ପଶିଆସି ଡାକିଲା, “ବାପା, ଆସ ଫୁଲ ଆଣିଦେବ, ମହାଦେବ ପୂଜା କରିବ ।”

ପୁଣି ଉଠିଲି, ପୁଣି ହାତ ଧରି ଟାଣି ଟାଣି ନେଲା । ଏଥର ବାଡ଼ି ପଛପଟ ଗାଡ଼ିଆ ଉପରକୁ । ମୁଁ ଫୁଲ ପାଇଁ ଚାରିଆଡ଼େ ଚାହିଁଲି । ନାହିଁ କୌଣସି ପ୍ରକାର ଫୁଲ ଗଛ ନାହିଁ; ଯାହା ଅନାବନା ବାଡ଼େ ଫୁଲ ବା ମିଳିଥାନ୍ତା, ଦିନ ନଅଟାରେ କେଉଁଠି ବା ମିଳିବ ? ଖରାଦିନ, ଗଛପତ୍ର ପୋଡ଼ି ଜଳି ଗଲାଣି । ଫୁଲ ଫୁଟିବ କୁଆଡ଼ୁ ? କହିଲି, “ଫୁଲ ଆଜି ମିଳିବ ନାହିଁ, ଆଜି ତ ଠାକୁର ବସାଇଲୁ, କାଲିଠୁ ପୂଜା କରିବୁ । ମୁଁ କେଉଁଠୁ ହେଉ ଖୋଜି ଭଲ ଫୁଲ ଗୁଚ୍ଛାଏ କାଲିକି ଆଣିଦେବି । ବର୍ତ୍ତମାନ ଫୁଲ କେଉଁଠି ମିଳିବ ନାହିଁ ।”

Digitized by srujanika@gmail.com

ସେ ମୋର ନାସ୍ତିସୂଚକ ଉତ୍ତର ପାଇଁ ପ୍ରସ୍ତୁତ ଥିଲା ଯିମିତ । ମୋତେ ହାତଧରି ଟାଣି ଟାଣି ନେଇ ଗଡ଼ଆର ଅପର ପାଖର ହୁଡ଼ାରେ ଥିବା ପଣସ, ଆମ୍ବ ଓ ନଡ଼ିଆ ଗଛର ଗୋଟାଏ ଫାଙ୍କ ଦେଇ ଅଙ୍ଗୁଳିରେ ଦେଖାଇ କହିଲା, "ଦେଖିପାରୁଛ, କାଳୀମନ୍ଦିର କଣରେ ସେଇ ଗଛର ଅଗକୁ ?" ମୁଁ ନଇଁପଡ଼ି ତାରି ସମାନରେ ମୋ ଆଖି ରଖି ଚାହିଁଲି । ସତେ ତ; ସେଠାଏ ଫୁଲ ଦିଶୁଛି । କାଠଚମ୍ପା, ନାଲି କାଠଚମ୍ପା ; ଠିକ୍ ମୋ ମୁନୁର ନାଲି ନାଲି ଫୁଲୁକା ଫୁଲୁକା ଗାଲର ରଙ୍ଗ ଚୋରିକରି ନେଇଯାଇଛି ଯେମିତ ।

ସାଙ୍ଗେ ସାଙ୍ଗେ ଅଳି । "ଚାଲ ବାପା, ଆଣିବା ଫୁଲ, ପୂଜା କରିବ ।" ଚାଲିଲି । ଗଛ ମୂଳରେ ପହଞ୍ଚି ଦେଖିଲି ସବା ଅଗରେ ଅଳ୍ପା ଗହଳର କେବଳ ସେଇ ଗୋଟିଏ ପେନ୍ଥା ; ଆମ୍ବପଣସ ଶାଗୁଆ ପତ୍ରର ପୃଷ୍ଠଭୂମିରେ ନାଲିନାଲି ଦିଶୁଛି । ଏତେ ଉଚ୍ଚକୁ କେହି ଚଢ଼ି ପାରି ନାହାନ୍ତି ବୋଧହୁଏ । ଚାରିପଟେ ଚାହିଁ ଲୁଗାରେ କଚ୍ଛା ଭିଡ଼ି କିଛି ଦୂର ଚଢ଼ିଲି; କିନ୍ତୁ ଫୁଲପେନ୍ଥା ଅନେକ ଦୂରରେ । କାଠ ଚମ୍ପାର ଠସରି ଡାଳ । ଭାଙ୍ଗିଲେ ଗୋଡ଼ ହାତ ଭାଙ୍ଗିଯିବ । ଆଉ ଚଢ଼ିଲି ନାହିଁ । ମୋର ଉତ୍ସାହ ଭାଙ୍ଗିଯିବାର ଦେଖି ମୁନୁ କିନ୍ତୁ ନିରାଶ ହେଲା ନାହିଁ । ସେ ସଙ୍ଗେ ସଙ୍ଗେ କହିଲା, "ବାପା, ନଗିଟାଏ ହେଲେ ଫୁଲକୁ ପାଇଯିବ । ଚାଲ ନଗି ଆଣିବା ।"

ତାରି କଥା ହେଲା । ଘରକୁ ଗଲି । ଯୋଡ଼ାଏ ମଶାରି ବାଉଁ ଯୋଡ଼ି ସୂତୁଲି ବାନ୍ଧି ନଗିଟିଏ କଲି ଏବଂ ପୁଣି ଫୁଲ ତୋଳା ବ୍ୟାପାରରେ ହାତ ଦେଲି । ଦେଖିଲି, ଗୋଟାଏ ଯୋଡ଼ାଏ ଫୁଲ ପେନ୍ଥାରୁ ଆସି ହବନି; ଟିକିଏ ପିଟାପିଟି କଲେ ଡାଳ ଭାଙ୍ଗିଯିବ । ଏତେ ସୁନ୍ଦର ପେନ୍ଥାଟାକୁ, ଗଛର ସର୍ବସ୍ୱକୁ, ନଷ୍ଟ ନ କରିବାର ଇଚ୍ଛା ମୋର ଫଳବତୀ ହେଲାନି । ଟୁକ୍କରି ପେନ୍ଥା ସହିତ ହାତେ ଲମ୍ବା ଡାଳଟାଏ ଭାଙ୍ଗି ତଳେ ପଡ଼ିଗଲା ।

ମୁଁ ଗଛରୁ ଓହ୍ଲାଇ ଦେଖେଁ ମୁନୁ ଡାଳ ଫୁଲ ଧରି ଘର ପାଖରେ ପହଞ୍ଚିଲାଣି । ମୁଁ ଅଗଣାରେ ପହଞ୍ଚି ମହାଦେବଙ୍କ ପୀଠକୁ ଚାହିଁଲାବେଳକୁ ଶିବ ନାଲି କାଠଚମ୍ପାର ଆବରଣ ଭିତରେ । ଫୁଲପେନ୍ଥା ନ ଥିବା ନଣ୍ଡା ଡାଳକୁ ଧରି ମୁନୁ କହିଲା, "ବାପା ! ଏ ଡାଳଟା କାନ୍ଦୁଛି, ଧଳା ଲୁହ ବାହାରୁଛି" ଦଣ୍ଡେ ରହି ପଚାରିଲା, "ବାପା, ଏ ଡାଳଟାକୁ ଲଗାଇଲେ ବଢ଼ିବ ?" ମୁଁ ଯେମିତ 'ହଁ' କହିଛି ସେ ଚୁଲି ପାଖରେ ପଡ଼ିଥିବା ହାତେ ଲମ୍ବା ଲୁହା ରଡ଼ଟାକୁ ଧରି ଗାତ ଖୋଳିବାରେ ଲାଗିପଡ଼ିଲା; ଇମିତ ସ୍ଥାନରେ ଯେଉଁଠି ଗଛ ବଢ଼ି ଫୁଲ ଫୁଟିଲେ ଠିକ୍ ମହାଦେବଙ୍କ ମୁଣ୍ଡ ଉପରେ ରହିଥିବ । ଦଣ୍ଡେ ଖେଳିଲା; ଖରାଦିନର

Digitized by srujanika@gmail.com

ଟାଙ୍ଗର ଭୁଇଁରେ ଥୁଣ୍ଟା ଲୁହା ଗଡ଼ରେ ଏମିତି ବଳଟେ ପିଲା କଣ ଗାତ ଖୋଳି-ପାରିବ ? ମୋ ଆଡ଼କୁ ଚାହିଁ କହିଲା, "ବାପା, ଏଥି ଗାତ ଭାଡ଼ିଦିଅ । ମୁଁ ଗଛ ଲଗେଇବି ।" ଅଗତ୍ୟା ମୁଁ ରଡ଼ ଧରି ଗାତ କଲି । ସେ ଡାଳଟାକୁ ଗାତରେ ପୂରାଇ ଧରିଲା, ମୁଁ ମାଟି ପୋତି ସଳଖ, ଠିକ୍‌ଠାକ କରିଦେଲି । ସେ ଲୋଟାରେ ପାଣି ଆଣି ଢାଳିଲା ।

ମହାଦେବଙ୍କ ଇଚ୍ଛାରେ, ନାଲି କାଠଚମ୍ପା ଡାଳଟି ମୂଳ ଗଛରୁ ଅଲଗା ହୋଇ ଯିମିତି ବଞ୍ଚିଲା, ବଞ୍ଚିଲା ମୁନୁ ବି ସିମିତି ଶିଶୁ ଅବସ୍ଥାରୁ ମାଆକୁ ହରାଇ ବଞ୍ଚିଲା ଏବଂ ବଢ଼ିବାକୁ ଲାଗିଲା । ମୋର ସ୍ନେହ ଛତ୍ରଛାୟାରେ ମୁନୁ ବଞ୍ଚିଲା ପରି ମୁନୁର ଆଦର ଯତ୍ନରେ କାଠଚମ୍ପା ଶିଶୁ ବଢ଼ିଲା ଏବଂ ମହାଦେବଙ୍କ ଆଶୀର୍ବାଦ ଓ ସଦିଚ୍ଛାରେ ଆମେ ସମସ୍ତେ ବଞ୍ଚି ରହିଲୁ ।

ମୁନୁ ପାଇଁ ଭଲ ଟିଉସନ ମାଷ୍ଟରଟିଏ ପାଇଲି । ଷ୍ଟାଣ୍ଡାର୍ଡ ଓ୍ୱାନରୁ ଷ୍ଟାଣ୍ଡାର୍ଡ ଟୁ କୁ କ୍ଲାସରେ ପ୍ରଥମ ହୋଇଗଲା; କାଠଚମ୍ପା ଡାଳଟି ବଢ଼ି ଯାଇ, ଶାଖାପ୍ରଶାଖା ମେଲି ଘନ ସବୁଜ ପେନ୍ଥା ଫୁଲ ମଧ୍ୟ ବାହାରିଲା । ମୁନୁର ଉଚ୍ଚତା ଓ ଗଛର ଉଚ୍ଚତା ପ୍ରାୟ ସମାନ । ମୁନୁ ଗଛ ପାଖରେ ଛିଡ଼ା ହୋଇଥିଲେ ଫୁଲ ପେନ୍ଥା ଓ ତା ମୁହଁ ସମାନ ରୂପ ରଙ୍ଗ ଓ ଗଢ଼ଣରେ ରହନ୍ତି । ଦେଖିଲେ ଆମ ଛାତି କୁଣ୍ଢେ ମୋଟ ହୋଇଯାଏ । ଆଶ୍ଚର୍ଯ୍ୟ କଥା, ମୁନୁ ଫୁଲରେ ହାତ ଦିଏ ନାହିଁ । ମହାଦେବ ଅପୂଜା ରହନ୍ତି ବରଂ ସେ କାଠଚମ୍ପା ଗଛକୁ ଛୁଇଁବ ନାହିଁ । ନିଜେ ନିଜେ ପୋଷୁଛି, ପାଳୁଛି, ବଢ଼ାଉଛି; ଠିକ୍ ମୁଁ ତାକୁ ବଢ଼ାଇଲି ପରି ।

ଏବଂ ସୁଖର ଦିନଗୁଡ଼ାକ ଆହୁରି ମଧୁରତର କରିବା ପାଇଁ ବଡ଼ପୁଅର ବିବାହ ପ୍ରସ୍ତାବ ଠିକ୍ ସେମିତି ଆମେ ଚାହୁଁଥିଲୁ ଯେମିତି ଚୂଡ଼ାନ୍ତ ହେଲା ଏବଂ ବିବାହର ଛ ମାସ ପୂର୍ବରୁ ନିର୍ବନ୍ଧ ଉତ୍ସବର ଦିନ ଠିକ୍ ହେଲା ଭୁବନେଶ୍ୱର ଶୈବପୀଠରେ ।

ନିର୍ବନ୍ଧକୁ ଗାଡ଼ିଭଡ଼ା ନେଇ ଗଲୁଁ । ମୁନୁ ଜିଦ୍ ଧରି ବସିଲା ନିର୍ବନ୍ଧକୁ ଯିବ । ଖଉଜ ଦେଖିବ । ବାଟରେ ଯିମିତି ପୋଲଟାଏ ପଡ଼ିଛି ମୁନୁ ଚିତ୍କାର କଲା, ଓହ୍ଲାଅ, ଓହ୍ଲାଅ, ନଈ ଆଗରେ । ଗାଡ଼ିରେ ଯିବା ନାହିଁ, ବୁଡ଼ିଯିବା ।" ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ, ବୁଝିଲୁ ନାହିଁ କାହିଁକି ସେ ଏମିତି କହୁଛି । ଏଇ ପାଣିରେ ବୁଡ଼ିଯିବା କଥାଟା ତା ମୁଣ୍ଡ ଭିତରକୁ ମୁଁ ପୂରେଇଛି । ବାଡ଼ି ପଛପଟେ ଟାଙ୍କିଆ । ପହଁରି ତ ଶିଖାଇ ପାରିଲି ନାହିଁ । କାଳେ ବୁଡ଼ିଯିବ ବୋଲି ତାକୁ ନାନା ଭୟ ଦେଖାଇଛି, ବାଡ଼େଇଛି ମଧ୍ୟ । ତାରି ଏହା କୁଫଳ । ଅକାଳରେ ମୃତ୍ୟୁଚେତନା

Digitized by srujanika@gmail.com

ତଥା ମୃତ୍ୟୁଭୟ ଜନ୍ମି ଯାଇଛି । ଦିନେ ଦିନେ ସ୍କୁଲରୁ ଫେରି କହେ, ଆଜି ସ୍କୁଲ ପାଖ କୂଅରେ ଗୋଟାଏ ଝିଅ ଖସିପଡ଼ି ବୁଡ଼ିଗଲା ।" "ବାପା, କଲେଜ ପାଖ ଗାଡ଼ିଆରେ ଦୁଇ ଭଉଣୀ ପହଁରୁ ଥିଲେ, ଧସ୍ତଧରି ହୋଇ ବୁଡ଼ିଗଲେ ।" ନିତେ ପିଲାଦିନରୁ ମାଆ ମରିବା କଥା ଶୁଣି ଶୁଣି ବା ଜାଠଚମ୍ପା ଡାଳଟି ମାଆ ଦେହରୁ ଭାଙ୍ଗିପଡ଼ିବାର ଦେଖି ବା ଖବରକାଗଜରୁ ବାମ୍ବୋର ମଲା ପିଲାଙ୍କ ଛବି ଦେଖି ଦେଖି ସେ ଖୁବ୍ ଜୋର ଡରିଯାଇଛି ମୃତ୍ୟୁକୁ । ଦିନେ ମୁଁ ତା ପଛେ ପଛେ ଅଲକ୍ଷିତରେ ଯାଇ ଦେଖିଲି, ସ୍କୁଲକୁ ଗଲାବେଳେ ରାସ୍ତାର ଖୁବ୍ ଦୂରରେ ଏକୁଟିଆ ବେଗ୍‌ଟି ଧରି ଚାଲୁଛି କାଳେ ରିକ୍ସା ମଟର ମାଡ଼ିଯିବ ତା ଉପରେ । ମନେ ମନେ ଖୁସି ହେଲି ପିଲାଟା ଖୁବ୍ ସାବଧାନ, ସତର୍କ; ବିପଦର ଆଶଙ୍କା ନାହିଁ । ରିକ୍ସାରେ ପ୍ରତିଦିନ ପଠାଇବା ପାଇଁ ପଇସା କାହିଁ ?

ନିର୍ବନ୍ଧ ହେଲା । ଭାଉଜ ଓ ଟିକି ଦିଅରଙ୍କ ସାକ୍ଷାତ୍ ହେଲା । ଏକାଠି ବସିଲେ, ଏକାଠି ଖାଇଲେ, ଭାଉଜ କୋଳରେ ଦଣ୍ଡେ ଶୋଇଗଲା ମଧ୍ୟ । ଯେତେ ସମୟ ଥିଲୁ କେହି ମୁହୂର୍ତ୍ତେ ପାଇଁ ପରସ୍ପର ଠାରୁ ଛାଡ଼ବାଡ଼ ହୋଇ ନାହାନ୍ତି । ମାଆରେଇଣ୍ଡ୍ର ମା'ଟିଏ ପାଇଲା ପରି ମୁନୁକୁ ସେମିତି ଲାଗିଲା । ଗୁଲୁଗୁଲିଆ ନାଲି ଜାଠଚମ୍ପା ଫୁଲ ପରି ଦିଅରଟିଏ ପାଇ ଆଗାମୀ ବସନ୍ତର ଉଦ୍ରେକ ହେଲା ନୂଆ ଭାଉଜ ହୃଦରେ; ମାତ୍ର ଛଅଘଣ୍ଟା ଏକତ୍ର ସହାବସ୍ଥାନ ଫଳରେ ଦିଅର ଭାଉଜଙ୍କ ଏତେ ମମତା, ଦରଦ, ସମ୍ପ୍ରୀତି ଜନ୍ମିଲା ଯେ ପରସ୍ପରଠାରୁ ଦୁହେଁ ଯେତେବେଳେ ଅଲଗା ହେଲେ, ସେତେବେଳେ ଜଣଙ୍କର ଆଖିରେ ଲୁହ, ଆଉ ଜଣଙ୍କର ଲୁହମିଶା ଭେଁ ଭେଁ କାନ୍ଦ ।

ନିର୍ବନ୍ଧ ପରେ ଘରକୁ ଫେରିଲୁ । ବାଟଯାକ ମୁନୁର କଥା କଥାକେ ଭାଉଜ ଭାଉଜ ! ବାହାଘର ଆଉ ଛଅ ମାସ, କେବେ ଜାଠଚମ୍ପା ଫୁଲ ନେଇ ଫଗୁଣ ଆସିବ, ଭାଉଜ ଆସିବେ । ମୁନୁ ହିସାବ କରି ପାରେନା କେତେଦିନ ରହିଛି, କଳ ମାପି ପାରେନା । କାଳେ ଏତେ ସୁନ୍ଦର ଝିଅଟା ହାତୁଡ଼ିରୁ ଖସି ଯାଇ କେଉଁ ଆଇ. ଏ. ଏସ୍. ଆଇ. ପି. ଏସ୍ ବା ପି. ଓ. ଙ୍କ ହାତୁଡ଼ିକୁ ଚାଲିଯିବ, ସେଇ ଭୟରେ ଆମେ କୋଷ୍ଠି ମେଳ ହେଲା ମାତ୍ରେ ନିର୍ବନ୍ଧ କରିନେଲୁ ଏତେ ଆଗରୁ ନିର୍ବନ୍ଧ କରିବା ପାଇଁ କନ୍ୟାପକ୍ଷ ଅମଙ୍ଗ ଥିଲେ ବି । ମୁନୁ ସ୍କୁଲକୁ ଯାଏ, ଭଲ ପଢ଼େ, ପ୍ରଶଂସା ପାଏ ଏବଂ କ୍ଲାସରେ ବି ଫାଷ୍ଟ ହୁଏ । ଘରକୁ ଫେରିଲେ ସିଧା ତା ଘରେ ହାଜିରା ପକାଇବା ପୂର୍ବରୁ ଜାଠଚମ୍ପା ଗଛରେ ପାଣି ଦିଏ ଏବଂ ଦିନେ ଦୁଇଦିନରେ ଭାଉଜ ପାଖକୁ ଚିଠି ଲେଖେ । "ଭାଉଜ ! ମୁଁ ଭଲ ଅଛି; ଭଲ ରୂପେ ପଢ଼ାଶୁଣା କରୁଛି, ତୁମେ କେମିତି ଅଛ ? କେବେ ଆସିବ, ଜାଠଚମ୍ପାରେ ଆଉଥରେ କଢ଼

Digitized by srujanika@gmail.com

ହୋଇଛି, ଆଜି ଏତିକି ।'' କେଉଁ ଚିଠି ଡାକରେ ପଡ଼େ, କେଉଁ ଚିଠି ପଡ଼େ ନା ତାର ଚିଠି ଲେଖିବା କଥା ମୁଁ ଦିନେ ଜାଣିଲି ଯେବେ ଧାଇଁ ଆସି ପଚାରିଲା, "ବାପା, 'ଚମ୍ପା' କେମିତି ଲେଖାଯିବ ? ମୁଁ ଭଗବାନଙ୍କୁ ଚିଠି ଲେଖୁଛି ।''

ବାହାଘରକୁ ଆଉ ଦୁଇମାସ ଅଛି ଦିନେ ରବିବାର ପ୍ରାୟ ଦଶଟାବେଳେ ଦେଖିଲି ଝାଡୁକାଠିଏ ଧରି ମୁନୁ ଅଗଣା ସଫା କରୁଛି । ଦେହସାରା ଝାଳ, ମୁହଁ ଲାଲ, ନାକ ଅଗରେ ଗୁଣ୍ଡା ପରି ବିନ୍ଦୁ ବିନ୍ଦୁ ଝାଳ—ତାର ବ୍ୟସ୍ତ ଜୀବନର ଏ ସ୍ୱାଭାବିକ ଛବି । ପଚାରିଲି, "ଏ କଣ କରୁଛୁ, ଝିଅଟାରେ ? ଘରେ କଣ କେହି ନାହାନ୍ତି, ଅଗଣା ସଫା କରିବାକୁ ?'' ସେ କହିଲା, "ତମେ କିଛି ଜାଣନା ବାପା । ବାହାଘରକୁ କେତେ ଲୋକ ଆସିବେ, ମୋତେ ସେମାନେ କଣ କହିବେ ? କହିବେ ନା—ମୁନୁ କାଠଚମ୍ପା ମୂଳକୁ କେତେ ଅସନା ରଖିଛି, ମହାଦେବଙ୍କ ଉପରେ କେତେ କାଠି ପତର ଜମା କରିଛି ?''

ମାତ୍ର ଆଉ କେତୋଟା ଦିନ ପରର ଘଟଣା । ସେଦିନ ମୁନୁ ମାଆର ଜନ୍ମଦିନ । ମୁଁ କେତେଜଣଙ୍କୁ ଖୁଆଇବାର ବ୍ୟବସ୍ଥାରେ ବଜାରକୁ ଯାଇଥାଏ । ମହାଦେବଙ୍କ ମୁଣ୍ଡରେ ବା କାଠଚମ୍ପା ମୂଳରେ ପାଣି ଢାଳିବ ବୋଲି ତରବର ହୋଇ ମୁନୁ ଲୋଟାଟାଏ ଧରି ଗାଡ଼ିଆକୁ ଧାଇଁ ଯାଇଛି, ଶିଉଳି ପଡ଼ିଥିବା ପାହାଚରୁ ଖସି ପଡ଼ିଲା । ତାର ଟ୍ୟୁସନ ମାଷ୍ଟର ପିଣ୍ଡାରେ ବସିଥିଲେ, ତାକୁ ଅପେକ୍ଷା କରି । ବିଳମ୍ବ ହେବାରୁ ସେ ତାକୁ ଡକାଡକି କଲେ ଏବଂ ନିଦାରୁଣ ଦୁର୍ଘଟଣା ଜଣା ପଡ଼ିଲା । ଏଲୁମିନିୟମ ଲୋଟାଟା ଉବୁଡ଼ି ପଡ଼ି ଭାସି ବୁଲୁଥାଏ ପାଣି ଉପରେ । ସାହିରେ, ସହରରେ ବ୍ୟାପ୍ତ ହୋଇଗଲା ଏ ଦୁଃସମ୍ବାଦ ।

ତିନିଦିନ ଭିତରେ କେତେଥର ମୂର୍ଚ୍ଛାଗଲି, ହାଉଳି ବାଉଳି ହୋଇ ପାଗଳ ପରି କେତେ କଣ କହିଲି, ଖାଇଲି କି କଣ କଲି କିଛି ମନେ ନାହିଁ; ମାତ୍ର ପ୍ରକୃତିସ୍ଥ ହେବାରେ ଜାଣିଲି କିଏ କିଏ ଆସିଥିଲେ, ଶୁଣିଲି ମଧ୍ୟ କେତେ ଲୋକ ମୁହଁରୁ କେତେ ଆଶ୍ୱାସନା ବାଣୀ । "ତା ମା' ତାକୁ ନେଇଗଲା'' "ଭଲ ଛୁଆ ବଞ୍ଚନ୍ତି ନାହିଁ'' ମହାଦେବ ତାକୁ ପାଖକୁ ନେଇଗଲେ ।'' କେହି କେହି ବି କହିଲେ 'ଜାଣିଶୁଣି ପିଲାଟାକୁ ମାରି ଦିଆଗଲା, ବାଡ଼ି ଦରଜାଟାରେ ତାଲା ଦେଇଥିଲେ ଏ ଦୁର୍ଘଟଣା ଘଟି ନଥାନ୍ତା ।'' "ମାଆ ନାହିଁ ଜାଣୁଛି, ଘରର କାମରୁଣୀ ଗୋଟେ ସବୁବେଳେ ତା ପିଛା ରଖିବ ନାହିଁ ?'' ଶେଷକୁ ଦିଜଣ ଧାଡ଼ା କହିଲେ ସେଥିରୁ ଆଶ୍ୱାସନା ପାଇଲି ଏବଂ ଜୀଇଁବାର ଖିଅ ପାଇଲି । ଜଣେ କହିଲେ, "ମୁଁ ଗୋଟାକ ପରେ ଗୋଟାଏ ପୁଅ ଏମିତି ଜଳ ବୁଡ଼ିରେ ହରାଇଛି ।'' ଆଉ ଜଣେ

Digitized by srujanika@gmail.com

କହିଲା, 'ଆଗରେ ମୁଁ ବାହାଘର, ପିଆଡ଼କୁ ମନ ଦିଅ, ଆହୁରି ବି ଯୋଡ଼ାଏ ଝିଅଟା ପିଲା ଅଛନ୍ତି ତାଙ୍କ କଥା ଭାବ, ନହେଲେ ସେମାନେ ବି······।"

"ଆରେ ବାବୁ ଜୀବଧନ, ତୁ ଗଲେ ମଥୁରା ବନ" ଜୀବଧନ ତ ମଥୁରା ବନକୁ ଚାଲିଗଲା । "ଜୀବନ ବନ୍ଧନେ ଯେତେହେଲେ ଫାସ ।" ମୁନୁର ମାଆ ଗଲା ପରେ ତ ଜୀବନ ବନ୍ଧନେ ଆଉ ମାତ୍ର ଫାସ ବାକିଥିଲା । ଏବେ ପାଣି, କାଦୁଅ ଟିକକରେ ଯାହା ଛଟପଟ ହେଉଥିଲା ସେ ଟିକକ ବି ଶୁଖି ଗଲା । "କାହା ମୁଖ ଅନାଇ ବଞ୍ଚିବ ?" ସ୍ମୃତିରେ ମଣିଷ ବଞ୍ଚେ । କିଏ ? ମଲା ମଣିଷ ପିନା ଲୋକ ସ୍ମୃତିରେ ବଞ୍ଚେ ? କିନ୍ତୁ ଜୀଅନ୍ତା ମଣିଷ ମଲା ମଣିଷର ଅର୍ଥାତ୍ "ପିଲପୁଅ"ର ସ୍ମୃତିରେ ଦହଗଞ୍ଜ ହୋଇ ଜଳି ପୋଡ଼ି ମରେ ପିନା !

ନେଡ଼ା ଥିବା ପରେ ଅର୍ଥାତ ନିଦ ଔଷଧ ଖାଇ ଶୋଇବା ସମସ୍ତ ବାଦ୍— ଦୁଇ ଭାଗରେ ଜୀବନ କଟାଇବାକୁ ପଡ଼ିଲା । କେତେବେଳେ ବାହାଘର କଥା କେତେବେଳେ ସ୍ମୃତିରେ କଣ୍ଟା ଘାଆ କଥା ।

ନାଲିରଙ୍ଗର ଲମ୍ବାଳିଆ ଖାତାଟିଏ ବଜାରରୁ କିଣିଆଣି ବିବାହର ଶୁଭାରମ୍ଭ ସ୍ୱରୂପ "ଓଁ ଶ୍ରୀଶ୍ରୀଶ୍ରୀ ପ୍ରଜାପତୟେ ନମଃ' ଲେଖିଛୁ ଟେବୁଲ୍ କଣରେ ଟେନିସ୍ ବଲ୍ଟା ଉପରେ ନଜର ପଡ଼ିଗଲା । ଏଇ ବଲ୍ଟି କାଲେ କିଏ ନେଇଯିବ ବା ହଜିଯିବ ବୋଲି ପ୍ରତିଦିନ ଖେଳସାରି ମୋ ଟେବୁଲ୍ ଉପରେ ମୁନୁ ରଖି ଦେଉଥିଲା, ନିରାପଦ ସ୍ଥାନ ଭାବି । କୋହ ସମ୍ଭାଳି ନେଇ ଏବଂ ନିମନ୍ତ୍ରଣ ପତ୍ରର ଚିଠା ପ୍ରସ୍ତୁତ କରିବା କାମ ଛାଡ଼ି ଦହାଣିଲି ମୁନୁର ଯେଉଁଠି ଯାହା ଥିବ ତାକୁ ଏକାଠି କରି ଆଖିର ଅନ୍ତରାଳକୁ ନେଇ ଯିବା ପାଇଁ, ନ ହେଲେ ପ୍ରତି ମୁହୂର୍ତ୍ତରେ ସ୍ମୃତି କରତ ହେଉଥିବ, ପୋଡ଼ୁଥିବ, ବାହାଘର କାମ କଣ କରିବ ?

"ବାପାରେ, ଚାଲିଗଲୁ'—ଏତିକି କହି ତାର ନାଙ୍ଗଳା ଫଙ୍ଗୁଲା ଅଣ୍ଡା ଦେହଟାକୁ ଥରେ ଗୋଡ଼ାଇ ମୁଣ୍ଡଯାକେ ଆଉଁସି ଡାକ୍ତରଖାନା ଟେବୁଲରୁ ସିଧାଘରକୁ ଏକମୁହାଁ ହୋଇ ଚାଲି ଆସିଥିଲି । ତେଣୁ ତାର ବ୍ୟବହାର୍ଯ୍ୟ ଜିନିଷସବୁ ଘରେ ରହି ଯାଇଥିଲା । କେଉଁଠି ସ୍ଲେଟ ସ୍ଲେଟ ସାର୍ଟପେଣ୍ଟ, କେଉଁଠି ବହି କଲମ, ଖାତାପତ୍ର, ପେନ୍ସିଲ୍, ବ୍ୟାଗ୍, କେଉଁଠି ଜଳଖିଆ ଡବା, କେଉଁଠି ଜୋତାଚପଲ ମୋଜା, ପୁଣି କେଉଁଠି ଖେଳନା···ରବର ବଲ, କାଣ୍ଡିଣର, ଟ୍ରେନ୍, ମଟରଗାଡ଼ି, ଜଳଛବ ଏମିତି କି ଟଫି, ଚଉକାଂଗାମ୍ ଯାକେ .କେତେ କଣ । ଘର ଅନ୍ଧସନ୍ଧି, ଡ୍ରୟାର୍, ଆଲ୍ମାରୀ ଖୋଜାଖୋଜି କରି ଏକାଠି କଲି । ସବୁ ଜିନିଷ ଏମିତିକି ଦଶ ପଇସି; ପାଞ୍ଚ ପଇସି, ସେଫ୍ଟ ଝଡ଼ି, ଭଙ୍ଗା ଚକ୍ ଆଦି ଗୋଟାଏ ପ୍ଲାଷ୍ଟିକ ବ୍ୟାଗରେ ପୂରାଇ

Digitized by srujanika@gmail.com

ବାକ୍ସ ଭିତରେ ରଖି ଦେଲି ତାର ଫଟୋଗ୍ରାଫ, ଯେଉଁଠି ତାର ମାଆର ଫଟୋ ଓ କେରୁଟା ବ୍ୟବହାର୍ଯ୍ୟ ଜିନିଷ ପୁଟୁଳିରେ ଥିଲା ।

କାହୁଁଟା ରକ୍ଷା ପାଇଲା । ଆଖିରେ ଅନ୍ତତଃ ନୂଆ ନୂଆ ଜିନିଷ ପଡ଼ି ଦିଶିଲା ନାହିଁ; କିନ୍ତୁ ସେଇ କାଠଚମ୍ପା ଗଛ ଓ ତା ମୂଳରେ ସେହି ଅପୂଜିତ ମହାଦେବଙ୍କି ବାରମ୍ବାର ଆଖିରେ ପଡ଼ିଲେ । ସବୁ ନାଟର ଗୋବର୍ଦ୍ଧନ ସେଇ ବଳଙ୍ଗନଘର ପଥରଟିକୁ ଉଠାଇ ଆଣି ଚନ୍ଦନ ସିନ୍ଦୁର ଧୂଆପୋଛା କରି ମୋତେ ନ ଦିଶିବା ସ୍ଥାନରେ ରଖି ଦେଲି । କେବଳ ଯୋଡ଼ାଏ ଜିନିଷ ବାକି ରହିଗଲେ । ଚମ୍ପାଗଛଟାକୁ କାଟିବାକୁ ମନ ଗଲାନି, ଘରୁ ବାହାରି ପଡ଼ିଲେ ସାମ୍ନା ପାଚେରି କାନ୍ଥରେ କର୍ଦ୍ଦମାକ୍ତ ଟେନିସ୍ ବଲର ଡଗ୍ରପଳି ଦାଗଗୁଡ଼ାକ ପୋଛି ସଫା କରି ପାରିଲିନି । ଘର ଭିତରେ ଗୋଟାଏ ଜାଗାରେ ସିମେଣ୍ଟ ପଲସ୍ତରା ଉପରେ ତା'ର ଟିକି ପାଦଟିର ଯେଉଁ ଚିହ୍ନ ସେ ମିସ୍ତ୍ରୀକୁ ଫୁସୁଲାଇ ରଖିଥିଲା ତାକୁ ବି ଲୁହାରଡ଼ ଝର୍କିରେ (ଯହିଁରେ ନୂଆ ମାଟି ଖୋଳି କାଠଚମ୍ପା ଲଗାଇ ଥିଲା) ଘେଞ୍ଚା ଖୋଳି କରି ନିଶ୍ଚିହ୍ନ କରିଦେଲି ।

ଏଥର ସୁସ୍ଥ ମନରେ ବିବାହ କର୍ମରେ ଆଗେଇଲି । ପୁତ୍ର କନ୍ୟା ବନ୍ଧୁ-ବାନ୍ଧବ, ଆତ୍ମୀୟ ସ୍ୱଜନ ମୋର ଡାକରାରେ ଆସିବାକୁ ଆରମ୍ଭ କଲେ । କେହି ବାଦ୍ ଗଲେ ନାହିଁ, ଏତେ ବଡ଼ ଶୋକାବହ ଘଟଣା ପରେ ସମସ୍ତେ ସହାନୁଭୂତି ଓ ଦରଦ ନେଇ ଆସିଲେ ଯିମିତି ବିବାହ ଉତ୍ସବ ଖୁବ୍ ଜମକରେ ହୁଏ ଏବଂ ମୁରବୀ ସବୁ ଦୁଃଖ ପାସୋରି ପରିବାରେ ପ୍ରଥମ ପୁତ୍ରବଧୂଙ୍କୁ ସ୍ୱାଗତ କରନ୍ତି; କିନ୍ତୁ ତା ହେଲା ନାହିଁ । ଏତେ କର୍ମବ୍ୟସ୍ତ ଉତ୍ସବମସ୍ତ ଦିନ ଗୁଡ଼ାକରେ କିଛି ଗୋଟାଏ ବିରାଟ ଅଭାବ, କାହାର ଅଦୃଶ୍ୟ ଅନୁପସ୍ଥିତି ମୋତେ କାହିଁକି ପରିବାର ତଥା ବନ୍ଧୁକୁଟୁମ୍ବଙ୍କୁ ସଦା ସର୍ବଦା ବିହ୍ୱଳିତ କଲା । ସମସ୍ତେ ଯେମିତି କୁହାକୁହି ହେଲେ, "ସେ ପିଲାଟା ତ ନାହିଁ, ସେ ପିଲାଟା ଥିଲେ—କେଡ଼େ ବଢ଼ିଆ ପିଲାଟା···।"

ଚତୁର୍ଥୀ ଦିନ ପଡ଼ିଲେ । ବରକର୍ତ୍ତାଙ୍କ ପକ୍ଷରେ ବନ୍ଧାପନା ଦିନଟି ମୁଖ୍ୟ ଉତ୍ସବର ଦିନ । ସନ୍ଧ୍ୟାରେ ଭୋଜି, ନିମନ୍ତ୍ରିତ ଅତିଥିବର୍ଗଙ୍କ ସମାବେଶ, ଭୂରି ଭୋଜନ ବ୍ୟବସ୍ଥା । ଯେଉଁମାନେ ଏହା'ର ଦାୟିତ୍ୱରେ ଥିଲେ ସେମାନେ ସମସ୍ତେ ଏକମତ ହେଲେ ଅଗଣାରେ ଖଦା ହେବ । ଘର ଗୋଟେଇଶାଳ ଏଥିପାଇଁ ପ୍ରଶସ୍ତ ନୁହେଁ । ବାହାରେ ଖଦା କଲେ ପାଣିପାଗର ଅସୁବିଧା, କୁଆ, କୁକୁର, ତା ଛଡ଼ା ଅନେକ ଜିନିଷ ଅନ୍ତର୍ଦ୍ଧାନ ହୋଇ ଯିବାର ଭୟ ।

"କିନ୍ତୁ ଏଠି ଖଦା କଲେ ଏ କାଠଚମ୍ପା ଗଛକୁ କାଟିବାକୁ ପଡ଼ିବ," ଜଣେ କହିଲା ।

Digitized by srujanika@gmail.com

"ତା କାଟିବାକୁ ପଡ଼ିବ ନିଶ୍ଚୟ । ଏତେ କମ ଜାଗାରେ ଚୁଲି କେଉଁଠି ପଡ଼ିବ, କାଠ କେଉଁଠି ରହିବ, ଜିନିଷ ପତ୍ର କେଉଁଠି ରଖିବ, ମଣିଷ ଧୁଆଁପାଇଁ ଚାଲବୁଲ କରି ପାରିବେନି ଯେ ।"

"କାଟିଦେବା ଗଛଟାକୁ । କେଉଁ ଅପୂର୍ବ ଗଛ ଯେ । ଏମିତି ଗଣ୍ଡା ଗଣ୍ଡା ଗଛର ବଣ ପୂରିଆଡ଼େ । ତା' ଛଡ଼ା ଡାଳ ଖଣ୍ଡେ ପୋତିଦେଲେ କେତେଟା ମାସରେ ଗଛ ଠିଆ ହୋଇ ଯିବନି ?"

ନିର୍ମମ କାଳ ମୁନୁକୁ ଅକାଳରେ କାଢ଼ି ନେଲା ପରି ଗୋଟାଏ ଯମଦୂତ ପରି ଲୋକଟା କୁରାଢ଼ୀ ନେଇ କାଠ ଚମ୍ପାକୁ ଏକା ଚୋଟରେ ହାଣିଲା ବେଳେ ବି ଦୟାର୍ଦ୍ର କଣ୍ଠରେ କହିଲା, "ଖାଲି କଢ଼ି ଗୁଡ଼ାକରେ ଡାଳ ଭରପୂର ହୋଇଥିଲା । ଛୋଟ ଗଛଟାରେ ଫୁଲ ଫୁଟିଥିଲେ କଅଣ ଦିଶିଥାନ୍ତା ।"

ବାହାଘର ସରିଲା । ସମସ୍ତେ ଯେଝା ସ୍ଥାନକୁ ଚାଲିଗଲେ । କେବଳ ପୁଅ ବୋହୂ ରହିଲେ, କେଇଟା ଦିନ ପରେ ସେମାନେ ବି ଚାଲିଯିବେ । ଘରେ ପୁଅ ନଥିବାବେଳେ ଦିନେ ଦେଖିଲି ବୋହୂ କାନ୍ଦୁଛନ୍ତି । କ'ଣଟାଏ ଲୁଚାଇବାକୁ ଯାଉଥାନ୍ତି, ଜାଣି ପାରିଲି ସେ ମୁନୁର ଚିଠି ଟିକକ ଧରି ପଢ଼ୁଥିଲେ ! "ଭଉଜ ! ତୁମେ କେବେ ଆସୁଛ ?" ମୋତେ ଚାହିଁ କୋହ ସମ୍ଭାଳି ନପାରି କହିଲେ, "ମୁଁ ଆସିଲି ବାପା, ମୁନୁ କାହାନ୍ତି ?" ଦୁ'ମାସ ଖଣ୍ଡେ ପରେ ଏକୁଟିଆ ବାହାର ପିଣ୍ଡାଟାରେ ଆକାଶର ଟିକି ମେଘ ଖଣ୍ଡକ ଚାହିଁ ବସିଥାଏ । ଦେଖିଲି, ଚୂନରେ ଡବଲ ମାରିଲେ ବି କାନ୍ଥର ଟେନିସ୍ ବଲ୍‌ର ଅଜସ୍ର ଦାଗ ଲିଭି ନାହିଁ ବରଂ ଅଧିକ ପରିସ୍ଫୁଟ ହୋଇଛି ।

ଘର ଭିତରକୁ ପଶିଯାଇ ଅଗଣାକୁ ଗଲି । ମୁହିଁଲି ଘୂରିଆଡକୁ । କେତେ ଫାଙ୍କା ଦିଶୁଥାଏ— ନା ଶିବଲିଙ୍ଗ, ନା କାଠଚମ୍ପା, ନା ମୁନୁ । ବିବାହ ବେଦି ପାଇଁ ଜୁଇଗାଡ଼ ପରି ଯେଉଁ ଚୁଲିଗାତଟା ହୋଇଥିଲା ତାର ଟିକିଏ ଦୂରରେ ଦରପୋଡ଼ା ମୁଣ୍ଡା କାଠଟା ପଡ଼ିଥିଲା ଗୋଟାଏ ଧୂଳିଆ ଆଲକତରା ଡ୍ରମକୁ ଲାଗି । ଅନ୍ୟମନସ୍କ ହୋଇ ବିଭ୍ରମରେ ଯେମିତି କାଠଖଣ୍ଡଟା କୋଡ଼ରେ ପେଲି ଦେଇଛି, ଦେଖିଲି ମୁନୁର କାଠଚମ୍ପା ଗଛର କଟା ମୂଳଟାରୁ ଚାରିଖଣ୍ଡେ ଲମ୍ବ ଛୋଟ ଡାଳଟିଏ ଗଜୁରି ଗୋଟିଏ ଛୋଟ ନାଲି କାଠଚମ୍ପା ଫୁଟିଛି ।

ବିହ୍ୱଳିତ ହୋଇ 'ମୁନୁ, ମୁନୁ' ଚିତ୍କାର କରି ସାଇକେଲ ଧରି ଧାଇଁଲି ଶ୍ମଶାନ ଅଡ଼କୁ କିଏ କଣ ଭାବୁଛି ସେଥିପ୍ରତି ଭ୍ରୁକ୍ଷେପ ନକରି । ମୋର ବଦ୍ଧମୂଳ ଧାରଣା ଯେ ମୁନୁକୁ ଯେଉଁଠି ପୋଡା ହୋଇଥିଲା ସେଇଠି ସେ ପୁଣି ତା'ର କାଠଚମ୍ପା ପରି ଗଜୁରି ଫୁଲଟିଏ ହୋଇ ଫୁଟିଥିବ ।

Digitized by srujanika@gmail.com

# କୁଆ

ଏବେ ବି ସ୍ପଷ୍ଟ ମନେ ପଡ଼ିଯାଉଛି କମିତି—ଯେବେ ଆମେ ଖୁବ୍ ଗରିବ ଥିଲୁଁ ଏବଂ ଖରାଦିନଆ ଦି' ପହରରେ ସଜନା ଶାଗ, ଭାତ ଅଥବା ଶୁଖୁଆ ପୋଡ଼ା ପଖାଳ ପେଟେ ପେଟେ ଖାଇ ଦେଇ ଡାକୁଆ ଘର ଦୁଆରଦିଆ ମାଟି ଚଟାଣରେ ଛିଣ୍ଡା ସପଟେ ବା ଖଟିଆଟାଏ ପାରି ଭାଇଭଉଣୀ ସବୁଜଣ ମାଆ ଦେହକୁ ଲଗି ଶୋଇଥାଉଁ, ହଠାତ୍ ଆମ ନିଦ ଭାଙ୍ଗିଯାଏ, ବାଡ଼ିପଟ ମକାକଥାଙ୍କର କେଉଁଟା କୁଆଙ୍କ କର୍କଶ ଅନର୍ଗଳ କାଆ କାଆ ସ୍ୱରରେ ।

ଅସ୍ୱସ୍ତିର ନିଃଶ୍ୱାସ ମାରି ନିଦବାଉଳା ଗଳାରେ ମାଆ କୁହନ୍ତି, "ଏ ଦଶାହିଆ କୁଆଙ୍କ ଜାଳାରେ ମଣିଷ ଦଣ୍ଡେ ଆଖି ବୁଜି ପାରିବ ନି । ଆଖିପତା ଟିକିଏ ଲାଗିଛି କି ନାହିଁ ଆରମ୍ଭ କରିଦେବେ କାଆ କାଆ ।" ଦଣ୍ଡେ ପରେ ସେଇ ଏକ ସ୍ୱରରେ ବିଳିବିଳେଇକି ପୁଣି କୁହନ୍ତି, "ଧନ୍ୟ କହିବା ଏ କୁଆଙ୍କୁଆଙ୍କ ଭୋକକୁ । ସକାଳ ହୋଇଛି କି ନାହିଁ ଆରମ୍ଭ କରିଦେବେ ଯେ ବେଳ ବୁଡ଼ି ମାଛି ଅନ୍ଧାରଯାଏ । ଯେତେ ଖାଇଲେ ବି ଭୋକ ମେଣ୍ଟିବାକୁ ନାହିଁ । ହାୟ ଅନ୍ନ ହାୟ ଅନ୍ନ ! ବାପମାଆଙ୍କ ଅଣ୍ଟା ପାଣି ମେଳ ହୋଇ ଝରଝର ରକ୍ତ ବହୁ ପଛକେ ସ୍ୱାଙ୍କର ସେଇ ଏକା କଥା କାଆ, ମାଆ ମାଆ, ଦେଏ ଦେଏ । ବୁଢ଼ା ହେଲାଯାଏ ମାଆ ବାପ ସ୍ୱାଙ୍କୁ ଖୁଆଇ ଥିବେ ନା କ'ଣ ! ଏବେ ଭାବୁଛି, ଏ କଥାଗୁଡ଼ାକ ଆମକୁ ଲକ୍ଷ୍ୟ କରି ସେ କହୁ ନ ଥିଲ ତ !

ସେବେ ପିଲାଦିନରେ ମୁଁ ବି ମାଆଙ୍କ ପରି କୁଆଙ୍କ ଉପରେ ଚିଡ଼ୁଥିଲି, ଅବଶ୍ୟ ଭିନ୍ନ କାରଣରୁ । ବାପାଙ୍କ ଅଜାଣତରେ ଚୋରଙ୍କ ପରି ମକାବାଡ଼ିରେ ପଶି ଚଅଁର ଝୁଲିଥିବା ବଡ଼ ବଡ଼ ମକାଗୁଡ଼ାକୁ ଭାଙ୍ଗି ଆଣି ପାରିଲିଣି କି ନାହିଁ (ନଖରେ ଚିପିଲେ ମାଆ କ୍ଷୀରପରି ବହଳ ରସ ବାହାରେ) ଦେଖୁଥାଏଁ, ଆଖିରେ ପଡ଼ିଯାଏ କୁଆମାନେ ମୋରି ଅନୁକରଣରେ ବିଦାରିଥିବା କଣ୍ଟିଆଖୋବରା ମକାଗୁଡ଼ାକ । ଆମ ପାଇଁ ଆଉ କ'ଣ ଥିବ ? କାହାର ପାଏ, କାହାର ବା ଅଧେ ଦାନା ଥିବ ସିନା ଆମେ ପୋଡ଼ିଲାବେଳକୁ ।

Digitized by srujanika@gmail.com

ମାଆକୁ କହିଲି, "ମାଆ, ଏ କୁଆଗୁଡ଼ାକୁ ସବୁଦିନେ ମାରିଦବା । ନହେଲେ ଏମାନେ ତ ସବୁ ଖାଇଯିବେ, ଆମେ ଖାଇବା କଣ ?" ନଥିବା କଥିତ ? ଅଳ୍ପ ଅଳ୍ପ ହସି ମାଆ କୁହେ, "ବାପାରେ ! କୁଆଙ୍କୁ ମାରିବ କିଏ ? ସେମାନେ ପରା ଆମର ପିତୃ ଖାଉଛନ୍ତି । କୁଆ ଜନ୍ମିଲେ ଶହେ ବରଷ ।" ଦଣ୍ଡେ ପରେ ଗଳାକୁ ଆହୁରି ନରମ କରି କୁହେ, "ସେମାନେ ସ୍ୱର୍ଗ ଯାଇଥିବା ଆମଲର ଚଢ଼େଇ । ବର୍ଷସାରା କୁଆ ପାଳୁଛନ୍ତି ପରା । ସେମାନେ ଆମପରି ଦୁଃଖ କରନ୍ତିନି । ମକା ତୁମେ ବି ଖାଇବ ତାଙ୍କ କୁଆ ବି ଖାଇବେ । ମକା କଣ ଅଭାବ ହେଉଛି, ଯାହାକୁ ଯେତେ । ପଇସାକୁ ଦ'ଗଣ୍ଡା ଦଶଟା, ମାଗିଦେଲେ ପେଣ୍ଡାଏ ମିଳିବ । କୁଆ ସାଙ୍ଗରେ ବାଦ ମଶିଛ କରିବ ନା ?"

ମାଆର ଏଇ ସ୍ନେହ, ବାତ୍ସଲ୍ୟ, ମମତାମିଶା ବୋଧ ଭିତର ଦେଇ କୁଆ କୁଆ ତାର ଶହେ ବର୍ଷର ଜୀବନଯାତ୍ରା ଆରମ୍ଭ କଲା ପରି ଆମେ ବି ତାଙ୍କରି ସାଙ୍ଗରେ ଜୀବନ ଯୁଦ୍ଧରେ ଆଗଉଁ । ଜେଜେ, ଜେଜି, ବାପା, ମାଆ, ଏପରି କି ଧାଈ ମାଆ, ଆମେ ଭେଁ କରି କାନ୍ଦ ଉଠିଲେ ଯିମିତି କହନ୍ତି, "ହେଇ ଦେଖ୍, ହେଇ ଦେଖ୍ ବାପା, ଚଢ଼େଇ, ଆମେ ଲୁହଧାର ଭିତର ଦେଇ ଦେଖୁଁ ଏଇ କଳା ଚଢ଼େଇଟିକି । ଘର ଉପରେ ବା ଅଗଣାର ସଜନା ଗଛ ଡାଳରେ ବସି କାଆ କାଆ ହେଉଛି, ନାଲି ପାଟି ମେଲି କରି । କେଡ଼େ ସୁନ୍ଦର ବଙ୍କା ଗ୍ରୀବା ତାର । ଦୁଧ ଦାନ୍ତଭରା ଆମ ପାଟିର ଏଡ଼େ ବଡ଼ ଆଁଟା ଖଣ୍ଡକେ ବନ୍ଦ ହୋଇଯାଏ; ଲୁହଧାର ଶୁଖିଯାଏ । ସାବାସ୍ କାଳିଆ ଭାଇ ।

ଦିନେ ଦିନେ ମାଆ ବଡ଼ କଳସୀ ଗୋଟେ କରେ ମୂଷ୍ଟି ମାଠିଏ ପାଣି କାନ୍ଥର ବାଲିଚୂଆରୁ ଆଣି ରଖିଦେଇ ଅଣ୍ଟା ସଳଖାଇ ଶୁଣାଇ ଶୁଣାଇ କହେ, "ଆଜି କୁଆ ଆଖି ପରି ନିର୍ମଳ ପାଣି ।" (ଏବେ କବିମାନେ କାଚକେନ୍ଦୁ ପାଣି କହୁଛନ୍ତି, ଯାହା ଆମେ କେବେ ଦେଖିନୁ) ଏମିତି କୁଆଟି ଆମର ପିଲାବେଳର ସାଙ୍ଗ ହୁଏ; ଏକାନ୍ତ ଆପଣାର ହୁଏ; ଏପରିକି ଆମର ଉପମା ସୃଷ୍ଟିର ଆଧାର ହୁଏ । କ୍ରମେ ସୁଖ ଦୁଃଖର ସାଥୀ ବି ହୁଏ କିଏ କୁଣିଆ ଆସିବ କାଆ କାଆ; କିଏ ବେଗରେ ପଡ଼ିବ ଅବା କାଆ କାଆ; କିଏ ଦୁନିଆ ଛାଡ଼ିବ, ଭଙ୍ଗା କାନ୍ଥରେ ବସି କାଆ କାଆ ।

ପିଲାଦିନର ଘରୁଆ ସ୍ମୃତି ଓ ପରିବେଶ ଛାଡ଼ି ଚାଟଶାଳୀ, ପାଠଶାଳା ବା ଇସ୍କୁଲକୁ ଗଲେ ବି କୁଆ କ'ଣ ଆମକୁ ଛାଡ଼େ ? ପୁସ୍ତକ ଖୋଲିଲାମାତ୍ରେ ଭାଇର ଛବି । ବନାନ ଆରମ୍ଭ—'କ'ରେ ଆକାର କା, କ; କାକ । କ ରେ ହ୍ରସ୍ୱ ଉ 'କୁ', ସ୍ୱର ଆ, କୁଆ । କେଡେ ବଶିଷ୍ଟ ଜୀବ । ତା ନାଆଁ ଆମ ଛବି ବହିରେ ବାହାରିଛି । "ମାଆ ! କୁଆଟିର ଛବି ଦେଖିଛୁ ? ମୋ ବହିରେ ଅଛି ।"

Digitized by srujanika@gmail.com

ପୃଷ୍ଠାକୁ ପୃଷ୍ଠା, ବହିକୁ ବହି, କ୍ଲାସକୁ କ୍ଲାସ, ବରଷକୁ ବରଷ ଆମେ ବଢ଼ି ଚାଲିଲୁଁ । "ଅ ଗଲେ ପଡ଼େ ଆ, କୁଆ କରେ କାଆ କାଆ ।" ରାତି ପାହିଲାଣି ରାବଇ କାଉ" । କାକ ରାବ ଦେଲେ ପାହିଲା ରାତି ।" "ମାଧବ ରାଘବ ମଧୁସୂଦନ, ନିଦ୍ରା ଭାଙ୍ଗି ଉଠ... ।" "ଉଠ ମୋହନ...କାକ ଦେଲା ଡାକ, ଉଦୟ ହେଲେ ଦିନମଣି । ମୋର ଏବେ ବି ଧାରଣା, କୁଆ ନ ରାବିଲେ ସୂର୍ଯ୍ୟ ଉଠିବେନି, ମୋହନ ଶେଯ ଛାଡ଼ିବେନି । ସତରେ କେଡ଼େ ବଡ଼ କଥା ! କୁଆ ରାବିଲେ ରାତି ଚାଲିଯାଏ, ଅନ୍ଧାର ଚାଲିଯାଏ, ଦିନ ଆସେ, ଆଲୁଅ ଆଉ ସୁଖ ଆସେ । କୁଆ କଣ ସେଥି ପରି ଅଶୁଭ ରାତି ଚଢ଼େଇ ହୋଇଛନ୍ତି କି ?

କୁଆ ଭାଇ । ଧନ୍ୟ ମହିମା ତୋହର । ତୁ କେଡ଼େ ବୁଦ୍ଧି ଖଟାଏ ନ ପାଣି ମାଠିଆରୁ ପାଣି ପିଇ ପାରିଲୁ ? ତୁ ଇତିହାସରେ ନାମ କରିଛୁ । ହରିଣ, ମୂଷା, କଚ୍ଛପ ସାଙ୍ଗରେ ମେଣ୍ଟ ବାନ୍ଧି କିପରି ତୁ ହରିଣକୁ ବ୍ୟାଧ ମୁହଁରୁ ରକ୍ଷା ନ କଲୁ । ଏସବୁ ଗଳ୍ପ ପଢ଼ିଛୁ । ଫେବୁଲ ବହିରେ ତୁ ଅଛୁ, ସେକ୍ସପିଅରଙ୍କ ମାକ୍‌ବେଥରେ ବି ତୁ ଅଛୁ । "Light thickens, the crow makes wing to the rooky wood" କାହିଁ, ଆଉ କୌଣସି ଚଢ଼େଇ କଥା ତ ଏପରି ଭାଷାରେ ସେ ଲେଖିଲେ ନାହିଁ । ଶହେ କଣ ପାଞ୍ଚଶ ବର୍ଷ ବଞ୍ଚି ସାରିଲଣି ବହିରେ, ତୁ ଅମର । ଖୁବ୍ ବ୍ୟସ୍ତବ୍ୟସ୍ତ ବାଧ୍ୟ କଲେ ମାଆ ଅତିବେଶି ହେଲେ ମଲିଆକୁ ଡାକି କୁହେ, "ଟଙ୍ଗାରେ ! ପାଳର ହୁରୁଡ଼ାଟାଏ କରି କାଣ୍ଡ କାଣ୍ଡ ବାଉଁଶ ତା ହାତରେ ଦେଇ ମକାବାଡ଼ିରେ ବସାଇ ଦେ ତ; ନ ହେଲେ ଗୋଟାଏ କଳା ହାଣ୍ଡିରେ ଚୂନରେ ଆଖି ନାକ କରି ବାଡ଼ି କୋଣରେ ରଖି ଯୋଡ଼ି ଦେତ । ଟଙ୍ଗା ମା କଥା ମାନି ଯୋଡ଼ାଏ ବିଚିତ୍ର ଜୀବ ବାଡ଼ିରେ ରଖିଦିଏ । କୁଆ କାହିଁକି ବା ଡରନ୍ତେ ? ଆମେ ବରଂ ବାଡ଼ିକି ପଶୁନାହିଁ ଡରରେ ।

କୁଆ ଭାଇର ସବୁ ଭଲ, କିନ୍ତୁ ଆମ ପେଟର ଆହାର ମକା ଛଡ଼ାଇ ନେବାଟା ପସନ୍ଦ କରି ହୁଏନି । ଗାଁ ସ୍କୁଲ ଛାଡ଼ି ମାଇନର ସ୍କୁଲକୁ ଗଲି, ବୋର୍ଡ଼ିଂରେ ରହିଲି । ମକା ପାଚିବା ଦିନ ଫେରି ଆସିଲି । ଶନିବାରିଆ ସେପଟେ ସେପଟେ ପୋଡ଼ା ମକା, ମକା ପିଠା ଖାଇବା ପାଇଁ ଘରକୁ ଗଲି ।

ଗଣ୍ଠିଲି ଭିତରେ ଆଏ ଗୋଟାଏ ଗୋଲେଲ । ଆମ ସାଙ୍ଗରେ ଜଣେ ଧନୀ ସର୍ଦ୍ଦାର ପୁଅ ପଢ଼ୁଥିଲା । ପୁରୁଣା ପାକ୍ଷିକ ପୃଷ୍ଠାରୁ ଗୋଲେଲର ବିଜ୍ଞାପନ ପଢ଼ି ପଞ୍ଜାବର ଜଲନ୍ଧର ସିଟିକୁ ଡାକରେ ଅର୍ଡ଼ର ଦେଇଥିଲା ଶୀଘ୍ର ଛୁଟି ପୂର୍ବରୁ । ମାସେ ପରେ ପାର୍ଶଲ ଆସିଲା । ପାର୍ଶଲ ଖର୍ଚ୍ଚ ସହିତ ଗୋଟାକୁ ଗୁରଣା ପଡ଼ିଲା । କାଲେ

Digitized by srujanika@gmail.com

ହେଡ଼ମାଷ୍ଟର ଆଉ ହେଡ଼ପଣ୍ଡିତ ଆମରି ଏ ଅସ୍ତ୍ର ଶିକ୍ଷା ବିରୁଦ୍ଧରେ ମାରଣାସ୍ତ୍ର ପ୍ରୟୋଗ କରିବେ, ତାହା ଆମେ କେହି ଜାଣିଲୁ ନାହିଁ । ସର୍ଦ୍ଦାର ପୁଅ ଏତେ ଅସ୍ତ୍ର ରଖି କଣ କରିବ ? ଯୋଲରେ ଆମକୁ ବାଣ୍ଟିଲା । ପୋଲରେ ହାତ ହତିଆର ମିଳିଲେ ପ୍ରତିରକ୍ଷା ନାଆଁରେ କିଏ ବା ନ ଆଣିବ ? ପୁଣି ହାତ ହତିଆର ହାତକୁ ଆସିଲେ କାହା ହାତ ପ୍ରୟୋଗ ପାଇଁ ଖଳବଳ ନ କରିବ ?

ଚକଟା ମାଟିରେ ଗୁଳି ତିଆରି କରି ଖରାରେ ଶୁଖାଇ ଦିନେ ଗୋଲେଇ ଆକର୍ଣ୍ଣ ଟାଣି ମାଆକୁ ନୂଆ ମିଳିଥିବା ଅସ୍ତ୍ରର କରାମତି ଦେଖାଇଲି । ସାଏଁ କରି ଗୁଳି ଚାଳ ଉପର ଦେଇ ଚାଲିଗଲା ମକାବାଡ଼ିକି । ମାଆ ଭଲ କରି ଜାଣେ ମୁଁ କେବେ କୁଆ ମାରିପାରିବି ନାହିଁ । ତଥାପି ପାଖରେ ହତିଆର ଥିଲେ ଅନ୍ୟକାହାକୁ ମାରି ନ ପାରିଲେ ବି ନିଜ ଆତ୍ମୀୟସ୍ୱଜନଙ୍କୁ, ନ ହେଲେ ନିଜକୁ ତ ଜଣେ ଶିକାର କରି ପାରିବ । ପିଲା ହାତରେ ନିଆଁ ହୁଳା ଦେଲେ ହନୁମାନ ପରି ସେ ସ୍ୱର୍ଣ୍ଣଲଙ୍କା ପୋଡ଼ିଦେବ ଯେ, ମୁଁ ଆଉ ଗୋଲେଇର ପତ୍ତା ପାଇଲି ନାହିଁ, ପେଡ଼ି ବା ଓଳିଆ ଭିତରେ ଲୁଚାଇ ଦେଲା ।

ଅହନ୍ତା ମଣିଷକୁ କେତେ ପ୍ରତିହିଂସା ପରାୟଣ କରିପାରେ ଦେଖନ୍ତୁ । କଳା ବିଷୟକ ପାଠ୍ୟକୁ (ଯାହା ମୋ ରୋମାଣ୍ଟିକ ଚେତନାକୁ ପରିପୁଷ୍ଟ କରିଥାନ୍ତା) ପ୍ରତ୍ୟାଖ୍ୟାନ କରି ବିଜ୍ଞାନ ନେଲି । ମାରଣାସ୍ତ୍ର ପ୍ରୟୋଗ କରି କୁଆ ବଂଶକୁ ନିପାତ କରିବା ପାଇଁ ପଦାର୍ଥ ବିଦ୍ୟାରୁ ଗତି, ବେଗ, ମାଧ୍ୟାକର୍ଷଣର ଜ୍ଞାନ ସଂଗ୍ରହ କଲାପରି କେମିଷ୍ଟ୍ରିରୁ ବାତାବରଣ ଦୂଷିତକରଣ ଏପରିକି ପ୍ରାଣିବିଜ୍ଞାନରୁ ଜୀବାଣୁଯୁଦ୍ଧ ଶିଖିବାର ଚେଷ୍ଟା କଲି । ପରୀକ୍ଷା ପାଇଁ ଦିନେ କେମିଷ୍ଟ୍ରି ଲାବୋରେଟରୀରୁ ନାଇଟ୍ରିକ୍ ଏସିଡ୍ ଶିଶିରେ ଆଣି ଭାତଗୋଳାରେ ମିଶାଇ କୁଆଙ୍କୁ ଦେଲି । କାହିଁ କିଛି ହେଲାନି ତ । ତଥାପି ହତାଶ ନ ହୋଇ ବିଜ୍ଞାନ ଲବ୍ଧ ସମସ୍ତ ଜ୍ଞାନ କୁଆ ଜାତିକି ନିର୍ମୂଳ କରିବାରେ ପ୍ରୟୋଗ କରିବି ବୋଲି ଠିକ୍ କଲି । ଅବଶୋଷ ରହିଗଲା, ଦୂରଗାମୀ କ୍ଷେପଣାସ୍ତ୍ର ଅଣୁପରମାଣୁ ଯୁଦ୍ଧବିଦ୍ୟା ବିଷୟରେ ଜ୍ଞାନ ଅର୍ଜନ କରିପାରିଲି ନାହିଁ ।

କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ବାପାଙ୍କ ପରେ ପରେ ମାଆ ବି ଚାଲିଗଲେ । ମୋର ପାଠପଢ଼ାର ପରିସମାପ୍ତି ହେଲା । ପ୍ରଥମ ମହାସମରର ଶେଷ, ପ୍ରଥମ ପୃଥିବୀର ବି ଅନ୍ତ । ମୋର ମଣିଷ୍ଟସ୍ତୁ ବି ହେଲା । ଚାକିରି ସହରରେ ମିଳିଲା । ସସ୍ତ୍ରୀକ ମୁଁ ଗାଁ ଛାଡ଼ିଲି । ଭିଟାମାଟି ପଡ଼ିରହିଲା । କାନ୍ଥ ଭାଙ୍ଗି ପଡ଼ିଲା । ବଡ଼ ବଡ଼ ଗଛ ଯାହା କୁଆଙ୍କୁ ବସା ବାନ୍ଧି ନୂଆ କରିବାରେ ସାହାଯ୍ୟ କରୁଥିଲା ତାହା ମଧ୍ୟ କାଠ ଅଭାବରେ ବିକି ହେଲା । ଡିହବାଡ଼ ଭାଙ୍ଗି ଲୋକେ ନେଇଗଲେ । ନୂଆ ନୀତି

Digitized by srujanika@gmail.com

ହେବନ, ହଲ ଯା'ର ଜନ୍ମ ତାର। ମାଆ ତ ମଲା, ମକା ସ୍ପଷ୍ଟ କରିବ କିଏ ? କ୍ଷୀର ନାହିଁ, ମୁଣ୍ଡବଥା ଆସିବ କୁଆଡ଼ୁ ? ହେଲେ ଯେଉଁ କୁଆଛୁଆ ଯୋଡ଼ିକ, ଯେଉଁମାନେ କି ଆମର କେତେବର୍ଷ ପରେ ଜନ୍ମି ବାହାରୁ ମକା ଖାଉଥିଲେ ତାଙ୍କ ମାଆ ଅଣ୍ଡାରୁ ? ତାଙ୍କର ତ ବୟସ ପ୍ରାୟ ପାଖାପାଖି କୋଡ଼ିଏ ହୋଇଥିବ ଏବଂ ଆମ ପରି ପିଲଙ୍କୁ ଜନ୍ମ କରିବା ଅବସ୍ଥାକୁ ଆସିଥିବେ। ଆମେ ଯିମିତ ବଜାରମୁହାଁ ଧଇଲୁ ସେମାନେ ଆମ ପିଚ୍ଛପିଚ୍ଛ ଆସିବେ ନାହିଁତ।

ସହରକୁ ଆସି କୁଆଙ୍କ ବିଶେଷତଃ ବଜାରିଆ କୁଆଙ୍କ ଗତିମତି, ପ୍ରକୃତି ଅନୁଧ୍ୟାନ କରିବାର ସୁବିଧା ସୁଯୋଗ ପାଇଲି। ଭଡ଼ାଘର ବାରଣ୍ଡାରେ କେନଭାସ ଚେୟାରଟାଏ ପକାଇ ଇତିହାସରୁ ସିପାହୀ ବିଦ୍ରୋହ (ଯାହାକୁ ଏବେ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଛି) କଥା ପଢୁଥାଏଁ। ଏକାବେଳକେ ପଡ଼ୋଶୀର କୃଷ୍ଣଚୂଡ଼ା ଗଛର କଳାକଳା ଫଳଗୁଡ଼ାକ ଭିତର ଦେଇ ଦେଖି ପକାଇଲି ଗୋଟିଏ କୁଆ। ମନେପଡ଼ିଲା ମାଆର କଥା ସବୁ "କୁଆ ଜନ୍ମିଲେ ଶହେ ବରଷ"। ତେବେ ତ ଏଇ କୁଆଟା ଝାନ୍ସିର ରାଣୀ ତାନ୍ତିଆ ଟୋପି ଆଦିଙ୍କୁ ଦେଖିଥିବ। ବିସ୍ମୟାଭିଭୂତ ହୋଇ ଭାବୁଛି, ଆଉ ଗୋଟାଏ କୁଆ ହଠାତ୍ ଉଡ଼ି ଆସିଲା ମୋର ଆଡ଼କୁ ଏବଂ ସାମନା ଘାସ ପଡ଼ିଆରେ ଚରୁଥିବା ଗାଈ ବାଛୁରୀ ପାଖକୁ ଚାଲିଗଲା। କ'ଣ କହିଲା ତା କାନରେ କେଜାଣି ବାଛୁରୀଟା ମଲାପରି ଭୂଇଁରେ ଲମ୍ବି ଶୋଇଗଲା; ଯିମିତି ରୋଗୀ ଡାକ୍ତର ଆଗରେ ପରୀକ୍ଷାପାଇଁ ଶୋଇଯାଏ। କୁଆଟା ପ୍ରଥମରେ ତା ଆଖି ଦୁଇଟାରୁ ଅତି ସାବଧାନରେ ଲିଷ୍ଟ୍ରବ କାଢ଼ି ଆଣିଲା, ତାପରେ ଚଣା ଖୁଣ୍ଟି ଖାଇଲା ପରି ଗୋଟିକି ଗୋଟି ଟିଙ୍କ ତା ଦେହରୁ ଟାଣି ନେଲା। କୃଷ୍ଣଚୂଡ଼ା ଗଛର କୁଆଟା ସେତିକିବେଳେ ଗୋଟାଏ ଉଡ଼ିଯାଉଥିବା ଚିଲ ପଛରେ ଲାଗିଗଲା ଏବଂ ଧରି ନେଉଥିବା କୁକୁଡ଼ା ଛୁଆଁକୁ ଉଦ୍ଧାର କରିଦେଲା ତା ନଖମୂନରୁ। ପରଦିନ ଭୋର ସକାଳୁ କୁଆଡ଼େ ଯିବାର ଥାଏ; ଚର୍ଚ୍ଚ ଘଣ୍ଟା, ମସଜିଦର ଲାଉଡ଼ସ୍ପିକରରୁ ଆସୁଥିବା ଆଜାନ ହୋ, ମନ୍ଦିର ଘଣ୍ଟାଧ୍ୱନି କେହି ଉଠାଇ ପାରିଲେନି, ଝରକା ପାଖର କାଆ କାଆ ରବରେ ନିଦ ଭାଙ୍ଗିଗଲା। ଭୋର ହେଉନ ଧରିପାରିଲି।

ଏ ଦୁଇଟି ଚଢ଼େଇ ଯୋଡ଼ି ନା ବିଯୋଡ଼ି କେଜାଣି କହୁଥାଏ। ଦିନେ ଦେଖିଲି ଦୁ'ଜଣ ଏକାଠି ନୁଆଣିଆଁ ନଡ଼ିଆ ବାହୁଙ୍ଗାରେ ବସିଲେ; କ୍ରମେ ଡେଇଁ ଡେଇଁ ପାଖକୁ ପାଖକୁ ଆସି ଲାଗାଲାଗି ହେଲେ; ତା ପରେ ଖୁମ୍ପାଖୁମ୍ପି, ଅଧାର ବଣ୍ଟାବଣ୍ଟି କଲେ। ଜଣେ ଆଉ ଜଣକର ଚୂଲ ଖାଙ୍କିଲା, ଆଉ ଜଣେ ସୁଦ୍ଧା କରିଦେଲା; ତା' ପରେ ସିନେମାଷ୍ଟାର ପରି ଦୁହେଁ ଦୋଳରେ ଝୁଲିଲେ। ପରଦିନ

Digitized by srujanika@gmail.com

ନାଳିଆରେ ଗାଧୋଇ ସିମେଣ୍ଟ ବେଞ୍ଚରେ ବସି ଖରାରେ ଡେଣା ଶୁଖାଉଥିଲେ, ଆମେ ଲୁଗା ଶୁଖାଉଥିଲା ପରି । ସେମାନେ ଆମକୁ ଯିମିତି ଆଖିରେ ଚାହିଁଲେ। ସେଥିରୁ ଜାଣିଗଲୁ ଏମାନେ ସେହି ଶାନ୍ତ ବର୍ଷିଆରୁ ହିଁ ଆମ ଗାଁରୁ ଆସିଛନ୍ତି ଏବଂ ଫେରିଗଲେ ବାପା ଜେଜେ ବାପାଙ୍କ ସନ୍ଦେଶ ଦେଇ ପାରିବେ ।

ଆଉ କେତେଦିନ ପରେ ଦେଖିଲି ସେମାନେ ଖିଆପିଆ ଭୁଲି ଜୋର-ସୋରରେ ବସା ବାନ୍ଧୁଛନ୍ତି, ସବୁଠୁଁ ସାନ ନଡ଼ିଆ ଗଛଟାରେ । ପାଖରେ ବଡ଼ ଆମ୍ବ ବଉଳ ଗଛକୁ ଛାଡ଼ି, ଉଚ୍ଚତର ନିରାପଦ ସ୍ଥାନ ଛାଡ଼ି ନଡ଼ିଆ ଗଛଟାରେ ବସା ବାନ୍ଧିବାର କାରଣ ଅନୁମାନ କରି ଜାଣିଲି, ଆଗାମୀ ତିନି ମାସରେ କେହି ଦୁର୍ବୃତ୍ତି ନଡ଼ିଆ ଗଛରେ ଚଢ଼ିବେ ନାହିଁ; କାରଣ ସେ ଗଛଟାରେ ଫୁଲ ଫଳ କିଛି ନାହିଁ । ବସା ବାନ୍ଧିବାରେ ବି ସେମାନେ କୁଶଳୀ ଯନ୍ତ୍ରୀ ନୁହନ୍ତି । ତାଙ୍କ ପିଲାଙ୍କର ତୁଳା ଦରକାର ନାହିଁ । କାଠ, ଖଡ଼ିକା ଯାହା ଟାଣୁଆ ଚିଜ ମିଳିଲା ସେଥିରେ ଘର ବାନ୍ଧିଲେ ଚଳିଯିବ । କେବଳ ଖରା ବର୍ଷାରୁ ରକ୍ଷା ମିଳିଲେ ହେଲା । ତାଙ୍କ ଛୁଆମାନେ ଧନୀଘର ପିଲା ପରି ତୁଳା ପରି ଡନଲପ୍‌ପିଲୋର ନରମ ଶେଯ ଚାହାନ୍ତି ନାହିଁ । ଗରିବ ଭିକାରୀ ସହରର ରାସ୍ତା ଚଟାଣରେ ଅଚେତା ହୋଇ ଶୋଇ ପାରୁଛନ୍ତି ତ !

ଇତିହାସ ପଢ଼ି, ସେମାନଙ୍କ ଜୀବନଯାପନ ପ୍ରଣାଳୀ ଅନୁଧ୍ୟାନ କରି ଏବଂ ସେମାନଙ୍କ ପ୍ରତି ମାଆଙ୍କ ଜନ୍ମଗତ ସ୍ନେହ, ବାତ୍ସଲ୍ୟ ମମତା ମନେ ହୋଇ ମୋର କୁଆ ଜାତି ପ୍ରତି କଠୋର ଦୃଷ୍ଟିଭଙ୍ଗୀରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ।

କିଛିଦିନ ଯିବାପରେ ପୂର୍ବାନୁମାନ ମୁତାବକ ଓ ପରମ୍ପରାରେ ଖରାଦିନିଆ (ସକାଳିଆ) ଦି' ପହରରେ ଝରକା କବାଟ ବନ୍ଦ କରି ଧୁଆ ସିମେଣ୍ଟ ଚଟାଣରେ ଖୁବ୍ ନରମ କାରୁକାର୍ଯ୍ୟ ହୋଇଥିବା କଲିକତା ଶୀତଳପଟି ପାରି ଶୋଇଥାଉଁ (ମାଆର ଛୁଆଦିଆ ମାଟି ଚଟାଣ କଥା ମନେ ପଡ଼ୁଛି ?) କାଆ କାଆ ରାବରେ ନିଦ ଭାଙ୍ଗିଗଲା । ମୋ ସ୍ତ୍ରୀ (ଠିକ୍ ମାଆଙ୍କ ପରି !) ଅତ୍ୟନ୍ତ ବିରକ୍ତି ହୋଇ ମାରି କହିଲେ, "ଦିଶାଦିଆ କୁଆ ଦି'ଟା ରବିବାରିଆ ଦି'ପହରରେ ବି ମଣିଷକୁ ଶାନ୍ତିରେ ଶୋଇବାକୁ ଦେବେନି; ଅନର୍ଗଳ କାଆ କାଆ । ଆଉ କେହି ଯିମିତି କୁଆ ଜନ୍ମ କରୁନାହାନ୍ତି (ତାଙ୍କର ଅଷ୍ଟମ ପରେ ନବମଆଡ଼କୁ ଆଖି) କି ପାଳୁ ନାହାନ୍ତି । ମାଆ କହୁଥିଲେ "କୁଆ ଜନ୍ମିଲେ କୁଆଡ଼େ ଶତ୍ରୁ ବଢ଼ନ୍ତି ।" ମଣିଷ ଦୁନିଆରେ ରହିବେ କିମିତି ଏମାନଙ୍କ ଜାଲାରେ ?

କୁଆ କୁଆ ବା ବଞ୍ଚିବେ କିମିତି ? ସହରରେ ତ ସକାବାଡ଼ ନାହିଁ । କିମିତି କେଉଁଠି ଖିଲ୍ ଲିଟାଏ, ପମେଡ୍ ଟାଏ, ନହେଲେ କଦଳୀଟାଏ ପାଉଚି ସୁବିଧା ତ

Digitized by srujanika@gmail.com

ଲୋକେ ତୋଳ ନେଉଛନ୍ତି । ସେଇ ମଣିଷଙ୍କ ହର୍ଷର କଥା ଦିନା ଅପେ ବଢ଼ୁଛି । ଘରପାଚେରି କାନ୍ଥ, ଛାତ, ନଡ଼ିଆ ଡାଳରେ ବସି କେତେବେଳେ ସେପେଇ କଟେଇ, ଖିଆପିଆ, ହଡ଼ାବଡ଼ି ଧୂଆଧୋଇ ଚାଲିଛି ତାକୁଇ ଦୃଷ୍ଟି ବସିବା କଥା । ଆମ ପିଲଙ୍କ ଭୋକ ପୁଣି କମ୍ ନୁହେଁ, ମାନେ ଦୁଇମାସ ପୁରା ଖାଇଲେ ଦିନା ଶୀଘ୍ର ବସା ଛାଡ଼ିବେ, କ'ଣ ମଣିଷ ପିଲ ହୋଇଛନ୍ତି ଯେ ମାଆ ଯୋଗି ନ ଦେଲେ ପେଟ ବଗିଡ଼ି ଯିବ, ଝାଡ଼ାବାନ୍ତି ହବ । ଏଣେ ମୋ ଘରେ ଆଉଙ୍କ ପିଲାଝିଲାଏ କେଁ କଁ । କେଁ କଁ ହେଉଛନ୍ତି । କାହା ହାତରୁ କିଏ ଚକୋଲେଟ ନେଇଗଲା, କାହାର ପାଉଁରୋଟି କିଏ ନେଇଗଲା, କାହାର ବା ଅଣ୍ଡା କିଏ ନେଇଗଲା, ପିଲାଝିଲାଙ୍କ ମାଆ ବି ଅତିଷ୍ଠ । କିଏ ଦୁଧ ଗିଣ୍ଡରେ ମୁହଁ ମାରିଦେଲା, ଟାଓ୍ୱାରୁ ଇଲିସ ଝିଣ୍ଟି ନେଇଗଲା । ପଚାରିଲା, "ହଇ ହେ, କଣ କରିବା ? କିମିତି ଏମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ? ସ୍ୱାମୀ ଦର୍ଶନ ଶାସ୍ତ୍ର ପଢ଼ାଇଲା ପରି କହିଲେ, "ଧନୀ ଦରିଦ୍ର ଏକାଠି ରହିଲେ ଏମିତି ହବ । କେତେ ବାଡ଼ବତା ଦବ । ବୁଭୁକ୍ଷିତ ସବୁ ପାପ କରିପାରେ । ଚୋର ଡକାୟତ ତ ଧନୀ ଦେଶରେ ଭରପୁର, ଆମର ଏ ଦରିଦ୍ର ଦେଶରେ କୁଆ ପରି ଛୋଟ ଛୋଟ ଚୋର ରହିବେ । ତୁମେ ଆମେ କେଉଁ ସାଧୁ କି ? ଆଚ୍ଛା ମୁଁ ବ୍ୟବସ୍ଥା କରୁଛି; ତୁମେ ସ୍ୱସ୍ତିପଢ଼, ଛୋଟ କଥାରେ ମୁଣ୍ଡ ଖେଳାଅ ନା ।" ସ୍ୱାମୀ ଅଗଣାରେ ତାରଜାଲି ଦେଲେ ଯିମିତି କୁଆମାନେ ଡାଇଭ ମାରି ପାରିବେନି । ପିଲଙ୍କ ଖେଳନା ବନ୍ଧୁକ ବି ସ୍ୱପଥର ଫୁଟାଇ ସୀମାନ୍ତରେ ବସାଇଦେଲେ । କୁଆ କାହିଁକି ଜବ୍ଦ ହେବେ ? ଜଙ୍ଗେ ବଞ୍ଚିବେ, କୁଆ ପିଲା ପାଳିବେ । ମାଆ ଯାହା ଶିଖାଇ ଥିଲ ସ୍ୱାମୀ ବି ସେଇଆ କହିଲେ । ମାତ୍ର ଜାତି ପରି ଦୁଇଥା ପାଳୁଛନ୍ତି, ଚଳାଉଛନ୍ତି ବି ।

କୁଆ ଜାତିର ତୃତୀୟ ପୁରୁଷ ଆସିଗଲେ ମଣିଷ ଜାତିର ତୃତୀୟ ପୁରୁଷ ବା ଥାର୍ଡ଼ ଜେନେରେଶନ ସଙ୍ଗେ ସଙ୍ଗେ; ପୁଣି ଆଗାମୀ ଶହେ ବର୍ଷର ଇତିହାସ ଲେଖିବା ପାଇଁ; କାଲି ଦୁଃଖର କଥା, ଦୁନିଆର ସମସ୍ତ ଦଳ ଅଭିଜ୍ଞତାକୁ ଭୁଲି ବର୍ଣ୍ଣବୈଷମ୍ୟ ଦୂର କରନ୍ତେ କ'ଣ ଯୁଦ୍ଧଖୋରମାନେ ରାଜନୀତି, ଅର୍ଥନୀତି (ଟାଉଟରି) ନାଆଁରେ ନବ୍ୟ ସାମ୍ରାଜ୍ୟବାଦ, ନବ୍ୟ ସାମ୍ୟବାଦ ପ୍ରଚାର କଲେ ଏବଂ ବୈଷମ୍ୟର ପ୍ରାଚୀନ ମନ୍ତ୍ରେ କୁଆମାନଙ୍କ ଭିତରେ ଭେଦଭେଦ ସୃଷ୍ଟି ପାଇଁ ନୂଆ ଗୀତ ଗାଇଲେ କୁଆ ମଧ୍ୟ କୋଇଲି କି ଯୋଡ଼ି "କୁଆ କଳା ପୁଣି କୋଇଲି ତ କଳା ।" So what ? କ'ଣ ହେଲା ? ରାଜନୀତିରେ ପଲ୍ଟିକସ୍ ପୁରାଉଛ କାହିଁକି ? 'କାକତୀର୍ଥ' ଥିଲ 'କେ.ଇଲ' ବୈକୁଣ୍ଠ ଗଲା କାହିଁକି ? କାକଃ କାକଃ ପିକଃ ପିକଃ ।

Digitized by srujanika@gmail.com

କିଛି ହେଉ ନ ହେଉ କୁଆ ବସା ଭିତରୁ କୋଇଲି ସ୍ୱର୍ ଆସିଲା । ଏତେ ଶ୍ରମସାଧନ କରି ବସା ବାନ୍ଧି, ଡିମ୍ବ ଦେବାର ଓ ଛୁଆ ଫୁଟାଇବାର କଷ୍ଟ ସହି ସାଇପଡ଼ିଶାଙ୍କଠାରୁ ମାଗିଯାଚି ଛୁଆଙ୍କୁ ବଡ଼ କରି ଡେଣା ଲଗାଇଲାବେଳକୁ କୁଆ କାଆ କାଆ ବଦଳରେ କୁହୁ କୁହୁ ସ୍ୱର କ'ଣ ? ସ୍ୱୈରିଣୀ କୋଇଲି ବେଳକାଳ ଭଣ୍ଡି ଆମ ବସାରେ ଡିମ୍ବ ଦେଇ ଆମ୍ବ ବଉଳ ମଞ୍ଜରେ ବଉଳ କୋଳି ଖାଇ ମନଫୁଲିଣିଆ ଗୀତ ଗାଉଛି । କବିମାନେ ଗୀତର ମୂର୍ଚ୍ଛନାରେ ମୁଗ୍‌ଧ ହୋଇ ପ୍ରେମ ଗୀତର ଫୁଆରା ଛୁଟାଇଛନ୍ତି । ଗଣି ନ ଶିଖିଲୁ ବୋଲି ଧୂଇ ଜାଗାରେ ଘୃଣ ଛୁଆ ! ଯର ଲାଗିବାରୁ ବହୁ କଷ୍ଟରେ ବଞ୍ଚିବଞ୍ଚି କରି ଚିହ୍ନିଲେ କିଏ କୁଆ କିଏ କୋଇଲି ଏବଂ କୋଇଲିର ଛୁଆଙ୍କୁ ବସାରୁ ଖେଦି ଦେଲେ ଏପରିକି ତାଙ୍କ ମାଆ ବାପାଙ୍କ ପିଛା ଲାଗି ଗଛରୁ ଗଛକୁ ଘଉଡ଼ାଇଲେ । ହେଲାଛି ନା ! ଟେଷ୍ଟ୍‌ପାସ୍ କରିବ !!

ଏତିକିବେଳେ ବିପ୍ଲବର ଉପାସକ ରୋମାଣ୍ଟିକଧର୍ମୀ ଯୁବକଗଣ "କୋଇଲିର ଧର୍ଷଣ ଆମର ଧର୍ଷଣ" ଚିତ୍କାର କରି ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ସ୍ୱରେଷ୍ଟିଯାକ ଫ୍ଲାଟରୁ ଆକ୍ରମଣାତ୍ମକ ଭଙ୍ଗୀରେ ବାଧ୍ୟାଣ ଅସ୍ତ୍ର ଚଳାଇ ଆରମ୍ଭ କଲେ ତାଙ୍କ ଉପରେ । ସୁପ୍ରୀମ୍ କମାଣ୍ଡର ଅଫ ଏଲାଏଡ ଫୋର୍ସେସ ହେଲା ମୋର ପ୍ରଥମ ପୁଅ ଯେ କି ଆମେରିକାରେ ଦଶବର୍ଷ ଯାବତ୍ ଏଟମିକ୍ ଏନର୍ଜି ଉପରେ ଗବେଷଣା କରି ନୋବେଲ ପୁରସ୍କାର ପାଇବ ପାଇବ ହେଉଛି । ସେମାନଙ୍କ ସହିତ ଆହୁରି ଅନେକ ଅନେକ ଟାଣୁଆ ଅଟାଣୁଆ ଯୋଦ୍ଧା । ସେମାନଙ୍କ ଚିତ୍କାରରେ ଗଗନ ପବନ ମୁଖରିତ ତଥା ପ୍ରବୁଦ୍ଧ ହେଲା । ଏକ ସ୍ୱରରେ ସେମାନେ କହୁଛନ୍ତି -- ମୁକ୍ତସ୍ନାନ ଦିଅ, ଅଧିକ ଟେକ୍ସ ଦିଅ, ଅଧିକ ଖଜଣା ଦିଅ, ଶତ୍ରୁ ଦ୍ୱାରସ୍ଥ, ତାକୁ ନିପାତ କରିବୁ । ଏଫ-୧୬ ନ ହେଲେ ମିରେଜ କିଣିବୁ । କୁଆ-ବଂଶର ତଥା କୁଆ ଛୁଆଙ୍କ ଅଭିବୃଦ୍ଧି ହେଉଛି । କୋଇଲିର ସର୍ବନାଶ ଅବଶ୍ୟମ୍ଭାବୀ । ଯୁଦ୍ଧପାଗଳାମି ରେଡ଼ିଓ ଟେଲିଭିଜନ ମାଧ୍ୟମରେ ସମ୍ପ୍ରସାରିତ ହେଲା । ମେଣ୍ଟ, ଚକ୍ରାନ୍ତ, ସନ୍ଦେହ, ଅବିଶ୍ୱାସର ବାତାବରଣ ଆମ ଇଲାକାକୁ ଢାଙ୍କି ପକାଇଲା ।

ସାହସ କରି ସେମାନଙ୍କୁ ବୁଝାଇଲି, "ଦେଖ, କୁଆ ରାଜ୍ୟରେ ତୁମ କୋଇଲିର ଅନୁପ୍ରବେଶ ସର୍ବାଦୌ ଗର୍ହିତ । ସେ ସମୃଦ୍ଧଶାଳୀ ଜାତିର; ତାର ଅଭାବ ଅନଟନ ନାହିଁ, ପୁଞ୍ଜିବାଦୀ ଶ୍ରେଣୀର, ରୋମାଣ୍ଟିକ ଧୁନିଆଙ୍କୁ ସଙ୍ଗୀତ ଜରିଆରେ ଲତାମଙ୍ଗେସ ପରି ଆସ୍ତରଣ ବା କାବୁ କରି ରଖିଛି । କୁଆଟି ବିଚରା ଖଟିଖିଆ ମେହେନତି ଧୁନିଆର । ଗରିବ ମାଇପ । ନା ଘର, ନା ଦ୍ୱାର ! ଷ୍ଟେସନ ବଜାରର ଜଙ୍ଗ ଅଶ୍ୱତ୍ଥ ଗଛରେ ପେଚା, ବଗ, ବଣି ଆଦି ତଳ ଶ୍ରେଣୀ ଚଢ଼େଇଙ୍କ

Digitized by srujanika@gmail.com

ସାଙ୍ଗରେ ରାତି ଅନିଦ୍ରାରେ କଟାଏ । ଫେର୍ କୋଇଲିର କୁଆକୁ ପାଳି ଦେଉଛି । ମାନୁଛି, କୁଆ ସୁନ୍ଦର ନୁହେଁ ତାର ଦୃଷ୍ଟି ବକ୍ର, ଶ୍ଳେଷାତ୍ମକ କିନ୍ତୁ ଯଥାର୍ଥ ବସ୍ତୁର କଲେ ସେ ଏକ ସୂକ୍ଷ୍ମ କ୍ଲାସିସିଜମ୍‌ର ପ୍ରତୀକ । ଆମ ଭଲା ବଡ଼ ଠାକୁରଙ୍କୁ ବଳି କିଏ ବେଶୀ କ୍ଲାସିକ୍ ହୋଇପାରିବ ।''

ଏକାବେଳକେ ସମସ୍ତେ ଚିତ୍କାର କଲେ ''We shall kill him for his bad verse.'' ଏବଂ ଧାଇଁଲେ ଅସ୍ତ୍ର ସନ୍ଧାନ ଅଭିଯାନରେ ସେଇ ସେଇ ଦେଶକୁ ଯେଉଁଠି ସମଗ୍ର ମାନବ ଜାତିକୁ ପରଶୁରାମ ଏକୋଇଶଥରବାର ନିକ୍ଷତ୍ରିୟ କରିପାରିବା ପରି ଅସ୍ତ୍ରାଗାର ଅଛି ।

ଚାରିଆଡ଼ୁ ଚିତ୍କାର ''ସମାଜବାଦ ରକ୍ଷା'' ''ପୁଞ୍ଜିବାଦୀ ବଜ୍ଜାତ'' ''ଗଣତନ୍ତ୍ର ରକ୍ଷାକର'' ଏପରିକି ''ରାଜତନ୍ତ୍ରର ଟେକ ରଖ'' ଯାହାର ତାତ୍ପର୍ଯ୍ୟ ହେଲା ମଣିଷ ବିନିମୟରେ ବାଦ ବଞ୍ଚୁ । ମଣିଷ ଜାତିଟି ନର୍କେ ପଡ଼ିଥାଉ ବାଦଟି ଉଦ୍ଧାର ହେଉ ନେ ।

ମୁଁ କହିବାକୁ ଯାଉଛି 'ହେ କୁଆ, ମାରିବାକୁ ଗୋଳାବାରୁଦ, ବନ୍ଧୁକ କମାଣ, ଉଡ଼ାଜାହାଜ, କ୍ଷେପଣାସ୍ତ୍ର କଣ ଲୋଡ଼ା ? ତୁମ ମାଆ ଜେଜେମା କିଏ ହୁରୁଡ଼ା ଗୋଟାକରେ ଆଉ କିଏ ବାଡ଼ୁଅ ବା ଖେଳନା ବନ୍ଧୁକର ଭୟ ଦେଖାଇ କୁଆଙ୍କୁ ଅଟକାଇ ପାରୁଥିଲେ; ତାଙ୍କ ପୂର୍ବପୁରୁଷ ବା ଆଦିମ ମାନବ ଠେଙ୍ଗାବାଡ଼ି, ଢେଲାପଥର, ହାଡ଼ ଚିକାଟେଲ ଅଥବା ଡାଇନୋସର କବଳରୁ ବଞ୍ଚି ମଣିଷ ଜାତିକି ଲକ୍ଷ ଲକ୍ଷ ବର୍ଷ ଧରି ଜିଆଇଁ ରଖିଛନ୍ତି, ଅଥଚ ସଭ୍ୟତାର ଚରମ ସୋପାନରେ ପହଞ୍ଚି ଇଏ କଣ କରିବାକୁ ଯାଉଛ ?''

ମୋ କଥା ତାଙ୍କ କାନର କୁହର ପହଞ୍ଚିଛି କି ନାହିଁ ଜଣେକ ନେତା ବୀରପୁଙ୍ଗବ ଜାତୀୟତା ବହ୍ନିରେ ଝାସ ଦେଇ ପେଣ୍ଟ ସାର୍ଟ ପିନ୍ଧିଥିବା ଅବସ୍ଥାରେ ବି ନଡ଼ିଆ ଗଛକୁ ଚଢ଼ିବାକୁ ଚେଷ୍ଟା କଲେ କୁଆବଂଶର ସମୂଳୋତ୍ପାଟନ ତଥା ଧ୍ୱଂସ ସାଧନ ପାଇଁ । ଦି ହାତ ଚଢ଼ିଛି କି ନାହିଁ କାକଦମ୍ପତି ଆଗରୁ ମାଡ଼ି ଆସି ଏଣୁ ଆସି ଆକ୍ରମଣ କରି ତା ମୁଣ୍ଡରେ ମୁହଁରେ ଡେଣା ବାଡ଼େଇ, ଥଣ୍ଟ ନଖରେ (ଦିନ ଥିଲା ଏଇ ନଖ ଦାନ୍ତ ମଣିଷର ବି ଏକମାତ୍ର ଅସ୍ତ୍ରଶସ୍ତ୍ରରେ ଗଣାଯାଉଥିଲା) ଆଖି ନାକ କାନକୁ ଅମୂଳ ରକ୍ତିମ ଲାଲ୍ ଟିଙ୍ଟିଙ୍ଗର କରିଦେଲେ । ପ୍ରାଣବିକଳରେ ପରାସ୍ତ ଓ ଅପମାନିତ ହୋଇ ସୂର୍ପଣଖା ଭଳି ପାଟିକ୍ରି ଫେରିଲେ ପରି ଏଲ୍‌ଏଡ଼୍ କ୍ୟାମ୍ପକୁ ଫେରିଗଲେ ।

ତାପରେ ? ଅଦୃଷ୍ଟପୂର୍ବ ଅଭୂତପୂର୍ବ ଦୃଶ୍ୟ ! କିଏ କହିଛି କୁଆମାନଙ୍କର ଥି ଏକତା, ଇଉନିୟନ କରିମକଦୂର ଯୁନିୟନ ପରି । କାକଦମ୍ପତି ଉପରେ ଏ

Digitized by srujanika@gmail.com

ଅହେତୁକୀ ଅଗ୍ନିନେଇ ଆକ୍ରମଣ ସମ୍ବାଦ ବିଜୁଳି ବେଗରେ ପାଇବା ପରେ ଗ୍ରହୁଁ ଗ୍ରହୁଁ କାମ୍ବୋଡିଆ, କୋରିଆ, ଭିଏତନାମ, ଇରାକ, ଇରାନ, ଇଜିପ୍ଟ, ଆଫ୍ରିକା, ଦକ୍ଷିଣ ଆଫ୍ରିକା, ପୋଲାଣ୍ଡ, ଆଫଗାନିସ୍ଥାନ, କ୍ୟୁବା ଓ ଅନ୍ୟାନ୍ୟ ଦେଖା ଅଦେଖା ବଡ଼ ସାନ ରାଜ୍ୟରୁ କୁଆପଲ ଆର୍ତ୍ତ ଆତଙ୍କିତ ସ୍ୱରରେ କାଆ କାଆ ଡାକହାକ ହୋଇ ମୂହୂର୍ତ୍ତିକେ ମିଳିତ ହୋଇଗଲେ, ତୃତୀୟ ମହାସମରର ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ । ଉଭୟ ସେନାଙ୍କ ସଂକ୍ଷିପ୍ତ ବର୍ଣ୍ଣନା ଆଧୁନିକ ସଞ୍ଜୟ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଦେଇଥାନ୍ତେ “ମହାରାଜ ! ମୁଁ ଦେଖୁଛି ଏକପକ୍ଷରେ ନବ୍ୟ କୌରବ ଅନ୍ୟ ପକ୍ଷରେ ନବ୍ୟ ପାଣ୍ଡବଙ୍କୁ । ଏକ ପକ୍ଷ ପୁଞ୍ଜିବାଦ ତ ଅନ୍ୟପକ୍ଷ ସାମ୍ୟବାଦ, କିଏ ପୂର୍ବ କିଏ ପଶ୍ଚିମ; କିଏ ନର୍ଥ ଅନ୍ୟପକ୍ଷ ସାଉଥ୍ ; ଦଳେ ଗୋରା ଅନ୍ୟ ଦଳ କଳା, କିଏ କ୍ୟାପିଟାଲିଷ୍ଟ ତ ଅନ୍ୟପକ୍ଷ ରୋମାଣ୍ଟିସିଷ୍ଟ; ଚୁମ୍ବକରେ କହିଲେ ଏକ ପକ୍ଷରେ କୁଆ, ଅନ୍ୟ ପକ୍ଷରେ କୋଇଲି ।” ପୁଣି କହିଲେ “ହେ ମହାତ୍ମନ୍ ! ଏ ସମରକୁ ଆପଣଙ୍କ ପୁତ୍ରମାନେ କିମିତ ପ୍ରସ୍ତୁତ ହୋଇଛନ୍ତି ପୂର୍ବ କଳିଙ୍ଗମଙ୍କ ମୋର ବିଶ୍ୱାସ ଏ ଯୁଦ୍ଧ ପାଞ୍ଚ ପାଞ୍ଚ ବର୍ଷ କିଣ, ଅଠର ମିନିଟ୍ ପୂର୍ବରୁ ଶେଷ ହୋଇଯାଇ ପାରେ; କିନ୍ତୁ ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ, କାହିଁକି ଏ ଯୁଦ୍ଧ କେହି ଯୋଦ୍ଧା ଜାଣନ୍ତିନାହିଁ । କିଏ କହେ ମାନସମ୍ମାନ ପାଇଁ, କିଏ କହେ ଖାଦ୍ୟ ପାଇଁ, କିଏ କହେ ବଞ୍ଚିବା ପାଇଁ, କିଏ କହେ ଜନସଂଖ୍ୟା ରୋକିବା ପାଇଁ, କିଏ ବା କହେ ଦରଦାମ ବୃଦ୍ଧି ପାଇଁ ଯୁଦ୍ଧ; ଅନେକ କହନ୍ତି ବେପାରବଣିଜ ପାଇଁ ବା ଯୁଦ୍ଧ ପାଇଁ ଯୁଦ୍ଧ କ୍ଷମତା ପାଇଁ ଯୁଦ୍ଧ; କିନ୍ତୁ କେବଳ ଗୋଟିଏ ପକ୍ଷକୁ ବର୍ତ୍ତମାନ ଦେଖୁଛି କୁଆ କୁଆ କୁଆ; ଆକାଶ ପୃଥିବୀ ଅନ୍ଧକାରମୟ କୁଆପଲରେ ।”

ସୁପ୍ରୀମ କମାଣ୍ଡର ଅଫ ଦି ଆଲାଏଡ଼ ଫୋର୍ସେସ ସେତେବେଳକୁ Some where in the western front ରେ ଥାଇ ଟେଲିଭିଜନ ସାହାଯ୍ୟରେ ଏଲାଏଡ଼ଙ୍କ ପ୍ରାଥମିକ ପରାଭବ ଦେଖି ସାରିଲେଣି ! ପରାଭବ ଯେତେ ନ ବାଧେ ସର୍ବସାଧାରଣରେ ବିଶ୍ୱ ଦରବାରରେ ପରାଭବଜନିତ ଅପମାନ ବେଶି ବାଧେ । ସୁପ୍ରୀମ କମାଣ୍ଡରଙ୍କୁ କିଏ ନ ଜାଣେ ? ସେ ମୋର ପୁତ୍ର ଆଦାମଙ୍କ ପୁତ୍ର, ମନୁଙ୍କ ପୁତ୍ର, ଆପଣଙ୍କ ପୁତ୍ର, ଏପରିକି ଯୀଶୁ, ମହମ୍ମଦ, ବୁଦ୍ଧ, ଜିନଙ୍କ ପୁତ୍ର । ଭଗବାନ ନିଜ ଦେହର ସହିତ ମେଳ ରଖି ସୃଷ୍ଟି କରିଛନ୍ତି । ସୁପରହ୍ୟୁମ୍ୟାନ ତାଙ୍କୁ ନ କହି ସୁପର ପାଓ୍ୱାର କହିବା ସମୀଚୀନ । କୁଆଗୁଡ଼ାକ ତାଙ୍କ ସୃଷ୍ଟି ଧ୍ୱଂସ କରିବେ—ଏ କଥା ସେ ସହିବେ କିପରି ? ମୋର ଅଜ୍ଞାତରେ ସମଗ୍ର ପୃଥିବୀର ଅଜ୍ଞାତରେ କେଉଁଠି କି ପ୍ରକାର ଅସ୍ତ୍ର ପୃଥିବୀର ଶେଷସମର ପାଇଁ ଲୁଚାଇ ରଖିଥିଲେ ତାହା ପାଖରେ ବସି ସେ କାଉଣ୍ଟ-ଡାଉନ କରି ଚାଲିଥାନ୍ତି;

Digitized by srujanika@gmail.com

ଖାଲି ସୁଇଚ୍ ଟିପିଲେ ହେଲା । ଯିମିତି ସଇତାନ ଅଶ୍ୱଭ ମୁହୂର୍ତ୍ତର ସୂଚନା ଦେଉଛି ସେମିତି ସେ ଅଇନ୍ ଷ୍ଟାଇନ୍ ଓପେନହାଓ୍ୱାର, ଆଇଜେନହାଓ୍ୱାର ଏପରି କି ଫ୍ରେଙ୍କିନ୍‌ଷ୍ଟାଇନ ଓ ଭସ୍ମାସୁରର ନାଆଁ ଉଚ୍ଚାରଣ କରି କମ୍ପ୍ୟୁଟର ସାହାଯ୍ୟରେ ଠିକ୍ ଲକ୍ଷ୍ୟସ୍ଥଳରେ ଆଖି ବନ୍ଦ କରି ପକାଇଦେଲେ ।

ସେ ଦୃଶ୍ୟ ଖାଲି ଗୀତାନଳାର୍କଧ୍ୟୁତ ଅର୍ଜୁନ ଦେଖିଥିଲେ ଏବଂ ଶୁଣିଥିଲେ, ଭବିଷ୍ୟବାଣୀ "କାଲୋଽସ୍ମି ଲୋକକ୍ଷୟକୃତ ପ୍ରବୃଦ୍ଧ, ଲୋକାନ ସମାହର୍ତ୍ତୁମିହ ପ୍ରବୃତ୍ତଃ" । ସେ ଭୟାବହ ଦୃଶ୍ୟ ବର୍ଣ୍ଣନା ପାଇଁ କେହି ବଞ୍ଚି ନ ଥିଲେ, ଏପରିକି ସୁପ୍ରିମ କମାଣ୍ଡର ମଧ୍ୟ । କେବଳ ହିରୋସିମା ନାଗାସାକିର ପ୍ରଳୟଙ୍କର ଦେଖିବାକୁ ବଞ୍ଚିଥିବା ଅନ୍ଧବଧିର ଆଂଶିକ ବିବରଣୀ ଦେଇପାରିବ ।

ବଡ଼ ବଡ଼ ପାହାଡ଼ର ଗୁମ୍ଫାରେ ବା ମହା ସମୁଦ୍ର ମଝିରେ ଯେଉଁମାନେ ଥିଲେ ସେମାନେ ଫେରି ଆସି ମୁମୂର୍ଷୁ ଅବସ୍ଥାରେ ଘଟଣା କିଛି ବୁଝି ପାରିଲେ ନି କିମ୍ବା କିଏ କୁଆ କିଏ କୋଇଲି ଚିହ୍ନି ପାରିଲେ ନି । କାରଣ ଦୁହେଁ ସମାନ ହୋଇଥିଲେ ମୃତ୍ୟୁ ଶଯ୍ୟାରେ ।

ସହାନୁଭୂତି ଓ କୌତୂହଳ ନେଇ ପୃଥିବୀର ଏ ମହାପ୍ରଳୟ ପରେ ହୁଏତ ଗ୍ରହାନ୍ତରରୁ ଅପାର୍ଥିବମାନେ ଆସିଥିବେ ଏବଂ ଧୂମକୁଣ୍ଡଳୀ ଓ ଧୂଳିପଟଳ ଭେଦ କରି ଟୁକୁରା ଟୁକୁରା ତଥ୍ୟ ଯୋଡ଼ାଯୋଡ଼ି କରି ମାନବ ଜାତିର ଇତିହାସ ପାଇଁ ପୁଣି ରଚନା ପ୍ରୟାସ କରିଥିବେ;କିନ୍ତୁ ଆଦୌ ବୁଝି ପାରି ନ ଥିବେ ଏଇ ଅମୃତସ୍ୟ ପୁତ୍ରାଃ କାହିଁକି ହଠାତ୍ ଝାଙ୍କାରଖାଇ ଶତାବ୍ଦୀ ପରେ ଶତାବ୍ଦୀର ଇତିହାସ ଲେଖି ଯାଇଥିବା ଜୀବଗୁଡ଼ାକୁ ମକା ମୁଠାକ ପାଇଁ ନିଶ୍ଚିହ୍ନ କରିଦେଲେ । କେବଳ ସେତିକି ନୁହେଁ, ଇଥର ଏବଂ ବାୟୁ ମଣ୍ଡଳରେ ଝୁଲି ବୁଲୁଥିବା ପୂର୍ବପୁରୁଷଙ୍କ ଛବି ଓ କଥାଗୁଡ଼ାକ —ଯାହା ସେଇ ଅପାର୍ଥିବ ମାନେ ଯନ୍ତ୍ର ସାହାଯ୍ୟରେ ପୁନରୁଦ୍ଧାର କରିପାରିଥାନ୍ତେ —ମଧ୍ୟ ବିକୃତ ଓ ବିକ୍ଷୁବ୍ଧ କରିଦେଇ ହଜିଗଲେ ସେଇ ଅପରିଣାମଦର୍ଶୀ ଦୁର୍ବୃତ୍ତ ଗୁଡ଼ାକ । ଯୋଡ଼ାଏ ଝିଙ୍କଟା ମହାସମରର ପରେ ମଧ୍ୟ ପୁଣି ଝିମିଟି ଖେଳରେ ମାତିଥିଲେ କାହିଁକି ? କି ନାମ କି ପୌରଷ, କି ଅବା ବିଦଗ୍ଧତା ସେଇଥିରେ ଥିଲା ।

ତା'ର ଉତ୍ତର ଦେଉଥିଲା ସଇତାନର ବିକଟ ଉଲ୍ଲାସମୟ ଅଟ୍ଟହାସ୍ୟ ଓ ଅଶରୀରୀ ପ୍ରେତାତ୍ମାଙ୍କ ବୀଭତ୍ସ ଚିତ୍କାର ଓ ଆର୍ତ୍ତନାଦ । ମେଦିନୀରେ ଆଉ କୁଆର ଥଣ୍ଟ କି କୋଇଲିର ବେଣ୍ଟ ନଥିଲା ।

●



Digitized by srujanika@gmail.com

# କଥାକାରଙ୍କ ସହ ଏକ ସାକ୍ଷାତ୍କାର

### ସାକ୍ଷାତ୍ କରିଛନ୍ତି—ଶ୍ରୀ ନାରୁ ମହାନ୍ତି

ପ୍ରାୟ ଏକବର୍ଷ ପୂର୍ବେ 'ଗୋଧୂଳି ଲଗ୍ନ' (ଗୋଧୂଳି)ର ସମ୍ପାଦକ ଶ୍ରୀ ପ୍ରସନ୍ନ କୁମାର ବରାଳ, ଗାଳ୍ପିକ ଶ୍ରୀ ବସନ୍ତ କୁମାର ଶତପଥୀଙ୍କଠାରୁ ସାକ୍ଷାତକାର ନେବାପାଇଁ ଏକ ପତ୍ର ଲେଖିଥିଲେ । ଶ୍ରୀ ଶତପଥୀ ତାଙ୍କ ଚିଠିର କୌଣସି ଉତ୍ତର ଦେଇ ନଥିବା ବିଷୟ ମୁଁ ଶ୍ରୀ ବରାଳଙ୍କଠାରୁ ଶୁଣିଥିଲି ।

ଅକ୍ଟୋବର ୧୯୮୧ରେ ମୋର ବାଲେଶ୍ୱରରେ ସେ,କୋର୍ସ ଗସ୍ତକମ ବେଳେ ମୁଁ ଶ୍ରୀ ଶତପଥୀଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲି ଯାହାକି ମୋର ଅନେକ ଦିନର ଇଚ୍ଛାଥିଲା । ତାଙ୍କର କେତୋଟି ଉଚ୍ଚକୋଟୀର ଗଳ୍ପ ପଢ଼ି ମୁଁ ବେଶ୍ କିଛିଦିନ ହେବ ଇଚ୍ଛା କରିଥିଲି ତାଙ୍କୁ ବ୍ୟକ୍ତିଗତଭାବେ ଜାଣିବାପାଇଁ । ସାକ୍ଷାତକାର ପ୍ରସଙ୍ଗଟି ଅବଶ୍ୟ ମୋର ମନରେ ଥାଏ ।

ଲଗ୍ ଲଗ୍ ଦୁଇଦିନ ସନ୍ଧ୍ୟାରେ ଶ୍ରୀ ଶତପଥୀଙ୍କ ସହ ଦେବଖଣ୍ଡା ବାସଭବନକୁ ଯାଇ, ଦେଖା ନ ପାଇ ମୋତେ ଫେରିବାକୁ ହୋଇଥିଲା । ଉଭୟ ଦିନ ସେ ସାଇକେଲରେ ରେମୁଣା ଯାଇଥିବାର ସମ୍ବାଦ ପାଇଥିଲି । ତୃତୀୟ ଦିନ ସନ୍ଧ୍ୟାରେ ତାଙ୍କର ଦେଖା ପାଇଲି ଏବଂ ନିଜର ପରିଚୟ ଦେବାପରେ ସେ ମୋ ସହିତ ହାର୍ଦ୍ଦିକତାର ସହ କଥା ଜମେଇଲେ ଯେପରି ମୁଁ ତାଙ୍କର ବହୁଦିନର ପରିଚିତ ବନ୍ଧୁ । ମୁଁ ପ୍ରସଙ୍ଗକ୍ରମେ ତାଙ୍କୁ ପଚାରିଲି, "ଗୋଟିଏ ତ୍ରୈମାସିକ ସାହିତ୍ୟ ପତ୍ରିକାର ସମ୍ପାଦକ ଆପଣଙ୍କୁ ସାକ୍ଷାତକାର ପାଇଁ ଚିଠି ଲେଖିଥିଲେ । ଆପଣ ସେ ବିଷୟରେ ନୀରବ ରହିବା କଥା ମୁଁ ଶୁଣିବାକୁ ପାଇଲି ।"

ସାଙ୍ଗେ ସାଙ୍ଗେ ଶ୍ରୀ ଶତପଥୀ ସ୍ମିତ ହସି କହିଲେ—"ବଡ଼ ବଡ଼ ମାଛ ଧରିବାପାଇଁ ମୋ ଜାଲରେ ଘାଇଗୁଡ଼ାକ ମଧ୍ୟ ବଡ଼ । ସେଥିରେ ଯେ ମଧ୍ୟ ଶ୍ରଆ ଶ୍ରେଷ୍ଠ ମାଛଗୁଡ଼ିକ ଧରା ଦେଉନାହାନ୍ତି, ଏହା ମୁଁ ଜାଣିଥିଲେହେଁ ବଡ଼ ମାଛର ଲୋଭ କ'ଣ ସହଜେ ଛାଡ଼ି ହେଉଛି ।"

Digitized by srujanika@gmail.com

ଯାହାହେଉ ସେ ସାକ୍ଷାତକାର ପାଇଁ ସମ୍ମତ ହେଲେ । ତା'ପରେ କ୍ରମାଗତ ତିନଦିନ ସନ୍ଧ୍ୟା ସାଢ଼େ ଛଅରୁ ରାତି ଦଶଟା ପର୍ଯ୍ୟନ୍ତ ବସିବାକୁ ହୋଇଛି ତାଙ୍କ ଶୟନକକ୍ଷର ଖଟ ପାଖକୁ ଲାଗି ପଡ଼ିଥିବା ଚକିକ୍ସିରେ । ସେ କେତେବେଳେ ଖଟରେ ଶୋଇଥାନ୍ତି, ଉଠି ବସି ପଡ଼ନ୍ତି, ପାଖ ଟେବୁଲ ଉପରୁ କେପସ୍ ପାନଥାଳି ଉଠାଇ ନେଇ ନିଜର ପକ୍ୱକେଶସମ୍ଭାରକୁ ସଜେଇ ନିଅନ୍ତି । ତାଙ୍କର ନାରୁଣୀସ୍ଥାନୀୟା ସାହାଯ୍ୟକାରିଣୀକୁ ବଡ଼ ପାଟିରେ ଡାକି କହନ୍ତି ମୋ ପାଇଁ ବିସ୍କୁଟ, ବାରମଜା ଓ ଚା' ପାଇଁ—ସବୁକିଛି ସାକ୍ଷାତ୍କାର କାର୍ଯ୍ୟକ୍ରମ ମଝିରେ ଚାଲୁ ରହିଥାଏ ।

ମୁଁ ପ୍ରସ୍ତୁତ କରି ନେଇଥିବା ପ୍ରଶ୍ନଗୁଡ଼ିକ ବ୍ୟତୀତ ଆହୁରି କେତେ ପ୍ରଶ୍ନ କଥୋପକଥନ ମଧ୍ୟରେ ଉଠିଛି । ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ମୋ' ପକ୍ଷରେ ପ୍ରଥମତଃ ଦୁରୂହ ମନେ ହେଉଥିଲା । କାରଣ ଶ୍ରୀ ଶତପଥୀ ଯେପରି ଏକ ଟାଣୁଆ ଇଞ୍ଜିନ ଥିବା ପୁରୁଣା ଗାଡ଼ିର ଚାଳକ ସିଏ କି ଗାଡ଼ିର ବ୍ରେକ ପ୍ରତି ଉଦାସୀନ । ତେଣୁ ତାଙ୍କର ଅନିଚ୍ଛାସତ୍ତ୍ୱେ ମୋତେ ସତର୍କତାର ସହ ବ୍ରେକ ଦେବାକୁ ହେଉଥିଲା, ଯେହେତୁ ସେ ପୂର୍ବରୁ ମୋତେ ସୂଚନା ଦେଇଥିଲେ ଯେ ତାଙ୍କର ଦିନକାଳ ଶେଷ ହୋଇ ଆସୁଛି । ସୁତରାଂ ତାଙ୍କର ସବୁକଥା ଧୈର୍ଯ୍ୟର ସହ ଶୁଣିବାକୁ ହେବ । ଦ୍ୱିତୀୟତଃ, ଶ୍ରୋତା ଅନ୍ୟମନସ୍କ ହେଲେ ମୁଣ୍ଡ କୁଣ୍ଡାଏ, ଗୋଡ଼ ହଲାଏ, ଏଣିକି ତେଣିକି ଚାହେଁ ଏବଂ ସେଭଳି ଶ୍ରୋତା ଯଦି ତାଙ୍କର ଛାତ୍ର ହୋଇଥାଏ, ସେ ତାକୁ ଶ୍ରେଣୀରୁ ନିକାଲି ଦେବାକୁ ପଛେଇବେ ନାହିଁ ବୋଲି ମୋତେ ପ୍ରସଙ୍ଗକ୍ରମେ ହସିହସି କହିଥିଲେ ।

ବଡ଼ ଅଜବ୍ ମଣିଷ ସେ—ଯେତିକି ସ୍ନେହ, ଉଦାର, ଦେଦ୍‌ଗଦ୍ ଭାବ ତାଙ୍କଠାରେ, ସେତିକି କ୍ରୋଧ, ଅଭିମାନ, ଦୁଃଖ, ଯନ୍ତ୍ରଣା ମଧ୍ୟ ତାଙ୍କଠି । ସେଇଥିପାଇଁ ମୋର ପ୍ରାରମ୍ଭିକ ପ୍ରଶ୍ନଗୁଡ଼ିକୁ ଶୁଣି ସେ କହି ଉଠିଥିଲେ—ମୋର ମୃତ୍ୟୁ ପରବର୍ତ୍ତୀ ଟିପ୍ପଣୀ (obituary) ପ୍ରସ୍ତୁତ କରି ନେଉଛନ୍ତି ବୋଧହୁଏ—ଭଲ, ଭଲ—ମଲା ପରେ ଅନ୍ତତଃ ଲୋକେ ଜାଣିବେ ତ ।

ଏଥର, ପ୍ରଶ୍ନୋତ୍ତର କ୍ରମରେ ଶ୍ରୀ ଶତପଥୀଙ୍କ ମୁହଁରୁ ଶୁଣିଥିବା ତାଙ୍କର ଜୀବନୀ ଓ ବିଶେଷ ଘଟଣାସବୁର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିଛୁ ।

## ଗାଳ୍ପିକଙ୍କର ସଂକ୍ଷିପ୍ତ ଜୀବନୀ ଓ ତାଙ୍କ ଜୀବନର କେତୋଟି ବିଶେଷ ଘଟଣା

ଶ୍ରୀ ଶତପଥୀଙ୍କର ଜନ୍ମ ୧୩୨୦ ସାଲ ଆଷାଢ଼ ମାସ କୌଣସି ଏକ ଗୁରୁବାରରେ ଯାହାକି ଇଂରାଜୀ ୧୯୧୩ ମସିହା । (ସ୍କୁଲ ସାର୍ଟିଫିକେଟରେ ଜନ୍ମ

Digitized by srujanika@gmail.com

ତାରିଖ ଲେଖାଅଛୁ ୧୯୧୬ ମସିହା ଜାନୁୟାରୀ ୧୫ ତାରିଖ; ଏପରିକି ନିଜର ଜାତକ ଦେଖି ମଧ୍ୟ ଶ୍ରୀ ଶତପଥୀ ସଠିକ ଜନ୍ମ ତାରିଖ ଜାଣିପାରିଲେ ନାହିଁ ।) ଜନ୍ମସ୍ଥାନ-ଗ୍ରାମ ପାଙ୍ଗୁଡ଼ା, ଥାନା-ବାଙ୍ଗିରିପୋଷି, ଜିଲ୍ଲା-ମୟୂରଭଞ୍ଜ । ପିତାଙ୍କ ନାମ ସ୍ୱର୍ଗତ ପଣ୍ଡିତ ଭୋଳାନାଥ ଶତପଥୀ ଓ ଜେଜେ ବାପା ସ୍ୱର୍ଗତ ହରିହର ଶତପଥୀ ଖୁବ୍ ସାହିତ୍ୟାନୁରାଗୀ ଥିଲେ । ସେ 'ସୁଭଦ୍ରା ହରଣ ସୁଆଙ୍ଗ' ଲେଖିଥିଲେ ଏବଂ ସେଥିରେ ନାରୀ ଚରିତ୍ର ଭୂମିକାରେ ଅଭିନୟ କରିଥିଲେ । ଶ୍ରୀ ଶତପଥୀଙ୍କର ବାଲ୍ୟଜୀବନ ଦାରିଦ୍ର୍ୟ ଭିତରେ କଟିଥିଲା । ଏପରିକି ତାଙ୍କୁ ମିଳିଥିବା ବୃତ୍ତି ଟଙ୍କାରେ ତାଙ୍କ ସାନଭାଇର ବ୍ରତୋପନୟନ ହୋଇଥିଲା ।

ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏନ୍ଟ୍ରାନ୍ସ ପାଶ୍ କରିଥିଲେ। ପ୍ରଥମ ଶ୍ରେଣୀରେ ପଞ୍ଚମ ସ୍ଥାନ ଅଧିକାର କରି । ଆଇ. ଏ. ପ୍ରଥମ ଶ୍ରେଣୀରେ ଦ୍ୱିତୀୟସ୍ଥାନ ଓ ବି. ଏ. (ଇଂରାଜୀ ଅନର୍ସ)ରେ ଦ୍ୱିତୀୟ ଶ୍ରେଣୀ ପାଇଥିଲେ ଏବଂ ୧୯୩୮ ମସିହାରେ ରେଭେନ୍ସା କଲେଜରୁ ଏମ୍. ଏ (ଇଂରାଜୀ)ରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ୧୯୩୭ । ସେ ରେଭେନ୍ସା କଲେଜରେ 'Best All-roundରେ scholar' ରୂପେ ପୁରସ୍କାର ପାଇଥିଲେ ।

ତାଙ୍କର କର୍ମ-ଜୀବନ ଆରମ୍ଭ ହୁଏ ୧୯୩୮ ମସିହା ଅଗଷ୍ଟମାସ ୫ ତାରିଖରେ ବାରିପଦା ହାଇସ୍କୁଲର ସହକାରୀ ଶିକ୍ଷକ ଭାବେ ସେତେବେଳେ ଡକ୍ଟର ସଦାଶିବ ମିଶ୍ର ବାରିପଦାରେ ଟିଉସନ କରୁଥିଲେ ଏବଂ ରାମକୃଷ୍ଣ ନନ୍ଦ, ଡକ୍ଟର କୃଷ୍ଣବିହାରୀ ଦାଶ ଓ ଡକ୍ଟର ପ୍ରହ୍ଲାଦ ପ୍ରଧାନ ଶ୍ରୀ ଶତପଥୀଙ୍କ ସହକର୍ମୀ ରୂପେ ବାରିପଦା ହାଇସ୍କୁଲରେ ଶିକ୍ଷକତା କରୁଥିଲେ ।

୧୯୩୯ ମସିହାରେ ସେ 'ସାମ୍ବାଦିକତା' ରେ ଟ୍ରେନିଂ ନିଅନ୍ତି ଓ ଜାନୁୟାରୀ ୧୯୪୦ରେ 'Mayurbhanj Chronicle' ଓ 'ଭଞ୍ଜ-ପ୍ରଦୀପ' ର ସଂପାଦନା ଦାୟିତ୍ୱରେ ରହନ୍ତି ୧୯୫୦ ମସିହା ପର୍ଯ୍ୟନ୍ତ । ଗଡ଼ଜାତ ମିଶ୍ରଣ ପରେ ସେ ମୟୂରଭଞ୍ଜର ଡ଼. ପି. ଆର୍. ଓ ଚାକିରୀ ଛାଡ଼ି ୧୩-୯-୧୯୪୯ ରେ ସାମନ୍ତ ଚନ୍ଦ୍ରଶେଖର କଲେଜ (ପୁରୀ) ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗ ଦିଅନ୍ତି ଓ ୧୫-୧-୧୯୭୦ରେ ଫକୀର ମୋହନ କଲେଜରୁ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଥିବାବେଳେ ଅବସର ଗ୍ରହଣ କରନ୍ତି । ଅଧୁନା ବ୍ୟାସବିହାର ସ୍ନାତକୋତ୍ତର ମହାବିଦ୍ୟାଳୟ (ବାଲେଶ୍ୱର) ରେ ସେ ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ।

Digitized by srujanika@gmail.com

## ପ୍ରିୟବନ୍ଧୁ

ଅଗ୍ରଜ ପ୍ରଥମ ଓଡ଼ିଆର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ସେ ନିଜର ଅନ୍ତରଙ୍ଗ ବନ୍ଧୁ ବୋଲି ସ୍ୱୀକାର କରନ୍ତି ।

## ସ୍ମରଣୀୟ ଘଟଣା

୧୯୩୪ ବି. ଏ. କ୍ଲାସକୁ ଉତ୍ତୀର୍ଣ୍ଣ ହେବାପରେ ଶ୍ରୀ ଶତପଥୀ ମୟୂରଭଞ୍ଜ ମହାରାଜାଙ୍କ ୨୫୦ ଟଙ୍କାର ଷ୍ଟାଇପେଣ୍ଡ ପାଇଁ ଦରଖାସ୍ତ କରିଥିଲେ, ଯେଉଁ ଷ୍ଟାଇପେଣ୍ଡ ଭଲ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିଲା । ମହାରାଜାଙ୍କ ତତ୍କାଳୀନ ଦେଓ୍ୱାନ ପି. କେ ସେନ୍‌ଙ୍କୁ ଶ୍ରୀ ଶତପଥୀ ଷ୍ଟାଇପେଣ୍ଡ ପାଇବା ବିଷୟରେ ପଚାରିବାରୁ ସେ କହିଥିଲେ—'ବସନ୍ତ ! ତୁମି ଏକ୍‌ଶୋ ଏଶିଟାକା ପାବେ ।' ସାଙ୍ଗେ ସାଙ୍ଗେ ଶ୍ରୀ ଶତପଥୀ ଦେଓ୍ୱାନ ସାହେବଙ୍କୁ ପଚାରିଲେ—'ସାର୍, ମୁଁ ୨୫୦ ଟଙ୍କା ପାଇଁ ଦରଖାସ୍ତ କରିଥିଲି, ୧୮୦ ଟଙ୍କା ପାଇବି କିପରି ?' ଏପରି ପ୍ରଶ୍ନ ଶୁଣି ଦେଓ୍ୱାନ ସାହେବ ସାମାନ୍ୟ ଟିକେ ହସିଲେ (ସ୍ନେହ ଓ ଦୟାର୍ଦ୍ର ଭଙ୍ଗୀରେ) ଏବଂ କହିଲେ—'ବାବା ! ଦାନେର୍ କି ଏକଟା ହିସାବ୍ ଥାକେ ? ମହାରାଜା ସାହେବ୍ ଯଖନ ଦାନ୍ ଦିଏଛେ, ମାଥାଏ ତୁଲେ ନିଏ ନାଓ !'

ତାଙ୍କର ଅନ୍ୟାନ୍ୟ ସ୍ମରଣୀୟ ଘଟଣାମାନଙ୍କ ଭିତରୁ କେତୋଟି ହେଲା —ମହାତ୍ମାଗାନ୍ଧିଙ୍କୁ କଟକ ଷ୍ଟେସନ୍‌ରେ ଦେଖିବା ଓ କାଠଯୋଡ଼ି ବାଲିରେ ବସି ତାଙ୍କର ବକ୍ତୃତା ଶୁଣିବା ଓ କଟକ ମ୍ୟୁନିସିପାଲିଟି ଟାଉନ୍‌ହଲ ସାମନାରେ ସ୍ୱର୍ଗତ ଜବାହରଲାଲ ନେହରୁଙ୍କର 'ଫେମାସ୍ ମୂଷ' ବିଷୟରେ ପାଞ୍ଚମିନିଟିଆ ବକ୍ତୃତା ଶୁଣିବା ।

## ଖାଦ୍ୟରୁଚି—

ମିଷ୍ଟାନ୍ନ ଓ ପାଚିଲା କଦଳୀ ତାଙ୍କର ଖୁବ୍ ପ୍ରିୟ ଖାଦ୍ୟ ।

## ଲେଖିବା ସମୟ—

ଲେଖାଲେଖି କରିବାପାଇଁ ତାଙ୍କର ସେମିତି କିଛି ସମୟ ନ ଥାଏ । ଲେଖିବା ପାଇଁ 'ମୁଡ୍' ଆସିବା ମାତ୍ରେ ସେ ଲେଖି ବସନ୍ତି । ସନ୍ଧ୍ୟା ସମୟରେ ସେ ସାଇକେଲରେ ଘୁରି ବୁଲିବାକୁ ଭଲ ପାଆନ୍ତି ଏବଂ ବିଶେଷତଃ, ଯେତେବେଳେ ଲେଖା କୌଣସି ସ୍ଥାନରେ ଅଟକିଯାଏ, ସେ ସାଇକେଲ୍ ଧରି ବାହାରି ପଡ଼ନ୍ତି । ସାଇକେଲ୍‌ର ଚକା ଘୁରିବା ତାଳେ ତାଳେ ତାଙ୍କ ଗଳ୍ପର ଅସମାହିତ ଅଂଶଟିର ସମାଧାନ ହୋଇଯାଏ । ହଜିଲା ଖିଅଟି ପାଇବା ମାତ୍ରେ ସେ ଫେରି

Digitized by srujanika@gmail.com

ଆସନ୍ତି ବସାକୁ ଏବଂ ସାଙ୍ଗେ ସାଙ୍ଗେ ବନ୍ଦଥିବା ସ୍ଥାନରୁ ପୁଣି ଲେଖା ଆରମ୍ଭ କରିଦିଅନ୍ତି ।

ଭଲ ଶ୍ରୋତାଟିଏ ମିଳିଲେ ସେ ଏକାଦିକ୍ରମେ ଘଣ୍ଟା ଘଣ୍ଟା ବସି ଗପିବାକୁ ଭଲ ପାଆନ୍ତି । କ୍ରିକେଟ୍ ଖେଳ ଦେଖିବା ଓ ରେଡ଼ିଓରୁ ଧାରାବିବରଣୀ ଶୁଣିବା ତାଙ୍କର ଅନ୍ୟ ଏକ 'ହବି' । ଏପରିକି ଛୋଟ ପିଲାମାନେ ବାଡ଼ି ପୋତି ରବର ବଲ୍ ଓ କାଠ ପଟାରେ କ୍ରିକେଟ ଖେଳୁଥିବା ଦେଖିଲେ ସେ କିଛି ସମୟ ଅଟକିଯାଇ ଦେଖି ନଥନ୍ତି ।

ସେ ୧୯୬୦ ମସିହାରେ ତାଙ୍କର 'ଆଣ୍ଟି-ରୋମାଣ୍ଟିକ୍' ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ହୋଇଥିଲେ । ୧୯୬୨ ଓ ୧୯୬୮ 'ପ୍ରକାଶକ ପ୍ରସାର ସମିତି' କର୍ତ୍ତୃକ ଗଳ୍ପରେ 'ବିଷୁବ ପୁରସ୍କାର' ପାଇଥିଲେ ।

ଏହି ଅଠଷଠି ବର୍ଷୀୟ କଥାକାର ଏବେ ମଧ୍ୟ ଯୁବକସୁଲଭ ସରସତା ଓ କୋମଳତାରେ ପରିପୂର୍ଣ୍ଣ, ବେଶ ସହିଷ୍ଣୁ, ଯେତେବେଳେ କି ତାଙ୍କର ସମବୟସ୍କ ଅନେକ ଲେଖକ ଝାଉଁଳି ପଡ଼ିଲେଣି—ହୁଏତ ସେମାନେ ସ୍ୱଅର୍ଜିତ ବା ଆରୋପିତ କୀର୍ତ୍ତିର ରୋମନ୍ଥନରେ ପରିତୃପ୍ତ ଅଥବା ଅଥର୍ବତାର ଗ୍ଳାନିରେ ମୁହ୍ୟମାନ ।

ମୋର ଏହି ସାହିତ୍ୟ-ସମ୍ବନ୍ଧୀୟ ପ୍ରଶ୍ନାବଳୀର ଉତ୍ତରରେ ଶ୍ରୀ ଶତପଥୀ ଯାହା ମୋତେ ମୁହାଁମୁହିଁ କହିଛନ୍ତି, ତାହା କେତେକ କ୍ଷେତ୍ରରେ ରୁଚିକର ବା ଗ୍ରହଣୀୟ ନ ହୋଇପାରେ । ସେ ମଧ୍ୟ ମୋର କେତୋଟି ପ୍ରଶ୍ନର ଉତ୍ତର ଦେବାକୁ ପସନ୍ଦ କରିନାହାଁନ୍ତି, କେତୋଟି ପ୍ରଶ୍ନକୁ ସିଧାସଳଖ ବା ପ୍ରକାରାନ୍ତରେ ଏଡ଼େଇ ଦେଇଛନ୍ତି ଏବଂ ଆଉ କେତେକ ସ୍ଥାନରେ ପରସ୍ପର ବିରୋଧାତ୍ମକ ମତ ଦେବାପରି ମନେହୁଏ । ତଥାପି ସେ ଯାହା କହିଛନ୍ତି ତାହା କେତେ ନିର୍ଭୀକ ଓ ସ୍ପଷ୍ଟ ଭାବେ କହିଛନ୍ତି ଯାହା କି ଲେଖକ, ପାଠକ ଓ ସମାଲୋଚକମାନଙ୍କ ଭିତରେ ନିଶ୍ଚିତ ଭାବେ କିଛି ଆଲୋଡ଼ନ ସୃଷ୍ଟି କରିବ—ଏହି ଆଶା ରଖି ମୁଁ ସାହିତ୍ୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ବିଭାଗଟିକୁ ନିମ୍ନରେ ଉପସ୍ଥାପନ କରୁଛି ।

*　　　*　　　*

ପ୍ରଶ୍ନ : କେଉଁଥିପାଇଁ ଆପଣ ଗାଳ୍ପିକ ହେବାକୁ ମନ ବଳାଇଲେ ?

ଉତ୍ତର : ମୋର ସ୍ତ୍ରୀଙ୍କୁ ଖୁସି କରିବା ପାଇଁ ମୁଁ ୧୯୪୨ରେ 'ସ୍ୱପ୍ନ ଓ କାମନା' ଗଳ୍ପ ଲେଖିଥିଲି ଓ ତାହା 'ଭଞ୍ଜ ପ୍ରଦୀପ'ରେ ପ୍ରକାଶ ପାଇଥିଲା । ୧୯୬୨ରେ

Digitized by srujanika@gmail.com

ମୋର ସ୍ତ୍ରୀଙ୍କର ମୃତ୍ୟୁ ପରେ ମୁଁ ପୁଣି ଗପଲେଖା ଆରମ୍ଭ କଲି । ମୋର ସ୍ତ୍ରୀ ମରି ନ ଥିଲେ ମୁଁ ବୋଧହୁଏ ଗାଳ୍ପିକ ହୋଇ ପାରି ନ ଥାନ୍ତି । ସ୍ତ୍ରୀଙ୍କ ବିରହଜନିତ ଦୁଃଖକୁ ପାସୋରିବାର ଅପଚେଷ୍ଟା କରି ଗଳ୍ପ ଲେଖା ଚଳାଇଲି ।

ପ୍ର : ତାହାହେଲେ ମଝିରେ ପ୍ରାୟ କୋଡ଼ିଏ ବର୍ଷ ଆପଣ ଗପ ଲେଖି ନାହାନ୍ତି । ସେ ସମୟରେ ଆପଣ ଆଉ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଲାଗିଥିଲେ କି ?

ଉ : '୧୯୪' ଠାରୁ '୧୬୨' ପର୍ଯ୍ୟନ୍ତ ମୁଁ ଗଳ୍ପ ଲେଖି ନଥିଲେ ମଧ୍ୟ ଲେଖକ ହେବାପାଇଁ ଯେଉଁ ପ୍ରସ୍ତୁତି ଆବଶ୍ୟକ, ବୋଧହୁଏ ସେଇଥିରେ ମୁଁ ଲାଗି-ଯାଇଥିଲି । 'ଲାମ୍ବଙ୍କ ସେକ୍ସପିଅର କାହାଣୀମାଳା'ର ଓଡ଼ିଆ ଅନୁବାଦ (ଏହାର ଅନୁବାଦ ଜନ୍ମ ଦେଶର ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷାରେ ହୋଇନାହିଁ), ରବୀନ୍ଦ୍ରନାଥଙ୍କ 'ରାଜା' ନାଟକର ଅନୁବାଦ (କେନ୍ଦ୍ର ସାହିତ୍ୟ ଏକାଡେମୀକର୍ତ୍ତୃକ) ଏବଂ ଇଂରାଜୀ ନାଟିକା ଆଧାରିତ ନଅଟି ନାଟକର ଓଡ଼ିଆ ରୂପାନ୍ତର 'ନବନାଟିକା ସଙ୍କଳନ' (ନ୍ୟୁ ଷ୍ଟୁଡ଼େଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ) ଛପାଇଛି ।

ବିଶେଷତଃ, ଏହି ସମୟରେ ମୁଁ ଫକୀର ମୋହନଙ୍କର ସମସ୍ତ ଲେଖା ପାଗଳ ପ୍ରାୟ ପଢ଼ୁଥିଲି । ଏହାହିଁ ମୋର ଗଳ୍ପ'ଲେଖାର ପ୍ରସ୍ତୁତି ପର୍ବ ।

ପ୍ର : ଗଳ୍ପର ଶୈଳୀ ଅପେକ୍ଷା ଆପଣ କଥାବସ୍ତୁ ଉପରେ ବିଶେଷ ଗୁରୁତ୍ୱ ଦେଉଥିବା ପରି ମନେହୁଏ । ଶୈଳୀ ପ୍ରତି ଆପଣ ଉଦାସୀନ କି ?

ଉ : ଏହା ଏକ ଜଟିଳ ପ୍ରଶ୍ନ । ତେବେ ଗଳ୍ପ ଲେଖାର ଉଦ୍ଦେଶ୍ୟ ହେଉଛି—ସାମାନ୍ୟତମ ଘଟଣାରୁ କେତେ ବିରାଟ ଟ୍ରାଜିକ୍ ବା କମିକ୍ ଲେଖାଯାଇ-ପାରେ । ଫକୀରମୋହନ କହୁଥିଲେ—ଗୋଟିଏ ମୋଡ଼ି ବୁଲିଗଲେ ଗପର ବିଷୟବସ୍ତୁ ମିଳିଯାଏ । ଗପ ଲେଖିଲାବେଳେ ମୁଁ ସବୁବେଳେ ଯେଉଁ ଭାଷାରେ ମୁଁ କଥା କହୁଛି, ସେଇ ଭାଷାରେ ଠିକ ଗପ ଲେଖିହେବ । ଭାଷା ଉପରେ ମୋର ବିଶେଷ ଦଖଲ ନ ଥିବାରୁ ମୁଁ ଖୁବ୍ ଅଳ୍ପ ଶବ୍ଦରେ ଗପ ଲେଖେ । ତେଣୁ ଫେଣେଇଲେ ବା ମୋଡ଼ି କି ଭଙ୍ଗୀ ଦେଇ ଗପ ଲେଖିଲେ କଥାବସ୍ତୁର ଗୁରୁତ୍ୱ କମିଯିବ । ସେଥିପାଇଁ ମୁଁ ପ୍ରାୟ ଅନାବ-ଶ୍ୟକ ଶବ୍ଦ ବ୍ୟବହାର କରେନାହିଁ । ମୋର ବ୍ୟଙ୍ଗ ବିଦ୍ରୂପ ମୁଁ ନିଜ କଥିତ ଭାଷାରେ ଲେଖେ । ଅଧୁନିକ 'ଶୈଳୀ' ନାମରେ ଯାହା ହେଉଛି,

Digitized by srujanika@gmail.com

ସେଥିରେ ମୋର ବିଶ୍ୱାସ ନାହିଁ । ଷ୍ଟାଇଲ୍ ବା କୃତ୍ରିମତା ପାଠକମନରେ ବିରକ୍ତି ଜାତ କରେ । 'ଇଥାନ୍ ଜାକ୍'ଙ୍କର ଗୋଟିଏ କଥା ଏଠାରେ ମନେ ପକାଇ ଦେଉଛି—ଲେଖାର ଲକ୍ଷ୍ୟ ହେଲା ଲେଖକ ଯୁଗର ମନନ ବୋଧକୁ ଯଥାସମ୍ଭବ ସଠିକ ଭାବେ ପରିପ୍ରକାଶ କରିବ ।

ପ୍ର : ଆପଣଙ୍କ ଗଳ୍ପରୁ ଜଣାପଡ଼େ ଆପଣ ନିଜସ୍ୱ ଅଭିଜ୍ଞତା—ଆଧାରିତ ଗଳ୍ପ ରଚନା କରିବାକୁ ପସନ୍ଦ କରନ୍ତି । ତଦ୍ଦ୍ୱାରା ଆପଣ ସାମାଜିକ ଜୀବନ ଓ ସମସ୍ୟାଠାରୁ ଦୂରେଇ ଯାଇ ବେଶୀ ଆତ୍ମ-କୈନ୍ଦ୍ରିକ ହୋଇ ପଡ଼ୁ ନାହାନ୍ତି ?

ଉ : ସମାଜରୁ ମୁଁ ଯାହା ପାଉଛି, ତାହା ମୁଁ ନିଜସ୍ୱ କରି ପ୍ରକାଶ କରୁଛି । ସମାଜର ନିଛକ ଚିତ୍ର ସହିତ ମୋର ପ୍ରତିକ୍ରିୟାକୁ ମିଶାଇ ମୁଁ ଗଳ୍ପ ଲେଖୁଛି । ମୋର ବିଶ୍ୱାସ—ତଦ୍ଦ୍ୱାରା ବ୍ୟକ୍ତି ଓ ସମଷ୍ଟିର ମଧୁର ସମାବେଶ ହୋଇପାରିବ । ସମାଜକୁ ମୁଁ ପ୍ରତି ଅଙ୍ଗେ ଅଙ୍ଗେ, ପ୍ରତି ରକ୍ତକଣାରେ ଅନୁଭବ କରି ଲେଖୁଛି ।

I have eyes to see and ears to hear—ସୁତରାଂ ମୁଁ ବ୍ୟକ୍ତି-କୈନ୍ଦ୍ରିକ ହେଲି କେଉଁଠି ? ମୁଁ ଆଖି ଆଗରେ ଜଣେ ଶ୍ରୋତାକୁ ରଖିଥାଏ, ସମାଜକୁ ରଖି ନ ଥାଏ । ସମାଜକୁ ମୁଁ ଆଖି ଆଗରେ ରଖି ଲେଖୁଛି—ଏହା ମୁଁ ଭାବେନାହିଁ ।

ପ୍ର : ଯଦି ମୁଁ କହେ—ଅଧିକାଂଶ ଓଡ଼ିଆ ଗଳ୍ପରେ ଅଭିଜ୍ଞତାର ଛାପ ନାହିଁ ଏବଂ ଯଦି ବା ଅଛି, ତାହା ସେତେ ଗଭୀର ବା ଅନ୍ତରଙ୍ଗ ନୁହେଁ ଏବଂ ଏଇ କାରଣରୁ ଗଳ୍ପଗୁଡ଼ାକ ଉଚ୍ଚକୋଟୀର ହୋଇପାରୁ ନାହିଁ, ତେବେ ଆପଣ ମୋ ସହିତ ଏକମତ କି ?

ଉ : ମୁଁ ଏକମତ, ବେଶ୍ ଏକମତ । ତାହାର କାରଣ ନିଷ୍ଠାର ଅଭାବ ରହୁଛି । ନିଛକ ଅଭିଜ୍ଞତାକୁ ଠିକ୍ ଭାବେ ପ୍ରକାଶ ନ କରି ଅନେକ ଛଳନା ଓ କୃତ୍ରିମତାର ଆଶ୍ରୟ ନେଉଥିବାରୁ ତାହା ହୃଦୟସ୍ପର୍ଶୀ ନ ହୋଇ ବିରକ୍ତିକର ହେଉଛି । ଫଳତଃ, ପାଠକ ବିମୁଖ ହେଉଛି ।

ମୁଁ ପୁଣି ଥରେ 'ଇଥାନ୍ ଜାକ୍'ଙ୍କ କଥା ସ୍ମରଣ କରାଇ ଦେଉଛି—ଗଳ୍ପ କଳାର ଉଦ୍ଦେଶ୍ୟ ହେଲା ଏହା 'ମେସେଜ୍' ଦେବ ନାହିଁ, ଦେଲେ ମଧ୍ୟ ତାହା କଳା ସୃଷ୍ଟିରୁ ଅଲଗା ହେବନାହିଁ । ମେସେଜ୍ ଯେତେ ଦେଖା ନଯାଏ, ସେତେ ଭଲ । ପାଠକର ଦାୟିତ୍ୱ ଗାଳ୍ପିକ ଯାହା ଲେଖୁଛି ତାହା ପଢ଼ିବ ଏବଂ ସେ ଯେମିତି ଜୀବନକୁ ଦେଖିଛି, ସେମିତି ଦେଖିବ ।

Digitized by srujanika@gmail.com

ପ୍ର : ଗଳ୍ପ ଲେଖିବା ପୂର୍ବରୁ ବା ଗଳ୍ପ ଲେଖିବା ସମୟରେ ଆପଣ 'ସାର୍ବଜନୀନ ବୋଧଗମ୍ୟତା' ପ୍ରତି ସଚେତନ କି ?

ଉ : ମୁଁ ଏକାବେଳକେ ସଚେତନ । ତେବେ ତାହା ସାର୍ବଜନୀନ କି ନା, ମୁଁ ଜାଣେନା । ମୁଁ ଏଠାରେ ସମ୍ବେଦନଶୀଳ ତଥା ସଚେତନଶୀଳ ପାଠକ କଥାହିଁ ବିଚାରକୁ ନେଉଛି । ଯେଉଁ ଗାଳ୍ପିକ ସଚେତନ ନୁହେଁ, ସେ ଗଳ୍ପ ନ ଲେଖିବା ଉଚିତ । ଗଳ୍ପ ଗୋଟିଏ ସୁନ୍ଦରୀ ନାରୀ ପରି, ତାକୁ ଜଣେ ପତ୍ନୀ ଉପଭୋଗ କରିବାପାଇଁ ଉଦ୍ଦିଷ୍ଟ । ମୈଥୁନରେ ଯେତିକି ତୃପ୍ତି ମିଳେ, ଗଳ୍ପଟିଏ ଶେଷ କରିବା ପରେ ସେହିପରି ଲାଗେ ।

ପ୍ର : ତେବେ ଏପରି 'ସଚେତନ ଲେଖକ' କ୍ରମେ ବୋଧଗମ୍ୟତାରୁ ଖସି ଲୋକ-ପ୍ରିୟତା ଆଡ଼କୁ ମୁହାଁଏ ଏବଂ ଏଇ ସୂକ୍ଷ୍ମ କଳାରେ ପାରଦର୍ଶିତା ଅର୍ଜନ କରିବା ପରିବର୍ତ୍ତେ ସେ ସାଧାରଣ ସ୍ତରକୁ ଖସି ଆସେ ।

ଉ : ଏହା ଆଂଶିକ ସତ୍ୟ; କିନ୍ତୁ ଯେହେତୁ ଜଣେ ସଚେତନ ଲେଖକ ବିଭିନ୍ନ ଶ୍ରେଣୀର ପାଠକର ଦୃଷ୍ଟି କୋଣ, ରୁଚି ଓ ପ୍ରତିକ୍ରିୟା ପ୍ରତି ଅବହିତ ରହିବା କଥା, ସେ କେତେବେଳେ ସାଧାରଣ ସ୍ତରକୁ ଖସି ଆସିବ ନାହିଁ ।

ପ୍ର : ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ ଗଳ୍ପ ଭିତରେ ପ୍ରଭେଦ କ'ଣ ପ୍ରତ୍ୟେକ ସଚେତନଶୀଳ ଗାଳ୍ପିକ କ'ଣ ଇଚ୍ଛା କରେ ନାହିଁ ହୃଦୟସ୍ପର୍ଶୀ ଗଳ୍ପଟିଏ ଲେଖିବା ପାଇଁ ?

ଉ : ଯାହା ସୁଖପାଠ୍ୟ, ତାହା ହୃଦୟସ୍ପର୍ଶୀ ନ ହୋଇପାରେ । ଯାହା ହୃଦୟସ୍ପର୍ଶୀ, ତାହା ବି ଏକ ସୁଖପାଠ୍ୟ ହୋଇପାରେ । ଯଦି ସେ ସଚେତନ କଥାଶିଳ୍ପୀ, ସେ ଅବଶ୍ୟ ହୃଦୟସ୍ପର୍ଶୀ ଗଳ୍ପଟିଏ ଲେଖିବାକୁ ଇଚ୍ଛା କରିବ । ସେପ୍ରକାର କଥାଶିଳ୍ପୀର ଗପ ଲେଖା ସଂଖ୍ୟା କମ୍ ହେବ, ସେ କମ୍ ଲେଖିବ । ଧାନ-କ୍ଷେତରେ ଅନାବନା ଘାସ ବାଲୁଙ୍ଗା ଦେଖି ଯେଉଁ କୃଷକ ଲଜ୍ଜିତ ନ ହୁଏ, ସେ କେବଳ ଦୟାର ପାତ୍ର ।

ପ୍ର : ଏପର୍ଯ୍ୟନ୍ତ ଲେଖିଥିବା ଗଳ୍ପ ଭିତରୁ ଆପଣ କେଉଁଟିକୁ ନିଜର ଶ୍ରେଷ୍ଠ ଗଳ୍ପ ବୋଲି ବିବେଚନା କରନ୍ତି ଓ କାହିଁକି ?

ଉ : ମୋର ଦ୍ୱିତୀୟ ଗଳ୍ପ 'କାଣିଚଆଁ' (୧୯୬୨) କୁ ମୁଁ ବହୁତ ଦିନ ନିଜର ଶ୍ରେଷ୍ଠ ଗଳ୍ପ ବୋଲି ଭାବିଥିଲି; କିନ୍ତୁ ଯେତେବେଳେ ମୁଁ 'ସ୍ୱଭଳ' ଓ 'ଓଇ ଛେଲେଟା' ଲେଖିଲି, ସେତେବେଳେ ମୋର

Digitized by srujanika@gmail.com

ପୂର୍ବ ଧାରଣା ସ୍କୁଲଗଳ୍ପ ଏବଂ ପରେ 'କାଠ' ଗଳ୍ପ ଲେଖିବା ପରେ ମୋର ଧାରଣା ହେଉଛି, ମୋର ଶ୍ରେଷ୍ଠ ଗଳ୍ପ ହୁଏତ ଲେଖା ହେବାକୁ ଅଛି । କାରଣ ଦେବକୀ ବସୁଦେବ ଜାଣି ନଥିଲେ ତାଙ୍କର ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଥିଲେ ।

ପ୍ର : ପତ୍ରପତ୍ରିକାରେ ପ୍ରକାଶିତ ଗଳ୍ପର ସଂଖ୍ୟା ଦୃଷ୍ଟିରୁ ବିଗ୍ଭର କଲେ, ଆପଣଙ୍କର 'ଅର୍ଣ୍ଣି ରୋମାନ୍ଟିକ୍' ସଂକଳନ ବ୍ୟତୀତ ଆହୁରି ଚାରି ପାଞ୍ଚୋଟି ଗଳ୍ପ-ସଂକଳନ ଅନ୍ତତଃ ପ୍ରକାଶିତ ହୋଇ ଯାଇଥିବା କଥା । ସେଗୁଡ଼ିକୁ ସଂକଳନ ରୂପେ ପ୍ରକାଶ ନ କରିବାର କାରଣ କ'ଣ ?

ଉ : ହଁ, ବର୍ତ୍ତମାନ ସୁଦ୍ଧା ମୋର ୭୫ ଟି (ପଞ୍ଚସ୍ତରୀଟି) ଗଳ୍ପ ବିଭିନ୍ନ ପତ୍ର-ପତ୍ରିକାରେ ଛପାଯାଇଛି ଏବଂ ଛଅଗୋଟି ସଂକଳନ ପାଣ୍ଡୁଲିପି ପ୍ରସ୍ତୁତ ହୋଇ ରହିଛି ।

କବି ଶ୍ରୀ ଚନ୍ଦ୍ରମଣି ବେହେରାଙ୍କୁ ବହୁଦିନରୁ ଅନୁରୋଧ କରିଛି ମୋର ମୃତ୍ୟୁ ପରେ ଏସବୁକୁ ପ୍ରକାଶ ପାଇଁ ଦେବି । ତାହାହେଲେ ମୋ ଗଳ୍ପର ସଠିକ୍ ମୂଲ୍ୟାୟନ ହୋଇ ପାରିବ । କାରଣ ମୁଁ 'ସାହିତ୍ୟ ପିଠ'ରେ ନ ଥିବା ହେତୁ ମୋତେ କେହି ଟେକାଟେକି କରିବେ ନାହିଁ ।

ପ୍ର : ଗଳ୍ପ ବ୍ୟତୀତ ଆପଣ ରମ୍ୟ-ରଚନା, ପ୍ରବନ୍ଧ ଆଦି ଲେଖିଛନ୍ତି । ଛଦ୍ମ ନାମରେ କିଛି ଲେଖନ୍ତି କି ? ଉପନ୍ୟାସ ଲେଖୁନାହାନ୍ତି କାହିଁକି ?

ଉ : ସାହିତ୍ୟର ଏମିତି କେଉଁ ବିଭାଗରେ ଯେ ମୁଁ ଚେଷ୍ଟା ନ କରିଛି, ଏମିତି ନୁହେଁ । ମୋର ଜୀବନର ପ୍ରଥମ ଲେଖା ହେଲା 'the piper' କବିତାର ଅନୁବାଦ । ତା'ପରେ ୧୯୬୯ ରେ 'ଜନ୍ମାଷ୍ଟମୀ' ଶୀର୍ଷକ ଯେଉଁ କବିତା ଲେଖିଥିଲି, ସେଥିପାଇଁ ମୋତେ ପ୍ରାୟ ଜେଲ ଭୋଗିବାକୁ ପଡ଼ିଥିଲା ।

ଯେଉଁ ଲେଖାରେ ମୋର କିଛି ଖିଲାପ୍ ରହିଗଲା ବୋଲି ମୁଁ ଭାବିଛି, ତାହା ଛଦ୍ମ ନାମରେ ଛପାଇଛି । ସମାଲୋଚନା, ପ୍ରବନ୍ଧ ଓ ଭ୍ରମଣକାହାଣୀ ଲେଖିଛି, ଅନେକ ଆଧାରିତ ଓ ଅନାଧାରିତ ରମ୍ୟ ରଚନା ଲେଖିଛି । ଫକୀରମୋହନଙ୍କ ପରେ ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗର ଅଭାବ ଲକ୍ଷ୍ୟ କରି ଯେତେ ପ୍ରକାର, ଯେଉଁ ପ୍ରକାର

Digitized by srujanika@gmail.com

ଲେଖାଯାଇପାରେ, ତାହା ଲେଖିଛି । ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ପରେ ମୁଁ ଜାଣିଲି ମୋର 'ଏପିକ୍' ପ୍ରତିଭା ନାହିଁ, 'ଡ୍ରାମାଟିକ୍' ପ୍ରତିଭା ଅଛି । ଏପରିକି ଲେଖିଲାବେଳେ ମୁଁ ପନ୍ଦରକୋଡ଼ିଏ ମିନିଟରୁ ବେଶି ବସିପାରେ ନାହିଁ । ଉପନ୍ୟାସ ଲେଖିବାପାଇଁ ମୋର ଧୈର୍ଯ୍ୟ ନାହିଁ ।

ପ୍ର : କେଉଁ କେଉଁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଲେଖକମାନଙ୍କ ବହି ଆପଣ ପଢ଼ିବାକୁ ଭଲ ପାଆନ୍ତି ବା ପାଉଛନ୍ତି ?

ଉ : କାଳିଦାସ, ଭଞ୍ଜ, ଦୀନକୃଷ୍ଣ, ରାଧାନାଥ, ମାନସିଂ ପଢ଼ି ମୁଁ ଯେତିକି ଗର୍ବିତ ହୁଏ, ସେକ୍ସପିଅର, ବାଇରନ୍, ସେଲି କିଟସ ପଢ଼ି ସେମିତି ଆହ୍ଲାଦିତ ହୁଏ । ଲାମ୍ବ, ଡିକେନ୍ସ, ଲରେନ୍ସ, ମୋପାସା ଟଲ୍‌ଷ୍ଟଏ, ଗର୍କିଙ୍କ ଲେଖା ପଢ଼ିବାକୁ ଭଲପାଏ । ଫକୀର ମୋହନ ଚରିତରେ ମୁଁ ଚସର୍ ଓ ସେକ୍ସ୍‌ପିଅରଙ୍କୁ ମନେପକାଏ । ମୁଁ ମୁଗ୍ଧୀଭୂତ ହୁଏଁ ତାଙ୍କର ଚରିତ୍ର ଚିତ୍ରଣରେ ପରିକାଷ୍ଠାରେ ଏବଂ ଅନୁକରଣୀୟ ଶୈଳୀରେ । 'ଯୋଡ଼ାଟିଏ ଗୋଟିଏ ଦଳଛିଆ ଚଟ୍', ବାବାଜି ଲଳିତା ଦାସଙ୍କ ତରଭୁଜ ବେଣ୍ଟପରି ଚୁଟି', 'ଡେଡ୍‌ଲେଟର ଅଫିସରୁ ଫେରିଥିବା ଚିଠିପରି ଦେହ' ମୋତେ ଡିକେନ୍‌ସଙ୍କୁ ମନେ ପକାଇ ଦିଏ ।

ପ୍ର : କେଉଁ ପୂର୍ବସୂରୀମାନଙ୍କ ନିକଟରେ ଆପଣ ଋଣୀ ଏବଂ କେଉଁମାନଙ୍କଦ୍ୱାରା ଆପଣ ପ୍ରଭାବିତ ବୋଲି ମନେ କରନ୍ତି ?

ଉ : ମୁଁ ଯେ କେତେ ଲେଖକଙ୍କଦ୍ୱାରା ପ୍ରଭାବିତ, ତାହା କହିଲେ ଗୋଟାଏ ପୁରାଣ ହେବ । ଡିକେନ୍ସ, ଲାମ୍ବ, ସେକ୍ସପିଅର, କାଳିଦାସ, ଭବଭୂତି, ଭଗବତ୍‌ଗୀତା ଓ ଅଗଣିତ ଇଂରାଜୀ ଲେଖକ ବିଶେଷତଃ, ହାସ୍ୟ ଓ କରୁଣ ରସଦ୍ୱାରା ମୁଁ ପ୍ରଭାବିତ ।

ମୋର ଅହଂକାର ଦରଜି ମୁଁ କାହାରିକି ଦେଖାଇବାକୁ ଇଚ୍ଛା କରେନା । କାରଣ ମୁଁ ଜାଣେ ଯେ ଅହଂକାର କେହି ଦୂର କରିପାରିବେ ନାହିଁ ।

ପ୍ର : କେଉଁ ଓଡ଼ିଆ ଗାଳ୍ପିକମାନଙ୍କୁ ଆପଣ ଉଚ୍ଚକୋଟୀର ବୋଲି ମନେ କରନ୍ତି ଏବଂ କେଉଁ ନୂତନ ଗାଳ୍ପିକମାନଙ୍କ ପ୍ରତି ଆପଣ ଆସ୍ଥାବାନ୍ ?

Digitized by srujanika@gmail.com

ଉ : ବହୁଦିନ ଧରି ମୁଁ କାହାର ଗଳ୍ପ ପଢ଼ୁ ନଥିଲି, କାଳେ ସେମାନଙ୍କ ଶୈଳୀଦ୍ୱାରା ପ୍ରଭାବିତ ହୋଇଯିବି ଅଥବା ତାଙ୍କର ଶୈଳୀକୁ ଅନୁକରଣ କରିବସିବି—ସେଇ ସକାଶେ ପଢ଼ୁ ନଥିଲି । ନିଜ ଉପରେ ଆସ୍ଥା ଆସିବା ପରେ ମୁଁ ଏବେ ଅନ୍ୟମାନଙ୍କୁ ପଢ଼ୁଛି; କିନ୍ତୁ ଅନେକ ସ୍ଥାନରେ ମୁଁ ଗଳ୍ପର ଶେଷ ପର୍ଯ୍ୟନ୍ତ ପଢ଼ି ପାରୁନାହିଁ ।

ପ୍ର : 'ପରୀକ୍ଷାମୂଳକ' ଗଳ୍ପ କହିଲେ ଆପଣ କ'ଣ ବୁଝନ୍ତି ? ବର୍ତ୍ତମାନ ଓଡ଼ିଆ ଗଳ୍ପ ସାହିତ୍ୟରେ ସେପରି କିଛି ପରୀକ୍ଷା ନିରୀକ୍ଷା ଚାଲିଛି କି ?

ଉ : କିଛି ପଢ଼ିନାହିଁ କି ବୁଝିନାହିଁ । ଗଳ୍ପ ତ ଗଳ୍ପ—ତା'ର ପରୀକ୍ଷା ନିରୀକ୍ଷା ଫେର୍ କ'ଣ ? ମୁଁ ଗଳ୍ପ ଚାହେଁ, ପରୀକ୍ଷା ନିରୀକ୍ଷା ଚାହେଁ ନାହିଁ । ହୁଏତ ପରୀକ୍ଷା ନିରୀକ୍ଷା ଚାଲିଛି, ମୁଁ ସେଥିପ୍ରତି ଆକୃଷ୍ଟ ନୁହେଁ ।

ପ୍ର : ଭାରତୀୟ ଅନ୍ୟାନ୍ୟ ଗଳ୍ପ ସ୍ତରରୁ ବିଚାର କଲେ ଓଡ଼ିଆ ଗଳ୍ପର ସ୍ଥାନ କେଉଁଠି ? ଓଡ଼ିଆ ଗଳ୍ପ ବିଷୟରେ ଅନ୍ୟାନ୍ୟ ଭାଷାଭାଷୀ ପତ୍ରିକା ବିଶେଷ ଉତ୍ସାହ ପ୍ରକାଶ କରୁ ନଥିବା ପରି ମନେ ହେଉନାହିଁ କି ?

ଉ : ତୁଳନା କରି କିଛି ଲାଭ ନାହିଁ । ଓଡ଼ିଆ ସାହିତ୍ୟ ଯେ ସାହିତ୍ୟଠାରୁ ଉଚ୍ଚତର ଏବଂ ପ୍ରେମଚନ୍ଦଙ୍କ ପ୍ରତିଭା ଯେ ଫକୀରମୋହନଙ୍କ ପ୍ରତିଭାଠାରୁ ଅଧିକ—ତାହା ମୁଁ ବିଶ୍ୱାସ କରେନା । ତୁଳନା ସର୍ବଥା ଅଶୋଭନୀୟ । ପ୍ରସାର ଓ ଗଭୀରତା—ଏକା କଥା ନୁହେଁ ।

ପ୍ର : ଓଡ଼ିଆ ପତ୍ରପତ୍ରିକାର ମାନ, ରୁଚିବୋଧ ଓ ସମ୍ପାଦନା ବିଷୟରେ କିଛି କହିବେ କି ?

ଉ : ବର୍ତ୍ତମାନ ସମ୍ପାଦନା କହିଲେ କୋଡ଼ିଏ ନାମଧାରୀ ଲେଖକ ଓ ଲେଖିକାଙ୍କର ଲେଖା ଆଣି ସମାବେଶ କରିଦେଇ ଗୋଟିଏ ଆକର୍ଷଣୀୟ ପ୍ରଚ୍ଛଦ ଦେଇ-ଦେଲେ ସମ୍ପାଦକଙ୍କର ଦାୟିତ୍ୱ ଶେଷ ବୋଲି ଧରିନିଆଯାଉଛି । ରାଜନୀତି, ଅର୍ଥ ଓ ଗୋଷ୍ଠୀକୁ ଛାଡ଼ି ନିଛକ ସାହିତ୍ୟପତ୍ରିକା କଳ୍ପନା କରିହେଉନାହିଁ ଏ ଦେଶରେ ।

ପ୍ର : ଆପଣ ବିଳମ୍ବରେ ଗଳ୍ପ ଲେଖା ଆରମ୍ଭ କରିଥିଲେ ମଧ୍ୟ ଆପଣଙ୍କ ଗଳ୍ପ ବିଷୟରେ ଯେତିକି ଓ ଯେମିତି ଆଲୋଚନା ହେବା କଥା, ତାହା ହୋଇପାରି ନାହିଁ । ଆଦୌ ହୋଇନାହିଁ କହିଲେ ଚଳେ । ସେ ବିଷୟରେ ଆପଣଙ୍କର କିଛି ପ୍ରତିକ୍ରିୟା ବା ମନ୍ତବ୍ୟ ଅଛି କି ?

ଉ : ନାଟକର ଜଣେ ଟ୍ରାଜିକ ଚରିତ୍ର ଯଦି ବୁଝିପାରିଲା ଯେ ସେ ନିଜ ଦୋଷରୁ କର୍ମଫଳ ଭୋଗୁଛି, ତେବେ ଅନ୍ୟମାନଙ୍କୁ ଦୋଷଦେଇ ଲାଭ କ'ଣ ?

Digitized by srujanika@gmail.com

ମୋର ପ୍ରକାଶିତ ଗଳ୍ପ-ସଙ୍କଳନ ଅଭାବରେ ଲୋକେ ଯେତିକି କଥାବାର୍ତ୍ତା ହେଉଛନ୍ତି ବୋଲି ଶୁଣୁଛି, ସେତିକି ଯଥେଷ୍ଟ ପ୍ରତିଦାନ ବୋଲି ବୁଝୁଛି । ଶ୍ରେଣୀ ଶ୍ରେଣୀ ଗାଳ୍ପିକଙ୍କର ତାଲିକାରେ ମୋର ନାମ ନଥିଲେ ମୋର ଟିକେ ଦୁଃଖହୁଏ । କିନ୍ତୁ ନିଜ ମନକୁ ବୁଝାଇ ନିଏ—ହେଲେ ନା ହେଲେ ଲୋକେ ମୋତେ ଖୋଜିବେ ।

ପ୍ର: ସାଂପ୍ରତିକ ଓଡ଼ିଆ ଗଳ୍ପ-ସାହିତ୍ୟକୁ ନେଇ ହେଉଥିବା ଆଲୋଚନା ଓ ସମାଲୋଚନା ବିଷୟରେ ଆପଣଙ୍କ ବ୍ୟକ୍ତିଗତ ମତ କ'ଣ ?

ଉ: ଗାଳ୍ପିକମାନେ ନାମ କମେଇବାରେ ଯେତିକି ବ୍ୟସ୍ତ, ଅଗାଳ୍ପିକମାନେ ସେମିତି ସମାଲୋଚନା କରି ନାମ କମେଇବାରେ ବ୍ୟସ୍ତ । ବହି ଉଦ୍‌ଘାଟନ କରିବା ଓ ପରବର୍ତ୍ତୀ ପର୍ଯ୍ୟାୟରେ ତା'ର ସମୀକ୍ଷା ଲେଖିବା ଏହା ବର୍ତ୍ତମାନ ଏକ ଫେସନ୍ ହୋଇଗଲାଣି । ପ୍ରକାଶକମାନଙ୍କର ଏହା ଗୋଟାଏ ବହି ବିକ୍ରି କରିବା ଫିକର ।

ପ୍ର: ଯଦି ଆଲୋଚନା ନିରପେକ୍ଷ ବା ଉଚ୍ଚକୋଟୀର ହେଉନାହିଁ, ତାହାର କାରଣ କ'ଣ ?

ଉ: ତାହାର କାରଣ—ପରସ୍ପର ସାହାଯ୍ୟକୃତ ସନ୍ଧି ।

ତୁ ଦେଉଥିବୁ, ମୁଁ ଖାଉଥିବ
ତୋର ସୁନ୍ଦର ବଦନ ଚାହୁଁଥିବ,
ତୁ ଦବୁ ନାହିଁ, ମୁଁ ଖାଇବ ନାହିଁ,
ତୋର ଫୁଲ୍‌ଫୁଲ ମୁହଁ ଚାହିଁବ ନାହିଁ ।

—ଏହାହିଁ ସମାଲୋଚନାର ଆଦର୍ଶ ।

ପ୍ର: ଲୋକଭାଷା ବା କଥିତ ଭାଷା ନେଇ ଗଳ୍ପ ଲେଖାଗଲେ, ଗଳ୍ପ ବେଶି ଜୀବନ୍ତ ହୁଅନ୍ତା ନାହିଁ କି ?

ଉ: ମାର୍ ଗୁଲି ! ଏପରି ଦୁଇଭାଗ କରି ରଖିବା ମୁଁ ଦେଖିନାହିଁ । ଏହା ଏକ 'ଲେପାଢ଼ଢ଼ା' ପାର୍ଥକ୍ୟ । (ଯଦି କଥିତ ଭାଷାରେ କୁହାଯାଏ ।)

ପ୍ର: ଗଳ୍ପ ଓ କବିତା—ଉଭୟ ଉଭୟର ପରିପୂରକ । ଏଥିରେ ଆପଣ ବିଶ୍ୱାସ କରନ୍ତି କି ?

ଉ: ସାହିତ୍ୟର ଯେତେବେଳେ ଏମାନେ ଗୋଟିଏ ଲେଖାର ଅଙ୍ଗ—ତେବେ appeal ବା ଉଦ୍ଦେଶ୍ୟ ସମାନ ହେବ । ବିଶେଷତଃ, ଏବେ ଏବେ ଗଳ୍ପର ଯେଉଁ କାବ୍ୟିକ ଓ Lyrical ବିଭବ ବହୁଧା ପ୍ରକାଶ ପାଉଛି, ସେଥିରେ ଗୋଟିଏ ସନେଟ୍ ଓ ଗୋଟିଏ ମିନି ଗଳ୍ପ ମଧ୍ୟରେ appealର ପାର୍ଥକ୍ୟ ବିଶେଷ ଜଣାପଡ଼ିବ ନାହିଁ ।

Digitized by srujanika@gmail.com

ପ୍ର : ଜୀବନ ପ୍ରତି ଆପଣଙ୍କର ଦୃଷ୍ଟିଭଙ୍ଗୀ କ'ଣ ? ଆପଣ କେଉଁ ମୂଲ୍ୟବୋଧରେ ବିଶ୍ୱାସ କରୁଥିବାରୁ ଏ ବୟସରେ ମଧ୍ୟ ଜଣେ ସକ୍ରିୟ ଲେଖକ ?

ଉ : ଏ ସୃଷ୍ଟି ଆନନ୍ଦମୟ । ମୁଁ ଆଧ୍ୟାତ୍ମିକବାଦ ବା ଧର୍ମଭାବରେ ବିଶ୍ୱାସୀ ନୁହେଁ ବା ପରବର୍ତ୍ତୀ ଜୀବନ ଅଛି, ସେଥିରେ ମଧ୍ୟ ବିଶ୍ୱାସ କରେନା । ଜଗନ୍ନାଥଙ୍କର ଦୁଇଟି ଆଖି ବ୍ୟତୀତ ଅନ୍ୟ ଦେବଦେବୀ ମୋତେ ପ୍ରାୟ ଦେଖାଯାଏନା । ଦୁନିଆ ଲୋକେ ଖୁସିରେ ଅଛନ୍ତି, ଶୁଣିଲେ ମୋତେ ଭଲ ଲାଗେ । ଯେଉଁ ଲୋକଟି କହିଥିଲ, 'ସର୍ବେ ଭବନ୍ତୁ ସୁଖିନଃ···ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍' ସେ ଠିକ୍ ମୋରି ପରି ଦୁଃଖୀ ଓ ସ୍ନେହ କାଙ୍ଗାଳ ।

ମୁଁ ଭୁଲିପାରେ ନାହିଁ ନିମ୍ନତମ ସୋପାନରେ ଥିବା ଲୋକମାନଙ୍କ କାହିଁକି ଏତେ ହସଖୁସିରେ ଥାଆନ୍ତି । ଅଥଚ ବଡ଼ ବଡ଼ ଲୋକ ସବୁବେଳେ ମୁହଁ ହାଣ୍ଡି କରି ରହିଥାନ୍ତି, ଯେମିତି ସେମାନେ ବାସୁକୀ ଭରି ସମ୍ଭାଳୁଛନ୍ତି ।

ପ୍ର : ଆପଣଙ୍କ ଜୀବନଯାପନ ରୀତିରେ ମୁଁ ଏକ ସ୍ୱତନ୍ତ୍ରତା ଲକ୍ଷ୍ୟ କରୁଛି । ସେ ବିଷୟରେ ଆପଣ କିଛି କହିବେ କି ?

ଉ : ଯଦି ଉଦାହରଣ ଦେଇ ମୁଁ କହେ ମୁଁ ସବୁବେଳେ ଯୁବକ (ଯୁବତୀ ମଧ୍ୟ) ମଧ୍ୟରେ ରହିବାକୁ ଭଲପାଏ ? କାରଣ ମୁଁ ପ୍ରତ୍ୟେକଟି ବର୍ଷ ବଢ଼ିବାକୁ ନ ଦେଇ କମାଇବାକୁ ଚାହେଁ । କ୍ରମେ ଏପରି ଅବସ୍ଥାକୁ ଆସିବି, 'ତେହେ' ନ ହୋଇ 'ଶୂନ୍'ହେବ, ଯେତେବେଳେ କି ଜନ୍ମ ମୃତ୍ୟୁ ସମାନ ହୋଇଯିବ ।

(ଏଇ ସମୟରେ ଶ୍ରୀ ଶତପଥୀଙ୍କ କୋଳରେ ବସିଥିବା ଓ ବିଛଣା ଉପରେ ଖେଳୁଥିବା ଶ୍ରେଷ୍ଠ ଧଳା ଲୁଆ ସଦୃଶ ଚିକ୍କଣ କଳା କୁକୁରଟି ଉଦ୍ଦେଶ୍ୟରେ ମୁଁ ପ୍ରଶ୍ନାଙ୍କିତ ମୁଖରେ ଚାହିଁବାରୁ ସେ କହି ଉଠିଲେ—)

ମୁଁ ଏ କୁକୁରୀଟାକୁ ସାଙ୍ଗରେ ଧରି ଦୁଗ୍ଧଫେନନିଭ ଶଯ୍ୟାରେ ଲାଗି ହୋଇ ଶୋଇଥିବାକୁ ଲକ୍ଷ୍ୟକରି ଆପଣ ବୋଧହୁଏ ପଚାରୁଛନ୍ତି । ମୁଁ ଏତେଦିନ ବଞ୍ଚିବା ପରେ ମୋର କାହିଁକି କେମିତି ଧାରଣା ହେଉଛି—ମଣିଷମାନଙ୍କ ଅପେକ୍ଷା ପଶୁମାନଙ୍କଠାରୁ ମୁଁ ବେଶି ଶ୍ରଦ୍ଧା ପାଇଛି ଏବଂ କମ୍ ଧୋକ୍କା ପାଇଛି ।

ମୁଖ୍ୟତଃ ରୋମାନ୍ଟିକ ପ୍ରକୃତିର ଲୋକ ହୋଇଥିବାରୁ ତଳିଆ ଜୀବ ପ୍ରତି ମୁଁ ଭାରି ସମ୍ବେଦନଶୀଳ । ଘରକୁ ମୁଁ ଫେରେ କେବଳ ଏଇ କୁକୁରୀଟାଠାରୁ ସମ୍ବର୍ଦ୍ଧନା ପାଇବା ଆଶାରେ । ମୋ ଉପସ୍ଥିତିରେ ତା'ର ଆନନ୍ଦ ଓ ଅନୁପସ୍ଥିତିରେ ବିରହ ଯନ୍ତ୍ରଣା ମୁଁ ବେଶ୍ ଉପଲବ୍ଧି କରିପାରେ । 'ଧଳୁରି ସାହି' ବିଷୟରେ ଦୁଇଟା ଗପ ଲେଖିଛି । ମଣିଷ ଓ ଧଳୁରି

Digitized by srujanika@gmail.com

ଭିତରେ ମୁଁ ବିଶେଷ ପାର୍ଥକ୍ୟ ଦେଖୁନି । 'ଜନାଥନ୍ ସ୍ୱିଫ୍ଟ' ମଣିଷ ମାନଙ୍କୁ ଘୋଡ଼ା କରିଥିଲେ । ମତେ ଆପଣ 'ଅସ୍ତିତ୍ୱବାଦୀ କହିବେ କି ? ମୁଁ ମରିବାକୁ ଚାହେଁ ନାହିଁ; କିନ୍ତୁ ପୃଥିବୀଟା ମୋତେ ବହୁତ ଭଲଲାଗେ ।

ପ୍ର : ସାହିତ୍ୟିକମାନଙ୍କୁ ଦିଆଯାଉଥିବା ପୁରସ୍କାର ଓ ଅଭିନନ୍ଦନ ପ୍ରତି ଆପଣଙ୍କର ଦୃଷ୍ଟିଭଙ୍ଗୀ କ'ଣ ? ପୁରସ୍କାର ପ୍ରାପ୍ତି ପ୍ରତି ଆପଣ ବିମୁଖ କି ? ଓଡ଼ିଶା ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ସେମାନଙ୍କର ଦାୟିତ୍ୱ ଠିକ୍ ରୂପେ ସମ୍ପାଦନା କରୁଛନ୍ତି କି ?

ଉ : ଯେତେ ଟଙ୍କା ପୁରସ୍କାର ପାଇଲେ ମଧ୍ୟ ସେ ଅର୍ଥପ୍ରାପ୍ତି ମୋତେ ଆଦୌ ଆନନ୍ଦ ଦେବ ନାହିଁ । ସେ ଟଙ୍କା ମୋର ଲୋଡ଼ା ନାହିଁ । ଯାହା ଅଛି ସେତିକି ମୋତେ ଅଢ଼ୁଆ ।

ଲେଖକର ପୁରସ୍କାର ହେଲା ପାଠକ ହାତରେ । ସାହିତ୍ୟ ରୁଚି ନଥିବା ଲୋକଙ୍କ କରତାଳି ପାଇ ମୁଁ ଯେ କେତେ ଉତ୍ଫୁଲ୍ଲ ହେବି ବା ସେ ଉତ୍ଫୁଲ୍ଲତା କେତେ ସମୟ ରହିବ, ତାହା ମୁଁ କହିପାରୁ ନାହିଁ ।

ସାହିତ୍ୟ ଏକାଡେମୀକୁ ଉଠାଇ ଦେବା ଦରକାର । ଏକାଡେମୀ ମାନେ ଲେଖକ ଲେଖକ ମଧ୍ୟରେ ଈର୍ଷା, ଦ୍ୱେଷ, ପେଷପାଷ, ଏପରିକି ଅସ୍ୱାସ୍ଥ୍ୟକର ପରିବେଶ ଓ ପ୍ରତିଯୋଗିତା ସୃଷ୍ଟି କରୁଛନ୍ତି । ଅଧିକାଂଶ ଇଂରାଜୀ 'ପୋଏଟ୍ ଲରେଟ୍' ସେ ଦେଶବାସୀଙ୍କ ଦୃଷ୍ଟିରେ ହୀନ ଓ ଘୃଣ୍ୟ । ଏପରିକି, ଲେଖକମାନଙ୍କୁ ପେନ୍‌ସନ ଦେବା ସପକ୍ଷରେ ମୁଁ ନୁହେଁ । ଲେଖକର ଲେଖା ହିଁ ତା'ର ପୁରସ୍କାର । ଆଉ କେତେଥର ସେ ପୁରସ୍କାର ପାଇବ ? ଫକୀରମୋହନ କହିଥିଲେ—ପୁଅ ସକାଶେ ଆମେ କାହିଁକି ଦୁଃଖ କରିବୁ ? ଏହି ବହି ତ ଆମର ପୁଅ ।

ଏକାଡେମୀରେ କେବଳ ଅର୍ଥର ଅପବ୍ୟୟ ହେଉଛି ଏବଂ ଅଯୋଗ୍ୟର ସମ୍ମାନ ହେଉଛି ।

ପ୍ର : ତାହାହେଲେ ଆପଣ କ'ଣ ଅଯୋଗ୍ୟ ?

ଉ : ମୋତେ ସେତେବେଳେ ସ୍କୁଲରେ ପୁରସ୍କାର ମିଳି ଯାଇଥିଲା, ଏବେ ହୁଏତ ମିଳି ନ ଥାନ୍ତା ।

ପ୍ର : କେତେକ କ୍ଷେତ୍ରରେ ପ୍ରତିଷ୍ଠିତ ଓ ପ୍ରତିଭାବାନ ଲେଖକଙ୍କର ଗୋଟିଏ ଗୋଟିଏ ସଂଘ ବା ଗୋଷ୍ଠୀ ଥିବାର ଦେଖାଯାଏ । ଆପଣଙ୍କର ସେପରି କୌଣସି ଗୋଷ୍ଠୀ ବା ସଂଘ ଅଛି କି ?

ଉ : ମୁଁ 'ଏକଲା ଚେଲୋରେ' ଗୋଷ୍ଠୀର ସଭ୍ୟ ।

ପ୍ର : ସାମଗ୍ରିକ ଭାବେ ସାହିତ୍ୟିକ ସଂଘ ବା ଗୋଷ୍ଠୀ ପ୍ରତି ଆପଣଙ୍କର ଦୃଷ୍ଟି-ଭଙ୍ଗୀ କ'ଣ ?

Digitized by srujanika@gmail.com

ଉ : ଯେଉଁ ଦୃଷ୍ଟିରୁ ଲୋକେ 'ସବୁଜ ଗୋଷ୍ଠୀ' କୁ ଦେଖୁଥିଲେ ।

ପ୍ର : ସାପ୍ତାହିକ ବା ମାସିକ ସାହିତ୍ୟ ଆସରର କ'ଣ କିଛି 'ଉପାଦେୟତା ନାହିଁ ?

ଉ : ଥାଇପାରେ, କିନ୍ତୁ 'ଆଧୁନିକ-କବିତା ପାଠ' ପାଇଁ ନାହିଁ, ଯେଉଁ କବିତାକୁ ଘରେ ଘଣ୍ଟା ଘଣ୍ଟା ପଢ଼ି ବୁଝିବାକୁ ହୁଏ ବା ବୁଝି ହୁଏନାହିଁ, ତାହା ମୁହୂର୍ତ୍ତିକରେ ଶ୍ରୋତାବର୍ଗ କିପରି ବୁଝିପକାନ୍ତି, ମୁଁ ବୁଝେନାହିଁ । ଆସର କହିଲେ ମୁଁ ବୁଝେ—ବେଶ, ବସନ, ଆଳାପ, ମେଳାପ, ପାନ ଓ ଭୋଜନ, ବ୍ୟବସ୍ଥା ଓ ପ୍ରତିଯୋଗିତା । ସାହିତ୍ୟ ଏକାବେଳକେ ବ୍ୟକ୍ତିଗତ ବ୍ୟାପାର ।

ପ୍ର : ଆପଣ ଆଉ କିଛି ଅଧିକ କହିବାକୁ ଚାହାନ୍ତି, ଯାହାକି ମୁଁ ପ୍ରଶ୍ନ ମାଧ୍ୟମରେ ପଚାରି ପାରିନାହିଁ ?

ଉ : (i) ଆପଣ ମୋତେ ପଚାରି ପାରିଥାନ୍ତେ—ଆପଣଙ୍କ ଗଳ୍ପର ଆଭିମୁଖ୍ୟ କ'ଣ, 'ଥିଓରି' କ'ଣ ? ମୁଁ ଉତ୍ତରରେ କହିବି—ଗଳ୍ପ ଲେଖିବାରେ ମୁଁ କୋଲରିଜଙ୍କର 'The Time of the Ancient Mariner'ରୁ ଶିକ୍ଷା ନେଇଛି—ବର୍ତ୍ତମାନ ଯୁଗର କର୍ମବ୍ୟସ୍ତ ପାଠକକୁ କହିବା ଭଙ୍ଗୀରେ ମନ୍ତ୍ରମୁଗ୍ଧ କରିପାରିଲେ, ପାଠକ ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟ, ପରିଚ୍ଛେଦ ପରେ ପରିଚ୍ଛେଦ ପଢ଼ି (ଏଡ୍‌ଗାର ଏଲାନ୍ ପୋ କହିଛନ୍ତି ଗଳ୍ପଟି ଗୋଟାଏ ଅଟ୍ଟାଳିକା, ଯହିଁରୁ ଗୋଟିଏ ଇଟା ଉଠାଇ ନେଲେ ଅଟ୍ଟାଳିକାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ) ଗଳ୍ପର ଶେଷରେ ପହଞ୍ଚିବ ଏବଂ ଶେଷରେ ଗଳ୍ପର ସାମଗ୍ରିକ ଭାବଧାରା ଗ୍ରହଣ କରିବ । ଯଦି ସେ କୌଣସି ସ୍ତରରେ ଅଟକିଗଲା; ତା'ର ଆଗ୍ରହ ହେଲାନାହିଁ ବା ତା'ର ବିରକ୍ତିଭାବ ପ୍ରକାଶ ପାଇଲା, ତାହାହେଲେ ଗାଳ୍ପିକକୁ ଧରିନେବାକୁ ହେବ ଯେ ତା'ର ନିଶ୍ଚୟ କେଉଁଠି ତ୍ରୁଟି ରହିଲା ।

(ii) ଆଉ ଗୋଟିଏ ପ୍ରଶ୍ନ—ଆପଣ ଏ ପାଗଳା ଆଡ଼ବାୟା କାମରେ ମାତିଛନ୍ତି କାହିଁକି, ମଜ୍ଜିଛନ୍ତି କାହିଁକି ? ଏକଥା ପଚାରି ପାରିଥାନ୍ତେ ।

ମୋ ପକ୍ଷରେ ଅତି ସାଧାରଣ ଉତ୍ତର ହେଉଛି—ବଞ୍ଚିବା ପାଇଁ ମଣିଷର ଟିକେ ପାଗଳାମି ଦରକାର । ନଚେତ୍ ମଣିଷ ପଞ୍ଚ'ମ' କାରରେ ମାତନ୍ତା ନାହିଁ । ପୁଣି କୋଲରିଜଙ୍କର 'କୁବ୍‌ଲା ଖାଁ' କବିତାର ଶେଷଧାଡ଼ି ମନେପଡ଼େ—he hath drunk the milk of paradise

ସାହିତ୍ୟରେ ପାଗଳାମିରେ ଲେଖକ ବଞ୍ଚେ । ସେହି ଦୃଷ୍ଟିରୁ ମୁଁ ଜଣେ ପାଗଳ, କାରଣ ମୋର ବଞ୍ଚିବାର ଅନ୍ୟ ପନ୍ଥା ନାହିଁ । ●

Digitized by srujanika@gmail.com